# ବେଦାନ୍ତା

Spreading Knowledge Amongst Mankind.......

ଡିସେମ୍ବର-୨୦୧୭ DECEMBER - 2017



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

( ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର

## ଯୋଗାଯୋଗ

Whatsapp: + 91 9594993733

ଭ୍ରାମ୍ୟଭାଷ - + 91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

# ଏଣୁତେଣୁ......

ନମସ୍କାର ।

ଏବେ ଭାରତର କିଛି ରାଜ୍ୟରେ ଚାଲିଛି ନିର୍ବାଚନ । ସେଥି ମଧ୍ୟରୁ ଗୁଜୁରାଟ ପ୍ରମୂଖ । ଏଠାରେ ବିଜୟଲାଭ କରିବାପାଇଁ ସତ୍ତାଧାରି ପକ୍ଷ ଏବଂ ବିପକ୍ଷ ନିଜନିଜର ଚେଷ୍ଟାର ଚରମ ସୀମାରେ ପ୍ରବେଶ କରିଛନ୍ତି । କିନ୍ତୁ ଆଜିକାଲି ଭୋଟରମାନେ ଅତ୍ୟନ୍ତ ସତର୍କ ହୋଇଗଲେଣି । ସେମାନେ ଆଉ ଫସୁନାହାନ୍ତି ରାଜନେତାଙ୍କର ଚକ୍କଣ କଥା ଆଉ ପ୍ରଲୋଭନରେ । ସମସ୍ତଙ୍କର ଶୁଣି ନିଜ ଇଚ୍ଛାଅନୁସାରେ ନିଜର ମତାଧିକାର ସାବ୍ୟସ୍ତ କରୁଛନ୍ତି ସେମାନେ । ମାତ୍ର ସବୁଠାରୁ ଖରାପ କଥା ହେଉଛି ରାଜନୀତିରେ ଜାତିବାଦର ପ୍ରଚଳନ । ଆଜିକାଲି ଜାତିବାଦ ଏତେ ବିସ୍ତାରଲାଭ କଲାଣି ଯେ ଯେକୌଣସି ଛୋଟ ଘଟଣାକୁ କୌଣସି ଏକ ଜାତି ସହ ଯୋଡି ଦିଆଯାଉଛି । ଦଳିତ, ମହାଦଳିତ ଶବ୍ଦ ପ୍ରୟୋଗରେ ଆଣି ରାଜନେତାମାନେ ଏଥିରୁ ଲାଭ ଉଠାଇବାପାଇଁ ଲାଗିପଡିଛନ୍ତି । ତା ସାଙ୍ଗକୁ ଆରକ୍ଷଣର ଲୋଭ । ସ୍ୱାଧୀନତାର ଏତେବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବି କିଛି ଜାତି ଆରକ୍ଷଣ ପାଇବାପାଇଁ ସେମାନଙ୍କର ଉଦ୍ୟମ ଜାରି ରଖିଛନ୍ତି । କିଛି ରାଜ୍ୟ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ମଧ୍ୟ ଅବମାନନା କରି ଏକ ଜାତିବିଶେଷଙ୍କୁ ଆରକ୍ଷଣ ଦେବାରେ ପଛଉ ନାହାନ୍ତି । ଆଜିକାଲି ଆରକ୍ଷଣ ଏକ ବ୍ୟାଧିର ରୂପ ନେବାକୁ ବସିଲାଣି । ପାଠଶାଠ ନପଢି ମଧ୍ୟ ଅନେକେ ଚାକରୀ ପାଉଛନ୍ତି ଏହି ଆରକ୍ଷଣ ଯୋଗୁ ଆଉ ଏନେକ ମେଧାବୀ ଛାତ୍ର/ ଛାତ୍ରୀମାନେ ରୋଜଗାରର କୌଣସି ପନ୍ଥା ପାଉନାହାନ୍ତି । ଏଥିପାଇଁ ଅନେକ ମେଧାବୀ ଛାତ୍ରଛାତ୍ରୀ ବିଦେଶ ଯିବାପାଇଁ ପଛଉ ନାହାନ୍ତି କାରଣ ବିଦେଶୀ ସଂସ୍ଥାମାନେ ଜାତି- ବର୍ଣ୍ଣ ନଦେଖି ଜ୍ଞାନକୁ ପରଖୁଛନ୍ତି । ଏହାଦ୍ୱାରା ଭାରତରେ ପାଠପଢି ଅନେକ ବିଦେଶୀଙ୍କ ପାଇଁ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି ।

ଆରକ୍ଷଣ ଏକ ଦେଶକୁ ପ୍ରଗତୀ ପଥରେ ଯିବାପାଇଁ ଦିଏନାହିଁ । ପ୍ରଥମେ ଭାରତର ସଂବିଧାନରେ ୧୦ ବର୍ଷ ପାଇଁ ଏହାକୁ ଲାଗୁ କରାଯାଇଥିଲା । କିନ୍ତୁ ଆଜିପର୍ଯ୍ୟନ୍ତ ଏହା

ଚାଲିଆସୁଛି ଏବଂ ଦିନକୁ ଦିନ ଉତ୍କଟ ରୂପ ନେଉଛି ମଧ୍ୟ । ତେଣୁ ଦେଶକୁ ଆଗେଇବାକୁ ହେଲେ ଏହି ଆରକ୍ଷଣ ପ୍ରଥାକୁ ପୂର୍ଣ୍ଣଚ୍ଛେଦ ଦେବାକୁ ପଡିବ । ଜାତିବାଚକ ଆରକ୍ଷଣ ନଦେଇ ଯଦି ଆମେ ଯେକୌଣସି ଜାତିର କେବଳ ଗରିବ ଲୋକଙ୍କୁ ଆରକ୍ଷଣର ଲାଭ ଦେଇପାରିବା, ତେବେ ଗରିବ ଲୋକମାନଙ୍କର ଉନ୍ନତି ହେବା ସଙ୍ଗେ ସଙ୍ଗେ ଦେଶର ମଧ୍ୟ ଉନ୍ନତି ହୋଇପାରିବ, ଏଥିରେ ସନ୍ଦେହ ନାହିଁ ।

ଆରକ୍ଷଣ ପରେ ଦ୍ୱିତୀୟ ମହତ୍ତ୍ୱପୂର୍ଣ୍ଣ ବିଷୟଟି ହେଲା ପର୍ଯ୍ୟାବରଣ । ଆଜିକାଲି ସହରୀକରଣ ଫଳରେ ଜଙ୍ଗଲ ହ୍ରାସ ପାଇବାକୁ ଲାଗିଛି ଏବଂ ଏଥିସହ ବଢି ଚାଲିଛି ପ୍ରଦୂଷଣ ମଧ୍ୟ । ଏବେ ମଧ୍ୟ ଦିଲ୍ଲୀ ସହିତ ଉତ୍ତରଭାରତର ଅନେକ ସହରରେ ମୁଖା ପିନ୍ଧି ବାହାରକୁ ଯିବାକୁ ପଡୁଛି ଆଉ ସ୍କୁଲ କଲେଜକୁ ବନ୍ଦ ରଖିବାକୁ ପଡୁଛି । କିନ୍ତୁ ଆମେମାନେ ଯେତେ କଷ୍ଟ ସହିଲେ ମଧ୍ୟ ଗଛଟିଏ ଲଗାଇବାକୁ ଉଦାସିନତା ଦେଖାଉଛେ ଆଉ ସରକାରଙ୍କ ଉପରେ ଦୋଷ ଲଦିଦେଉଛେ । ଆମର ଭବିଷ୍ୟତ ପାଇଁ ମଧ୍ୟ ଦାୟିତ୍ୱ ରହିଛି ଏବଂ ଏଥିପ୍ରତି ଉଦାସିନତା ଚଳିବ ନାହିଁ । କେବଳ ବୃକ୍ଷରୋପଣ ଦ୍ୱାରା ପ୍ରଦୂଷଣ ରୋକିବା ସଙ୍ଗେ ସଙ୍ଗେ ଆମେ ଗ୍ଲୋବାଲ୍ ୱାର୍ମିଙ୍ଗ୍ କୁ ମଧ୍ୟ କିଛିମାତ୍ରାରେ ରୋକିପାରିବା ଏବଂ ଲୋପ ପାଇଯାଉଥିବା ଗଛଲତା ଏବଂ ପଶୁପକ୍ଷୀଙ୍କୁ ମଧ୍ୟ ବଞ୍ଚାଇବାରେ ସାହାଯ୍ୟ କରିପାରିବା । ଆଜିକାଲି ଏନେକ କର୍ପୋରେଟ ସଂସ୍ଥା ମଧ୍ୟ ବୃକ୍ଷରୋପଣ ପାଇଁ ଆଗଭର ହେଉଛନ୍ତି । କିଛି ରାଜ୍ୟ ସରକାର ମଧ୍ୟ ବୃକ୍ଷରୋପଣ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । ଯଦି ଆମେ ଆମର ପରିବେଶକୁ ସୁରକ୍ଷିତ ରଖିପାରିବା, ତେବେ ଆମେ ସୁରକ୍ଷିତ ରହିବା ସଙ୍ଗେ ସଙ୍ଗେ ସମସ୍ତ ଜୀବଜଗତ ମଧ୍ୟ ସୁରକ୍ଷିତ ରହିବ ।

ଜୟ ଓଡିଆ, ଜୟ ଓଡିଶା ।

ଅରବିନ୍ଦ ମିଶ୍ର



# ଭିତର ପୃଷ୍ଠାରେ....


| | | |
|---|---|---|
| ଘର | ସୁଲୋଚନା ପଟ୍ଟନାୟକ | ୦୪ |
| ତୁମ ବାଟକୁ ଅଛି ଗୁହିଁ | ଶଶଧର ମହାପାତ୍ର | ୧୩ |
| ମେଘ ବାଦଲେ ଗୁଂଦ ଜୋଛନା | ଶରତ ଚନ୍ଦ୍ର ବସନ୍ତିଆ | ୧୪ |
| ସମନ୍ୱିତ ବିକାଶ, ପରିବେଶ ସନ୍ତୁଳନ ଓ ବନ୍ୟପ୍ରାଣୀ ସଂରକ୍ଷଣ | ପ୍ରିୟବ୍ରତ ପାତ୍ର | ୧୫ |
| ଭଲ ପାଏ ବୋଲି | ଶାନ୍ତିଲତା ମିଶ୍ର | ୨୩ |
| ତୁମେ ହିଁ ଜାଣିଥିବ | ଅନୁସୂୟା ମିଶ୍ର | ୨୪ |
| ଜୀବନ ର ଲୋଭ | ସୁବଳ ମହାପାତ୍ର | ୨୫ |
| ଭାଷାଟିଏ | ନୃସିଂହ ଚରଣ ବେହେରା | ୩୪ |
| ସମ୍ପର୍କ | ନିର୍ମଳ କୁମାର ଦଳାଇ | ୩୬ |
| ଧୂଆଁ | ଡ. ବିଜ୍ଞାନୀ ଦାସ | ୩୭ |
| ରାସ୍ତା | ବରୁଣ କୁମାର ଦାସ | ୫୦ |
| ସମ୍ପର୍କର ବିଳାପ | ଭାସ୍କର ଚନ୍ଦ୍ର ଖଣ୍ଡା | ୫୧ |
| ପ୍ରତିକ୍ଷା ର ଅନ୍ତ | ପରମିତା ମିଶ୍ର | ୫୨ |
| ପ୍ରେମମୟ ପୃଥିବୀ | ଅନୁପମ ବେହେରା | ୫୬ |
| ଅବ୍ୟକ୍ତ ସମ୍ପର୍କ | ସଚ୍ଚିଦା ନନ୍ଦ ବାରିକ | ୫୭ |
| ଦୁର୍ନୀତି କାହିଁକି? | ବରଦା ପ୍ରସନ୍ନ ଦାସ | ୫୯ |
| ଅବର୍ତମାନର ଅବଲୋକନ | ଅଶୋକ ବିଶ୍ୱାଳ | ୬୨ |
| କ୍ଷୋଭ | ସୁସ୍ମିତା ମହାପାତ୍ର | ୬୪ |
| ଓଡିଆ ନାଟ୍ୟାକାଶ ର ଚନ୍ଦ୍ର : କାଳୀଚରଣ | ପ୍ରତିଭା ପ୍ରିୟଦର୍ଶିନୀ | ୬୬ |
| ସପନ ଆଶା ଆଉ କରମ | ଆଶୁତୋଷ ମେହେର | ୭୦ |
| ଶୀତ | ବିଜୟ ପଣ୍ଡା | ୭୧ |
| ଲିଫ୍ଟ ପ୍ଲିଜ୍ | ଅରବିନ୍ଦ ଆଚାର୍ଯ୍ୟ | ୭୨ |
| ତୁମ ପାଇଁ | ପ୍ରଦେଶ କୁମାର ପ୍ରଧାନ | ୭୬ |
| ମା ର ମମତା | ପ୍ରକାଶ ସାହୁ | ୭୭ |

| | | |
|---|---|---|
| ଚମତ୍କାରୀ ବାବା | ଆଶା ସାହୁ | ୭୯ |
| ବଦଳ ଗଲ୍‌ଣି ମୋ ଗାଁ ର ରୂପ | ମାନସ କୁମାର ପାତ୍ର | ୮୩ |
| ଆଜିବି ତୁମେ... | କାର୍ତ୍ତିକ ପାଣିଗ୍ରାହୀ | ୮୫ |
| ଜୀବନ ଚକ୍ର | ପୁଷ୍ପିତା ଭୂୟାଁ | ୮୬ |
| ଭିନ୍ନ ଏକ ଶୈଶବ | ବିନୟ ମହାପାତ୍ର | ୯୧ |
| ସ୍ୱାହା | ହିମାଂଶୁ ଶେଖର ବାରିକ୍ | ୯୩ |
| ମୋତେ କ୍ଷମା କରିଦେବ ଇତିହାସ | ଡ. ସୌମ୍ୟ ରଞ୍ଜନ ମିଶ୍ର | ୯୫ |
| ଗୃଷୀଙ୍କ ପାଇଁ ସମ୍ଭାବ୍ୟ "ଅମର ଲଡ୍ଡୁ" | ଡ. ନନ୍ଦନନ୍ଦନ ଦାସ | ୯୬ |
| ସାଗରିକା | କେ.କ୍ରିଷ୍ଣମୂର୍ତ୍ତି | ୧୦୨ |
| ବିବିଧ ବର୍ଣ୍ଣା ଚଳିକା | ଦେବସ୍ମିତା ବେହେରା | ୧୦୩ |
| କବି ବ୍ରଜନାଥ ରଥଙ୍କ ସଂପର୍କରେ ବାଗ୍ଳର ପ୍ରଳାପ | କାଳକଙ୍କର | ୧୦୫ |
| ପ୍ରେମ ପକ୍ଷୀ ମୁଁ ଯେ.... | ସତ୍ୟବ୍ରତ ସାହୁ | ୧୧୦ |
| ମାଗିନାହିଁ ମୂଲ | ସୁମିତ୍ରା ରାଉଳ | ୧୧୧ |
| ବିଦାୟ? ....ନା....ନା.... ସ୍ୱାଗତମ୍....ସ୍ୱାଗତମ୍ | ମଧୁସ୍ମିତା ପଟ୍ଟନାୟକ | ୧୧୩ |
| ଆକ୍ୱାରିଅମର ମାଛ | ସତ୍ୟନାରାୟଣ ଗନ୍ତାୟତ | ୧୧୮ |
| ମେଢ ଭୁଷାଣି | ପ୍ରଶାନ୍ତ କୁମାର ନାଥ | ୧୧୯ |
| କନ୍ତୁ, କେବଳ ନାହିଁ ତୁମେ | ଅଧ୍ୟାପକ ଦିଲ୍ଲୀପ କୁମାର ଘୋଷ | ୧୨୦ |
| ଛତିବର | ରାଧାକାନ୍ତ ଦାଶ | ୧୨୨ |
| ମୁଇଁ ବିରହ ଗୀତର ସୁର | ଫିରୋଜ କୁମାର ପଟେଲ | ୧୨୬ |
| ଭାଗ୍ୟ | ଲିନା ମହାନ୍ତି | ୧୨୭ |
| ସଂଳାପ | ସନାତନ ମହାକୁଡ | ୧୨୮ |
| କ୍ଷୁଦ୍ରଗଳ୍ପ - ନଖୋଜ | ସୁଧାଂଶୁ ଦ୍ୱିବେଦୀ | ୧୨୯ |

| | | |
|---|---|---|
| ଦୁଃଖ ପରେ ସୁଖ | ଅନାମ ଚରଣ ସାହୁ | ୧୩୩ |
| କ୍ଷେତ୍ରଫଳ | ଜୀତେନ୍ଦ୍ରିୟ ବେହେର୍ | ୧୩୪ |
| ଅଜବ ଏ ରାମରାଜ୍ୟ | ସୁବ୍ରତ କୁମାର ମୁଦୁଲି | ୧୩୫ |
| ଲୁଚକାଳି ଖେଳେ ମୋ ଜୀବନ | ସିପ୍ରା ନାମତା | ୧୩୬ |
| କଢ | ପ୍ରସନ୍ନ କୁମାର ଭୁଏ ( ପ୍ରୟାସ) | ୧୩୮ |
| ମାଁ ଯାଇଛେ ଜନ୍ ଠାନକେ | ଶୁଭମ ନାୟକ | ୧୩୯ |
| ଗୀତାରେ ଆତ୍ମାଦର୍ଶନ | ବାଲ୍ମୀକି ନାୟକ | ୧୪୧ |
| ତୁମ କଥା ମନେପଡେ | ମାମାଜିନ ପ୍ରଧାନ | ୧୪୫ |
| କହିବା ପାଇଁ ତ ହୃଦୟ କଥା | ଜ୍ୟୋତିର୍ଦିତ୍ୟ ପୁଝାରୀ | ୧୪୬ |
| ଆପଣାର କେହି | ଦିପୁନ୍ ପୁହାଣ | ୧୪୭ |
| ମାଏଟର ମୁନୁସ | ଏମ୍. ବିଜୟ କୁମାର | ୧୪୯ |
| **ଶିଶୁ ବିଭାଗ** | | |
| ଠିକ ପିଲା | ପ୍ରକାଶ ସାହୁ | ୧୫୩ |
| ଭୂତ..... | ଅରବିନ୍ଦ ମିଶ୍ର | ୧୫୪ |
| | | |
| କବି ପରିଚୟ ( ଶ୍ରୀ ସନାତନ ମହାକୁଡ) | ବେଦାନ୍ତୀ ପରିବାର | ୧୫୬ |
| ପୁସ୍ତକ ସମୀକ୍ଷା "ଯୋଗାନୁଶାସନ" | ପ୍ରଶାନ୍ତ କୁମାର ନାଥ | ୧୫୭ |
| ପୁସ୍ତକ ସମୀକ୍ଷା - "ଫିରୋଜର କଥା" | ଅଧ୍ୟାପକ ହେମନ୍ତ କୁମାର ପଟେଲ | ୧୬୦ |
| ଡିସେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୧୬୫ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୧୬୬ |

# ଘର



ସୁଲୋଚନା ପଟ୍ଟନାୟକ

ରୁମ୍‌ର ଗୋଟିଏ କଣକୁ ଛୋଟ ଟେବୁଲ ଆଉ ଚଉକିଟିଏ ପଡିଛି । ୧୨ ଫୁଟରେ ୧୪ ଫୁଟରୁ ଛୋଟ ଖୋଲା ରୁମ୍‌ଟିଏ । ଘର ଭିତରକୁ ପଶିବା ହଲ୍‌ରୁ ସିଡିକୁ ଯିବା ରାସ୍ତା କଣକୁ ପଡିଛି ତିନ କୋଣିଆ କାଠର କ୍ୟାବିନେଟ୍ । କ୍ୟାବିନେଟ ଉପରେ କ୍ରିଷ୍ଟାଲର ଫୁଲଦାନୀରେ ସଜ ଫୁଲର ସମ୍ଭାର, ଘରକୁ ପ୍ରବେଶ କରୁଥିବା ଅତିଥିମାନଙ୍କୁ ଆମନ୍ତ୍ରଣ କରେ । ଘୁରି ଛଅ ପାହୁଣ୍ଡ ଗଲେ ରୋଷାଇଘର । ରୋଷାଇଘରର ବାମକୁ ରହିଛି ଡ୍ରଇଂ ରୁମ୍ ବା ଆମେରିକୀୟ ଭାଷାରେ ଲିଭିଂ ରୁମ୍ । ଛୋଟ ରଷ୍ଟ କଲର୍‌ର ସୋଫାସେଟସ୍ ଘରର ସୌନ୍ଦର୍ଯ୍ୟ ବଢାଉଛି । ରୋଷେଇ ଘରରୁ ବାଟ ଅଛି ଡାଇନଂ ରୁମ୍‌କୁ ଯିବା ପାଇଁ । ଉପରେ ଶୋଇବା ରୁମ୍‌କୁ ଛାଡିଦେଲେ ଆଉ ଦୁଇଟି ରୁମ୍ । ଗୋଟିକରେ ସ୍ୱଳ୍ପ ସାଜ ସଜ୍ଜା ହୋଇଥିବା ବଖରାଟିରେ କଳା ମାହୋଗାନି କାଠର କୁଇନ୍ ବେଡସିଟ୍ ଟିଏ ପଡି ରୁମ୍‌ଟି ଭର୍ତ୍ତିଲାଗୁଛି । ବେଡ୍‌ର ଦୁଇ କଡକୁ ଥିବା ନାଇଟ୍ ଷ୍ଟାଣ୍ଡ ଉପରେ ଦୁଇଟି ନାଇଟ୍ ଲ୍ୟାମ୍ପ୍ ରହିଛି । ଏହି ରୁମ୍‌ଟି ଅତିଥୀ ମାନଙ୍କ ପାଇଁ ଉଦ୍ଦିଷ୍ଟ । ସିଡି ସାମାନାକୁ ଥିବା ରୁମ୍‌ଟି ସରୋଜିନୀର ଶୋଇବା ଘର ଆଉ ଗେଷ୍ଟରୁମ୍ ପାଖ ରୁମ୍‌ଟି ହେଲା ଠାକୁର ଘର ଆଉ ଷ୍ଟଡି ରୁମ୍ । ଘରଟି ଆପାତତଃ ସାଇଜ୍ ଅନୁସାରେ ମଧ୍ୟମ ଧରଣର । ଇଏ ହେଲା ସରୋଜିନୀର ଘର । ଦଶ ବର୍ଷ ହୋଇଗଲାଣି ଏଠି ରହିବାର । ସ୍ୱାମୀଙ୍କ ଠାରୁ ଅଲଗା ହେବାର ଦୁଇ ବର୍ଷ ପରେ ଏଇ ଟାଉନ୍ ହାଉସ୍‌ଟି କିଣିଥିଲା ସରୋଜିନୀ । ନୂଆ ନୂଆ ଘର କିଣିବାର ଖୁସି ବର୍ଷେ ପର୍ଯ୍ୟନ୍ତ ଲାଗି ରହିଥିଲା । କେତେବେଳେ କେଉଁଠି ସେଲ୍ ଲାଗିଥିବା ଫର୍ନିଚର ବା ଘର ପାଇଁ ଦରକାରୀ ଆସବାବପତ୍ର କିଣି ସିଏ ବ୍ୟସ୍ତ ରହୁଥିଲା । ବେଳେବେଳେ ତିନିଶହ ଡଲାର୍‌ରୁ ଊର୍ଦ୍ଧ୍ୱ ଦାମ୍‌ର ଜିନିଷ କିଣିଲେ ଘରକୁ ମାଗଣା ଫର୍ନିଚର୍ ପଠାଇବାର ବ୍ୟବସ୍ଥାର ସରୋଜିନୀ ସୁବିଧା ନେଇ ଖୁସିହୁଏ । କିଛି ପଇସା ସଂଚବାର

ଏହା ଏକ ଗ୍ରସ୍ତା ଆଉ ତା' ଛଡା ସ୍ୱୀଲେ୍କ ଭ୍ୱବରେ, ସୀମିତ ବଳରେ ଏଭଳ ସୁଯୋଗକୁ ସିଏ କେବେ ହାତ ଛଡା କରି ନାହିଁ । ଏକୁଟିଆ ଜୀବନ, ଗୋଟିଏ ରୋ୍ଜଗାରରେ ଚଳବାକୁହେଲେ ସବୁ ପ୍ରକାର ସୁବିଧା ଅସୁବିଧା ଉପରେ ନଜର ରଖିବା ଭଲବୋଲି ସିଏ ମନେ କରେ ଏବଂ ସେଥିପ୍ରତି ସଜାଗ ଥାଏ । ଏବେ ଦଶ ବର୍ଷ ପରେ ଆଉ କଛି କଣିବାର ବାସନା ନାହିଁ । ଘରେ ଆଉ କଛି ପରିବର୍ତ୍ତନ କରିବାରେ ତା'ର ଇଚ୍ଛା ନାହିଁ । ଖଟ, ସୋଫା ଚଉକ ଇତ୍ୟାଦି ଯାହା ଯେଉଁଠି ପଡିଛି, ସେମିତି ପଡିଛି । ଘରର ପ୍ରତ୍ୟେକ ଜିନଷରେ ସର୍ୱେଜିନୀର ସାଧାରଣ ସହଜ ଜୀବନର ହାତ ଛୁଆଁର ପରିଚୟ ମିଳେ ଆଉ ତା ବ୍ୟକ୍ତିତ୍ୱ ସବୁଥିରେ ପ୍ରସ୍ଫୁଟିତ ହୋଇଥାଏ ।

ବେଳେବେଳେ ଶନବାର/ ରବିବାରରେ କାମରୁ ସାଙ୍ଗ ମାନଙ୍କୁ ସିଏ ଆମନ୍ତ୍ରଣ କରେ। ଏକାଠି ମିଶି ଗପସପ ଭିତରେ ଡିନର ବା ଲଞ୍ଚରେ ଦୁଇ ଗୃରି ଘଣ୍ଟା କଟାଇଦେଲେ ପୁଣି ସୋମବାରକୁ ଯେମିତି ଏନର୍ଜି ଆସିଯାଏ । ସୋମବାର କାମକୁ ଯିବାକୁ ଆଉ ମାଡି ପଡେନ। ନଚେତ ଏକୁଟିଆ ଘର ଭିତରେ ପଡି ପଡି ପୁରୁଣା ସ୍ମୃ ତି କୁ ରୋ୍ମନ୍ଥନ କରି ମନ ଖରା୍ପ ହେବା ସାରହୋଇଥାଏ । ଏ ଘରସହ ସର୍ୱେଜିନୀର ସଂପର୍କ ଖୁବ୍ ଘନଷ୍ଠ । କେମିତି ଏକ ଅକୁହା ଶାନ୍ତି ମିଳେ ଘରକୁ ଆସିଲେ । ସାରା୍ ଦିନର ଖଟଣୀ ପରେ ଘରବାହୁଡା ଗାଈଟିଏ ପରି ଘରକୁ ଫେରିଆସିଲେ ଭଲଲା୍ଗେ । ସୁଖ ଦୁଃଖର ନତିଦିନଆ ଜୀବନରେ ଏ ଅକୁହା ଶାନ୍ତିର ଆବଶ୍ୟକତା ନଶ୍ଚୟ ସମସ୍ତେ ଅନୁଭବ କରୁଥିବେ । ସର୍ୱେଜିନୀ ସେଥିରୁ ବାଦ ଯିବନ ନଶ୍ଚୟ ।

ସବୁଦିନ ପରି ସର୍ୱେଜିନ ସେଦିନ ସକାଳୁ ଉଠିଲା୍ । କାମଦାମ ସାରି ପ୍ରସ୍ତୁତ ହେଲା୍ କାମକୁ ଯିବା ପାଇଁ । କାମରେ ପହଞ୍ଚିବାକୁ ଆଉ ଦୁଇ ତିନ ମିନଟ୍ କ ଥାଏ, ଫୋନ୍ରୁ ଟେକ୍ଷ୍ଟ ଆସିବାର ଶବ୍ଦ ହେଲା୍ । ସର୍ୱେଜିନୀ ଡ୍ରାଇଭ କଲା୍ବେଳେ ଟେକ୍ଷ୍ଟ ଦେଖେନ, ତେଣୁ ଗାଡି ଚଳାଇବା ଜାରିରଖିଲା୍ । କନ୍ତୁ ମନ କହୁଥାଏ, ଏ ଦୁଇ ମିନଟ୍ ଗ୍ରସ୍ତା କାହିଁକ ମନେ ହେଉଛି ଏତେ ଦୀର୍ଘବୋଲି ? ମନରେ ଏତେ ଆନ୍ଦୋଳନ କହିଁକ ? ଯାହାହେଉ କୌଣସି ପ୍ରକାରେ ପହଞ୍ଚିଗଲା୍ କାମ ସାମାନାର ପାର୍କିଙ୍ଗ ଲଟ୍ ରେ । ଗାଡିଟା ପାର୍କ କରିବାକୁ ତର ସହିଲା୍ନ, ଫୋନ୍ ଖୋଲି ମେସେଜ୍ ଦେଖିଲା୍ । ଆଶ୍ଚର୍ଯ୍ୟ ହୋଇ ଆହୁରି ଥରେ

ପରଖିନେଲା। ମେସେଜଟି ଥିଲା ଜୀବନଙ୍କ ପାଖରୁ । ଜୀବନଙ୍କୁ ଛାଡିବାର ଏ ଭିତରେ ଦଶ ବର୍ଷ ହୋଇଗଲାଣି । ସିଏ କ'ଣ କହିବାକୁ ଚାହୁଁଛନ୍ତି ? ଆଖିରେ କେଉଁଠୁ କେଜାଣି ଲୁହର ଧାର ଛୁଟିବାକୁ ଲାଗିଲା । ଦୁଇ ଧାଡିର ଟେକ୍ସ୍ଟ ବି ପଢିବାକୁ କଷ୍ଟ ହେଲା । ହାତରେ ଆଖି ପୋଛି ନେଲା । ପୁଣି ପର୍ସରୁ ଟିସୁ ପେପର କାଢି ରଗଡି ଆହୁରି ଥରେ ଆଖି ପୋଛିନେଲା । ଦେଖିଲା ଲେଖିଛନ୍ତି, "ତୁମକୁ ଦେଖିବାକୁ ଚାହୁଁଛି । କହିବ ଯଦି ଶନିବାର ଦୁଇଟା ବେଳେ ଆସିପାରିବି" । ସରୋଜିନୀ ରାଗିବ କି କାନ୍ଦିବ ବା କ'ଣ କରିବ ଭାବି ପାରିଲାନାହିଁ । ସେଦିନଟା କେମିତି କଟିବ ସିଏ ଜାଣି ପାରୁନଥାଏ । ହଠାତ ଲଞ୍ଚବେଳେ ପାଖ କ୍ୟୁବିକଲରୁ ବ୍ରାୟାନ୍ ଡାକି ପଚାରିଲା, ତମେ ଯଦି ରେଡି, କାଫେଟରିଆକୁ ଚାଲ, ଆଜି ଲଞ୍ଚ ଖାଇବାକୁ ଯିବା । ଆଜି ଭେଜିଟାରିଆନ୍ ବଟରନଟ୍ ସ୍କ୍ୱାସ୍ ସୁପ୍ ହୋଇଛି" । କାମ ଅଛି କହି ସିଏ ପ୍ରତ୍ୟାଖାନ କରିବାକୁ ଯାଉଥିଲା, ଦେଖିଲା ବ୍ରାୟାନ୍ ତା ସାମନାରେ ଠିଆ ହୋଇଛି । ଆଉ ନାହିଁ କରିପାରିଲାନ । ଦୁହେଁ ଏକାଠି ମିଶି କାଫେଟରିଆ ଗଲେ । ଅଫିସ କଫେଟରିଆଟା ବେସମେଣ୍ଟରେ । କିନ୍ତୁ ଏଲିଭେଟର ନ ନେଇ ସେମାନେ ସିଡି ଦେଇ ଯିବାକୁ ସ୍ଥିରକଲେ । ତିନି ମହଲାଉପରେ ତାଙ୍କର ଅଫିସ । ସିଡି ଦେଇ ଗଲେ ଏକ୍ସରସାଇଜ ହେବ, ଅପର ପକ୍ଷରେ କଥା ହେବାକୁ କିଛି ଅଧିକ ସମୟ ବି ମିଳିଯିବ ଭାବି ଦୁହେଁ ପାହାଚ ଅତିକ୍ରମ କରିବାକୁ ଲାଗିଲେ । ଭଲରେ ଲଞ୍ଚ ଖାଇ ଘଣ୍ଟାଏ ଭିତରେ ପୁଣି ନିଜ ନିଜର ଅଫିସକୁ ଫେରିଗଲେ ।

ବ୍ରାୟାନ୍ ସହ ସାଙ୍ଗ ହେବା ଆଜି କିଛି ନୂଆ ନୁହେଁ ସରୋଜିନୀର । ଦୁଇ ତିନି ବର୍ଷ ସେମାନେ ଏକାଠି କାମକଲେଣି । ତା ଛଡା କଲେଜରେ ଦୁଇ ବର୍ଷ ଏକା ସାଙ୍ଗରେ ପଢୁଥିଲେ । ଅନେକ ବିଷୟରେ ତାଙ୍କର ଏକା ସେକ୍ସନ୍ ବି । ପରସ୍ପର ଭିତରେ ଭଲ ପରିଚୟ । ଏକା ପ୍ରୋଜେକ୍ଟରେ କାମ କଲାବେଳେ ସେମାନେ ପରସ୍ପରର ଅନେକ ନିକଟତର ହୋଇଛନ୍ତି । ନିଜ ନିଜର ପାରିବାରିକ କଥା ଜାଣି ପରସ୍ପର ପ୍ରତି ସମ୍ବେଦନଶୀଳ ହୋଇଛନ୍ତି । ବିଶେଷକରି ସରୋଜିନୀର ଏକୁଟିଆ ଜୀବନରେ ବ୍ରାୟାନ୍ ଏକ ସ୍ତମ୍ଭ ସଦୃଶ ଠିଆ ହୋଇଛି । କେତେବେଳେ କିଛି ଦରକାରହେଲେ ସିଏ ସବୁବେଳେ ତାର ହାତ ବଢାଇଛି । ସରୋଜିନୀର ଜୀବନକୁ ସହଜ କରିବାରେ ବ୍ରାୟାନ୍ ସବୁବେଳେ

ଆଗଭର । ଅତି ନିକଟର ସାଙ୍ଗଟିଏ ବ୍ରାୟାନ୍ । ଗଲାମାସ ସରୋଜିନୀର ଜନ୍ମଦିନରେ ବ୍ରାୟାନ୍ ତାକୁ ଆଶ୍ଚର୍ଯ୍ୟ କରି ତା ପାଖକୁ ପ୍ରଥମ କରି ଫୁଲ ପଠାଇଥିଲା । ସେଦିନ କାମରେ ପହଞ୍ଚି ପହଞ୍ଚି ଦେଖିଲା ତା ଟେବୁଲ୍ ଉପରେ ହଳଦିଆ ଗୋଲାପର ଡଜନେ ଫୁଲତୋଡା ଫୁଲଦାନୀରେ ଥୁଆ ହୋଇଛି । ସରୋଜିନୀ ଫୁଲଦାନୀରେ ଥିବା କାର୍ଡରେ କିଏ ଦେଇଛି ଦେଖି ପୂରା ଆଶ୍ଚର୍ଯ୍ୟ ହୋଇଗଲା । ସେଦିନ ବ୍ରାୟାନ୍ ସେ ଯାଏଁ କାମକୁ ଆସି ନଥିଲା । କ୍ଲାୟଣ୍ଟ ସାଇଟକୁ ବାହାରକୁ ଯିବାର ଥିଲାବୋଲି ସରୋଜିନୀର ମନେ ପଡିଗଲା। ତେଣୁ ସରୋଜିନୀ ତାକୁ ଧନ୍ୟବାଦ ଦେଇ ପାରିଲା ନାହିଁ ସଙ୍ଗେ ସଙ୍ଗେ । ଦିନଟା ସାରା ଅପେକ୍ଷ୍ୟାରେ କଟିଗଲା । ସରୋଜିନୀ ନିଜେ ବି ବୁଝି ପାରୁ ନଥିଲା କାହିଁକି ତାକୁ ଏତେ ଉଚାଟ ଲାଗୁଛି । ଏମିତି ତ ଅନେକ ଥର ବ୍ରାୟାନ୍ କାମକୁ ଆସେନି । ଆଜି କିନ୍ତୁ କେମିତି ଅଲଗା ଲାଗୁଥିଲା ସରୋଜିନୀକୁ । ନିଜକୁ ନିଜେ ପ୍ରଶ୍ନ କରିଛି ସରୋଜିନୀ, ଅନେକ ଭୁଲାଇବାକୁ ଚେଷ୍ଟା କରିଛି । ମନକୁ ସଂଯତ କରିବାର ଚେଷ୍ଟା କିନ୍ତୁ ବିଫଳ ହୋଇଛି । ପ୍ରାୟ ଗୃରିଟା ବାଜିବାକୁ ଯାଉଛି । ସରୋଜିନୀ କାମ ଶେଷକରି କମ୍ପ୍ୟୁଟରକୁ ସ୍ଲିପ୍ ମୋଡରେ ରଖି ଉଠିଲାବେଳକୁ ଦେଖିଲା ବ୍ରାୟାନ୍ ଆସି ଠିଆ ହୋଇଛି । ସରୋଜିନୀର ନିଜ ଅଜାଣତରେ ମୁହଁରେ ହସ ଫୁଟି ଆସିଲା । ବ୍ରାୟାନ୍‌କୁ ଫୁଲ ପାଇଁ ଧନ୍ୟବାଦ ଦେଇ ସିଏ ତାକୁ କୋଳାଗ୍ରତ କଲା । ଆମେରିକାରେ ଏଇଟା ସାଧାରଣ କଥା । ପୁଅ ଝିଅ ନିର୍ବିଶେଷରେ ସମସ୍ତେ ସମସ୍ତଙ୍କୁ "ହଗ୍" ବା କୋଳାଗ୍ରତ କରନ୍ତି । କିନ୍ତୁ ଆଜିର ଏ "ହଗ୍"ରୁ ସରୋଜିନୀ ଯେମିତି ଆଉ କିଛି ଅନୁଭବକଲା । ସାମାନ୍ୟ ଖଟକା ଲଗିଲା। ସେମାନେ ପରସ୍ପରଠାରୁ ଦୁରେଇଗଲେ । ବ୍ରାୟାନ୍ କହିଲା, "ତୁମେ ଯଦି ଖରାପ ନ ଭାବିବ, ମୁଁ ତୁମକୁ ଡିନରକୁ ନେବା ପାଇଁ ଅନୁରୋଧ କରୁଛି । "ଲାସ୍କାଲା" ରେଷ୍ଟୁରାଣ୍ଟରେ ଗୋଟିଏ ଟେବୁଲ୍ ଏବେ ବୁକ୍ କରି ଆସିଛି । ପାଞ୍ଚଟାବେଳେ ରାସ୍ତା ଭିଡହେବ ଭାବି ଟିକିଏ ଆଗରୁ ଆସିଛି । ତା ଛଡା ସେଦିନ "ବ୍ଲେଡ୍‌ରନର ୨୦୪୯" ହାରିସନ୍ ଫୋଡ୍ ର ଦେଖିବ କହୁଥିଲ ବୋଲି, ଦୁଇଟା ଅନ ଲାଇନରେ ଟିକେଟ୍ କରି ନେଇ ଆସିଛି ଆଠଟା ବେଳ ପାଇଁ" । ସରୋଜିନୀ ମନାକରିବାକୁ ଗୃହିଁଲେ ବି ମନାକରି ପାରିଲା ନାହିଁ । ଦୁହେଁ ଏକାଠି ବାହାରିଲେ। ସରୋଜିନୀ ଘରକୁଯାଇ ଲୁଗା ବଦଳିବ କହିଲା । ନିଜ ନିଜ ଗାଡି ନେଇ ଦୁହେଁ ବାହାରିଲେ । ରାସ୍ତା ଭିଡହେବା ଦେଖି ହାଇଓ୍ୱେ ୨୯ ରେ ଯିବାକୁ ଠିକ୍ କଲେ ।

ପ୍ରାୟ ଅଧ ଘଣ୍ଟା ଭିତରେ ସେମାନେ କଲମ୍ବିଆଠାରେ ପହଞ୍ଚିଗଲେ ।  ବ୍ରାୟାନ୍ ବାହାରେ ଅପେକ୍ଷାକଲା ।  ୧୫ ମିନଟ୍ ରେ ସର୍ବେଜିନୀ ତଳକୁ ଆସିଲା ।  ସାଧାରଣ ପରିଛଦ, ସାଧାରଣ ମେକ୍ ଅପ୍ ।  ବ୍ଲୁ ଜିନ୍ ପରେ ଗୋଟିଏ ବ୍ଲୁ ଆଉ ପିଙ୍କର ବ୍ଲାଉଜ ପିନ୍ଧିଥାଏ ସର୍ବେଜିନୀ ।  ଆଜିକାଲିର ଟାଇଟ୍ ଜିନ, ଗୋଡକୁ ଯାବୁଡି ଧରିଥାଏ, ବ୍ଲାଉଜଟା ଦେହରେ ମିଶିଗଲା ପରି ବସିରହିଥାଏ ।  ବେକରେ ଲମ୍ବା ରୂପାର ଚେନ୍‌ଟିଏ ।  ହାତରେ ସେଇ ଦୁଇପଟ ଚୁଡି ।  ଓଠରେ ଗାଢ ଗୋଲାପି ଲିପ୍‌ଷ୍ଟିକ୍ ।  ଅତି ସଧାରଣ ବେଶରେ ବି ସିଏ ଭାରି ସୁନ୍ଦର ଦେଖାଯାଉଥାଏ ।  ସର୍ବେଜିନୀର ବୟସ ଯେମିତି ହଠାତ୍ ଦଶ ବର୍ଷ କମିଗଲା ପରି ଦେଖାଯାଉଥାଏ ।  କଲେଜ ପଢୁଆ ଝିଅଟିଏ ପରି ଆଖିରେ ସାମାନ୍ୟ ଚପଳତା ଚକମକ କରୁଥାଏ ।  ବ୍ରାୟାନ୍ ଆଖିରେ ପଲକ ନାହିଁ ।  ଇଛା ହେଲା ଏମିତି ତାକୁ ଦେଖୁଥାନ୍ତା କି ଜୀବନ ଭରି ! ଖୁସିରୁ ଆଞ୍ଜୁଳାଏ ଆଣି କିଏ ତା ବନ୍ଦ ହାତ ମୁଠାକୁ ଖୋଲି ଭରିଦେଲା ଯେମିତି ।  ଦୁହେଁ ହାତ ଧରାଧରି ହୋଇ ଗାଡି ଆଡକୁ ଗ୍ଲିଲେ ।  ପାସେଞ୍ଜର ପଟକୁ ଯାଇ ବ୍ରାୟାନ୍ ଗାଡିର କବାଟ ଖୋଲିଦେଲା ।  ସର୍ବେଜିନୀ ଧନ୍ୟବାଦ କହି ସିଟ୍ ବେଲ୍ଟ୍ ଲଗାଇଲା ।  ବ୍ରାୟାନ୍ କବାଟ ବନ୍ଦ କରି ଆର ପଟକୁ ଯାଇ ଗାଡି ଷ୍ଟାର୍ଟ କଲା ।  ସର୍ବେଜିନୀ ବ୍ୟାଗରୁ ପାଣି ବୋତଲଟା କାଢି ଢୋକେ ପିଇଲା ।  ସେତିକିବେଳକୁ ଆଉ ଗୋଟେ ଗାଡି ଆସି ତାଙ୍କ ଗାଡି ସାମନାରେ ରହିଲା ।  ଗାଡିରୁ ଓହ୍ଲାଇ ଆସିଲେ ଜୀବନବାବୁ ଆଉ ତାଙ୍କର ମା ।  ସର୍ବେଜିନୀ ସ୍ତମ୍ଭିଭୂତ ହୋଇ ଅନାଇଥାଏ ।  ସିଏ ଗାଡି କବାଟ ଖୋଲି ବାହାରକୁ ଆସି ତାର (ପୂର୍ବତନ) ଶାଶୁଙ୍କୁ ଜୁହାରହେଲା ।  ଶାଶୁ କୁମୁଦିନ ତାକୁ କୁଣ୍ଢାଇ ପକାଇ କହିଲେ "ମା, ଯାହା ହୋଇଗଲା ହୋଇଗଲା, ଏବେ ଗ୍ଲ ଘରକୁ ଯିବା" ।  ସର୍ବେଜିନୀ ଅବାକ୍ ହୋଇ ଅନାଇଥାଏ, ପାଟିରୁ କଥା ପଦୁଟିଏ ବାହାରୁ ନଥାଏ। ନିଜ ଅଜ୍ଞାତରେ ଗୋଟିଏ ଶବ୍ଦ ବାହାରିଆସିଲା, "ଘର? "



ଏଲକରିଜ, ମେରିଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ତୁମ ବାଟକୁ ଅଛି ଚାହିଁ



ଶଶଧର ମହାପାତ୍ର

ମନ୍ଦିରରେ ବସିଅଛ ହେ ସୃଷ୍ଟି କରତା
ପଥହୁଡା ପଥିକକୁ ଦେଖାଅ ରାସ୍ତା
ଜଗତର ନାଥ ବୋଲି ସଂସାରରେ ଜଣା
ଦୂର କର ରୋଗ, ବ୍ୟାଧି, ଦୁଃଖ ଓ ଯନ୍ତ୍ରଣା
ମନରେ, ଧ୍ୟାନରେ ସଦା ଚେତନାରେ ଥାଅ
ଦୁଃସ୍ୱପ୍ନ ଦେଖିଲ୍ ବେଳେ ବାଟ ଜଗିରୁହ
କାମ, କ୍ରୋଧ, ଲୋଭ, ମୋହ ମୋ ଘୂରି
ପାଖରେ
ବାଉଳା କରୁଛି ମନ ସଂସାର ମାୟାରେ
ଏ ସଂସାର ସାରା ବାଟ ଅନେକ ଖସରା
ଗୋଡ ଖସି ଗଲେ ଥରେ ଦାଗ ମୁହଁ ସାରା
ଅନ୍ଧାର ଘେରିଛି ପ୍ରଭୁ ଘରେ ଓ ବାହାରେ
ଆଲୋକ ବିଚ୍ଛୁଡି ପଡୁ ତୁମରି ଦୟାରେ
ମାଗୁନାହିଁ ହୁଅ ତୁମେ ମୋର ଗଳାମାଳ
ନହୋଇଲେ ତୁମକୁ ମୁଁ ଦେବି ବଡ ଗାଳ
ମାଗୁନାହିଁ ଦିଅ ଅର୍ଥ ପ୍ରଚୁର ସମପତ୍ତି
ପ୍ରୀୟା, ପ୍ରୀତି ତୋଷଣରେ ନରହୁ ମୋ ମତି

ମାଗୁନାହିଁ ଦିଅ ମୋତେ କଛି କଳା ଧନ
କଷ୍ଟେମଷ୍ଟେ ମେଣ୍ଟିଯାଉ ଭରଣ ପୋଷଣ
ନକରୁ ପାଗଳ ମୋତେ ଚଉକୀର ମୋହ
ମଣିଷ ପଣିଆ ସଦା ପାଖେ ରଖିଥାଅ
ଝରିପଡୁ ଦୟା, କ୍ଷମା, ସ୍ନେହ ଓ ମମତା
ହେଉ ସଦାବେଳେ ମୋର ଗଳାରେ ମୁକୁତା
ନିଜ ସ୍ୱାର୍ଥ ଲୋଡା ନାହିଁ ଏ ଅନ୍ତିମ ଇଚ୍ଛା
ଜନ ସ୍ୱାର୍ଥପାଇଁ ମିଳୁ ତୁମରି ଶୁଭେଚ୍ଛା
ତର୍କ, ବିତର୍କରୁ ଦୂରେ ନିଅ ମୋର ମନ
ନଘଟୁ କନ୍ଦଳ କାହା ସଙ୍ଗେ ହେଉ ପଣ
ଭେଟିବାକୁ ଆସୁଥିବି ଯେବେ ହେବ ଇଚ୍ଛା
ପୂରଣ କର ହେ ପ୍ରଭୁ ଏ ମୋ ମନବାଞ୍ଛା
ହୃଦୟ ଦ୍ୱାର ମୁକୁଳା ଅଛି ତୁମ ପାଇଁ
କେବେ ଦେଖାଦେବ ପ୍ରଭୁ ବାଟ ଅଛି ଚାହିଁ ।

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ମେଘ ବାଦଲେ ଗୁଂଦ ଜୋଛନା



ଶରତ ଚନ୍ଦ୍ର ବସନ୍ତିଆ

ହଜାଇଦେଲି  ହଜାଇଦେଲି ହଜାଇଦେଲି ମନ
ମେଘ ବାଦଲେ ଗୁଂଦ ଜୋଛନା ହଜାଇଦେଲି ମନ
ଛପି ଛପିକେ ଆସୁଛି ଛାଇ
ଗ୍ଲେଖ୍ଇ ଗ୍ଲେଖ୍ଇ ମନ    ।।
ତାଳ ତମାଳ ଦୂର ଖ୍ଇଜ
ନଇ ପହଁରେ ଚଲ୍ ବଉଦ
ଡେଇଁ ଡେଇଁକା ପଡିଲି ଶୋଇ
ହଜାଇ ଦେଇ ମନ    ।।



ବାଲି ପାହାଡ ନଶିଥ ଛାଇ
କଆ କେତକୀ ମହକ ଛୁଇଁ
ଆସେକେ ଛାଇ ଚମକେ ଗୁହିଁ
ହଜାଇ ଦେଇ ମନ    ।।
ଉଡନ୍ତାରଥ ବୋଲନ୍ତା ପକ୍ଷୀ
ଆକାଶ ନୀଳ ଦରିଆ ସାକ୍ଷୀ
ଢେଉ ଢେଉକା ସପନ ବନେ
ହଜାଇ ଦେଇ ମନ    ।।

ହରିପୁର, କଟକ

# ସମନ୍ୱିତ ବିକାଶ, ପରିବେଶ ସନ୍ତୁଳନ ଓ ବନ୍ୟପ୍ରାଣୀ ସଂରକ୍ଷଣ

ପ୍ରିୟବ୍ରତ ପାତ୍ର

( ପ୍ରଥମ ଭାଗ)

ବିବର୍ତ୍ତନ ପ୍ରକ୍ରିୟା କହେ ପ୍ରଥମେ ଜଳଚର ପ୍ରାଣୀମାନେ ବିକାଶ ଲାଭ କରିଥିଲେ । କୌଣସି ଏକ ବେଙ୍ଗ ଜାତୀୟ ପ୍ରାଣୀଟି ଦୁଃସାହସ କରି ଭୂମି ଉପରକୁ ଆସିଥିଲା ଏବଂ ଭୂମି ଉପରେ ବିକାଶର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ତିନିଶହ ଷାଠିଏ ଅୟୁତ ବର୍ଷ ତଳର ସେହି ତରୁଣ ଦୁଃସାହସୀ ନାୟକ ବେଙ୍ଗର ଉତ୍ତରଦାୟାଦ ହେଉଛୁ ଆମେମାନେ । ଅଥଚ ଆମର କେତେ ହେୟଭାବ, ଘୃଣାଭାବ ନ ରହିଛି ଏହି ଜୀବଟି ପ୍ରତି! ପ୍ରାଣୀମାନଙ୍କ ପ୍ରତି ଏପରି ମନୋଭାବ ହିଁ ଆଜି ସେସବୁକୁ ବିଲୁପ୍ତ କରିବାର ଅସ୍ତ୍ର ସାଜିଛି । ଏକଥା ସାଧାରଣ ବେଙ୍ଗଟିଏ ପାଇଁ ଯେତିକି ସତ୍ୟ, ବଡବଡ ବଣ୍ୟଜନ୍ତୁଙ୍କ ପାଇଁ ମଧ୍ୟ ସେତିକି ସତ୍ୟ ।

ବଣ୍ୟଜନ୍ତୁ ଓ ଅରଣ୍ୟ ଏକ ଓ ଅଭିନ୍ନ । ବଣ୍ୟଜନ୍ତୁର ସଂରକ୍ଷଣ ପାଇଁ ଅରଣ୍ୟର ସଂରକ୍ଷଣ ଆବଶ୍ୟକ । ଆଦିମ କାଳରୁ ମଣିଷ ଏମାନଙ୍କ ସହ ବଢିଥିଲା, ବିକାଶ ଲାଭ କରିଥିଲା । ସେଇ ଅଦମ୍ୟ ଆନନ୍ଦ ଓ ଉତ୍ତେଜନା ଏବେ ମଧ୍ୟ ଆମ ଜିନ୍ ରେ ଅଛିବୋଲି ଉଭୟର ଆକର୍ଷଣ ଆମକୁ ଉଚ୍ଛନ୍ନ କରେ । ସହରର ଭିଡଭାସ୍ତା, ଗହଳିଆ ଦୋକାନ ବଜାର, ଦୁର୍ଗନ୍ଧପୂର୍ଣ୍ଣ ନାଳ ନର୍ଦ୍ଦମା, ଡିଜେଲ୍ ଧୂଆଁ ଆଦି ଭିତରୁ ଖସି ଆସି ଜଙ୍ଗଲର ଶାନ୍ତ ନିଶୂନ ପରିବେଶ, ନିର୍ମଳ ବାୟୁ, ପ୍ରଶସ୍ତ ଖୋଲା ଜାଗା ଏବଂ ଦୃଷ୍ଟି ଶୀତଳକାରୀ ସବୁଜିମାମୟ ଜଙ୍ଗଲ କାହାକୁ ଭଲ ନଲାଗେ? ହଜାର ହଜାର ବର୍ଷ ତଳେ ଅରଣ୍ୟ ବାସୀ ମଣିଷର ଅନେକ ସୁଖ ଦୁଃଖ ଓ ଖୁସି ଅନୁଭବ କରିବାର ହେତୁ ସବୁ ଆମ ଭିତରେ ଏବେ ବି ରହିଛି । ଚୁଲ୍ଲୀମୁଣ୍ଡରେ ବସି ଗପସପ କରିବା, ଭୋଜିଭାତରେ ଦଳଗତ ଭାବେ ଭୋଜନ କରିବା, ଦୋଳି ଖେଳିବା, ଗଛ ଚଢିବା, ବାଲିରେ ପାଦ ରଖି ଗୁମ୍ଫାଘର କରିବା, ଘରେ ଅଗଣାରେ ଗଛ ଲଗେଇବା, ପଶୁପକ୍ଷୀ ପୋଷା ମନେଇ ରଖିବା, ଚମଡା ଜାକେଟ୍ ପିନ୍ଧିବା ଆଦି ସେଇ ଆଦିମ ଅଭ୍ୟାସର ଏଯାବତ୍ ବଞ୍ଚି ରହିଥିବା ଉଚ୍ଛିଷ୍ଟ । କେବେ ଥରେ ଜଙ୍ଗଲ ବୁଲିଗଲେ, ଲାଗେ ଯେମିତି କେତେଦିନୁ ଭୁଲିଯାଇଥିବା ଆମ ପ୍ରିୟ ଜାଗାଟିକୁ ଆମେ

ଦେଖୁଛୁ । ଆଜି ସେଇ ପ୍ରିୟ ଭୂମି ଓ ଚର ସହଚରମାନଙ୍କ ସଂରକ୍ଷଣ କଥା ଉଠିଲାବେଳେ ସ୍ୱାଭାବିକ ଭାବେ ପ୍ରତ୍ୟେକ ମଣିଷ ଆନନ୍ଦିତ ହୋଇଥାଏ ।

ଦିନଥିଲା ମଣିଷ ବି ବଣ୍ୟଜନ୍ତୁ ପରି ରହୁଥିଲା । ସେ କୁକୁର, ଗାଈ, ଛେଳି, କୁକୁଡ଼ା, ଗଧ, ମଇଁଷି, ଘୋଡ଼ା, ଓଟ ଆଦି କେତେ ପଶୁପକ୍ଷୀଙ୍କୁ ଗୃହପାଳିତ କଲା । ଯେଉଁମାନେ ମଣିଷର ବଶବର୍ତ୍ତୀ ହୋଇ ରହିଗଲେ, ସେମାନେ ପାଳିତ ପଶୁ ହୋଇଗଲେ । ଯେଉଁମାନେ ଶେଷ ପର୍ଯ୍ୟନ୍ତ ବିରୋଧ କଲେ, ବରଂ ମୃତ୍ୟୁକୁ ଆଦରି ନେଇ ବଣରେ ରହିଗଲେ, ସେମାନେ ବନ୍ୟପ୍ରାଣୀ ହୋଇଗଲେ । ମାତ୍ର ପନ୍ଦରଟି ପଶୁଙ୍କୁ ଛାଡ଼ି ବାକି ସବୁ ବଣ୍ୟ ହୋଇ ରହିଗଲେ ଏବଂ କହିବା ବାହୁଲ୍ୟ ଗଲା ଦଶହଜାର ବର୍ଷ ଭିତରେ ଆଉ ଗୋଟିଏ ବି ଅଧିକା ନୂଆ ପ୍ରାଣୀ ଗୃହପାଳିତ ହୋଇପାରିଲା ନାହିଁ । ହଜାର ହଜାର ଜାତି ଓ ପ୍ରଜାତିର ଜୀବଜନ୍ତୁ ଓ କୀଟପତଙ୍ଗରେ ଭରା ଜଙ୍ଗଲ ସର୍ବତୋଭାବେ ପୂର୍ଣ୍ଣାଙ୍ଗ ଥିଲା । ମଣିଷ କିଛି କିଛି ଶିକାର କରୁଥିଲା ସତ, କିନ୍ତୁ ପ୍ରକୃତି ସେସବୁ କ୍ଷତିକୁ ଭରଣା କରିଦେଉଥିଲା । ଯେବେଠୁ ବିଧିବଦ୍ଧ ଭାବେ ଯନ୍ତ୍ରଦ୍ୱାରା ବଣ୍ୟଜନ୍ତୁ ହତ୍ୟା ଆରମ୍ଭ ହେଲା, ସେବେଠୁ ସନ୍ତୁଳନ ବିଗିଡ଼ିଗଲା ।

ବଣ୍ୟଜନ୍ତୁ କହିଲେ ବଣରେ ରହୁଥିବା କୀଟପତଙ୍ଗ, ବେଙ୍ଗ ଜାତୀୟ ଉଭୟଚର, ସରୀସୃପ, ପକ୍ଷୀ ଆଦି ସମସ୍ତଙ୍କୁ ବୁଝାଏ । ସ୍ଥୂଳ ଭାବରେ ଆମେ କେବଳ ଆଖିଦୃଶିଆ ଜନ୍ତୁମାନଙ୍କୁ ବଣ୍ୟଜନ୍ତୁର ଆଖ୍ୟା ଦେଇଥାଉ । ଆମ ଓଡ଼ିଶାରେ ଏଯାବତ୍ ଉପଲବ୍ଧ ବଣ୍ୟଜନ୍ତୁମାନେ ହେଲେ – ବାଘ, ହରିଣ, ସମ୍ବର, ବାରଶିଂଗା, କୁଟୁରା, ଗୁରାଣ୍ଡି, ନୀଳଗାଈ, ଚୌଶିଙ୍ଗା, ବାଲିହରିଣ, ଗୟଳ, ଅରଣା ମଇଁଷି, ବାରହା, ଗଧିଆ, କୋକିଶିଆଳି, ମାଛରଙ୍କା ବିରାଡ଼ି, ବଣଭୂଆ, ଚିତା ବିରାଡ଼ି, ଶାଳଆପତିନି, କରାକଲ୍, ବେଟାବାଘ, କଳା ଲାଙ୍ଗୁଡ଼ିଆ ନେଉଳ, ନେଉଳ, ଭାଲୁ, ଗାଡ଼ ଭାଲୁ, ଆଣି ଓଧ, ଡାଇ ଓଧ, ଠେକୁଆ, ବଣ କୁକୁଡ଼ା, ଚୁଚୁନ୍ଦ୍ରା, ମୂଷା, ଉଡ଼ନ୍ତା ଗୁଣ୍ଡୁଚ, ମାଙ୍କଡ଼, ହାତୀ, ଝିଙ୍କ, ବଜ୍ରକାପ୍ଠା, ସାନ ନାକ ବାଦୁଡ଼ି, ହଳଦିଆ ବାଦୁଡ଼ି, ଚେମଣି ଇତ୍ୟାଦି । ବ୍ରାଜିଲ ଓ ଇଣ୍ଡୋନେସିଆର ବର୍ଷାବନ ଯେଭଳି ଏକ ବିଶାଳ ଜୈବ ବିବିଧତାକୁ ଆଶ୍ରୟ ଦେଇଛି, ଠିକ୍ ସେମିତି ଭାରତର ଇଣ୍ଡୋମାଳୟ ବନଭୂମି ଏକ ବିଶାଳ ଜୈବ- ବିବିଧତାକୁ ପ୍ରତିପୋଷଣ କରିଚାଲିଛି । ଦୁଃଖର କଥା ଭୋଗବାଦୀ ମଣିଷ ଏହାକୁ ନିର୍ବିଚାରରେ ଧ୍ୱଂସ କରି ଚାଲିଛି, ଯାହାର ପରିଣତି ଆମେ ସର୍ବତ୍ର ଦେଖୁଛେ । ୧୯୭୦ ମସିହାରୁ ବଣ୍ୟଜନ୍ତୁ ସଂରକ୍ଷଣ ପାଇଁ

ଆଇନ ବ୍ୟବସ୍ଥା ରହିଛି, କିନ୍ତୁ ତାହା ଆଦୌ ଫଳପ୍ରଦ ହୋଇନାହିଁ । ଏତେ ସଂଖ୍ୟକ ପ୍ରଜାତି ଲୁପ୍ତହେବାରେ ଲାଗିଛନ୍ତି ଯେ ସେମାନଙ୍କ ନାମକରଣ ସୁଦ୍ଧା ହୋଇ ପାରିନାହିଁ । ଉଦାହରଣସ୍ୱରୂପ ଭୂ- ଭାଗର ସର୍ବପ୍ରାଚୀନ ଜୀବ ବେଙ୍ଗର ଏତେ ସଂଖ୍ୟକ ପ୍ରଜାତି ବର୍ତ୍ତମାନ ବିଲୁପ୍ତ ଯେ ସାର୍‌ା ବିଶ୍ୱ ସେଥିରେ ମର୍ମାହତ ହୋଇ ୨୦୦୮ ବର୍ଷକୁ ବେଙ୍ଗମାନଙ୍କ ବର୍ଷ ବୋଲି ଘୋଷଣା କରିଛନ୍ତି । ବାଘ ହେଉଛି ଆମ ଭାରତର ବଣ୍ୟଜନ୍ତୁଙ୍କ ମୁଖ ସଦୃଶ ଏବଂ ଏକ ପ୍ରତିନିଧି ଭଳି ଆମ ଦେଶର ବିଷର୍ଣ୍ଣ ଅବସ୍ଥାକୁ ସୂଚିତ କରି ଗ୍ଭଲିଛି । ବାଘ ବଞ୍ଚିଲେ ସୃଷ୍ଟି ବଞ୍ଚିଯିବ ବୋଲି ଦିଆଯାଉଥିବା ଦାର୍ଶନିକ ଯୁକ୍ତିକୁ ଏବେ ବହୁ ବୁଦ୍ଧିଜୀବୀ ବୁଝି ସାରିଲେଣି । ସୁଖର କଥା କିଛି ସଚେତନ ନାଗରିକଙ୍କ ସମର୍ଥନ ସଂରକ୍ଷଣ ପାଇଁ ଏକ ନୂଆ ଦିଗ ଖୋଲିଛି ।

ପ୍ରଶ୍ନ ଉଠେ ବଣ୍ୟଜନ୍ତୁଙ୍କ ସଂରକ୍ଷଣ କାହିଁକି ଆବଶ୍ୟକ? ସେମାନଙ୍କର ଅନୁପସ୍ଥିତିରେ ଆମର କଣ ଅସୁବିଧା ହେବ? ଆମର ଦୁର୍ଭାଗ୍ୟ ଯେ ଆମ ପାଇଁ ଦୁଇଟି ପୃଥିବୀ ନାହିଁ, ଗୋଟିଏକୁ ଆମେ ମନଇଚ୍ଛା ବ୍ୟବହାର କରିବୁ ଏବଂ ଆରଟିକୁ ବିନା କୌଣସି ହସ୍ତକ୍ଷେପରେ ଛାଡିଦେବୁ । ଆମକୁ ଯାହାକିଛି କରିବାକୁ ହେବ ଏଇଠି ହିଁ କରିବାକୁ ହେବ, ଏଇଠି ହିଁ ବଞ୍ଚିବାକୁ ହେବ । ଆମ ସମସ୍ତଙ୍କ ପରି ବଣ୍ୟଜନ୍ତୁଙ୍କର ମଧ୍ୟ ବଞ୍ଚିବାର ଅଧିକାର ଅଛି । ଜଣେ ସଚେତନ ଜୀବ ଭାବେ ସେଇ ଅଧିକାର ସେମାନଙ୍କୁ ଫେରାଇ ଦେବାକୁ ହେବ । ଖାଲି ଅଧିକାରରେ କଥା ସରି ଯାଉନାହିଁ, ଆମର ସ୍ଥିତି ପାଇଁ ସେମାନଙ୍କର ଉପସ୍ଥିତି ଅତ୍ୟନ୍ତ ଜରୁରୀ । କାରଣ ଲକ୍ଷ ଲକ୍ଷ ବର୍ଷ ଧରି ଜୈବ ସନ୍ତୁଳନ ଖାଦ୍ୟ- ଖାଦକର ଚକ୍ର ଭିତରେ ମଣିଷ ବଂଚିଛି । ସେଇ ଖାଦ୍ୟ- ଖାଦକ ଶିକୁଳରେ ପ୍ରତ୍ୟେକ ଜୀବଜନ୍ତୁ ଗୋଟିଏ ଗୋଟିଏ କଡି ସଦୃଶ । ଗୋଟିଏ କଡି ଛିଡିଗଲେ ସାର୍‌ା ଶିକୁଳ ଓ ଜୀବନ- ଚକ୍ର ବିପର୍ଯ୍ୟସ୍ତ ହୋଇଯିବ । ତେଣୁ ଅତ୍ୟନ୍ତ ସ୍ୱାର୍ଥପର ଭାବେ ମଧ୍ୟ କୁହାଯାଇପାରେ ଯେ ଆମର ସୁଖସୁବିଧା ଓ ଦୀର୍ଘମିଆଦି ସ୍ୱାଚ୍ଛନ୍ଦ୍ୟ ସ୍ଥିତି ପାଇଁ ଜୀବ ମଣ୍ଡଳର ସଂରକ୍ଷଣ ମଧ୍ୟ ଅତ୍ୟନ୍ତ ଜରୁରୀ ।

ଯେଉଁ ମୁହୂର୍ତ୍ତରେ ଆମେ ବାଘଟିଏ ବଞ୍ଚୁ ବୋଲି ପ୍ରୟାସ ଆରମ୍ଭ କରିଦେବା, ସେଇ ମୁହୂର୍ତ୍ତରୁ ଏକ ସନ୍ତୁଳିତ ପୃଥିବୀ ପ୍ରତି ଆମର ଅଙ୍ଗୀକାରବଦ୍ଧତା ଆରମ୍ଭ ହୋଇଯିବ । ବାଘର ଖାଦ୍ୟ ପାଇଁ ବଣରେ ହରିଣ, ସମ୍ବର, ଠେକୁଆ, ବଣ ଘୁଷୁରୀ ଆଦି ରହିବାକୁ ପଡିବ । ଏସବୁ

ତୃଣଭୋଜୀ ରହନ୍ତୁ, ବଂଶ ବିସ୍ତାର କରନ୍ତୁ ବୋଲି ଚାହିଁବା ମାନେ ଏକ ବୃକ୍ଷଲତା ପୂର୍ଣ୍ଣ ଜଙ୍ଗଲର ସଂରକ୍ଷଣ ଆବଶ୍ୟକ ହେବ । ଫଳରେ ପ୍ରକୃତି ଭିତରେ ମଣିଷର ଅନୁପ୍ରବେଶ ବନ୍ଦ ହେବ । ଗଛକଟା ବନ୍ଦ ହେବ, ଖଣି ଖାଦାନ, ବଡ ବଡ ଜଳଭଣ୍ଡାର, ରାସ୍ତାଘାଟ ନର୍ମାଣ ଆଦି ବନ୍ଦ ହେବାକୁ ବାଧ । ଏହାର ପ୍ରଭାବ ଦେଶର ଅର୍ଥନୀତି, ଆୟବ୍ୟୟ ହିସାବ, ପଞ୍ଚବାର୍ଷିକ ଯୋଜନା, ବିଦେଶ ବାଣିଜ୍ୟ ନୀତି, ବହୁ ଦେଶୀୟ କମ୍ପାନୀଙ୍କ ପ୍ରବେଶ, ବିଶ୍ୱ ବଜାରୀକରଣ ଆଦି ଉପରେ ପଡିବ । ମଣିଷର ଜୀବନଶୈଳୀ ପରିବର୍ତ୍ତିତ ହେବାକୁ ବାଧ ହେବ । ଜଙ୍ଗଲ ବଞ୍ଚିଗଲେ ବର୍ଷା ଠିକ୍ ହେବ, ନଦୀ ନାଳରେ ବନ୍ୟା ଆସିବ ନାହିଁ, ଉପର ମାଟି ଧୋଇ ହେବନାହିଁ, ମହାବାତ୍ୟା ଆସିବ ନାହିଁ ଇତ୍ୟାଦି । ଗୋଟିଏ ବାଘର ସଂରକ୍ଷଣ ବିଶ୍ୱ ପରିବେଶ ପ୍ରତି ସଚେତନ ହେବାରେ ଗବାକ୍ଷ କରି କାମ ଦେବ । ଜଙ୍ଗଲରୁ ଗୋଟିଏ ପ୍ରଜାତିର ନରୀହ ପ୍ରଜାପତି ଯଦି ବିଲୁପ୍ତ ହୋଇଯାଏ, ତାହା ସହିତ ପରାଗ ସଙ୍ଗମରେ ଯୋଡା ଆହୁରି କେତେ ପ୍ରକାରର ଉଦ୍ଭିଦ ଲୁପ୍ତ ହୋଇଯିବାକୁ ବାଧ ହେବେ । ତେଣୁ ସାଧାରଣ ପ୍ରଜାପତିର ସଂରକ୍ଷଣ ପାଇଁ ଯୋଜନା, ସାରା ପରିବେଶର ସଂରକ୍ଷଣରେ ସାହାଯ୍ୟ କରିବ । ପ୍ରୟାସ ବା ପ୍ରଯତ୍ନ ଏପରି ଏକ ନଷ୍ଠା ଯାହାକ ଯେ କୌଣସି ବିନ୍ଦୁରୁ ଆରମ୍ଭ ହୋଇ ସୁଦ୍ଧା କ୍ରମେ ଏକ ବୃହତ୍ତର ବ୍ୟାପକତାକୁ ସ୍ପର୍ଶ କରିବ ।



ବଣ୍ୟଜନ୍ତୁଙ୍କ ଶିକାର ହୁଏତ ଆଦି କାଳରେ ମାଂସ ପାଇଁ ହେଉଥିଲା । କ୍ରମେ ଜଙ୍ଗଲ ଉପରେ ଅଧିକାର ସାବ୍ୟସ୍ତ ପାଇଁ, ଜଙ୍ଗଲ ସମ୍ପତ୍ତି ଲୁଟ ପାଇଁ, ଗ୍ରେଗ୍ରରେ ଚର୍ମ, ନଖ, ଚର୍ବି, ଲୋମ, ଶିଙ୍ଗ ତଥା ମାଂସ ବିକ୍ରି ପାଇଁ, ଏପରିକ ଅୟସ ପାଇଁ ଶିକାର ପ୍ରବଳ ହେଲା । କେବେ ପୁଣି ବୀରତ୍ୱ ପ୍ରତିପାଦନ ପାଇଁ ଶିକାର ମଧ୍ୟ ହେଉଥିଲା । ମାନବ ଇତିହାସ ପରି ଶିକାରର ଇତିହାସ ମଧ୍ୟ ଖୁବ୍ ଲମ୍ବା, ଯାହାକ ସିଧାସଳଖ ବିବର୍ତ୍ତନ ପ୍ରକ୍ରିୟା ସହ ଯୋଡା

ହୋଇ ରହିଛି । ପ୍ରାକ୍ ଐତିହାସିକ କାଳରେ ପ୍ରସ୍ତର ଚକ୍ରରେ ପଶୁ ଶିକାରକୁ ମୁଖ୍ୟ ରୂପେ ଚହ୍ନିତ କରାଯାଉଥିଲା କାରଣ ତାହାହିଁ ଥିଲା ସବୁଠୁ ରୋମାଞ୍ଚକର ଓ ଆନନ୍ଦମୟ ଅନୁଭୂତି । ସମୟ ବଦଳ ଗଲିଲା । ଇଉରୋପରେ ଶିଳ୍ପବିପ୍ଳବ ଫଳରେ ସେଠାକାର ଲୋଭୀ ମଣିଷମାନେ ବଜାର ପାଇଁ, କଞ୍ଚାମାଲ ସଂଗ୍ରହ ପାଇଁ, ତଥା କ୍ରୀତଦାସ ସଂଗ୍ରହ ପାଇଁ ବିଭିନ୍ନ ଜଳପଥ ଆବିଷ୍କାର ପୂର୍ବକ ସାରା ପୃଥିବୀରେ ମାତିଗଲେ । ଶିଳ୍ପ ସମୃଦ୍ଧି ପାଇଁ ପ୍ରଚୁର ବଣ୍ୟ ସମ୍ପଦ, ପଶୁ ସମ୍ପଦର ସଂଗ୍ରହ ଗଲିଲା । ଏ ସମୟରେ ଡାରଉଇନ୍ ଙ୍କ "ବଳଶାଳୀର ବଞ୍ଚିରହିବାର ଅଧିକାର" ତତ୍ତ୍ୱଟି ସମାଜ ବିଜ୍ଞାନ ମଧ୍ୟରେ ପଶି ସାରିଥାଏ । ଶିଳ୍ପୋନ୍ନତ ଇଉରୋପୀୟମାନେ ଧରିନେଲେ, ଯେହେତୁ ସେମାନେ ଶକ୍ତିଶାଳୀ, ସେମାନେ କେବଳ ବଞ୍ଚି ରହିବେ ଏବଂ ବଣଜଙ୍ଗଲର ଜୀବଜନ୍ତୁ ସମେତେ ଏସିଆ, ଆଫ୍ରିକା, ଅଷ୍ଟ୍ରେଲିଆ ତଥା ଆମେରିକାର କଳା ଓ ହଳଦିଆ ଚମଡା ଯୁକ୍ତ ମଣିଷମାନେ ନଷ୍ଟିହ୍ନ ହେବା ଦରକାର । ଗୋଟିଏ ଗୋଟିଏ ଉପ ମହାଦେଶରେ ଜୀବଜନ୍ତୁ ସହ ଆଦିମ ମଣିଷମାନେ ନଷ୍ଟିହ୍ନ ହୋଇଗଲେ । ଏକ ଗବେଷଣା କହେ ଉନବିଂଶ ଶତାବ୍ଦୀର ପ୍ରଥମ ତିନ ଦଶନ୍ଧିରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଫଳରେ ପୃଥିବୀରୁ ବହୁ ପ୍ରାଣୀ ସବୁଦିନ ପାଇଁ ବିଲୁପ୍ତ ହୋଇଗଲେ । ବନ୍ୟପ୍ରାଣୀମାନେ ଯେ ଏକ ଅବିଚ୍ଛିନ୍ନ ଜୀବନଚକ୍ରର ଏକ ଅଂଶ ଏବଂ ଏକ ସୁନ୍ଦର ପୃଥିବୀ ପାଇଁ ସେମାନଙ୍କ ଉପସ୍ଥିତି ଅପରିହାର୍ଯ୍ୟ – ଏକଥା ବୁଝିବାକୁ ଆହୁରି ଶହେ ବର୍ଷ ଲାଗିଗଲା । ଡାରଉଇନ୍ ଙ୍କ ତତ୍ତ୍ୱର ଅନାବଶ୍ୟକ ଅପପ୍ରୟୋଗର କ୍ଷୟକ୍ଷତି ବୁଝିବାକୁ ଏହି ସମୟ ଲାଗିଗଲା । ସଚେତ, ବୁଦ୍ଧିମାନ ଓ ବିବେକବାନ ଜୀବଭାବେ ମଣିଷର ଦାୟିତ୍ୱ ହେଉଛି ତା ଚାରିପାଖେ ଥିବା ବଣ୍ୟଜନ୍ତୁ ଓ ପରିବେଶର ସୁରକ୍ଷା ନେବା । ଜୀବେ ଦୟା ଓ ଅହିଂସା ପରମ ଧର୍ମ ଭଳି ଆଧାତ୍ମିକ ବାଣୀରେ ଭାରତରେ ପ୍ରାଚୀନ ମୁନିଋଷିମାନେ ଜନମାନସକୁ ଦୀକ୍ଷିତ କରିଥିଲେ ।

ଭାରତ ତଥା ପୃଥିବୀ ସାରା ଜଙ୍ଗଲ ମଧ୍ୟରେ ଆଦିବାସୀମାନେ ରହୁଥିଲେ । ହଜାର ହଜାର ବର୍ଷ ଧରି ସେମାନେ ପ୍ରକୃତି ସହ ଖୁବ୍ ସଙ୍ଗତିପୂର୍ଣ୍ଣ ଭାବେ ଜୀବିକା ନିର୍ବାହ କରୁଥିଲେ । ସେମାନେ ପାରମ୍ପରିକ ରୀତିରେ ଚାଷ କରୁଥିଲେ, ଶିକାର କରୁଥିଲେ, ଯେଉଁଥିରେ ପ୍ରକୃତିରେ ପହଞ୍ଚିଥିବା କ୍ଷତି ପ୍ରକୃତି ଦ୍ୱାରା ଭରଣା ହୋଇ ଯାଉଥିଲା । କ୍ରମ ବର୍ଦ୍ଧମାନ ନଗର ସଭ୍ୟତାର ଚାହିଦାକୁ ମେଣ୍ଟେଇବା ପାଇଁ ଗଛକଟା ଓ ଶିକାର ଆଦିକୁ ବ୍ୟାପକ କରାଗଲା । ଫଳରେ ବିସ୍ଥାପନ ଭଳି ଦୁରବସ୍ଥା ସେଇ ଆଦିବାସୀଙ୍କୁ ଭୋଗିବାକୁ ପଡିଲା ।

ବଣ୍ୟଜନ୍ତୁ ହେଉଛନ୍ତି ଜାତୀୟ ସମ୍ପତ୍ତି । ଶିଳ୍ପ ବିପ୍ଲବର ପ୍ରାରମ୍ଭରେ ବଣ୍ୟଜନ୍ତୁଙ୍କ ବିଭିନ୍ନ ଅଂଶକୁ ନେଇ କୁଟୀର ଶିଳ୍ପ ସବୁ ଗଢି ଉଠିଥିଲା । ଦେଶମାନଙ୍କୁ ବୈଦେଶିକ ମୁଦ୍ରା ରୋଜଗାରର ଭୂତ ସବାର ହେଲା । ଧନୀମାନେ ଅନ୍ୟ ସାଧାରଣ ବର୍ଗଠୁ ବିତ୍ତଶାଳୀ ଓ ସୌଖୀନ ବୋଲି ଦେଖେଇ ହେବାପାଇଁ ଏହି ବଣ୍ୟଜନ୍ତୁଙ୍କଠୁ ତିଆରି ହେଉଥିବା ସାମଗ୍ରୀ ଓ ପ୍ରସାଧନକୁ ବହୁମୂଲ୍ୟରେ କିଣିବାକୁ ଆଗ୍ରହୀ ହେଲେ । ବଜାର ଚାହିଦା ଦେଖି ଶିକାର ହୁହୁ ହୋଇ ବଢି ଚାଲିଲା । ଫର୍ ତିଆରି ଗୋଟିଏ କୋଟ୍ କୋଡିଏ ଲକ୍ଷ ଟଙ୍କା, ହାତୀ ଦାନ୍ତ ଗୋଟିଏ ଦଶଲକ୍ଷ ଟଙ୍କା, ଅଜଗର ସାପ ଚମଡାର ଭ୍ୟାନିଟି ବା ବେଲ୍ଟ ହଜାର ହଜାର ଟଙ୍କାରେ ବିକ୍ରିହେଲା । ଦେଶମାନେ ବଡ ବଡ ଶିଳ୍ପାୟନରେ ଏପରି ବ୍ୟସ୍ତ ଥିଲେ ଏ ଜଙ୍ଗଲ ଭିତରେ କୁନ ଗୁଣ୍ଡୁଚ ମୂଷାଟେ ଲୁପ୍ତ ହେବାକୁ ବସୁଛି – ଏକଥା ଭାବିବାକୁ କାହାର ତର ରହିଲାନ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ସାରା ପୃଥିବୀର ବୁଦ୍ଧିଜୀବୀମାନେ, ଦାର୍ଶନିକ ତଥା ପରିବେଶବିତ୍ ମାନେ ନୂଆ ବିପଦର ସମ୍ଭାବନା ପ୍ରତି ସାବଧାନ କରିଦେଲେ । ଭାରତରେ ଏହି ସଂରକ୍ଷଣ ପ୍ରସଙ୍ଗ ଉପରେ ବିଶିଷ୍ଟ ପରିବେଶବିତ୍ **E.P. Ghee** ନିଜ ପୁସ୍ତକରେ ଲେଖିଛନ୍ତି, ୧୯୩୦ ରେ ପ୍ରଥମ କରି କୁମାୟୁନ ଅଞ୍ଚଳରେ ଜିମ୍ କରବେଟ୍ ଓ ଉତ୍ତର ପ୍ରଦେଶର ଏକ ସଂଗଠନ ମିଳିତ ଭାବେ ଏପରି ସଂରକ୍ଷଣର କଥା ବିଧିବଦ୍ଧ ଭାବେ ଉଠାଇଥିଲେ – ଯାହାକି ପରବର୍ତ୍ତୀ କାଳରେ ବଣ୍ୟଜନ୍ତୁ ସଂରକ୍ଷଣ ଭଳି ଏକ ବିଶାଳ ଜନ ଆନ୍ଦୋଳନର ରୂପ ନେଇଥିଲା । ଏହା ପରେ ବନ୍ଧୁକ ଛାଡି ଅନେକ ବିଖ୍ୟାତ ଶିକାରୀ, କ୍ୟାମେରାରେ ବଣ୍ୟଜନ୍ତୁଙ୍କ Shot ନେବାକୁ ଆଗେଇ ଆସିଥିଲେ ।

ପ୍ରବଳ ଚାପ ଯୋଗୁଁ ଦେଶରେ ସରକାର ବିଭିନ୍ନ ଯୋଜନା ହାତକୁ ନେଲେ । ରାଜ୍ୟ ଓ କେନ୍ଦ୍ରର ବଣ୍ୟଜନ୍ତୁ ବୋର୍ଡ ସରକାରଙ୍କୁ ଏ ଦିଗରେ ପରାମର୍ଶ ଓ ଚେତାବନୀ ଦେଲେ । ଦେଶର ନାଗରିକମାନଙ୍କୁ ସଚେତନ କରିବା ପାଇଁ ବଣ୍ୟଜନ୍ତୁ ସପ୍ତାହ ପାଳିତ ହେଲା । ଆକାଶବାଣୀ, ଦୂରଦର୍ଶନ ଓ ପତ୍ରପତ୍ରିକା, ପ୍ରବନ୍ଧ ପ୍ରତିଯୋଗିତା ଆଦି ମାଧ୍ୟମରେ ଏ ସମ୍ବନ୍ଧରେ ବ୍ୟାପକ ଆଲୋଚନା ଆରମ୍ଭ ହେଲା । ଆନନ୍ଦର କଥା ଖାଲି ସରକାର ନୁହେଁ, ବେସରକାରୀ ସ୍ତରରେ ଅନେକ ଚିତ୍ରକର, ଅଭିନେତା, ଲେଖକ, ସଂସ୍କାରକ, ସାମ୍ବାଦିକ ଆଦି ଏ ବିଷୟରେ ନେତୃତ୍ୱ ନେଉଛନ୍ତି ଏବଂ ବ୍ୟାପକ ଜନ ସଚେତନତା ପ୍ରତି ଆଗ୍ରହ ଦେଖାଉଛନ୍ତି । ଏବେ ଦେଶରେ ତେପନଟି ଜାତୀୟ ଏବଂ ୨୪୭ଟି ଅଭୟାରଣ୍ୟ ସଂରକ୍ଷଣ ଦିଗରେ ନମୁନା ପରି କାମ କରୁଛନ୍ତି । ସେଗୁଡିକ ମଧ୍ୟରେ ଦୁଧଓ୍ୱା ଜାତୀୟ ପାର୍କ, କର୍ବେଟ

ଜାତୀୟ ପାର୍କ, ବିହାରର ହଜାରୀବାଗ୍ ଜାତୀୟ ପାର୍କ, କର୍ଣ୍ଣାଟକର ବନ୍ଦୀପୁର, ତାମିଲନାଡୁର ମୁଦୂମଲାଇ, ଉତ୍ତର ପ୍ରଦେଶର ଚନ୍ଦ୍ରପ୍ରଭା, କାଶ୍ମୀରର ଡାଚ- ଗାଓଁ, ପଶ୍ଚିମବଙ୍ଗର ଜଳଦପରା, ଆସାମର କାଜିରଙ୍ଗା ଓ ମାନସ, କେରଳର ପେରିୟାର, ଓଡିଶାର ଚନ୍ଦକା ଓ ଶିମିଳପାଳ ଅଭୟାରଣ୍ୟ ପ୍ରମୁଖ । ସରକାର ତଥା ନାଗରିକଙ୍କର ଏତେସବୁ ଚେଷ୍ଟା ସତ୍ତ୍ୱେ ଜଙ୍ଗଲ ଓ ଜନ୍ତୁମାନଙ୍କ ସୁରକ୍ଷା ଅତ୍ୟନ୍ତ ନୈରାଶ୍ୟଜନକ କାହିଁକି? ଆମ ଦେଶର ଆଇନଗୁଡିକ ଯେତେ ଉଚ୍ଚମାନର ହେଲେ ସୁଦ୍ଧା ଆଇନକୁ ଫାଙ୍କିଦେଇ ଗ୍ଭଲିଯିବାର ବାଟ ଅତି ସୁଗମ । ଅସାଧୁ ବ୍ୟବସାୟୀ, ଓକିଲ, ସରକାରୀ ବନ କର୍ମଗ୍ଭରୀ, ପୋଲିସ, ସାମ୍ବାଦିକ ତଥା ଅଦୂରଦର୍ଶୀ ନାଗରିକମାନଙ୍କର ଏକ ବଡ ଧରଣର ର୍‌ଯାକେଟ୍ ବଣ୍ୟଜନ୍ତୁମାନଙ୍କୁ ହତ୍ୟା କରୁଛନ୍ତି । ଏବେ ମଧ୍ୟ ଖବର କାଗଜରେ ଦୈନିକ ଦନ୍ତାହାତୀଙ୍କ ଶିକାର, ବାଘ ଶିକାର ଖବର ବାହାରୁଛି । କଦବା କେବେ ହେଉଥିବା ଚଢଉରୁ ଜବତ ହେଉଥିବା ବ୍ୟାପକ ପରିମାଣର ଜୀବଜନ୍ତୁଙ୍କ ଦେହ ଅବଶେଷରୁ ଏହି ବର୍ବରତା ବିଷୟରେ ଅନୁମାନ ଲଗା ଯାଇପାରୁଛି । ଏ ବର୍ଷର ବ୍ୟାଘ୍ର ଗଣନାରୁ ମିଳଥିବା ଖବରରୁ ଅନ୍ତତଃ ପରିବେଶ- ବିନଷ୍ଟିର ଉତ୍କଟତା ଜଳଜଳ ହୋଇ ଦିଶିଯାଉଛି । ପରିବେଶ ଓ ବଣ୍ୟଜନ୍ତୁ ଏକ ଓ ଅଭିନ୍ନ । ତେଣୁ ଉଭୟ ବିଷୟର ଆଲୋଚନା ଏକ ପରିସର ଅନ୍ତର୍ଭୁକ୍ତ । ପରିବେଶ ସଜାଡି ହୋଇଗଲେ ଆରଟି ପାଇଁ ବଂଚବା ସୁଗମ ହେବ, ତେଣୁ ପରିବେଶ ପ୍ରଦୂଷଣ ତଥା ନଗ୍ନୀକରଣ ଉପରେ ଆଲୋଚନା ଜରୁରୀ ।

ପରିବେଶ ଏକ ବ୍ୟାପକ ବିଷୟ, ଯାହାର ଗୋଟିଏ ଗୋଟିଏ ଅଙ୍ଗ ହେଲା ପରିବେଶ, ବାୟୁମଣ୍ଡଳ, ସ୍ଥଳ ଓ ଜଳଭ୍ଭଗ, ନଦୀନାଳ, ବଣ୍ୟପଶୁ, ଜଙ୍ଗଲ ଇତ୍ୟାଦି । ଗୋଟିଏ ଅସଙ୍ଗତ ହେଲେ ଅନ୍ୟ ବିଭ୍ଭଗ ଗୁଡିକ ମଧ୍ୟ ବିଗିଡି ଯାଏ । ତେଣୁକରି ସମନ୍ୱିତ ବିକାଶ ଓ ପରିବେଶ ସନ୍ତୁଳନ ଉପରେ ଆଧୁନକ ବିଜ୍ଞାନ ଜୋର୍ ଦେଉଛି । ବିକାଶର ଅର୍ଥ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଭ୍ଭବେ ପ୍ରତିଷ୍ଠା ଲ୍ଭଭ କରିଥିଲ୍ଭ । ଗୋଟିଏ ପଟେ ବିକାଶ ହେଲ୍ଭବେଳେ, ଅନ୍ୟପଟେ ବିଧ୍ୱଂସ ଘଟୁଛି । ସମନ୍ୱିତ ବିକାଶ କହିଲେ ସମସ୍ତଙ୍କୁ ନେଇ ଯେଉଁ ବିକାଶ । ସେ କାଳରେ, ବୈଦିକ ମନ୍ତ୍ରରେ ଏପରି ସମନ୍ୱିତ ବିକାଶ କଥା କୁହାଯାଉଥିଲ୍ଭ । ତେଣୁ ମନ୍ତ୍ର କହୁଥିଲ୍ଭ – ଆକାଶ, ଭୂମି, ଜଳ, ଅଗ୍ନି, ବାୟୁ, ଉଦ୍ଭିଦ ଜଗତ, ପ୍ରାଣୀ ଜଗତ, କୀଟପତଙ୍ଗ ଆଦି ସମସ୍ତେ ଯେବେ ଶାନ୍ତ ରହିବେ, ଅର୍ଥାତ୍ ସଙ୍ଗତିପୂର୍ଣ୍ଣ ସହାବସ୍ଥାନ କରିବେ, ତେବେ ଯାଇ ତାକୁ ସମନ୍ୱିତ ବିକାଶ ବୋଲି

କହିପାରିବା । ଆମର ଅଜ୍ଞାନତା, ଲୋଲୁପତା, ହୃଦୟହୀନତା ହିଁ ଆଜି ସମଗ୍ର ପରିବେଶକୁ ଦୂଷିତ କରୁଛି । ଏହି ପ୍ରଦୂଷଣ ବିଷୟରେ ସମ୍ୟକ ଆଲୋଚନା ଜରୁରୀ ।

ପ୍ରଦୂଷଣର ପ୍ରଭାବ ମଣିଷ, ପଶୁପକ୍ଷୀ, ବସ୍ତୁସକଳ, ମହାକାଶ, ଏପରିକି ସାରା ବିଶ୍ୱ ଉପରେ ପଡୁଛି । ଆମର ଅଦୂରଦର୍ଶୀ ବିକାଶ କେବଳ ଏକ ପାଖିଆ ହୋଇଥିବା ଯୋଗୁଁ ଆମକୁ ସାମୟିକ ଆରାମ ମିଳୁଛି ସତ, କିନ୍ତୁ ନାହିଁ ନଥିବା ଦୁର୍ଗତି ଆସି ପହଞ୍ଚୁଛି । କାରଖାନାରୁ ନିର୍ଗତ କାର୍ବନ ମନୋକସାଇଡ୍, ସଲଫର ଡାଇଅକସାଇଡ୍ ତଥା ଅସୁମାରି ଗ୍ୟାସ୍ ର ପ୍ରଭାବରେ ବାୟୁ ପ୍ରଦୂଷିତ । ଜନସାଧାରଣ ତାହାଦ୍ୱାରା ଥଣ୍ଡା ସର୍ଦ୍ଦି, କାଶ, ଆଜମା, ସ୍ନାୟବିକ ବିକାର, ଆଖି ଜଳାପୋଡା, ଦୁର୍ଗନ୍ଧ, ଫୁସଫୁସ୍ ରୋଗ ଆଦିରେ ଆକ୍ରାନ୍ତ ହେଉଛି । ଆର୍ସେନିକ୍, ବେରିଲିୟମ୍, କ୍ୟାଡମିୟମ୍, କ୍ରୋମିୟମ, କୋବାଲଟ୍ କପର, ଲିଡ୍, ମାଙ୍ଗାନିଜ, ମର୍କ୍ୟୁରୀ ଭଳି ବିଷାକ୍ତ ଧାତୁମାନେ ଜଳ ଓ ଭୂମିକୁ ବିଷାକ୍ତ କରୁଛନ୍ତି । ସବୁଜ ଘର ପ୍ରଭାବ ଯୋଗୁଁ ବିଶ୍ୱ ଉତ୍ତପ୍ତ ହେବାରେ ଲାଗିଛି । ଫଳରେ ସମୁଦ୍ର ପତ୍ତନ ବଢୁଛି, ଭୂଭାଗ ସହିତ ଅନେକ ଜୀବଜନ୍ତୁ ଲୁପ୍ତ ହେବାକୁ ବସିଲେଣି । DDT, PCB, କ୍ଲୋରିନେଟ୍ ହୋଇଥିବା HYDROCARBON, DIELDRIN, ALDRIN, BHC, CHOLANADE, ENDOSUL-PHONE, ARATHION, MALATHION, TEPP ଇତ୍ୟାଦି କୀଟନାଶକ ଦ୍ରବ୍ୟର ବ୍ୟାପକ ବ୍ୟବହାର ଫଳରେ ଆମେ ଖାଉଥିବା ଖାଦ୍ୟଶସ୍ୟ ବିଷାକ୍ତ ହେଉଛି ସତ, ତା ସହିତ କେତେ ଏ କୀଟପତଙ୍ଗ, ପ୍ରଜାପତି ମରୁଛନ୍ତି ତାହାର ହିସାବ ନାହିଁ । ସେଗୁଡିକ ଜଳରେ ମିଶି ଭୂତଳ ଜଳ ଓ ନଦୀନାଳକୁ ବିଷାକ୍ତ କରୁଛି । ଏହାର ପ୍ରଭାବ ଜିନ୍ ଉପରେ ପଡୁଥିବା ଯୋଗୁଁ ମଣିଷ ଓ ଜୀବଜନ୍ତୁଙ୍କ ପ୍ରଜନନ କ୍ଷମତା ହ୍ରାସ ହେଉଛି, ଉତ୍ତର ପିଢି ବିକଳାଙ୍ଗ ହେବାର ଆଶଙ୍କା ରହୁଛି । ଆଜବେଷ୍ଟସ୍, ଟେରାଟୋଜେନସ୍, ତଥା ଆଲଫା, ବିଟା, ଗାମା ଭଳି ତେଜଷ୍କ୍ରିୟ ବିକିରଣ ଆଦି ଜିନ୍ ସ୍ତରରେ ବ୍ୟାପକ କ୍ଷତି ଘଟାଉଛନ୍ତି । ଜୈବିକ ସଂକ୍ରମଣ ଯେପରିକି ଆନ୍ଥ୍ରାକ୍ସ୍, ପେଥୋଜେନନ୍, ବ୍ୟାକଟ୍ରିଆ, କଲେରା, ଟାଇଫଏଡ୍, ଡାଇରିଆ, ଡିସେଣ୍ଟ୍ରି ଆଦି ଯୋଗୁଁ ବ୍ୟାପକ ଧନଜୀବନ ନଷ୍ଟ ହେଉଛି ।

କ୍ରମଶଃ.....

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡିଶା

# ଭଲ ପାଏ ବୋଲି



ଶାନ୍ତିଲତା ମିଶ୍ର

ହେ ଜୀବନ! ଭଲ ପାଏ ବୋଲି ତୁମକୁ, ମୋ ଠାରୁ ଅଧିକ ।
ହୋଇ ଯାଅ କେତେ ଜିଦିଖୋର, ପୁଣି କେବେ ବିଷମ ॥ ୧ ॥
ତୁମକୁ ଅତ୍ୟଧିକ ଭଲ ପଇବାଟାକୁ, କୁହ ମିଛ ଆସକ୍ତି ।
ହେ ଜୀବନ! କାହିଁକି କର କଷ୍ଟ ଦାୟକ ଏ ଆକ୍ଷେପୋକ୍ତି ॥ ୨ ॥
ଭଲ ପାଏ ବୋଲି, ନରବରେ ସହି ଯାଏ, ତୁମର ସବୁ ଦୌରାତ୍ମ୍ୟ ।
ହସ ଦେଖିବାକୁ ଟିକେ ତୁମ ମୁଖେ, କରିଯାଏ ଯେତେ କୁକର୍ମ ॥ ୩ ॥
ଭଲ ପାଇବା ବଦଳେ, ଭଲ ପାଇବା ତ, କାହିଁ କେତେ ଦୂରେ ଥାଉ ।
ଅଟ୍ଟହାସ୍ୟ ଅପମାନ ଶବ୍ଦ ବର୍ଷଣେ, ମତେ ବିଷାକ୍ତ କରି ଦେଉ ॥ ୪ ॥
କେବେ ଦେଖା ଯାଅ ତୁମେ କୂଳୁ କୂଳୁ ଝରଣାର, ସଂଗୀତ ରୁପେ ।
କେବେ ଦେଖା ଦିଅ, ନଳ ନାଲି ଝିଲମିଲ ବିଭ୍ରେରିତ, ସ୍ୱପ୍ନ ଜଗତେ ॥ ୫ ॥
କେବେ ଆସି ପାସେ ବସ, ଅନ୍ୟନ୍ୟା ଅନନ୍ଦ୍ୟା ରୂପସୀ ହୋଇ ।
କେବେ ପୁଣି ଟାଣି ନଅ ବାହୁ ବନ୍ଧନରେ ଆତ୍ମହରା ହୋଇ ॥ ୬ ॥
ସେ ପାଇଁ ଆକୃଷ୍ଟେ ହୁଏ ଧାବମାନ, ଅଣାୟତ ହୋଇ ତୁମରି ପଛେ ।
ବୁଝ ଥରେ, ତୁମ ବିନା କପରି ସବୁ ଲାଗେ ମିଛ ତୁଛ ଏ ମର୍ତ୍ତେ ॥ ୭ ॥
ଭବୁଛି ଏବେ, ମୟାବିନୀ କଣ ତୁମେ ସତରେ ମାୟାଜାଲ ବିଛାଇ ।
ଜିତୁ ଅଛ ସଦା ଏପରି ଭୁଲାଇବାରେ ପ୍ରବୀଣା ହୋଇ ॥ ୯ ॥
ହେ ଜୀବନ! ଧରି ନଅ ହାତ ମୋର ଥରେ ସ୍ନେହ ଆଦର ଭରେ ।
ସତ କହୁଛି, ରହି ଯିବି ହୋଇ ତୁମର ସଦା କାଳେ କାଳେ ॥ ୧୦ ॥

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ତୁମେ ହିଁ ଜାଣିଥିବ



ଅନୁସୂୟା ମିଶ୍ର

ମନକୋଣେ ବସା ବାନ୍ଧିଥିବା
ଅକୁହା ମୋ ଆଶାଟିଏ ତୁମେ,
ରହିଥିବ,
ଅବା ଦିନେ କାହିଁ ଉଡି ଗୁଲିଯିବ
ସେ କଥା ତୁମେ ଜାଣିଥିବ ॥
ଜୀବନ ଜଞ୍ଜାଳକୁ ଭେଦି
ଅହରହ ଉଙ୍କି ମାରୁଥିବା
ଗଭୀର ଅନ୍ୟମନସ୍କତାଟିଏ ତୁମେ,
ସାମୟିକ,
ଅବା ସବୁଦିନ ପାଇଁ ଏ ସଂଯୋଗ
ସେ କଥା ତୁମେ ଜାଣିଥିବ ।
ଅନେକ ଅନଶ୍ଚିତତାର ଅବାଧ ସ୍ରୋତକୁ କାଟି
ଆଶ୍ୱସ୍ତିର କୁଟାଖିଅଟିଏ ତୁମେ
ଧରାଦେବ,
ଅବା ଦୂରେ ଦୂରେ ଭାସି ଗୁଲିଯିବ
ସେ କଥା ତୁମେ ଜାଣିଥିବ ।

ନିଃଶବ୍ଦ ମୋ ପ୍ରତିଟି କୋହର
ଅଦୃଶ୍ୟ ଏକ ଅନ୍ୟନାମ ତୁମେ,
ନିଃଶ୍ୱାସର ତାଳେ ତାଳେ
ନିଃଶେଷ ମୋ ଘନେଇ ଆସିଲା ବେଳେ
ସ୍ମୃତି ରେ ସାଇତି ରଖିବ
ଅବା ବିସ୍ମୃତି ର ପଥେ ଠେଲିଦେବ
ସେ କଥା ବି ତୁମେ ହିଁ ଜାଣିଥିବ ।

ଶତାବ୍ଦୀ ନଗର, ୟୁନିଟ୍- ୮,
ଭୁବନେଶ୍ୱର

# ଜୀବନ ର ଲୋଭ



ସୁବଳ ମହାପାତ୍ର

ମୁଁ ହିତେଶ୍ ପ୍ରଧାନ । ବୟଷ ୫ ବର୍ଷ । ମୁଁ ମରିଗଲି । ଘରେ ସମସ୍ତେ କାନ୍ଦୁଥାନ୍ତି । ଜେଜେମା ମୁଣ୍ଡ ପିଟି କାନ୍ଦୁଥାଏ । ବାପାଙ୍କ ଆଖିରୁ ଲୁହ ବୋହୁଥାଏ । ମା ମୋତେ କୋଳରେ ଧରି କାନ୍ଦୁଥାଏ । ବାପା ମୋତେ ମା କୋଳରୁ ଛଡାଇ ନେଲେ । ମା ଠାରୁ ଅଲଗା ହେବା ଦୁଖ ରେ ମୁଁ ବି କାନ୍ଦିଲି । ଗାଁ ର ଶେଷ ମୁଣ୍ଡରେ ଗୋଟେ ଗାତ ଖୋଳ ମୋତେ ପୋତି ଦେଲେ ଆଉ ମୋ ଖେଳନା ସବୁ ବି ମୋ ସହ ପୋତା ହେଲେ । ମୁଁ ସବୁ ଦେଖୁଥାଏ । କାନ୍ଦୁଥାଏ ବି । ମା ଡାକଲା । ଉଠି ଦେଖିଲି ମା ମୋତେ କୋଳରେ ଧରି ଗେଲ କରୁଛି । ମୁଁ ଖୁସି ହେଲି । ତାକୁ ଦେଖି କ ହସିଲି । ମୁଁ ବଞ୍ଚିଥିଲି ।

- - - - - - x- - - - - -

ମୁଁ ହିତେଶ୍ ପ୍ରଧାନ । ବୟଷ ୧୦ ବର୍ଷ । ମୁଁ ମରିଗଲି । ମୋ ଶରୀରରୁ ମୋ ଆତ୍ମା ବାହାରି ଗଲା ପରେ ଦେଖିଲି ଘରେ ସମସ୍ତେ ଶୋଇଛନ୍ତି । ମୋ ମରିବା କାହାକୁ ବି ଜଣା ନାହିଁ । ବାହାରକୁ ଆସିଲି । ମୋତେ ନେବା ପାଇଁ ଦୁଇ ଜଣ ପରି ଆସିଥିଲେ । ମୁଁ ବାହାରକୁ ଯାଇ ସେମାନଙ୍କ ସହ ଖେଳିଲି । ତାଙ୍କ ଭିତରେ ଗୋଟେ ସୁନ୍ଦର ପରି ଥିଲା । ଜେଜେମା କଥା ସତ ବୋଲି ଭାବିଲି ଆଉ ଠିକ କଲି ତାକୁ ବାହା ହେବି । ସେ ମୋତେ ନୁଆ ନୁଆ ଖେଳ ସବୁ ଶିଖାଉଥାଏ । ବହୁତ୍ ସମୟ ଖେଳଲା ପରେ ବି ରାତି ପାହୁ ନଥାଏ। ମା ଡାକଲା । ଉଠ, ଆଜି ସ୍କୁଲ୍ ରେ ପରୀକ୍ଷା ଅଛି । ଯିବୁନ କି? ଉଠି ଦେଖିଲି ମୁଁ ବଞ୍ଚିଛି । ଦୁଃଖ ଲାଗିଲା ଯେ ଏବେ ମୋତେ ପରୀକ୍ଷା ଦେବାପାଇଁ ଯିବାକୁ ପଡିବ ।

- - - - - - x- - - - - -

ମୁଁ ହିତେଶ୍ ପ୍ରଧାନ । ବୟସ ୨୦ ବର୍ଷ । ମୁଁ ମରିଗଲି । ରୁମ୍ ରୁ ବାହାରି ମୋ ପ୍ରେମିକା ପାଖକୁ ଗଲି । ବାଟରେ ଗଲା ବେଳେ ଲୋକ ମାନେ ମୋତେ ଦେଖି ପାରୁନାହାନ୍ତି ଜାଣି ଖୁସି ଲାଗିଲା । ସିଧା ଗଲି ମୋ ପ୍ରେମିକା ର ବେଡ୍ ରୁମ୍ କୁ । ସେ ଶୋଇଥାଏ । ତା ନଦୁଆ ମୁହଁ ଦେଖି ଭଲ ଲାଗିଲା । ତା'ର ପୁରା ଶରୀର ଉପରେ ଆଖି ବୁଲେଇ ଆଣିଲି । ଏତେ ପାଖରୁ ଏତେ ନିବିଡ ଭାବରେ ତାକୁ କେବେ ବି ଦେଖି ନଥିଲି । ତା ଓଠ କୁ ଛୁଇଁଲି । ସେ ଜାଣିପାରୁ ନଥାଏ । ପୁରା ଘର ବୁଲିକି ଦେଖିଲି । ସମସ୍ତେ ଶୋଇ ଥାନ୍ତି । ତାଙ୍କ କୁକୁର ମୋତେ ଦେଖିକି କୁଁ କୁଁ ହେଲା । ପୁଣି ଫେରିଲି ମୋ ପ୍ରେମିକା ର ବେଡରୁମ୍ କୁ । ହଠାତ୍ ତା ତକିଆ ତଳେ କ'ଣ ଗୋଟେ ଦେଖିକି ସେଠିକି ଗଲି । ମୋ ସାଙ୍ଗ ର ଫୋଟୋ ତା ତକିଆ ତଳେ ଥିଲା । ଦେଖି ଛାତି ଫାଟି ଗଲା ପରି ଲାଗିଲା । ଆତ୍ମହତ୍ୟା କରିବାକୁ ଇଚ୍ଛା ହେଲା । ଦୌଡି ଦୌଡି ପଳେଇ ଆସିଲି । ଆଉ ବାଟରେ ଗୋଟେ ଖାଲରେ ଖସି ପଡିଲି । ମା ଡାକିଲା, ଉଠ, କ'ଣ ସବୁ ବିଳି- ବିଳେଇ ହଉଛୁ? ଉଠିକି ଦେଖିଲି ମୁଁ ଖଟ ତଳକୁ ଖସି ପଡିଛି । ଖୁସି ଲାଗିଲା ଯେ ମୁଁ ବଞ୍ଚିଛି । ଗୋଡ, ଖଟ ବାଡରେ ବାଜି କାଟୁ ଥାଏ । ପୁଣି ପ୍ରେମିକା କଥା ମନେ ପଡି ଦୁଃଖ ଲାଗିଲା ।

- - - - - - x- - - - - -

ମୁଁ ହିତେଶ୍ ପ୍ରଧାନ । ବୟସ ୩୦ ବର୍ଷ । ମୁଁ ମରିଗଲି । ମରଶରୀର ରୁ ମୁଁ ଅଲଗା ହେଲା ପରେ ଦେଖିଲି ମୋ ସ୍ତ୍ରୀ ମୋ ପାଖରେ ଶୋଇଛି । ମୁଁ ମରିବାର ସେ ଜାଣିନି । ତା ମଥା ର ସିନ୍ଦୁର, ନାଲି ଟିକିଲି, ହାତରେ ଶଂଖା, ପାଦରେ ପାଉଁଜି, ନାଲି ଶାଢୀ ରେ ସେ ବହୁତ୍ ସୁନ୍ଦର ଦେଖା ଯାଉଥାଏ । ଦେଖିକି ଖୁସି ଯେତିକି ଲାଗିଲା, ଦୁଖ ବି ସେତିକି ଲାଗିଲା, ଆଉ କିଛି ଦିନ ପରେ ଏସବୁ କିଛି ନଥିବ । ତା ଜୀବନ ର ନର୍କ ଯନ୍ତ୍ରଣା ଆରମ୍ଭ ହୋଇଯିବ । ଗୋଟେ ସ୍ୱାମୀ ତା ଜୀବନରେ କେବେବି ସ୍ତ୍ରୀ ର ବିଧବା ରୁପ ଦେଖି ପାରେନି । ଏସବୁ କଥା ମନେ ପଡିଲା ବେଳେ ଛାତି କୋରି ହୋଇ ଯାଉଥାଏ । ମୁଁ ନୂଆ ନୂଆ ବାହା ହେଇଛି । ବାହାଘର ର ବର୍ଷେ ବି ପୁରିନି । ମୁଁ କ'ଣ ଭାବିଥିଲି ଯେ ମୁଁ ଏତେ ଶୀଘ୍ର ମରିଯିବି ବୋଲି? ହନିମୁନ୍ ର ସିନ୍ ସବୁ ଆଖି ଆଗରେ ଭାସି ବୁଲୁଥାଏ । ସକାଳ ର ମର୍ନିଙ୍ଗ କିସ, ରାତିର

ନାଇଟ୍ କସ, ପ୍ରେମ ଭର୍ କଥା, ହସ ଖୁସି, ରୋମାନଟିକ୍ ଦିନ ସବୁ ମନେ ପଡି ଯାଉଥାଏ। ଭଗବାନଙ୍କୁ ମନ ଇଛା ଗାଳ ଦେଲି । ଯଦି ଏତେ ଶୀଘ୍ର ମାରିବାର ଥିଲା ଏତେ ସୁନ୍ଦର ଦିନ ସବୁ କଣ ପାଇଁ ଦେଖାଉ ଥିଲ ? ମୋତେ ଆହୁରି ବଞ୍ଚିବାକୁ ଇଚ୍ଛା ଥିଲା । କାହାକୁ ବା ଏସବୁ ଜିନଷ ଛାଡିକ ମରିବାକୁ ଇଚ୍ଛା ହବ ? ମୁଁ ମୋ ସ୍ତ୍ରୀ ର ସୁନ୍ଦର ମୁହଁ କୁ ଦେଖୁ ଥାଏ । ତା ନଦୁଆ ମୁହଁ, ପାଟିରୁ ନାଳ ବାହାରି ତକଆ ରେ ଲାଗି ଥାଏ । ତା ପାଖକୁ ଟିକେ ଲାଗିଗଲି । ଗାଲକୁ ଟିକେ ଆଉଁସି ଦେଲି । ସେ କଛି ଜାଣିପାରୁ ନ ଥାଏ । ମନ ଦୁଃଖ ରେ ବାହାରକୁ ଆସିଲି । ଆସିଲା ବେଳେ ଗୋଟେ ଗିଫଟ୍ ଖଟ ତଳେ ଦେଖିକ ଅଟକ ଗଲି । ପାଖକୁ ଯାଇ ଦେଖିଲି ଗିଫଟ୍ ଉପରେ ଲେଖା ହୋଇଛି "ହାପି ବାର୍ଥ ଡେ, ମାଇଁ ଡ଼ିଅର ହବି" । ମନେ ପଡିଲା ଆଜି ମୋର ଜନ୍ମ ଦିନ । ଥାକ ପାଖକୁ ଗଲି । ଥାକ ରେ କେକ୍ ର ଅଡର୍ ରିସିପଟ୍ ଦେଖି ଜାଣିଲି, ମୋ ପାଇଁ କେକ୍ ଅଡର୍ ଦିଆ ସରିଚ । ଆହୁରି ଦୁଖ ଲାଗିଲା । ବାହାରକୁ ପଳେଇ ଆସିଲି । ରାତି ତଥାପି ପାହି ନଥାଏ । ପୁର୍ବ ଆକାଶ ରେ ସିନ୍ଦୁର୍ ଫାଟି ଆସୁଥାଏ । ମୁଁ ମୋ ସ୍ତ୍ରୀ କଥା ଭାବୁଥାଏ । ସକାଳୁ ଉଠିକ ସମସ୍ତେ ଜାଣିବେ ମୁଁ ମରି ଯାଇଛି । ମୋ ସ୍ତ୍ରୀ ତା ବେହୋସ୍ ହେଇ ଯିବ । କେତେ ଭଲ ପାଏ ସେ ମୋତେ । ସେ କ'ଣ ସହି ପାରିବ ମୋ ମରଣ ର ଦୁଃଖ କୁ ? ସକାଳୁ ଉଠି ମା, ବାପା, ଭାଇ, ନାନୀ ସମସ୍ତେ ଘରକୁ ଆସି କ କାନ୍ଦିବେ । ମା, ବାପା କ'ଣ ସହି ପାରିବେ ? ଶାଶୁ ଶ୍ୱଶୁର ତ ତାଙ୍କ ଝିଅକୁ ତାଙ୍କ ଘରକୁ ନେଇ ଯିବେ, ପୁଣି ଥରେ ବାହା କରେଇବା ପାଇଁ ଲାଗି ପଡିବେ । ମୋ ସ୍ତ୍ରୀ କ'ଣ ପୁଣି ଥରେ ବାହା ହବା ପାଇଁ ରାଜି ହୋଇଯିବ? ସେ କଣ ଭୁଲିଯିବ ମୋ ସହ ବିତେଇ ଥିବା ଦିନ ଗୁଡିକ ? ହଁ, ମଣିଷ ଆଜି ମଲେ କାଲି କ ଦି ଦିନ, କଏ କଆଁ କାହାକୁ ମନେ ରଖିବ? ସକାଳ ହୋଇ ଗଲା । ସମସ୍ତେ ଡକା ହକା ହେଇ ଆସି ମୋ ଘରେ କାନ୍ଦୁ ଥାନ୍ତି । କେହି କେହି ଆହା ଚୁ ଚୁ କରୁଥାନ୍ତି । କେହି କେହି ବୁଢୀ ସ୍ତ୍ରୀ ଲୋକ ମୋ ସ୍ତ୍ରୀ ର ଭାଗ୍ୟ କୁ ନନ୍ଦୁ ଥାନ୍ତି । ତାକୁ ଗାଳ ଦେଉଥାନ୍ତି । ମାଲଭାଇ ଆସିଲେ। କୋକେଇ ରେ ମୋତେ ଲଦି "ରାମ୍ ନାମ୍ ସତ୍ୟ ହେ " କହି ମୋତେ ଶ୍ମଶାନ କୁ ନେଇ କ ଗଲେ ଓ ବାକ କାମ ସବୁ ସାରିଲା ପରେ ମୋ ଦେହରେ ନଆଁ ଲଗେଇ ଦେଲେ । ମୋ ହାତ ପାଖରୁ ଜୋର୍ ରେ ନଆଁ ଉଠିଲା ଆଉ ମୋ ହାତ ର ବିଶି ଆଙ୍ଗୁଠି ପୋଡି ଗଲା ପରି

ଲାଗିଲା । ମୁଁ ହଠାତ୍ ଉଠି ପଡିଲି । ଉଠି ଦେଖିଲି ମୋ ହାତ ର ବିଶି ଆଙ୍ଗୁଠି ଗ୍ଲା କପ୍ ରେ ଅଛି ଆଉ ମୋ ସ୍ତ୍ରୀ ହସୁଛି । ସେ ପ୍ରେମରେ ଗୋଟେ ମର୍ନିଙ୍ଗ କିସ୍ ଦେଇ ଉଠେଇଲା, ମୁଁ ନ ଉଠିବାରୁ ମୋ ହାତକୁ ଗ୍ଲା କପ୍ ରେ ବୁଡେଇ ଦେଲା । ଉଠି ଦେଖିଲି ମୁଁ ବଞ୍ଚିଛି । ଖୁସି ଲାଗିଲା । ବେଶୀ ଖୁସି ଲାଗିଲା ମୁଁ ମରିନ ବୋଲି । ସ୍ତ୍ରୀ କୁ କୋଳକୁ ଟାଣି ନେଲି ଆଉ ତା ସକାଳ କସ ର ଉତ୍ତର ଫେରେଇବାକୁ ପ୍ରୟାସ କଲି । ଆଜି ମୋ ଜନ୍ମ ଦିନ ବି ଥିଲା । ଖଟ ତଳେ ଥିବା ଗିଫଟ୍ ଟା ମୋ ଆଗରେ ରଖା ହୋଇଥିଲା ।

- - - - - - - x- - - - - -

ମୁଁ ହିତେଶ୍ ପ୍ରଧାନ । ବୟଷ ୪୦ ବର୍ଷ । ମୁଁ ମରିଗଲି । ମୋ ଆତ୍ମା, ଶରୀର ରୁ ବାହାରିଗଲା ପରେ ମୁଁ ଏ ରୁମ୍ ରୁ ସେ ରୁମ୍ କୁ ଉଡି ବୁଲିଲି । ମୋ ପାଖରେ ମୋ ସ୍ତ୍ରୀ ଅଚନ୍ତା ରେ ଶୋଇ ଥାଏ । ଆର ରୁମ୍ ରେ ମୋ ୮ ବର୍ଷ ର ପୁଅ ଆଉ ୬ ବର୍ଷ ର ଝିଅ ଶୋଇ ଥାନ୍ତି । ମୁଁ ଉଡି ଉଡି ସେମାନଙ୍କ ପାଖକୁ ଗଲି । ପୁଅ ନିଦରେ ଶୋଇ ଥାଏ, ଝିଅ ବୋଧେ କଣ ଗୋଟେ ସ୍ୱପ୍ନ ଦେଖି କି ହସୁଥାଏ । ଦି ଜଣଙ୍କ ମୁଣ୍ଡକୁ ଆଉଁସି ଦେଲି ଆଉ ଭାବିବାକୁ ଲାଗିଲି ଏବେ ଏ ଦି ଜଣଙ୍କ ଭବିଷ୍ୟତ କ'ଣ? କ'ଣ କରିବ ମୋ ସ୍ତ୍ରୀ ? ମୋର ତ ସରକାରୀ ଚାକରୀ । ଗୋଟେ ସରକାରୀ ଅଫିସ୍ ରେ ହେଡ୍ କ୍ଲର୍କ୍ । ଦରମା ମାସର ୧୫ ତାରିଖ ରୁ ଶେଷ । ମୋ ପିଲାଙ୍କ ପାଇଁ ମୁଁ କିଛି ବି କରି ପାରିନ । କ'ଣ ଖାଇବେ ସେମାନେ ? କେମିତି ଚଳବେ? ଯେଉଁଠି ଦରମା ରେ ଘର ଚଳେଇ ହେଉନ ସେଠି ପେନସନ୍ ରେ କେମିତି ଘର ଚଳବ? ଆଉ କିଛିଦିନ ହେଲେ ବଞ୍ଚିଥାନ୍ତି ? କମ୍ ସେ କମ୍ ପିଲା ଦି ଟା କୁ ମଣିଷ କରି ସାରିବା ଯାଏ । ଭାବି ଭାବି ମୁଣ୍ଡ ବିନ୍ଧିଲା, ବାହାରକୁ ପଳେଇ ଆସିଲି ଆଉ ଭାବିବାକୁ ଲାଗିଲି ମୋ ବିଷୟରେ । ମୋର ଗୁଂଠେ ବୋଲି ଜମି ନାହିଁ । ଗାଁ ରେ ଘର ଡିହ ଟି ଯାହା ପଡିଚ । ସେଠି ବି ଏବେ ଭୁତ ରହୁଛନ୍ତି । ବାପା, ମାଙ୍କର ମୁଁ ଗୋଟିଏ ବୋଲି ପୁଅ ; ନାନୀ ର ବାହାଘର କେବେଠୁ ସରିଛି । ବାପା ପର ଜମି ରେ ଚାଷ କରି ମୋତେ ପାଠ ପଢେଇଲେ । ମୋ ମୁଣ୍ଡକୁ ହାତ ପାଇଲା ବେଳକୁ ବାପା ମା ଦୁହେଁ ଡକା ହକା ହୋଇ ଆର ପାରିକୁ ଚାଲିଗଲେ । ଦିନେ ଜମିରେ କାମ କଲା ବେଳେ ବଜ୍ରପାତ ରେ

ବାପା ଗ୍ଲଲିଗଲେ, ତାଙ୍କୁ ଝୁରି ଝୁରି ମା ବି ମାସ ଦିଟା ରେ ଗ୍ଲଲିଗଲା । ସେମାନେ ଅବଶ୍ୟ ଯିବା ପୁର୍ବରୁ ମୋତେ ହାତ କୁ ଦି ହାତ କରି ସାରିଥିଲେ । ପାଠ ପଢି ସରକାରୀ ଗ୍ଲକରୀ କରିଥିଲି, ଆଉ ଟାଉନ୍ ରେ ରହୁଥିଲି । ଟାଉନ୍ ଘରେ ଶାଶୁ ଶ୍ୱଶୁରଙ୍କ ଝିନ୍ ଝଟ୍ ନାହିଁ ବୋଲି ମୋ ଶ୍ୱଶୁର ତାଙ୍କ ଝିଅ କୁ ଖୁସି ଖୁସି ବିଦା କଲେ । ମୋର କଛି ଡିମାଣ୍ଡ ନଥିଲା । କେବଳ ଜଣେ ସାଥୀ ଦରକାର ଥିଲା । ମୁଁ ବି ଖୁସି ଥିଲି । କଛି ଦିନ ଆମର ହସ ଖୁସି ରେ ଗ୍ଲଲିଗଲା । ତାପରେ ପିଣ୍ଟୁ ଆଉ ମୁନ ଆମ ଜୀବନରେ ଆସିଲେ ¡ ପଇସା ର ଦରକାର ବଢିଲା । ଦରମା ମାସ ଶେଷ କୁ ନଅଣ୍ଟ । ଯାହା ବି ହଉ କଷ୍ଟେ ମଷ୍ଟେ ଜୀବନ ଗଡି ଗ୍ଲଲିଥିଲା । ପିଲା ଦୁହେଁ ସ୍କୁଲ୍ ଯାଉଛନ୍ତି । ଏତିକ ବେଳେ ମୋର ମରିବାର ଥିଲା? ଭଗବାନ୍ ଆଉ କଛି ବର୍ଷ ମୋତେ ଆୟୁଷ ଦେଇ ପାରିଲେନ? ଯମ କୁ ଏତିକ ବେଳେ ଆସିବାକୁ ଥିଲା ? ଭାବି ଭାବି ପୁଣି ଘର ଭିତରକୁ ଆସିଲି । ମୋ ସ୍ତ୍ରୀ କାନ୍ଦି କାଟି ଘର ଉଛୁଳାଉ ଥାଏ। ପିଲା ଦିହେଁ କଛି ନବୁଝି ମା ର କାନ୍ଦ ଦେଖି କାନ୍ଦୁଥାନ୍ତି । ଟାଉନ୍ ରେ ବି କଛି ସାହି ଭାଇ ଆସି ସାରିଥାନ୍ତି । ଡାକ୍ତର ଆସି ମୋ ନାଡି ଦେଖି ମୁଁ ମରି ଯାଇଛି ବୋଲି ଜଣେଇ ଦେଲେ । ମୋ ସ୍ତ୍ରୀ ର ଆଖିରୁ ଧାର ଧାର ଲୁହ ବୋହୁ ଥାଏ ଆଉ ସବୁ ଲୁହ ମୋ ମୁହଁ ରେ ପଡୁଥାଏ। ଉଠି ଦେଖିଲି ମୋ ଝିଅ ମୋ ଉପରେ ପାଣି ପକଉଛି । ସେ ମୋତେ ଡାକଲା, ମୁଁ ନ ଉଠିବାରୁ, ମୋ ଉପରେ ପାଣି ପକେଇଲା । ଏଇଟା ସେ ମୋ ଠୁ ଶିଖିଛି । ମୁଁ ସକାଳୁ ତା ସହ ଏମିତି କରେ । ମୁଁ ଉଠିଲି । ମୋ ଝିଅ କୁ ମୋ ପାଖକୁ ଟାଣି ଆଣି ତାକୁ ଗେଲ କଲି । ମୁଁ ଖୁସି ଥିଲି ଯେ ମୁଁ ମରିନ, ବଞ୍ଚିଛି ।

- - - - - - - x- - - - - -

ମୁଁ ହିତେଶ୍ ପ୍ରଧାନ । ବୟଷ ୫୦ ବର୍ଷ । ମୁଁ ମରିଗଲି । ସକାଳ ହେବାକୁ କଛି ସମୟ ବାକ ଥାଏ । ବାହାରକୁ ଆସିଲି ¡ ମୋ ବଗିଗ୍ଲ ରୁ କଏ ଗୋଟେ ଫୁଲ ଛିଡାଉ ଥାଏ, ତାକୁ ପାଟି କରି ଗାଳ ଦେଲି । ସେ କଛି ଶୁଣି ପାରୁ ନ ଥାଏ । ତା ପାଖକୁ ଗଲି । ସେ ନଷ୍ଚିନ୍ତ ହୋଇ ଫୁଲ ତୋଳୁଥାଏ । ତାକୁ ଧମକେଇଲି । ସେ ଶୁଣିଲାନ । ଗ୍ସଗରେ ଘରକୁ ଆସିଲି । ଗୋଟେ ବାଡି ଧରି ବାହାରକୁ ଗଲି । ସେ ପଳେଇଥାଏ । ତାପରେ ମର୍ନିଙ୍ଗ ଓ୍ୱାକ ରେ

ବାହାରିଲି । ମୋତେ କେହି ଦେଖି ପାରୁ ନଥାନ୍ତି ଆଉ ମୋ କଥା ବି କେହି ଶୁଣି ପାରୁ ନଥାନ୍ତି । ମୋ ସାଙ୍ଗ ମାନଙ୍କ ସହ ଗୁଲି ଗୁଲି ଚା ଦୋକାନ୍ କୁ ଗଲି । ସେମାନେ ସବୁ ମୋ ବିଷୟ ରେ କଥା ହେଉଥିଲେ ।  ମୋତେ ମଜା ଲାଗୁଥାଏ । ମୁଁ ସେମାନଙ୍କ କଥା ସବୁ ଶୁଣୁଥାଏ । ସମସ୍ତେ ଚା ପିଇଲେ ଆଉ ଖବର୍ କାଗଜ ଗୋଟେ ଗୋଟେ ଧରି ଘରକୁ ଫେରିଲେ । ମୁଁ ବି ଘରକୁ ଆସିଲି । ଆସି ଦେଖିଲି ଘରେ କାନ୍ଦ ବୋବାଳ ପଡିଛି । ପୁଅ ଗୋଟେ କଣରେ ମୁହଁ ଶୁଖେଇ ଠିଆ ହୋଇଛି । ଝିଅ ତା ମା କୁ କୁଣ୍ଢେଇ କାନ୍ଦୁଛି । ମୋତେ ବି ଦୁଃଖ ଲାଗିଲା ଦି ଟା କାରଣ ପାଇଁ. (୧) ମୋ ପିଲାଙ୍କ ଭବିଷ୍ୟତ ଆଉ (୨) କିଛି ସମୟ ପୁର୍ବରୁ ମୁଁ ଖୁସି ଥିଲି ବୋଲି । ପ୍ରଥମେ ମୁଁ ଛୋଟ ଦୁଃଖ କଥା ଭାବିଲି ଯେ କିଛି ସମୟ ପୁର୍ବରୁ ମୁଁ ଖୁସି ଥିଲି । ମୋତେ ଜଞ୍ଜାଳ ଭିତରୁ ମୁକ୍ତି ମିଳି ଯାଇଛି । କିଛି ସମୟ ପୁର୍ବରୁ ମୋର କିଛି ବି ଟେନସନ ନଥିଲା । ମୁଁ ଖୁସି ରେ ବୁଲି ବାକୁ ଯାଇଥିଲି । ତା ପରେ ମୁଁ ପିଲାଙ୍କ ଭବିଷ୍ୟତ କଥା ଭାବିଲି । ମୋ ପୁଅ ଏବେ ଇଞ୍ଜିନଅରିଂ ପଢୁଛି ଆଉ ଝିଅ ର +୨ । ଏବେ ସେମାନେ କ'ଣ କରିବେ? ପୁଅର କଲେଜ୍ ଫିସ୍ ଏବେ ଦେବାର ଥିଲା । ସେ ତ ଏବେ ଫାଷ୍ଟ ଇଅର୍ ରେ ପଢୁଛି । ଆଉ ଟିକେ ହେଲେ ବଡ ହୋଇ ଯାଇଥାନ୍ତା ? ତା'ର ପଢା ହେଲେ ସରି ଯାଇଥାନ୍ତା ? ଏବେ ତ ସେ କିଛି ବି କରି ପାରିବ ନାହିଁ । ଭାଗବାନଙ୍କର କଣ ଟିକେ ବି ଦୟା ହେଲା ନାହିଁ ? ସେ କଣ ଜାଣିପାରୁ ନାହାନ୍ତି ଯେ ମୋ ସଂସାର ଭାସି ଯିବ ବୋଲି ? ଝିଅ ଟା ବି ଭଲ ପଢୁଛି । ମୋର କେତେ ସ୍ୱପ୍ନ ଥିଲା ତାକୁ ଡାକ୍ତର କରିବି ? ସବୁ ସ୍ୱପ୍ନ ମିଳେଇ ଗଲା । ଏବେ ପଇସା କୁଆଡୁ ଆସିବ ସେମାନେ ପଢିବା ପାଇଁ ? ମୁଁ ତ ଆଉ କୋଟିପତି ନଥିଲି ? ଯାହା ଆସୁଥିଲା କଷ୍ଟେ ମଷ୍ଟେ ସଂସାର ଚଳେଇ ପିଲା ଦି ଟା ଙ୍କୁ ପଢେଇଲି । କେବେ ତ କାହାକୁ ବି ଠକିନ । ସରକାରୀ ଚାକରୀ କରି କ ବି କେବେ ଲାଞ୍ଚ ନେଇନ । ତେବେ ମୋ ଉପରେ ଏତେ ଦୁଖ କଣ ପାଇଁ ଦେଲ ପ୍ରଭୁ ? ମୋ ଛୁଆ ଦି ଟା ତାଙ୍କ ଗୋଡ ରେ ଛିଡା ହବା ଯାଏ ହେଲେ ବଞ୍ଚିଥାନ୍ତି ? ହେ ଭଗବାନ୍ ତୁମକୁ ଭଗବାନ୍ ବି ସହିବେ ନାହିଁ । ମୋ ଆଖି ରେ ଲୁହ ଆସିଗଲା । ମୁଁ ଭେଁ ଭେଁ ରଡି  କରି କାନ୍ଦିଲି । ହଠାତ୍ ଭଗବାନ୍ ମୋ ଆଗରେ ଠିଆ ହେଲେ ଆଉ ମୋ ମୁଣ୍ଡକୁ

ଆଉଁସି ଦେଲେ । ମୁଁ ଉଠି ଦେଖିଲି ମୋ ଶ୍ରୀମତୀ ମୋ ମୁଣ୍ଡ ରେ ହାତ ବୁଲେଇ କହୁଛନ୍ତି "କାଇଁ ସକାଳଟାରୁ ରଡି ପକଉଚ ଶୁଣେ? ବୁଢାଟେ ହେଲେଣି ସ୍ୱପ୍ନ ଦେଖା ସରୁନ । ଉଠ ଆଉ ଯାଇ କ ଖିର ନେଇ କ ଆସ, ଖିର ଆଣିଲେ ଗ୍ଛ ହବ" । ପୁଅ ଆଉ ଝିଅ ପାଖରେ ଠିଆ ହୋଇ ହସୁ ଥାନ୍ତି । ମୋତେ ଲାଜ ଲାଗିଲା । ମୁହଁ ଧୋଇବାକୁ ଗଲାବେଳେ ଭାବି ପାରୁ ନଥିଲି ଖୁସି ହେବି ନା ଦୁଃଖ କରିବି ?

- - - - - - - x- - - - - -

ମୁଁ ହିତେଶ୍ ପ୍ରଧାନ । ବୟଷ ୬୦ ବର୍ଷ । ମୁଁ ମରିଗଲି । ମାସେ ହେଲା ରିଟାର୍ଡ଼ କରିଥିଲି । ଏ ମାସେ ହେଲା ଦିନ ସବୁ ରହିଗଲା ପରି ମନେ ହେଉଥିଲେ । କାମ କଛି ନଥିଲା । ଗୋଡ ହାତ ହଲେଇ ବାକୁ ଇଛା ଥିଲା । ସକାଳେ ସନ୍ଧ୍ୟାରେ ଦାଣ୍ଡ ରେ ବସି ବସି ଦିନ ଯାଉଥିଲା । ଯାହା ହଉ ଜଞ୍ଜାଳ ରୁ ରକ୍ଷା ମିଳଗଲା । ପୁଅ ତା'ର ଗ୍ଚକରୀ ଜାଗାରେ ଆଉ ଝିଅ ବର୍ଷେ ହେଲା ଶାଶୂଘରେ । ଯାହା ହଉ ପୁଅ ଝିଅ କୂଳରେ ଲାଗି ଯାଇ ଥିଲେ । ବୁଢ଼ୀ ଟା ପାଇଁ ଦୁଃଖ ଲାଗୁଥିଲା । ଏକୁଟିଆ ଟା ରହିବ କେମିତି । ଓଡିଶା ବାହାରେ ରହିବାକୁ ବୁଢ଼ୀ ର ଜମା ଇଛା ନାହିଁ । ପୁଅ ତ ବାଙ୍ଗାଲୋର ରେ । ବୁଢ଼ୀ ଯିବନ ସେଠିକୁ । ଏବେ କଣ କରିବ ବୋଲି ଭାବୁଥିଲି । ଭାବି ଭାବି ତା ପାଖକୁ ଗଲି । ସମୟ ପାହାନ୍ତା । ସେ ଆରାମରେ ଘୁଙ୍ଗୁଡ଼ି ମାରୁ ଥାଏ । ୭ ଟା ନ ବାଜିଲେ ତ ସେ ଉଠିବନ । ଜାଣି ବି ପାରିବନ ଯେ ମୁଁ ମରି ଯାଇଛି। ଯାହା ହଉ କଛି ସମୟ ପରେ ପୁଅ ଫୋନ କଲାରୁ ବୁଢ଼ୀ ଉଠିଲା । ମୋତେ ମରି ପଡିଥିବାର ଦେଖି କାନ୍ଦ ବୋବାଳ ପକେଇଲା । ସାଇ ପଡିସା ଆସି ରୁଣ୍ଡ ହେଲେ । ପୁଅ ଝିଅଙ୍କୁ ଖବର ଦିଆ ଗଲା । ଝିଅ ପହଞ୍ଚି ବହୁତ କାନ୍ଦିଲା । ଇନ୍ସୁରାନ୍ସ ବାଲା ଆସିକ ମୋ ବିଷୟରେ ଖବର ସଂଗ୍ରହ କଲେ । ମୋ ସକାଳ ବୁଲା ସାଙ୍ଗ ମାନେ ମୋତେ ଦେଖିବାକୁ ଆସିଲେ । କେତେ କଏ ଆହା, ଚୁ ଚୁ କଲେ । ଖାଲି ଦୁଃଖ ରହିଗଲା ପୁଅ ର ବାହାଘର, ସାରି ଦେଇଥିଲେ ଚନ୍ତା ଯାଇଥାନ୍ତା । ଭଗବାନ ଆଉ ଦି ଟା ବର୍ଷ ହେଲେ ଆୟୁଷ ଦେଇଥାନ୍ତେ । ସବୁ କାମ ସାରି ଆସିବାକୁ । ତେଣେ ଗାଁ ରେ ଜମିଗୁଡା ସବୁ ଭୁତ ଖାଇ ଯିବେ । ପୁଅ ତ ଗ୍ଚକରୀ ଜାଗାରୁ ଆସିକ ଯିବନ ଏସବୁ ବୁଝିବାକୁ । ଦି ଦିନ ତଳେ ଚନ୍ତା

କରିଥିଲି ସବୁ ବିକ୍ରି କରି ପୁଅ ପାଇଁ ଭୁବନେଶ୍ୱର ରେ ଘର ଖଣ୍ଡେ କଣି ଦେବି କନ୍ତୁ ସେଥିପାଇଁ ବି ସମୟ ମିଳଲାନ । ବନ୍ଧୁ ବାନ୍ଧବ ସବୁ ସଙ୍ଖୋଳବାକୁ ଆସି ସାରିଥାନ୍ତି । ମୋ ଶବ କୁ ବରଫ ରେ ରଖାଗଲା ପୁଅ ଆସିବା ଯାଏ । ମୋତେ ଶୀତ ଲାଗୁଥାଏ । ହଠାତ ମୋ ନଦ ଭାଙ୍ଗିଗଲା । ଉଠି କ ଦେଖିଲି ମୁଁ ବଞ୍ଚିଛି । ଏସି ଟା ହାଇ ଅଛି ବୋଲି ଶୀତ ହେଉଥିଲା। ଖୁସି ଲାଗିଲା । ଏଥର କନ୍ତୁ ଯାହା ବି ହେଉ ପୁଅ ବାହାଘର ସାରିବି ଆଉ ଗାଁ ଘର ଶୀଘ୍ର ବିକ୍ରି କରି ପୁଅ ପାଇଁ ଘର ଖଣ୍ଡେ କଣିବି ।

- - - - - - - x- - - - - -

ମୁଁ ହିତେଶ୍ ପ୍ରଧାନ । ବୟଷ ୭୦ ବର୍ଷ । ମୁଁ ମରିଗଲି । ସେମିତି ବି ବଞ୍ଚିବାର ସ୍ୱ ହ ନଥିଲା । ଆଣ୍ଠୁଗଣ୍ଠି ବାତ ବାହାରି ଯାଇଥିଲା । ଗ୍ଲିବୁଲି ପାରୁ ନଥିଲି । ବୋହୁ ଗର ଗର ହେଉଥିଲା । ପୁଅ ଦେଖି ନଦେଖିଲା ପରି ହେଉଥିଲା । ନାତି ଟୋକା ପାଖକୁ ଆସିଲେ ବୋହୁ ମନା କରୁଥିଲା, ଇନଫେକ୍ସନ ଲାଗିଯିବ ବୋଲି । ମରିବାଠୁ ଘୋଷରା ଅଧିକା ବାଧୁଥିଲା । ବୁଢ଼ୀ ୩ ବର୍ଷ ତଳୁ ମରି ସାରିଥିଲା । ବୁଢ଼ୀ ଥିଲା ବେଳେ ସେ ଯାହା ଟିକେ ମୋ ଖବର ବୁଝୁଥିଲା । ସେ ଗଲା ପରେ ମୋ ପାଖରେ କଥା ହେବା ପାଇଁ କେହି ଜଣେ ନଥିଲେ । ପୁଅ କୁ ମଣିଷ କରିବା ପାଇଁ ମୁଁ ଏତେ ବ୍ୟସ୍ତ ଥିଲି ଯେ ମୋର ସାଙ୍ଗ ମାନେ ମୋଠୁ କେବେ ଦୁରେଇ ଗଲେ ଜାଣି ପାରିଲିନ । ବନ୍ଧୁ ବାନ୍ଧବଙ୍କଠୁ ମୁଁ ଦୁରେଇ ଯାଇଥିଲି । ପୁଅ କୁ ପଢେଇବା ପାଇଁ ପଇସା ଦରକାର ଥିଲା । ସେମାନଙ୍କ ବାହାଘର, ଶୁଦ୍ଧଘର ର ବେଭାର ବର୍ଷ କୁ ବର୍ଷ ଅଧିକା ହେଉଥିଲା । ଏବେ ବୁଝିପାରୁଛି, ଯାହା ପାଇଁ ସବୁ କରୁଥିଲି ସେ ମୋତେ ଗୋଡ଼ରେ ଆଡେଇ ଦେଉଛି । ଘର ଜମିବାଡ଼ି ସବୁ ତା ନାଁ ରେ କରିବାକୁ ଗ୍ରହୁଁଥିଲା। ତା ନାଁ ରେ କଲା ପରେ ସେ ମୋତେ ବୃଦ୍ଧାଶ୍ରମ ରେ ଛାଡି ଦେଇଥାନ୍ତା । କରିନ ବୋଲି ପାଖରେ ରଖିଛି । କନ୍ତୁ ମୁଁ ବରଂ ବୃଦ୍ଧାଶ୍ରମ ରେ ଥିଲେ ଭଲରେ ଥାନ୍ତି । ମୁଁ ମରିବାର ୨ ଘଣ୍ଟା ହେଇ ସାରିଥିଲା । ସନ୍ଧ୍ୟା ୬ ଟା ହେଲାଣି କନ୍ତୁ ଏବେ ଯାଏ କେହି ଜାଣି ନାହାନ୍ତି ମୁଁ ମରି ଯାଇଛି ବୋଲି । ବୋହୁ ୮ଟା ରେ ଖାଇବା ନେଇ କ ଆସିବ । ସେତେବେଳେ ଦେଖିବ ମୁଁ ମରି ଯାଇଛି । ଏବେ ଗ୍ରତି ୮ଟା । ବୋହୁ ଖାଇବା ଧରିକ ଆସିଲା । ଆସି

ଦେଖିଲା ମୁଁ ମରି ଯାଇଛି । ନାଡୀ ଚେକ କଲା । ନାକ ପାଖରେ ଆଙ୍ଗୁଠି ଦେଇ ଦେଖିଲା । ଖାଇବାକୁ ଟେବୁଲ ଉପରେ ଥୋଇଦେଇ ଆଉ ଥରେ ଡାକ କ ଉଠେଇଲା । ମୁଁ କବାଟ ପାଖରେ ଠିଆ ହୋଇ ସବୁ ଦେଖୁ ଥାଏ । ଏବେ କନଫର୍ମ ହେଲା ପରେ ନାଚ ଉଠିଲା । କହିଲା," ଯାହା ହଉ, ଟେନସନ ଗଲା" । ତା ପରେ ମିଛ ମିଛ କାନ୍ଦ କାନ୍ଦ ହେଇ ପୁଅ କୁ ଡାକ ପକେଇଲା । ପୁଅ ଆସି ପୁଣି ଥରେ ନାଡୀ, ନାକ ଚେକ କଲା । ବାପା ବାପା ବୋଲି ଡାକିଲା । ସ୍ତ୍ରୀ ଆଡେ ଥରେ ଗୁହିଁଲା ଆଉ କହିଲା ଫୋନ ନମ୍ବର ସବୁ ବାହାର କର, ସମସ୍ତଙ୍କୁ ଖବର ଦେବାର ଅଛି । ବାହାରକୁ ଯାଇ, ସାଇ ପଡିଶାଙ୍କୁ ଡାକ କ ଆଣିଲା । ଭେ ଭେ କରି ରଡି ପକାଉଥାଏ । ଫୋନ ରେ ସବୁ ବନ୍ଧୁବାନ୍ଧବଙ୍କୁ ଖବର ଦେଉଥାଏ । ମୋତେ ବାହାରକୁ ଟେକ ଆଣିଲେ । ବାରଣ୍ଡା ରେ ଶୁଏଇ ଦେଲେ । ପୁଅ ଆଉ ବୋହୁ ଲୋକଙ୍କୁ ଦେଖେଇ ଦେଖେଇ କାନ୍ଦୁଥାନ୍ତି । ଫୁଲ ମାଳ ଆଉ ଧୂପ ଲଗେଇ ଦେଇଥାନ୍ତି । ଧୂପ ମୋ ଗୋଡ ପାଖରେ ଲାଗି ଥାଏ । ହଠାତ ଧୂପଦାନ ଟା ଓଲଟି ପଡିଲା । ମୋ ଗୋଡ଼ରେ ଚଆଁ ଲାଗିଗଲା । ମୁଁ ଚମକ ପଡିଲି । କନ୍ତୁ ଏଥର ମୁଁ ସତରେ ମରିଯାଇଥିଲି । ଆଉ ବଞ୍ଚିବାର ସ୍ପୃହ ହନଥିଲା । ମରି ନଥିଲି ତ ତରି ଯାଇଥିଲି । ଭଗବାନଙ୍କୁ ପ୍ରଣାମ କଲି ଆଉ ଏ ଜନ୍ମରୁ ଉଦ୍ଧାର କଲେ ବୋଲି ଧନ୍ୟବାଦ ଦେଲି ।

------x------

ଗାନ୍ଧୀନଗର, ଗୁଜରାଟ

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@ gmail. com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଭାଷାଟିଏ




ନୃସିଂହ ଚରଣ ବେହେରା

ଭାଷାଟିଏ
ଯେ କୌଣସି ଜାତିର ଅସ୍ମିତାର
ଏକମାତ୍ର ପ୍ରମୁଖ ପରିଚୟ
ଯିଏ ପ୍ରତିକ ଅଟେ କୌଣସି ଜାତିର
ଯାହାର ନାମଟି ନାମିତ ହୁଏ
ରହୁଥିବା ଭୂଖଣ୍ଡ ଆଉ
କୁହାଯାଉଥିବା ଭାଷା ଉପରେ ॥
ଭାଷାଟିଏର ଉତ୍ପତ୍ତି
କାହିଁ କାହିଁ ଆଦିମ କାଳରୁ
ଯଦି କେବେ ଲୋପ ପାଇଯାଏ
ଏହାର ଅସ୍ତିତ୍ୱ...
ସାଥିରେ ଲୋପ ପାଇଥାଏ
ଜାତି ଓ ଭୂଖଣ୍ଡର ସତ୍ତା ଓ ସ୍ୱରୂପ
ଯୁଗତ ପରିବର୍ତ୍ତନ ତାଳେ ତାଳେ
ସୃଷ୍ଟି ହୁଏ ଅନେକ ଭାଷାର
ଏହି ଧରା ପୃଷ୍ଠରେ
ଆଉ ତା ସହିତ ଉଦଭାବ ହୁଏ
ଅନେକ ଜାତିର ॥



ତନ୍ମଧ୍ୟରୁ ହଜିଗଲାଣି କେତେ
ଭାଷା ଓ ଜାତିର ଅସ୍ତିତ୍ୱ
ସମୟର ବେଗବତୀ ସ୍ରୋତରେ
କାହିଁ କେଉଁ ଯୁଗରୁ
ସବୁ ଭାଷା ମଧ୍ୟେ ସଂସ୍କୃତ
ଯାହାପାଇଁ ଭାରତ ବର୍ଷର
ଅନ୍ୟତମ ଦେବଭୂମି ॥
ହିନ୍ଦୀ ଭାଷାର ଆଦାନ ପ୍ରଦାନ ଯୋଗୁଁ
ଏହାର ଅନ୍ୟ ନାମ ହିନ୍ଦୁସ୍ଥାନ
ଦେବଭାଷା ସବୁ ଭାଷାଙ୍କର ଜନନୀ
ଯିଏ ସୃଷ୍ଟି କରିଛି ଅନେକ ଆର୍ଯ୍ୟଭାଷା
ଆଉ ଆମର ସଂସ୍କୃତିକୁ
ତେଣୁ ଭାରତୀୟ ଧର୍ମ, ଦର୍ଶନ,
ସଂସ୍କୃତି
ଜାଣିବାକୁ ଲୋଡ଼ା ଏକମାତ୍ର
ସଂସ୍କୃତି ଶିକ୍ଷାର ପରିଚୟ ଦେଇଛି
ଆମ ଦେଶକୁ ସମଗ୍ର ବିଶ୍ୱରେ
ଯାହା ଦ୍ୱାରା ଉଦଭୁଦ ଆମ ଦେଶର
ବେଦ, ଐତିହ୍ୟ ଆଉ ସଂସ୍କୃତି ॥



ଭୋଇନଗର, ଭୁବନେଶ୍ୱର

ଚଳନ୍ତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ସମ୍ପର୍କ



ନିର୍ମଳ କୁମାର ଦଳାଇ

ଆହେ ବିଶ୍ଵମହାରଣା !
ଖୋଲିଦିଅ ପେଡି
ସ୍ନେହ ପଥରରେ ଘଷି
ଧାରୁଆ କର ତୁମ କହାଣ ମୁନ,
ସମ୍ପର୍କର କୋଣାର୍କ ଦିଶୁଛି ଶ୍ରୀହୀନ;
ଠକ ଠକ କରି
ସଦ୍ଭାବରେ
ସଜାଡିଦିଅ, ଯୋଡିଦିଅ
ଦେହଠୁ ହୃଦୟ କେତେ ଯେ ଯୋଜନ ।

ଶ୍ରଦ୍ଧା ଶୁଭେଚ୍ଛା
ଚିନ୍ତା ଚେତନାକୁ ଫେଣ୍ଟି
ଲେସିଦିଅ, ଘଷିଦିଅ
ସ୍ଵାର୍ଥର ଲୁଣି ହାଓ୍ଵାରେ
ଘୁଣ ଖାଇଯାଇଥିବା ମନକୁ,
ଟାଆଁସ ହାତରେ
ଆଉଁସି ଦିଅ
ଛଡେଇ ଦିଅ
ବିବେକରେ ଲାଗିଥିବା ଛଳ ଛନ୍ଦର ଚୂନକୁ ।

ମୁଁ ମୁଁ କାର ଯଜ୍ଞରେ
ପ୍ରତିଟି ସମ୍ପର୍କ ଆହୂତ
ସୁଖ ସମ୍ପଦ ଲୁଟିବା ପାଇଁ
ଧର୍ମପଦ ମାନେ ଛଦ୍ମ ମୁଦ୍ରାରେ,
ପ୍ରେମ କରୁଣାରେ ସଜେଇ ଦିଅ ମୁଖଶାଳା
ଯୋଡିଦିଅ ମାନବିକତାର ଦଧିନଉତି
ଶିବେଇ, ଲାଙ୍ଗୁଳାମାନେ
ମୁଣ୍ଡକାଟ ଆଦେଶ ଦେଇ
ଶୋଇଛନ୍ତି ଛଳନା ନିଦ୍ରାରେ ।

ପାଇକସାହି, ବ୍ରହ୍ମଗିରି , ପୁରୀ

# ଧୂଆଁ



ଡ. ବିଜ୍ଞାନୀ ଦାସ

ଆମେରିକାର ଏ ଗ୍ରୀଷ୍ମଋତୁଟି ରବିକୁ ବେଶି ଭଲଲାଗେ । ଦିନ ବଡ ଥାଏ, ଯୁଆଡେ ବି ଯାଅ, ଘରକୁ ଫେରିଆସିବାକୁ ଅନ୍ଧାର ହୋଇଯିବାର ଚିନ୍ତା ନଥାଏ । ଡିପାର୍ଟମେଣ୍ଟରେ କାମସାରି ଆପାର୍ଟମେଣ୍ଟ ଫେରିବାବେଳକୁ ତଥାପି ଦିନ ଥାଏ । ସେଦିନ ମନ୍ଦିରରୁ ଫେରି ଘରେ ଯାହା ଥିଲା, ତାକୁ ଲଞ୍ଚରେ ଖାଇ ରବି ନିଜ ଡିପାର୍ଟମେଣ୍ଟର ଅଫିସ୍‌କୁ ଗଲା । ସେଠି ରିଜେକ୍ଟ ହୋଇଥିବା ପେପର୍‌ଟିକୁ ଆଉଥରେ ମୂଳରୁ ଶେଷଯାଏ ପଢିଲା ଓ ରିଭିଉର୍‌ମାନଙ୍କ କମେଣ୍ଟ ସବୁର ସମସ୍ତ ଶବ୍ଦକୁ ଗୋଟିଗୋଟି କରି ତନଖି ସେସବୁର ଯଥାର୍ଥତା ବିଷୟରେ ବିଶ୍ଳେଷଣ କଲା । ସେ ବିଷୟରେ ଏକାକୀ ବସି ଚିନ୍ତା କରୁକରୁ ତାକୁ ସମାଧାନର ସୂତ୍ର ମିଳିଗଲା । ଆଉ ଗୋଟିଏ ଛୋଟ ପରୀକ୍ଷଣ କରି ତାର ଫଳାଫଳ ଯୋଗ କରିଦେଲେ ପେପର୍‌ଟି ନିଶ୍ଚିତଭାବେ ଗ୍ରହଣୀୟ ହେବ । ସେ ବିଷୟରେ ଏକ୍ସ୍‌ପେରିମେଣ୍ଟରେ ସମସ୍ତ ପ୍ରଣାଳୀକୁ ତାଲିକା କରି ସେ ନିଜ ଛାତ୍ର ପାଖକୁ ଇମେଲ୍ ଦେଲା । ଯାହାହେଉ ଗୋଟିଏ ସମସ୍ୟାର ସମାଧାନ ତ ହୋଇଯିବ ।

କାମସାରି ଆପାର୍ଟମେଣ୍ଟକୁ ଫେରୁଫେରୁ ରାତି ୯ଟା । ବାହାରେ ତଥାପି ଦିନ ଥାଏ । ଆପାର୍ଟମେଣ୍ଟରେ ରହୁଥିବା କିଛି ବାସିନ୍ଦା ସେମାନଙ୍କର ଟିକିଟିକି ପିଲାମାନଙ୍କ ସହିତ ଆପାର୍ଟମେଣ୍ଟର ସାମନାରେ ଥିବା ଲନରେ ବସି ପିଲାମାନଙ୍କ ଖେଳ ଦେଖୁଥାନ୍ତି । ବୋଉ ଠିକ୍ କହୁଥିଲା । ରବି ବାହା ହୋଇଥିଲେ ଏବେ ତାର ଏମିତି ଏକ ଛୋଟପିଲା ଥାଆନ୍ତା ହୁଏତ, ଯେମିତି ତା' ସାଙ୍ଗ ସୁଶାନ୍ତର ଗୋଟିଏ ନୁହେଁ, ଦୁଇଟି ସନ୍ତାନ ହେଲେଣି । ସନ୍ତାନ କଥା ମନେ ପଡିଲାରୁ ତାର ସୁରବାବୁଙ୍କ ଝିଅର ମଞ୍ଜୁ ପ୍ରବେଶ କଥା ମନକୁ ଆସିଲା । ଲିଣ୍ଡାକୁ ଏ ଖବର ଜଣେଇଦେବାର ଅଛି । ସାଙ୍ଗେସାଙ୍ଗେ ଫୋନ୍ ଲଗେଇଲା ରବି । ଲିଣ୍ଡା ଧରିଲା ।

"ହାଲୋ ଲିଣ୍ଡା, ଗୋଟିଏ ବଢିଆ ଖବର ଅଛି ।"

"ଆଚ୍ଛା କୁହ, କଣ ସେ ଖବର ।"

"ଆମ ଓଡିଆ ପରିବାରର ଜଣଙ୍କର ଡ୍ୟାନ୍ସ୍ ଗ୍ରାଜୁଏସନ୍ ଅଛି ଏଇ ଜୁନ୍ ୨୫ ତାରିଖ ଶନିବାର ଦିନ । ସେମାନେ ମତେ ନିମନ୍ତ୍ରଣ କରିଛନ୍ତି ଓ ତମକୁ ବି ନିମନ୍ତ୍ରଣ କରିଛନ୍ତି ।”

"ହେଲେ ମତେ ସେମାନେ ଜାଣିଲେ କେମିତି ?"

"ମୁଁ ତମର ନାଚ ବିଷୟରେ ଆଗ୍ରହ ଅଛି କହିବାରୁ ସିଏ ତମକୁ ବି ନିମନ୍ତ୍ରଣ କଲେ ।"

"ସୋ ନାଇସ୍ । ତମକୁ ଧନ୍ୟବାଦ ରବି । ମୁଁ ନିଶ୍ଚୟ ଯିବି । ଆଚ୍ଛା କୁହତ କେଉଁଠି ଓ କେତେବେଳେ ।"

"ହାଇପଏଣ୍ଟ ହାଇସ୍କୁଲ୍ ବେଲ୍ଟସ୍ଭିଲ, ୩ଟା ବେଳେ ।"

"ସେଇଟା ତ ଜମା ୧୫-୨୦ ମିନିଟ୍ ଡ୍ରାଇଭ୍ । ମୁଁ ମୋ କ୍ୟାଲେଣ୍ଡରରେ ନୋଟ୍ କରିଦେବି ।"

ରବି ଖୁସିହେଲା ।

ଶନିବାର ଦିନ ସେମାନେ ସାଙ୍ଗ ହୋଇ ମଞ୍ଚପ୍ରବେଶ ଦେଖିବାକୁ ଗଲେ । ରବି ଆଶ୍ଚର୍ଯ୍ୟ ହେଲା ଯେ ସେଠି ଲିଣ୍ଡା ସଂପୂର୍ଣ୍ଣ ଅଜଣା ନଥିଲା । ତାର କେତେଜଣ ସହପାଠିନୀ, ସହକର୍ମୀ ଓ ଛାତ୍ରଛାତ୍ରୀଙ୍କୁ ସିଏ ସେଠି ଭେଟିଲା । ସେମାନଙ୍କ ସହିତ ବେଶ୍ ଗପ ଜମେଇଦେଲା । ଲିଣ୍ଡାର ସାଙ୍ଗ ଜଣେ ମନ୍ତବ୍ୟଦେଲା, “ରବି କଣ ତୋର ବୟଫ୍ରେଣ୍ଡ ?'

ଲିଣ୍ଡାର ଉତ୍ତରଥିଲା – “ନା, ନା, ଆମେ ଦୁଇଜଣ ସହକର୍ମୀ । ମୋର ଭାରତୀୟ ନୃତ୍ୟ ପ୍ରତି ଆଗ୍ରହ ଜାଣି ସିଏ ମତେ ତାଙ୍କ ସହିତ ଆସିବାକୁ ନିମନ୍ତ୍ରଣ କଲେ ।"

ସେଦିନ ମଞ୍ଚପ୍ରବେଶରୁ ଫେରିବା ବାଟରେ ଗାଡିରେ ସେମାନେ ସେଇକଥା କଥାବାର୍ତ୍ତା ହୋଇ ହସିଲେ । ଲିଣ୍ଡା କହିଲା, "ଜାଣିଲ ରବି, କଲେଜରେ ମୋର ଜଣେ ବୟଫ୍ରେଣ୍ଡ । ହେଲେ ସିଏ ମୋ ସହିତ ପ୍ରତାରଣା କଲା । ସେବେଠାରୁ ମୁଁ ନିଷ୍ପତ୍ତି ନେଲି ଯେ

ଆଉ ଜୀବନରେ ଏତେଟା ଭାବାତ୍ମକ ସଂପର୍କ କା' ସହିତ ରଖିବିନି । ମୁଁ ସେତେବେଳେ ଏମିତି କାରୁଣିକ ମନସ୍ତତ୍ତ୍ୱ ଦେଇ ଗତିକରୁଥିଲି ଯେ ତମେ ବିଶ୍ୱାସ କରିପାରିବନି । ସେ କଥା ଭାବିଲେ ଏବେ ବି ଭୟଲାଗେ ।"

ରବି - "ସେଇଟା ଅପରିପକ୍ୱ ବୟସର ଅଭିଜ୍ଞତା । ଏବେତ ତମେ ବହୁତ ଅଭିଜ୍ଞ ହେଲଣି । ନିଶ୍ଚୟ ଭାବିଚନ୍ତି ସାଥୀ ଠିକ୍ କରିବ ।"

ଲିଣ୍ଡା -"ହଁ ଯେ, ହେଲେ ଦେଖ ତ ସମୟ କୋଉଠି ମିଳୁଛି । ଚାକିରିରେ ଟିକିଏ ରହିବା ପାଇଁ ସବୁବେଳେ କାମ; ସେଠି ସଂପର୍କ ଗଢିବାପାଇଁ ସମୟ କାହିଁ ? ଦେଖୁନ ତମ ନିଜକୁ । ସବୁବେଳେ ବ୍ୟସ୍ତ, ବ୍ୟସ୍ତ, ବ୍ୟସ୍ତ ।

ରବି - "ଠିକ୍ କହିଲ ଲିଣ୍ଡା । ସଂପର୍କ ଗଢିବାକୁ ସମୟ ଦରକାର ।"

ଘରକୁ ଫେରିବାପରେ ରବି ସେଇକଥା ଭାବିଲା । ପ୍ରକୃତରେ ପଦ୍ମା ସହିତ ସଂପର୍କ ଏମିତି ଭାଙ୍ଗିଗଲା ଯେ, ଜୀବନକୁ ପୁଣି ଗଢିବାର ସ୍ପୃହା ହିଁ ତାର ମରିଯାଇଛି । ପଦ୍ମା କଣ ରବି ସହିତ ପ୍ରତାରଣା କଲା ନା ରବି ପଦ୍ମା ସହିତ ପ୍ରତାରଣା କଲା ? କାରଣ ରବି ତ ପଦ୍ମା ସହିତ ସଂପର୍କ ନିଜ ପରିବାରରେ ଜଣେଇବାକୁ ସାହସ କରିପାରିଲାନି । ତାର ମାନେ ହେଲା ଯେ ରବି ସେ ସଂପର୍କଟିର ଯଥାର୍ଥ ମୂଲ୍ୟାଙ୍କନ କରିନଥିଲା । ସେଇଟା କଣ ତାର ଭୁଲ୍‌ନୁହେଁ ?

ତା ପରଦିନ ଆଉ ଗୋଟିଏ ବିଶେଷ ଘଟଣା ଘଟିଲା । ସୁରବାବୁ ସକାଳେ ଧନ୍ୟବାଦ ଜଣେଇବାକୁ ଫୋନ୍ କରିଥିଲେ । ସେତିକିବେଳେ ଜଣେଇଲେ ଯେ କେତେକ ଓଡିଆ ପରିବାର ସେମାନଙ୍କ ଝିଅମାନଙ୍କ ସହିତ ରବିର ବିବାହ ପ୍ରସ୍ତାବ ଆଣିଥିଲେ । ସୁରବାବୁଙ୍କ ସହିତ କଥାବାର୍ତ୍ତା ସରିବାପରେ ରବି ସେ ବିଷୟରେ ବହୁତ ଭାବିଲା । ସୁରବାବୁ ଦେଇଥିବା ଚାରିଟି ପ୍ରସ୍ତାବର ଝିଅମାନେ ସବୁ ଭଲ । ରବି ସେମାନଙ୍କୁ ନ ଜାଣିଥିଲେ ବି ଗୁଗୁଲ୍ ସର୍ଚ୍ଚ କରି ଯାହା ଦେଖିଲା, ସେମାନେ ସବୁ ଉଚ୍ଚଶିକ୍ଷିତା । ତାଙ୍କ ଭିତରୁ ଦୁଇଜଣ ମେଡିକାଲ୍ ପାସ୍ କରି ରେସିଡେନ୍‌ସୀ କରୁଛନ୍ତି । ଜଣେ ସଫ୍‌ଟ୍‌ଓୟାର୍ ଇଞ୍ଜିନଅର୍ । ଆଉ ଜଣେ ପି.ଏଚ୍.ଡୋ ସାରି ଏକ ହାଇସ୍କୁଲ୍‌ର ଆଧ୍ୟାପିକା । ସେମାନେ ସବୁ

ଆମେରିକାରେ ଜନ୍ମ ଓ ଆମେରିକାର ସଂସ୍କୃତି ରେ ବଢ଼ିଛନ୍ତି। ସେମିତି ଦେଖିଲେ ରବିକୁ ତ ଜଣେ ଜୀବନସାଥୀ ବାଛିବାକୁ ପଡିବ । ନହେଲେ ଜୀବନ ଏମିତି ଏକାଏକା କଟିଯିବ । ତଥାପି ଏ ଦେଶରେ ବଢ଼ିଥିବା ଝିଅମାନଙ୍କ ସହିତ ସଂପର୍କ ସ୍ଥାପନ କରିବାକୁ କେମିତି ଭୟଲାଗେ । ସେମାନେ ସ୍ୱାଧୀନଚେତା ଓ ସ୍ପଷ୍ଟବାଦୀ । ଖାପଖୁଆଇ ଚଳେଇନେବାର ଅଭ୍ୟାସ ସେମାନଙ୍କର ନାହିଁ । ଯଦିଓ ସେସବୁ ଭଲଗୁଣ, ତେବେବି ସେ ଭଲଗୁଣ ବେଳେବେଳେ ସଂସାର ଗଢ଼ିବାରେ ପ୍ରତିବନ୍ଧକ ହୁଏ । ସେଥିପାଇଁ ଏ ଦେଶରେ ଏତେ ଛାଡପତ୍ର ।

"ଛାଡ, ଏ କଣ ମୁଁ ଭାବୁଛି । ମୋର ପଦ୍ମା ପ୍ରତି ଭଲପାଇବା ଯେ ଅତୁଟ । ସେ ଭଲପାଇବା ଥାଉଥାଉ ମୁଁ ଆଉ ଏକ ଝିଅ ସହିତ ସଂସାର ଗଢ଼ିପାରିବି କ ? ନା, ସେସବୁ ଭାବିବା ମୋର ଅନୁଚିତ ।"

ବେଜିଂରେ ହେବାକୁ ଥିବା କନ୍‌ଫରେନ୍‌ସ୍ ଦିନ ପାଖେଇ ଆସୁଥିଲା । ସେଥିପାଇଁ କେତେଟା ଏକ୍ସେପରିମେଣ୍ଟ କରି ଡାଟା ସଂଗ୍ରହ କରିବାର ଥିଲା । ପି.ଏଚ୍.ଡି. ଷ୍ଟୁଡେଣ୍ଟ ସେ କାମ କରିଲେ ବି ରବିକୁ ସେସବୁର ତଦାରଖ କରିବାକୁ ପଡିବ । ରବି ତେଣୁ ବେଜିଂ କନ୍‌ଫରେନ୍‌ସ୍ ପାଇଁ ପ୍ରସ୍ତୁତି କରିବାରେ ଲାଗିଲା ।

ରବି ଜୁଲାଇ ୧୦ ତାରିଖ ଦିନ ଆସି ବେଜିଂରେ ପହଞ୍ଚିଲା । କନ୍‌ଫରେନ୍‌ସ୍ ଜୁଲାଇ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ହେବାର ଥିଲା । ସେଠି ଚାଇନା ନେସ୍‌ନାଲ୍ କନେ୍ଭନ୍‌ସନ୍ ସେଣ୍ଟର୍ ( ସି.ଏନ୍.ସି.ସି) ହୋଟେଲରେ ରବିର ରୁମ୍ ବୁକ୍ଂ ହୋଇଥିଲା । ସେଇ ହୋଟେଲ୍‌ର କନ୍‌ଫରେନ୍‌ସ୍ ସେଣ୍ଟରରେ ହିଁ ସବୁ ପ୍ରୋଗ୍ରାମ୍ ହେବାର ଥିଲା । ରବି ଏୟାର୍‌ପୋର୍ଟରୁ ଯାଇ ହୋଟେଲରେ ପହଞ୍ଚିବା ବେଳକୁ ସେଠିକା ସମୟରେ ଦିନ ତିନଟା । ହୋଟେଲରେ ପହଞ୍ଚି ସିଏ ପ୍ରଥମେ ଧୋଇଧାଇ ହୋଇପଡିଲା । ବଡ ସୁନ୍ଦର ଓ ଆଧୁନକ ଡିଜାଇନ୍‌ର ହୋଟେଲ୍ ରୁମ୍ । ଇଚ୍ଛା ହେଉଥିଲା ତାର ପତ୍ନୀ, ପରିବାର ଯଦି ପାଖରେ ଥାଆନ୍ତେ, ସମସ୍ତେ ବଡ ଉପଭୋଗ କରିଥାନ୍ତେ । ହେଲେ ମୂଳରୁ ଅଭିଆଡା, ପୁଅ ନାଁ ଗୋପାଳଆ ଭାବିବାଟା ବଡ ହାସ୍ୟାସ୍ପଦ କଥା। ତଥାପି ରବି ଭାବିଲା, ଗୋଟିଏ ନୂଆ ଦେଶକୁ ଆସିଛି ତ, ଏ ଦେଶର ରହଣିକୁ ଉପଭୋଗ କରିବା ଉଚିତ ।

ଫ୍ରେଶ୍ ହୋଇ ୪ଟା ବେଳକୁ ରବି କନ୍‌ଫରେନ୍‌ସ୍ ସେଣ୍ଟରରେ ପହଞ୍ଚିଗଲା । ହୋଟେଲ୍ ରୁମ୍‌ରୁ କନ୍‌ଫରେନ୍‌ସ୍ ସେଣ୍ଟରରେ ପହଞ୍ଚିବାକୁ ତାକୁ ଦଶମିନଟ୍ ଲାଗିଲା, ଯଦିଓ ସବୁ ସେଇ ହୋଟେଲ୍ ଭିତରେ ଭିତରେ ଥିଲା । କନ୍‌ଫରେନ୍‌ସ୍ ରେଜିଷ୍ଟ୍ରେସନରେ ପହଞ୍ଚି ସିଏ ନିଜର ବ୍ୟାଜ୍ ଓ ଅନ୍ୟାନ୍ୟ ପ୍ୟାକେଜ୍ ସବୁ ସଂଗ୍ରହକଲା । ସେଦିନ ୬ଟା ବେଳକୁ ସ୍ୱାଗତ ଅଭ୍ୟର୍ଥନାର ବ୍ୟବସ୍ଥା ଥିଲା । ଚାଇନିଜ୍ ଖାଦ୍ୟ ସହିତ ଅନ୍ତର୍ଜାତୀୟ ଖାଦ୍ୟ ଓ ଯାବତୀୟ ଗରମ ଓ ଥଣ୍ଡା ପାନୀୟ ମଧ୍ୟ ରଖାଯାଇଥିଲା । ସନ୍ଧ୍ୟା ୭ଟା ବେଳକୁ ଆକ୍ରୋବାଟିକ୍ ସୋ ପ୍ରଦର୍ଶନ କରାଗଲା । ରବି କିଛି ଜଣାଶୁଣା ଲୋକଙ୍କୁ ସେଠି ଭେଟିଲା ଓ ସେମାନେ ସାଙ୍ଗ ହୋଇ ସମୟ ଉପଭୋଗ କଲେ ।

ରାତିରେ ରୁମ୍‌କୁ ଫେରି କଂପ୍ୟୁଟର୍ ଖୋଲି ବେଜିଂର ଦର୍ଶନୀୟ ସ୍ଥାନମାନଙ୍କ ବିଷୟରେ ଜାଣିବାକୁ ଗୁଗୁଲ୍ ସାଇଟ୍‌କୁ ଗଲାବେଳକୁ ଗୁଗୁଲ୍ ଖୋଲିଲାନି । ପରେ ବୁଝିଲା ଯେ ସେ ସାଇଟ୍‌କୁ ଚାଇନା ସରକାରଙ୍କର ଅନୁମତି ନାହିଁ । ତେଣୁ ୟାହୁରେ ଯେତିକି ଚେକ୍ କରିହେବ ସେତିକି କରି ସିଏ ଗୋଟିଏ କାଗଜରେ ନୋଟ୍ କରି ରଖିଲା । ତାପରେ କନ୍‌ଫରେନ୍‌ସ୍‌ର ଆସନ୍ତା କାଲିର ପ୍ରୋଗ୍ରାମ୍ ସବୁର ସମୟ ଚେକ୍ କରି ସିଏ ଶୋଇବାକୁ ଗଲା ।

ଜୁଲାଇ ୧୧ ତାରିଖ ସନ୍ଧ୍ୟାରେ ସିଏ "ଇଭିନିଙ୍ଗ୍ ଇନ୍ ବେଜିଙ୍ଗ୍" ପ୍ରୋଗ୍ରାମ୍ ପାଇଁ ଟିକେଟ୍ କିଣିଥିଲା । ପ୍ରୋସିଡିଙ୍ଗ୍ ରେ ସେ ବିଷୟରେ ତଥ୍ୟ ରଖାଯାଇଥିଲା ଯେ ୧୧ ତାରିଖ ଦିନ ସଂଧ୍ୟା ୬ଟା ବେଳକୁ ସମସ୍ତେ ହୋଟେଲ୍‌ର ସି- ୩ ଗେଟ୍ ନିକଟ ଲବିରେ ଅପେକ୍ଷା କରିବେ। ୧୧ ତାରିଖର କନ୍‌ଫରେନ୍‌ସ୍‌ର ସମସ୍ତ ସେସନ୍ ସରିଯିବା ପରେ ରବି ୬ଟା ବେଳକୁ ଯାଇ ଲବିରେ ଅପେକ୍ଷାକଲା । ଜଣେ ଟୁର୍‌ଗାଇଡ୍ ଆସି ସମସ୍ତଙ୍କୁ ଗୋଟିଏ ଶୀତତାପ ନିୟନ୍ତ୍ରିତ କୋଚ୍ ବସରେ ବସାଇ ବେଜିଙ୍ଗ୍ ସହର ବୁଲାଇ ଶେଷରେ ଲର୍ଡ ଗୁଇଙ୍କ ପ୍ରାସାଦରେ ପହଞ୍ଚାଇଦେଲା । ଲର୍ଡ ଗୁଇ, ଚିଙ୍ଗ୍ ରାଜବଂଶର ସମ୍ରାଟ୍ ସି କ୍ୱି ଙ୍କର ସାନଭାଇ । ତାଙ୍କର ରାଜଭବନରେ ରାତ୍ରଭୋଜନ ହେବାର ବ୍ୟବସ୍ଥା ହୋଇଥିଲା । ଅତି ସୁନ୍ଦରଭାବେ ରଙ୍ଗୀନ ଚାଇନିଜ୍ ଲଣ୍ଠନ ସବୁ ସେ ଡାଇନିଙ୍ଗ୍ ହଲ୍‌ର ଭିତରେ ଓ ବାହାରେ ଚାରିଆଡେ ଝୁଲୁଥାଏ । ସେସବୁ ଲଣ୍ଠନ ଛୋଟରୁ ବଡ ବିଭିନ୍ନ ସାଇଜ୍‌ର ଓ ବିଭିନ୍ନ ଆକୃତିରେ ଝୁଲୁଥାଏ । ପୁରାପୁରି ରାଜକୀୟ ଢଙ୍ଗରେ ସବୁ ଅତିଥିମାନଙ୍କୁ ଚର୍ଚ୍ଚା କରାଗଲା।

ରବିର ଟେବୁଲରେ ବସିଥିଲେ ଜଣେ ଲିଥୁଆନଆରୁ ଆସିଥିବା ଦଂପତ୍ତି, ଜଣେ ବ୍ରାଜିଲ୍‌ରୁ ଆସିଥିବା ଦଂପତ୍ତି ଓ ଜଣେ ସିଙ୍ଗାପୁର୍‌ରୁ ଆସିଥିବା ଦଂପତ୍ତି । ପୁରୁଷ ବ୍ୟକ୍ତିମାନେ କନ୍‌ଫରେନସରେ ପ୍ରେଜେଣ୍ଟ୍ କରିବାକୁ ଆସିଥାନ୍ତି ଓ ପତ୍ନୀମାନଙ୍କୁ ସାଥିରେ ବେଜିଂ ବୁଲାଇବାକୁ ଆଣିଥାନ୍ତି । କେବଳ ରବି ହିଁ ଥିଲା ସେଠି ଏକୁଟିଆ । ଲିଥୁଆନଆରୁ ଆସିଥିବା ସ୍ତ୍ରୀ ଲୋକଜଣକ ରବିକୁ ପଚାରିଲେ, "ଆପଣ ଏକା ଆସିଛନ୍ତି, ନିଜର ପତ୍ନୀକୁ ଆଣିଥାନ୍ତେ ସିନା । "

ରବି କହିଲା, "ମୁଁ ଅବିବାହିତ । ନହେଲେ ନିଶ୍ଚୟ ପତ୍ନୀକୁ ଧରି ଆସିଥାନ୍ତି । "

"ମୁଁ ବହୁତ ଦୁଃଖିତ" କହି ସେ ଲିଥୁଆନଆ ସ୍ତ୍ରୀ ଲୋକ ଜଣକ କ୍ଷମା ମାଗିଲେ ।

ରବି ତା' ଟେବୁଲରେ ବସିଥିବା ସମସ୍ତଙ୍କ ସହିତ ଭଲଭାବେ ପରିଚିତ ହେଲା ଓ ସେସବୁର ଅଭିଜ୍ଞତା ତା' ଜୀବନର ଅବିସ୍ମରଣୀୟ ସନ୍ଧ୍ୟା ହୋଇ ରହିଗଲା ।

ଜୁଲାଇ ବାର ତାରିଖ ଦିନ ରବିର ଗବେଷଣା ସଂପର୍କୀୟ କେତେଗୁଡିଏ ସେସନ୍ ଥିଲା ଓ ୧୩ ତାରିଖରେ ତା' ନିଜର ପ୍ରେଜେଣ୍ଟେସନ୍ । ତେଣୁ ବୁଲାବୁଲି କରିବା ପାଇଁ ସେ ୧୨ ତାରିଖ ଦିନ କଫି ବ୍ରେକ୍ ସମୟରେ ଟୁର୍‌ବୁଥ୍‌କୁ ଯାଇ ୧୪ ତାରିଖ ଦିନ "ଫର୍‌ବିଡେନ୍ ସିଟି' ଓ "ଟେମ୍‌ପ୍‌ଲ୍ ଅଫ୍ ହେଭେନ୍' ଟୁର୍ ପାଇଁ ଟିକେଟ୍ କରିଦେଲା ।

ଜୁଲାଇ ତେର ତାରିଖ । ଆଜି ପଦ୍ମାର ବାହାଘର ହେଉଥିବ । ଆଜି ରବିର ପ୍ରେଜେଣ୍ଟେସନ୍ ଥିଲା, ଦିନ ୧୧ଟା ବେଳେ । ସେଇ କାମରେ ସେ ତେଣୁ ବ୍ୟସ୍ତ ରହିଥିଲା। ନିଜର ପ୍ରେଜେଣ୍ଟେସନ୍ ସରିଯିବା ପରେ ସେ କନ୍‌ଫରେନ୍ସରେ ଅନ୍ୟାନ୍ୟ ସେସନ୍ ସବୁ ଆଟେଣ୍ଡ୍ କଲା । ମେରୀଲାଣ୍ଡରୁ ଆଉ କେତେଜଣ କନ୍‌ଫରେନ୍‌ସ୍ ଆଟେଣ୍ଡ କରିବାକୁ ଆସିଥିଲେ । ସେମାନଙ୍କ ମଧ୍ୟରୁ ଚାରିଜଣଙ୍କ ସାଙ୍ଗେ ଦେଖାହୋଇଗଲା । ସେମାନେ ଆଗ୍ରହକଲେ ସନ୍ଧ୍ୟାବେଳେ ଟିଆନାନମେନ୍ ସ୍କୋୟାର୍ ଦେଖିଯିବାକୁ । କନ୍‌ଫରେନ୍‌ସ୍ ତରଫରୁ ସମସ୍ତଙ୍କୁ ଦଶ ଡଲାର୍ ମୂଲ୍ୟର ମେଟ୍ରୋକାର୍ଡ ମିଳିଥିଲା । ତେଣୁ ତାକୁ ଖର୍ଚ୍ଚ କରିବାର ଗୋଟିଏ ଉପାୟ ମିଳିଗଲା । ତା' ସହିତ ବେଜିଂର ମେଟ୍ରୋଟ୍ରେନ୍‌ର ଅଭିଜ୍ଞତା ମଧ୍ୟ ହେବ ।

କନ୍‌ଫରେନ୍‌ସ୍ ସେଣ୍ଟର୍‌ର ପାଖକୁ ଲାଗିଛି "ଅଲିଂପିକ୍ ପାର୍କ' ରେଳଷ୍ଟେସନ୍ । ୨୦୦୮ ମସିହାରେ ବେଜିଙ୍ଗ୍ ଅଲିଂପିକ୍‌ସ୍ ପାଇଁ ଏ କନ୍‌ଫରେନ୍‌ସ୍ ସେଣ୍ଟର୍, ହୋଟେଲ୍, ପାର୍କ ଓ ଖେଳାଳ ମାନଙ୍କ ରହିବାପାଇଁ ଅଲିଂପିକ୍ ଭିଲେଜ୍ ସବୁ ତିଆରି ହୋଇଥିଲା । ଏବେ ଏହା ବିଶେଷ ଜାତୀୟ, ଅନ୍ତର୍ଜାତୀୟ ମିଟିଙ୍ଗ୍ ଓ କନ୍‌ଫରେନ୍‌ସ୍ ପାଇଁ ବ୍ୟବହୃତ ହେଉଛି ।

ରବି ଓ ତାର ଅନ୍ୟ ଚାରିଜଣ ସାଥୀ ମିଶି ପାଞ୍ଚଟା ବେଳକୁ ଟିଆନାନମେନ୍ ସ୍କୋୟାର୍ ଦେଖିବାକୁ ଟ୍ରେନରେ ବସିଗଲେ । ସେମାନଙ୍କ ଭିତରୁ ଦୁଇଜଣ ମେକ୍ସିକାନ୍, ଜଣେ ଆମେରିକାନ୍ ଓ ଅନ୍ୟଜଣେ ଇଟାଲିର ଥିଲେ । ସେମାନଙ୍କୁ କାହାକୁ ଚାଇନିଜ୍ ଜଣାନଥିଲା। ତେଣୁ ହୋଟେଲ୍‌ରୁ ଯେଉଁ ମେଟ୍ରୋର ମାନଚିତ୍ର ପାଇଥିଲେ, ତାକୁ ଫଲୋକରି ସେମାନେ ଟିଆନାନମେନ୍ ସ୍କୋୟାର୍ ନିକଟରେ ପହଞ୍ଚିଗଲେ । ଟିଆନାନମେନ୍ ସ୍କୋୟାର୍ ବେଜିଂ ସହରର କେନ୍ଦ୍ରସ୍ଥଳୀରେ ଅବସ୍ଥିତ । ଟିଆନାନମେନ୍ ର ଅର୍ଥ ହେଲା "ସ୍ୱର୍ଗୀୟ ଶାନ୍ତିର ଫାଟକ' । ଏହି ଫାଟକଟି ଟିଆନାନମେନ୍ ସ୍କୋୟାର୍‌ର ଉତ୍ତରଦିଗରେ ଅବସ୍ଥିତ ଓ ଏହାର ଅବସ୍ଥିତି ଟିଆନାନମେନ୍ ସ୍କୋୟାର୍‌କୁ "ଫର୍‌ବିଡେନ୍ ସିଟି' ରୁ ବିଭକ୍ତ କରେ । ଏ ସ୍କୋୟାର୍‌ରେ "ଦି ଗ୍ରେଟ୍ ହଲ୍ ଅଫ୍ ଦି ପିପଲ୍', "ନେସ୍‌ନାଲ୍ ମ୍ୟୁଜିଅମ୍ ଅଫ୍ ଚାଇନା', "ମୋନୁମେଣ୍ଟ ଟୁ ପିପ୍‌ଲ୍‌ସ୍ ହିରୋଜ୍' ଓ ମାଓ ଜେଡୋଙ୍ଗଙ୍କର ସମାଧି ରହିଛି । ପୃଥିବୀର ବଡ ନଗର ଚୌକ ମାନଙ୍କ ମଧ୍ୟରେ ୧୦୯ ଏକରର ଏହି ସ୍କୋୟାର୍‌ଟି ଅନ୍ୟତମ । ଚାଇନିଜ୍ ସଂସ୍କୃତି ସହିତ ଏହି ସ୍କୋୟାର୍‌ର ଅନେକ ପ୍ରାଧାନ୍ୟ ରହିଛି । ୧୯୮୯ ମସିହାର ଛାତ୍ର ଆନ୍ଦୋଳନ ପାଇଁ ଏ ସ୍କୋୟାର୍‌ଟି ବିଶ୍ୱରେ ଜଣା ।

ଏଠି ପହଞ୍ଚି ରବିକୁ ଭାରି ଭଲଲାଗିଲା । ଚାଇନା ଦେଶଟିର ଏ ଐତିହାସିକ ସ୍ଥଳୀକୁ ଦେଖି ରବି ନିଜର ଭାଗ୍ୟ ଓ ଭାଗ୍ୟବିଧାତାଙ୍କ ନିକଟରେ କୃତକୃତ୍ୟ ହୋଇଗଲା । ସେଦିନ ସନ୍ଧ୍ୟାରେ ଟିଆନାନମେନ୍ ସ୍କୋୟାର୍ ପାଖରେ ଭାରି ଭିଡ । ସତେକି ମେଳା ଚାଲିଛି । କେତେକେତେ ଚାଇନିଜ୍ ପରିବାର ସବୁ ସେଠି ବସି ପରିବାରଙ୍କ ସହିତ ଖୁସିରେ ମଜ୍ଜିରହିଥାନ୍ତି । ହୁଏତ ସେମାନେ ବି ବେଜିଂ ସହର ପରିଦର୍ଶନ କରିବାକୁ ଆସିଛନ୍ତି । ପ୍ରାୟ ଘଣ୍ଟାଏ ରହି ସେମାନେ ଫେରିଆସିଲେ । ଅଲିଂପିକ୍ ପାର୍କ ଷ୍ଟେସନରେ ପହଞ୍ଚିବା ବେଳକୁ ରାତି ୯ଟା । ସେଇଠି ଷ୍ଟେସନ୍‌ର ଅଣ୍ଡରଗ୍ରାଉଣ୍ଡ ସପିଙ୍ଗ୍ ମଲ୍ ଭିତରେ ଅନେକ

ରେଷ୍ଟୁରାଣ୍ଟ ସବୁ ଥିଲା । ସେଇଥିରୁ ଗୋଟିଏ ରେଷ୍ଟୁରାଣ୍ଟରେ ସେମାନେ ରାତ୍ରଭୋଜନ ସାରି ହୋଟେଲ୍‌କୁ ଫେରିଲେ ।

ହୋଟେଲରେ ପହଞ୍ଚି ଥକଯାଇଥିବାରୁ ରବିକୁ ଖୁବ୍ ଶୀଘ୍ର ନିଦ ଆସିଗଲା । ଦ୍ୱିତୀୟତଃ ତା' ପରଦିନ ତାକୁ "ଫର୍‌ବିଡେନ୍ ସିଟି ଓ ଟେମ୍‌ପ୍‌ଲ୍ ଅଫ୍ ହେଭେନ୍" ଟୁରରେ ଯିବାର । ସକାଳୁ ସାଢେ ସାତଟା ବେଳକୁ ଯାଇ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିବାକୁ ପଡିବ ।

ଆଜି ଜୁଲାଇ ୧୪ ତାରିଖ । ପଦ୍ମାର ବାହାଘର ସରିଯାଇଥିବ । ପଦ୍ମା ବାହାହୋଇ ସେଲିବ୍ରେଟ୍ କଲା । ରବି ବି ସେଲିବ୍ରେଟ୍ କରିବାପାଇଁ ବେଜିଂ ଟୁର୍‌ରେ ଯିବ । କାହିଁକି କେଜାଣି ପଦ୍ମାପାଇଁ ମନେମନେ ଏକ ପ୍ରତିଦ୍ୱନ୍ଦୀ ଭାବ ଜାଗ୍ରତ ହେଉଥିଲା । ମନେ ହେଉଥିଲା, ସେ ଏମିତି କଛି ଗୋଟିଏ ବିଶେଷ କଥା କରନ୍ତା, ଯେଉଁଥିରେ କି ପଦ୍ମା ତାକୁ ବାହା ନହୋଇଥିବାରୁ ଅନୁତାପ କରନ୍ତା ।

ସକାଳୁ ସକାଳୁ ପ୍ରସ୍ତୁତ ହୋଇ ରବି ସେ ଟୁର୍‌ପାଇଁ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିଗଲା । ଜୁଲାଇରେ ବେଜିଙ୍ଗରେ ଗରମ ହୁଏ । ହେଲେ ଶୀତତାପ ନିୟନ୍ତ୍ରିତ ବସରେ କଛି ଜଣାପଡୁନଥିଲା । ଟୁର୍‌ଗାଇଡ୍ ଯୁବକ ଜଣକ ଜଣେ ଭଲ ଏଣ୍ଟରଟେନର । ସେ ବସ୍ ସାରା ସମସ୍ତ ଯାତ୍ରୀମାନଙ୍କୁ ଚାଇନିଜ୍ ଶବ୍ଦ ସବୁ ଶିଖେଇ ଶିଖେଇ ନେଲେ । ପ୍ରାୟ ଦିନ ଦଶଟା ବେଳକୁ ସେମାନେ ଫର୍‌ବିଡେନ୍ ସିଟିରେ ପହଞ୍ଚିଗଲେ ।

ପାଗ କାଉଁଳିଆ ଥିଲା । ତେଣୁ ଏତେଟା ବାଧୁନଥାଏ । ବସ୍ "ଫର୍‌ବିଡେନ୍ ସିଟି' ଟୁର୍ ପାଇଁ ଯାଇ ଯେଉଁଠି ରହିଲା, ସେଇଟା ଟିଆନାନମେନ୍ ସ୍କୋୟାର୍‌ର ପାଖ ରାସ୍ତା ବୋଲି ରବି ଚହ୍ନିଲା । ସିଏ ତା' ସାଙ୍ଗମାନଙ୍କ ସହିତ ଗତକାଲି ଏଇ ସ୍ଥାନକୁ ହିଁ ଆସିଥିଲା । ହେଲେ ସିଏ ଜାଣି ନଥିଲା ଯେ, ସେ ଟିଆନାନମେନ୍ ସ୍କୋୟାର୍ ଏ ଫର୍‌ବିଡେନ୍ ସିଟିର ଏତେ ପାଖରେ । ହଉ, କାଲି ରାତିର ଆଲୋକମାଳାରେ ସିଏ ଟିଆନାନମେନ୍ ସ୍କୋୟାର୍‌କୁ ଦେଖିଥିଲା । ଆଜି ଦିନର ଆଲୁଅରେ ଦେଖିବ । ସେମାନେ ବୁଲିବୁଲି "ଫର୍‌ବିଡେନ୍ ସିଟି' ଓ "ପର୍‌ପ୍‌ଲ୍ ଗୋଲ୍‌ଡ୍ ପ୍ୟାଲେସ୍" କୁ ଗଲେ । ଏ ନିଷିଦ୍ଧ ସହର ବେଜିଂର କେନ୍ଦ୍ରରେ ଅବସ୍ଥିତ ଓ ଚତୁପାର୍ଶ୍ୱର ବଡବଡ ପାଚେରି ଦ୍ୱାରା ସଂରକ୍ଷିତ । ତା ଭିତରେ ପ୍ରାୟ ୧୨ଟି ହଲ୍ ଅଛି । ଚବିଶ ଜଣ ସମ୍ରାଟ ନିଜ ପରିବାରବର୍ଗଙ୍କ ସହିତ ଓ ଅନ୍ୟାନ୍ୟ ଦାସଦାସୀଙ୍କ

ସହିତ ଏ ପ୍ରସାଦରେ ରହୁଥିଲେ । ଏଇଠି ସିଂହାସନରେ ବସି ନିଜ ମନ୍ତ୍ରୀ, ସେନାପତି ଓ ସଭାସଦ୍‌ମାନଙ୍କ ସହିତ ବୈଠକ କରି ସେମାନେ ଗ୍ଭଇନା ଦେଶକୁ ଚଳାଉଥିଲେ । ଭାରି ଭଲଲାଗିଲା ରବିକୁ । ଏତେ ଲୋକଙ୍କ ଭିତରେ କାଳେ କେହି ହଜିଯିବ ବୋଲି ଟୁର୍‌ଗାଇଡ୍ ଗୋଟିଏ ସ୍ୱତନ୍ତ୍ର ରଙ୍ଗୀନ୍ ବାଡି ଧରି ଗ୍ଭଲୁଥାଏ । ସେ ବାଡିର ଅଗରେ ଗୋଟିଏ କୁକୁଡାର ଛବି ଲଗେଇଥାଏ ।

ରବିର ଆଉଜଣେ ଭାରତୀୟ ଦଂପତ୍ତିଙ୍କ ସହିତ ପରିଚୟ ହେ । ମିଷ୍ଟର୍ ଚନ୍ଦ୍ର ଓ ଶୋଭା ନାଇଡୁ । ସେମାନଙ୍କ ପୁଅ ଶ୍ରୀରାମ ହାଇସ୍କୁଲ୍‌ର ଛାତ୍ର । ସିଏ ୟୁନିଭର୍‌ସିଟିରେ ଯାଇ ରିସର୍ଚ୍ଚ କରେ । ଏ କନ୍‌ଫରେନ୍ସରେ ଗୋଟିଏ ପୋଷ୍ଟର୍ ପ୍ରେଜେଣ୍ଟ କରିବାକୁ ଆସିଥିଲା । ବାପା, ମା ବି ତା ସହିତ ଗ୍ଭଲିଆସିଲେ । ସେମାନେ ଆମେରିକାର ସିଆଟେଲ୍ ସହରରୁ ଆସିଥିଲେ । ରବି ସହିତ ସେମାନଙ୍କର ବନ୍ଧୁତା ହୋଇଗଲା ଓ ସେମାନେ ଏକାଠିମରେ ବୁଲୁଥିଲେ ।

ରବି ମନ୍ତବ୍ୟ ଦେଲା, "ପୁଅ ତ ବହୁତ ବ୍ରିଲିଆଣ୍ଟ ।"

ଚନ୍ଦ୍ର କହିଲେ, "ହଁ, ସିଏ ହାଇସ୍କୁଲ୍ ନ ସରୁଣୁ ହିଁ ସବୁ କଲେଜ୍ କୋର୍ସ ସାରିଦେଲାଣି । ଏବେ ରିସର୍ଚ୍ଚ କରି ଏ ପେପର୍‌ଟି ଏଠି ପ୍ରେଜେଣ୍ଟ କରିବ । ଖୁବ୍ ଶୀଘ୍ର ତାର ଗୋଟିଏ ପବ୍ଲିକେସନ୍ ବି ହୋଇଯିବ ।"

ରବି ଶ୍ରୀରାମ୍‌କୁ କନ୍‌ଗ୍ରାଚୁଲେସନ୍ ଜଣେଇଲା । ତାପରେ ପଗ୍ଭରିଲା, "ତମକୁ ଏ କନ୍‌ଫରେନ୍‌ସ୍ ଆଟେଣ୍ଡ୍ କରିବାପାଇଁ କଛି ଫଣ୍ଡିଙ୍ଗ୍ ମିଳଛି ?"

ଚନ୍ଦ୍ର କହିଲେ, "ନାଁ, ଆମେମାନେ ନିଜଖର୍ଚ୍ଚରେ ଆସିଛୁ । କେବଳ ରେଜିଷ୍ଟ୍ରେସନ୍ ଖର୍ଚ୍ଚଟା ତା' ପାଇଁ ଗୋଟିଏ ଗ୍ରାଣ୍ଟ ତରଫରୁ ଦେଇଛନ୍ତି ।"

ରବି ପଗ୍ଭରିଲା, "ଆପଣ କେବେ ଫେରୁଛନ୍ତି ?"

ଶୋଭା - "ଆମେ ଏଠୁ ହାଇଦ୍ରାବାଦ ଯିବୁ । ଦୁଇ ସପ୍ତାହ ପରେ ପୁଣି ସିଆଟ୍‌ଲ୍ ଫେରିବୁ।"

ରବି - "ଆପଣ ଏଠୁ ପୁଣି ଭାରତ ଯିବେ, ଆପଣଙ୍କୁ ହେକ୍‌ଟିକ୍ ହୋଇଯିବନି ?"

ଶୋଭା - "ମୋ ବଡଭାଇଙ୍କର ଝିଅର ବାହାଘର । ସେଥିପାଇଁ ଯିବାକୁ ତ ପଡିବ । ନହେଲେ ଏ ଗରମଦିନରେ ଭାରତ ଯିବାକୁ ଆମେ ଜମା ବି ମନକରୁନ ।"

ରବି - "ହଁ ସତକଥା । ହେଲେ ଏ ବାହାଘର ଲଗ୍ନ ବି ସବୁ ଏ ଗରମଦିନରେ କାହିଁକି ଥାଏ କେଜାଣି ?"

ଶୋଭା - "ଆଗେ ତ ଏମିତି ଅସମ୍ଭାଳ ଗରମ ହେଉନଥିଲା, ଏ ଲୋକସଂଖ୍ୟା ବୃଦ୍ଧି ଆଉ ଯାବତୀୟ କନ୍ଷ୍ଟ୍ରକ୍ସନ୍ ପାଇଁ ଏମିତି ସବୁ ଗରମ ବଢିଯାଇଛି ।

ରବି - "ହଁ, ଓଡିଶାରେ ତ ଏ ଗରମ ପାଇଁ ଏବର୍ଷ ଗୁଳିଶିରୁ ଅଧିକ ଲୋକ ଅଂଶୁପାତରେ ମଲେଣି ।"

ରବି ଭାବୁଥିଲା ଏ ଗରମରେ ପଦ୍ମାର ବାହାଘର କେମିତି ହୋଇଥିବ । ଯଦିଓ ଶୁଣିଥିଲା, ହୋଟେଲ୍ ମେଫେୟାରରେ ଶୀତତାପ ନିୟନ୍ତ୍ରିତ ହଲରେ ତାର ବାହାଘର ହେବ ଓ ଗରମ ବାଧିବନି, ତଥାପି ଓଡିଶା ସରକାରଙ୍କର ବିଜୁଳିକାଟ ବଡବଡ ହୋଟେଲ୍ମାନଙ୍କୁ ଲାଗୁହୁଏ କି ନା, ତାର ଧାରଣା ନଥିଲା ।

ନିଷିଦ୍ଧ ସହର ବୁଲିସାରିବା ପରେ ଟୁର୍ ଗାଇଡ୍ ସେମାନଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ଗୋଟିଏ ସୁନ୍ଦର ସୁସଜ୍ଜିତ ରେଷ୍ଟୁରାଣ୍ଟରେ ନେଇ ପହଞ୍ଚାଇଲା । ସେଠି ଅତ୍ୟନ୍ତ ଆତିଥେୟତାର ସହିତ ସେମାନଙ୍କୁ ଭୋଜନ ପରିବେଷଣ କରାଗଲା । ସେ ରେଷ୍ଟୁରାଣ୍ଟ ସହିତ ସଂଯୁକ୍ତ ଥିବା ଗୋଟିଏ ଗିଫ୍ଟ୍ ସପ୍ରୁ ରବି ଦୁଇଟି ଚାଇନା ଡଲ୍ କିଣିଲା; ଗୋଟିଏ ଲିଣ୍ଡା ପାଇଁ ଓ ଗୋଟିଏ ନିଜପାଇଁ । କେଜାଣି କାହିଁକି ଲିଣ୍ଡା ପାଇଁ ରବି ମନରେ ଅନେକ ସ୍ନେହ ଥିଲା । ସେ ସ୍ନେହକୁ ପଦ୍ମାପାଇଁ ଥିବା ଅନୁରାଗ କୁହାଯାଇ ନପାରେ, ହେଲେ ବି ସେ ସ୍ନେହ ଅତୁଳନୀୟ । ବିଶେଷତଃ ରବିର ଜୀବନ ବଞ୍ଚାଇବା ପରଦିନଠାରୁ ଲିଣ୍ଡା ପ୍ରତି ରବିର ସ୍ନେହ ବର୍ଦ୍ଧିତ ହୋଇଥିଲା ।

ଲଞ୍ଚ୍ ପରେ ସେମାନେ "ଟେମ୍ପଲ୍ ଅଫ୍ ହେଭେନ୍" ଅର୍ଥାତ୍ "ସ୍ୱର୍ଗୀୟ ମନ୍ଦିର" ଦେଖିବାକୁ ଗଲେ । ଏହି ମନ୍ଦିରଟି ପନ୍ଦରଶହ ଶତାବ୍ଦୀର ପ୍ରଥମ ଭାଗରେ ସ୍ଥାପିତ ହୋଇଥିଲା । ମନ୍ଦିରର ଚତୁପାର୍ଶ୍ୱକୁ ବଡବଡ ପାଇନ୍ଗଛ ସବୁ ଘେରି ରହିଥିଲେ । ଏ ମନ୍ଦିରରେ ସମ୍ରାଟ୍

ମିଙ୍ଗ୍ ( ୧୩୬୮- ୧୬୪୪) ଓ ଚଙ୍ଗ୍ ( ୧୬୪୪- ୧୯୧୧) ସ୍ୱର୍ଗର ପୂଜା କରୁଥିଲେ ଓ ଦେଶର ଭଲ ଅମଳ ପାଇଁ ପ୍ରାର୍ଥନା କରୁଥିଲେ। ବର୍ତ୍ତମାନ ବ୍ୟାୟାମ ପାଇଁ ଏ ସ୍ଥାନଟି ବ୍ୟବହୃତ ହେଉଛି । ଟୁର୍ ଗାଇଡ୍ ପାଖରେ ଥାଇ ସବୁ ବୁଝାଉଥାଏ । ସେମାନେ ମନ୍ଦିରରୁ ଫେରିବା ବାଟରେ କେତେକ ବୌଦ୍ଧଧର୍ମର ସନ୍ଥମାନଙ୍କୁ ଦେଖିଲେ ।

ମନ୍ଦିରଟିର କାରୁକାର୍ଯ୍ୟ ଓ ସୁନ୍ଦର ପରିବେଶ ରବିର ମନକୁ ଏମିତି ପ୍ରଭାବିତ କରୁଥିଲା ଯେ ବାହାଘର ପରେ ସିଏ ଏଠିକୁ ହନିମୁନରେ ଆସିବାର ଯୋଜନା କରୁଥିଲା । ହେଲେ କାହାକୁ ବାହାହେବ ରବି ? ପଦ୍ମା ତ ଏବେ କେତେଦୂରରେ । ତାକୁ ଭାବିବା ହିଁ ଏବେ ପାପ ।

ଟୁର୍‌ରୁ ଫେରିବାବେଳକୁ ସାଢେ ଚାରିଟା ବାଜିଥାଏ । କନ୍‌ଫରେନ୍ସ୍ ସେ ପର୍ଯ୍ୟନ୍ତ ଚାଲିଥାଏ। "ଓରାଲ୍ ସେସନ୍' ଅର୍ଥାତ୍ "ମୌଖିକ ଅଭିଭାଷଣ' ୫ଟା ୨୦ ପର୍ଯ୍ୟନ୍ତ ଚାଲୁ ରହିଥିଲା । ୫ଟା ୨୦ରୁ ୭ଟା ପର୍ଯ୍ୟନ୍ତ ପୋଷ୍ଟର୍ ସେସନ୍ । ସେଇ ସମୟରେ ଚାହା, କଫି ଆଉ କେକ୍ ସବୁର ବ୍ୟବସ୍ଥା ରହିଥିଲା । ରବି କିଛି ସମୟ ପୋଷ୍ଟର୍ ସେସନ୍ ବୁଲିକରି ଦେଖିଲା । ସେଥିରୁ ୭୦ ଭାଗ ଚାଇନିଜ୍ ଛାତ୍ର ଥିଲେ । ସେମାନେ ଠିକ୍ ଭାବେ ଇଂରାଜୀ କହିପାରୁନଥିଲେ । ରବିକୁ ବୁଝିବାକୁ କଷ୍ଟ ହେଉଥିଲା । ତଥାପି ଯେହେତୁ ପୋଷ୍ଟର୍ ସବୁ ଇଂରାଜୀ ଭାଷାରେ ପ୍ରସ୍ତୁତ ହୋଇଥିଲା, ସେସବୁ ପଢି ରବି ସବୁ ବୁଝିଯିବାର ଅଭିନୟ କରୁଥିଲା । ଛାତ୍ରମାନେ ତାଦ୍ୱାରା ଅଧିକ ଆଗ୍ରହାନ୍ୱିତ ହୋଇ ସବୁ ବୁଝାଇବାରେ ଲାଗିଥାନ୍ତି ।

ରବି ତାର ଦୁଇଜଣ ସାଙ୍ଗଙ୍କୁ ସେଠି ଭେଟିଲା । ପୋଷ୍ଟର୍ ସେସନ୍ ପରେ ସେମାନେ ସମସ୍ତେ ମିଶି ସେ ଅଲିଂପିକ୍ ପାର୍କ ଷ୍ଟେସନ୍‌ର ମାର୍କେଟ୍‌କୁ ରାତ୍ରଭୋଜନ କରିବାପାଇଁ ଗଲେ। ସେଠି ରାତ୍ରଭୋଜନ କରିସାରି ସେମାନେ ସେ ପାର୍କରେ ବୁଲିଲେ । ବହୁତ ବଡ ପାର୍କ । ପାର୍କର ମଝିରେ ପ୍ରଶସ୍ତ ରାସ୍ତା; ଦୁଇପଟେ ନାନାଜାତି ଫୁଲର ଧାଡି । ଗୋଟିଏ ପାର୍ଶ୍ୱରୁ ଠିଆହୋଇ ଦେଖିଲେ ଅନ୍ୟ ପାର୍ଶ୍ୱକୁ ଆଖି ପାଇବନି । ବୁଲାବୁଲି କରି ହୋଟେଲରେ ପହଞ୍ଚିବା ବେଳକୁ ରାତି ଦଶଟା । ହୋଟେଲ୍ ରୁମରେ ୱାଇ- ଫାଇ ଥିବାରୁ ରବି ମେସେଜ୍ ଚେକ୍ କଲା । ସେଥିରେ ଜୁଲିର ମେସେଜ୍ । ସିଏ ପଦ୍ମା ବାହାଘରର କିଛି ଫଟୋ ହ୍ୱାଟ୍‌ସ୍- ଆପରେ ପଠାଇଥିଲା । ଗୋଟିଏ ଫଟୋରେ ରବିର ବାପା, ବୋଉଙ୍କ ମଝିରେ ପଦ୍ମା ଠିଆ ହୋଇଥିଲା । ଆଉ ଗୋଟିଏ ଫଟୋରେ ଜାହ୍ନବୀ ଓ ଜୁଲିଙ୍କ ମଝିରେ ପଦ୍ମା ଠିଆ

ହୋଇଥିଲା । ଆଉ ଗୋଟିଏ ଫଟୋ ଥିଲା ପଦ୍ମା ଓ ପରମେଶ୍ୱରଙ୍କ ହାତଗଣ୍ଠିର ଫଟୋ । ସେ ଫଟୋସବୁକୁ ପରିବାରର ସମସ୍ତେ ଭଲଭଲ କହି ମନ୍ତବ୍ୟ ଦେଇଥିଲେ ।

ଭାଇ ଲେଖିଥିଲେ, "ପଦ୍ମା ଓ ପରମେଶ୍ୱର ପୁରା ମୁଭିର ହିରୋ, ହିରୋଇନ୍‌ଙ୍କ ଭଳି ଦିଶୁଛନ୍ତି। "

ଭାଉଜ ଲେଖିଥିଲେ, "ସେମାନଙ୍କ ଯୋଡି ପୁରା ଆଦର୍ଶ ଦଂପତ୍ତିଙ୍କ ଯୋଡି । "

ବାପା ଲେଖିଥିଲେ, "ଏଇଟା ଭାଗ୍ୟର କଥା । ଭଗବାନ ସେ ଦୁଇଜଣଙ୍କୁ ସବୁବେଳେ କଲ୍ୟାଣ କରୁଥାନ୍ତୁ । "

ଏ ହ୍ୱାଟ୍‌ସ୍‌- ଆପ୍ ଗ୍ରୁପ୍‌ଟି ଜୁଲି କରିଛି । ନିଜ ପରିବାରର ସମସ୍ତଙ୍କୁ ସଂଯୁକ୍ତ କରି ରଖିବାପାଇଁ ଜୁଲିର ଏ ଉଦ୍ୟମକୁ ସମସ୍ତେ ପ୍ରଶଂସା କରନ୍ତି । ସେଇଥିରୁ ରବି ବି ଅନେକ ଖବର ପାଏ । ଜୁଲି ଆଉ ଗୋଟିଏ ଗ୍ରୁପ୍ କରିଛି ଅନ୍ୟାନ୍ୟ ବନ୍ଧୁବାନ୍ଧବଙ୍କୁ ଯୋଗକରିବା ପାଇଁ । ସେଥିରେ ବି ରବିର ନମ୍ବର ରଖିଛି । ସେଥିରେ ଜାହ୍ନବୀ, ମୋନା ସମସ୍ତଙ୍କର ଫୋନ୍ ସଂଯୁକ୍ତ ହୋଇଯାଇଛି । ରବି ସେଥିରୁ ଅନେକ ମେସେଜ୍ ଦେଖେନ । କାହାକୁ କିଛି ଭଲଲାଗିଲେ, ସେମାନେ ଅନେକ ମେସେଜ୍ ଫର୍‌ୱାର୍ଡ କରିଦିଅନ୍ତି । ସେସବୁ ରବି ପଢେନ । ହେଲେ ଆଜି ଜୁଲିର ମେସେଜ୍ ସିଏ ଅତି ନିଷ୍ଠାର ସହିତ ଦେଖିଲା ଓ ସମସ୍ତଙ୍କର ମନ୍ତବ୍ୟ ପଢିଲା । ସତରେ ପଦ୍ମା ଓ ପରମେଶ୍ୱର ପରସ୍ପର ପାଇଁ ଯେମିତି ଜନ୍ମ ହୋଇଛନ୍ତି । ପଦ୍ମା ଠିକ୍ କରିଛି । ଏଇଠୁ ତେବେ ପଦ୍ମାର ସ୍ମୃତି କୁ ବିଦାୟ ଦେବାକୁ ପଡିବ।

ସେ ଫଟୋ ଯେତେ ଦେଖୁଥିଲା, ତା' ଭିତରର ଦୁଃଖ ସେତେ ବଢୁଥିଲା । ଯେଉଁ ହୃଦୟ ସିଂହାସନରେ ପଦ୍ମାକୁ ରାଜରାଣୀ କରି ସେ ରଖିଥିଲା, ସେ ସିଂହାସନ ସତେକି ଜଳପୋଡି ଭସ୍ମ ହୋଇଗଲା । ଏବେ ଥିଲା ଖାଲି ଧୂଆଁ । ସେ ଧୂଆଁ ତା' ହୃତ୍‌ପିଣ୍ଡ, ଫୁସ୍‌ଫୁସ୍, ସବୁଠିକୁ ବ୍ୟାପିଯାଉଥିଲା ଓ ରବିର ଶ୍ୱାସରୁଦ୍ଧ ହେଉଥିଲା ।

ଆଖିରେ ଲୁହ ଭରିଆସିଲା । କାହାକୁ ମନର ଏ ଯନ୍ତ୍ରଣା କହିବ ରବି । ପଦ୍ମା ଓ ରବି ବ୍ୟତୀତ ତୃତୀୟ ବ୍ୟକ୍ତି ମିଲି ହିଁ କେବଳ ଏ ସଂପର୍କକୁ ଜାଣନ୍ତି । ତାଙ୍କୁ ଡାକ ଟିକେ

ମନର ବେଦନାକୁ ବାଣ୍ଟିଦେବକ ? ଏବେ ତ ମିଲିଙ୍କ ଟାଇମରେ ଦିନ ଦଶଟା ହୋଇଥିବ। ଏମିତି ଭାବି ରବି ମିଲିଙ୍କ ନମ୍ବର୍ ଡାଏଲ୍ କରିବାକୁ ସ୍ଥିରକଲା ।

ହଠାତ୍ ମନଭିତରଟା କାହିଁକି ବଦଳଗଲା । କିଏ ଯେମିତି ତାକୁ ଆଶ୍ୱାସନା ଦେଉଥିଲା । "ସେ ଧୂଆଁ ପୁଣି ମିଳେଇଯିବ । ମନର ମୃତ୍ତିକାରେ ପୁଣି ନୂଆ ପ୍ରେମର ଦ୍ରୁମ କଅଁଳିବ; ଶାଖାପ୍ରଶାଖା ମେଲେଇବ, ଫୁଲ ଫୁଟିବ, ବାସ ଚହଟିବ; ଜୀବନ ପୂର୍ଣ୍ଣାଙ୍ଗ ହୋଇଯିବ । ଏବେ ପଦ୍ମାକୁ ଭୁଲି ଆଖି ଖୋଲ, ଜୀବନକୁ ନୂଆ କରି ଗଢ ।" ମିଲିକୁ ଫୋନ୍ କରିବାରୁ ବିରତ ହେଲା ରବି ।

ହଁ, ଏସବୁ ସମ୍ଭବ କରାଇବାକୁ ପଡିବ । ଭାରତରେ ଆଗେ ପ୍ରେମବିବାହ ନଥିଲା କହିଲେ ଚଳେ । ମଧ୍ୟସ୍ଥି ମାଧ୍ୟମରେ ବିବାହ ବନ୍ଧନ ଆଦର୍ଶ ନହେଲେ ବି, ସଫଳ ଥିଲା, ପରିବାରକୁ ବାନ୍ଧି ରଖୁଥିଲା । ପ୍ରେମ ନଥିଲେ ବି, ସ୍ନେହ ନଥିଲେ ବି, ସଫଳ ସଂପର୍କ ଗଢିରଖିବା ପାଇଁ ପ୍ରେମ ଓ ସ୍ନେହ ଜାଗ୍ରତ କରାଇବାକୁ ପଡୁଥିଲା ।

ହଁ, ରବି କରିପାରିବ । ପଦ୍ମାକୁ ସିଏ ଭୁଲିପାରିବ । ସିଏ ଦେବଦାସ ଭଳି ନିଜ ଜୀବନକୁ ନିଶାସକ୍ତ କରି ନଷ୍ଟ କରିଦେବନି କି ମଜ୍‌ନୁ ଭଳି ନିଜ ଜୀବନକୁ ଯନ୍ତ୍ରଣା ଜର୍ଜରିତ କରିପାରିବନି । ସିଏ ନିଜ ଜୀବନରେ ନୂଆ ପ୍ରେମର ଫୁଲ ଫୁଟେଇବ । ଜୀବନକୁ ଉପଭୋଗ କରିବ ଓ ପୂର୍ଣ୍ଣାଙ୍ଗ ରୂପ ଦେବ ।

ଜାହ୍ନବୀର ଦୁଷ୍ଟାମୀ ମିଶା ହସହସ ମୁହଁଟି ରବିର ଆଖି ସାମନାରେ ଭାସିଆସିଲା । ଜୁଲି ପଠାଇଥିବା ଜାହ୍ନବୀ ସହିତ ଥିବା ଫଟୋଟିରେ ପଦ୍ମାକୁ ନଚାହିଁ ଜାହ୍ନବୀର ଫଟୋକୁ ସିଏ ନିର୍ନିମେଷ ନୟନରେ ଚାହିଁରହିଲା । ବନାରସୀ ଶାଢୀ ପିନ୍ଧି ଓ ଗହଣାରେ ସଜେଇ ହୋଇ ସେ ଫଟୋରେ ଜାହ୍ନବୀ ଖୁବ୍ ସୁନ୍ଦର ଦିଶୁଥିଲା ।

ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା



ବରୁଣ କୁମାର ଦାସ

# ରାସ୍ତା

ଆଗକୁ ଆଗକୁ
ଲମ୍ବିଥିବା ରାସ୍ତାଟେ
ଲୁଚକାଳି ଖେଳୁଛି,
ଯାହାକୁ ପଚାରିଲେବି
ରାସ୍ତା ଠିକ୍ ଅଛି ବୋଲି
ଉତ୍ତର ମିଳୁଛି ।
ଆଗକୁ ଆଗକୁ
ଗହନ ନିଦର ମତ୍ତ
ସାପ ରାସ୍ତାଟା
ଅମଡା ବାଟ ପରି
ମାନେହେଉଛି
ଥରକୁଥର
ରାସ୍ତା ନେଇ ପ୍ରଶ୍ନର ଉତ୍ତର
ବହୁ ଖଣ୍ଡରେ
ବିଭାଜିତ ହେଉଛି ।
ଆଗକୁ ଆଗକୁ
ଖଣ୍ଡିତ ରାସ୍ତାଟା
ଶେଷରେ ବନିଯିବ
ଏକ ଚୋରାବାଲି କିମ୍ବା
ଏକ ମରୀଚିକା ।



ପାଲୁସିଆ, ଦେହୁର୍ଦ୍ଦା, ବାଲେଶ୍ୱର

# ସମ୍ପର୍କର ବିଳାପ



ଭାସ୍କର ଚନ୍ଦ୍ର ଖଣ୍ଡା

କେତେବେଳେ ଥାଏ ସିଏ
ନିଜ ଛାଇ ପରି
ଅବା କେତେବେଳେ ପୁଣି
ଯାଏ ସେ ଉଭେଇ
ସତେ ଅବା
ତିକ୍ତତା ଆଉ ମଧୁରତାର ସ୍ୱାଦରେ
ଯାଇଛି ସେ ପେଷି ହୋଇ ।୧ ।

ହାୟ ରେ ସମ୍ପର୍କ !
ଶେଷ ହେଲାଣିତ ଆଜି
ଯୌଥ ପରିବାର
ବନ୍ଧନର ସେ ଆନ୍ତରିକତା
ଛିଣ୍ଡି ସେଇ ସମ୍ପର୍କର ସୂତା
ଅନାଇ ବସିଛି ସତେ
ଯିବ ଛାଡି ଦେଇ ।୨ ।

ବସିଛିତ ସ୍ୱାର୍ଥ ଆଜି
ରାଜ ସିଂହାସନେ
ରାଜୁତି କରୁଛି ସିଏ
ହିଂସା ଦ୍ୱେଷ ଅହଙ୍କାର
ମନ୍ତ୍ରୀ ପାରିଷଦ ତାର
ପ୍ରେମ ପ୍ରୀତିର ସେ ରଜ୍ଜୁ
ଗଲାଣି ଉଭେଇ ।୩ ।

ଆସିବ କି ସତେ
ସେଇ ଗୋଲାପି ମୁହୂର୍ତ୍ତ
ଦେଇ ଜଳାଞ୍ଜଳି ସ୍ୱାର୍ଥ
ଆନ୍ତରିକତାର ସେ ରକ୍ଷା ବନ୍ଧନରେ
ବାନ୍ଧି ହୋଇ ଯିବ ଥରେ
ବାନ୍ଧିଲା ପରିକି ରାକ୍ଷୀ
ସେ ଭଉଣୀ ଭାଇ ।୪ ।

ସହଦେବଖୁଣ୍ଟା, ବାଲେଶ୍ୱର

# ପ୍ରତିକ୍ଷା ର ଅନ୍ତ



ପରମିତା ମିଶ୍ର

ମୋ ଜେଜେ ବାପାଙ୍କର ଗାଁ ରେ ଭଲ ନାଁ ଥାଏ। ଆଖପାଖ ଲୋକେ ନାଆଁ କହିଲେ ଚିହ୍ନନ୍ତି। ମୋ ପିଲାଦିନ ଗାଁ ରେ ବିତିଛି। ସହରର ଛଳନା ରୁ ଦୁରେ ଗାଁ ର ବାସ୍ତବ ଦୁନିଆ ରେ ସରଳ ଲୋକ ମାନଙ୍କ ଭିତରେ ବଢିଛି ପିଲାବେଳୁ ମୁଁ ତାକୁ ଦେଖି ଆସିଛି। ଯୌଥ ପରିବାର ଯେତେବେଳେ ସବୁ ଭଲମନ୍ଦ, ପୁଜାପର୍ବ, ବିଭାବ୍ରତ ରେ ତାର ଉପସ୍ଥିତି ଅନିବାର୍ଯ୍ୟ। କୁଅ ରୁ ପାଣି କଢା ଠୁ ନେଇ ପରିବା କଟା ତଥା ସାହିରେ ନୁଆଁ ବୋହୁର ଭାର ବଣ୍ଟା ସବୁଥିରେ ନିପୁଣ ସେ। କୋଉ କାମ ବଳି ଯାଏନି ତମ୍ପା ନାନି କୁ।

ଆରେ ନା ନା, ତମ୍ପା ସାପ ର ନାମ ନୁହେଁ। ଏଠି ମୁଁ କହି ରଖେ ତାହା ଏକ ସୁସ୍ୱାଦୁ ଓଡିଆ ମିଷ୍ଟାନ୍ନ ର ନାମ। ଆମ ଗାଁ ଏକ କୃଷ ବହୁଳ ଗାଁ। ତେଣୁ ଏଠି ଲୋକମାନେ ସାରା ଦିନ କୃଷ ଜମି ରେ ଖଟନ୍ତି। ସେମାନଙ୍କ ନିତି ଦିନିଆ ଆହାର ହେଲା ମାଣ୍ଡିଆ ଜାଉ। ମାଣ୍ଡିଆ କୁ ଘୋରି ପଖାଳରେ ତୋରାଣି ଦେଇ ତା ସାଥିରେ କଞ୍ଚା ପିଆଜ କି ପୋଡ଼ା ଶୁଖୁଆ। ଆଃ, ସାରା ଦିନ ଆଉ ଭୋକ ନାହିଁ। ଏଇ ମାଣ୍ଡିଆ ରେ ଆଉ ଏକ ମିଠା ବ୍ୟଞ୍ଜନ ବନେ। ମାଣ୍ଡିଆ ଚୁନା କୁ ଫୁଟିଲା କ୍ଷୀରରେ ଚିନି, ଅଳେଇଚ୍ ଆଉ ଶୁଖିଲା ଫଳ ଦେଇ ସେଥିରେ ଘଣ୍ଟା ଯାଏ। ଥାଳରେ ଗୁଆ ଘିଅ ଲଗେଇ ତାକୁ ସେଥିରେ ସମତଳ କରି ରଖାଯାଏ। ସମ୍ପୂର୍ଣ୍ଣ ଥଣ୍ଡା ହେଲା ପରେ ତାକୁ ଗଡି ଗଡି କରି ଖିଆଯାଏ। ସତରେ ଭାରି ସୁଆଦିଆ ଏ ବ୍ୟଞ୍ଜନ ଟି। କହିବା ବାହୁଲ୍ୟ ପାଠକେ, କେହି କେହି ଏହି ତମ୍ପା ନାମ ସହ ପରିଚିତ ନଥିବେ, ତେଣୁ। ଯଦିଓ ତମ୍ପା ରୂପରେ ଅତ୍ୟନ୍ତ କୁରୁପ କିନ୍ତୁ ସେ ଗୁଣର ଖଣି। ବଡ ଆଶ୍ଚର୍ଯ୍ୟ ର କଥା ଯେ ମୋ କାହାଣୀ ର ନାୟିକା ତମ୍ପା ନାନି ଦେଖିବାକୁ ଖୁବ୍ ସୁନ୍ଦର। ଗୁଣରେ ବି ଭଲ କିନ୍ତୁ ତା ନାଁ ଟି ଯେ କାହିଁକି କେଜାଣି ତମ୍ପା!

ତା ସହ ମୋର ସମ୍ପର୍କ ଯେ କଣ ମୁଁ ବିଶେଷ ଜାଣେନା। ମୋ ଜେଜେଙ୍କୁ କକା ଡାକେ, ମୋ ବୋଉ, ଖୁଡୀକୁ ସେ ଭାଉଜ ଡାକେ, ଆଉ ଘରେ ସବୁ ତାକୁ ନାନୀ ଡାକନ୍ତି ତ ମୁଁ ବି ତାକୁ ନାନ ଡାକେ। ବୋଉ ତା ର ପରିଚୟ ଥରେ କହିଥିଲେ। କିନ୍ତୁ ସେସବୁ କଥା ମୋ ମୁଣ୍ଡ ଉପର ଦେଇ ଗ୍ଭଲିଗଲା। ତେଣୁ ମୁଁ ବି ଆଉ ତା ପରିଚୟ ଜାଣିବାକୁ ଗ୍ଭହିଁଲିନ। ସେ ଥିଲା ଆମ ତମ୍ପା ନାନ।

କପାଳରେ ମେଞ୍ଚାଏ ସିନ୍ଦୁର ଯେ ଚୁଟି ଧୋଇଲେ ବି ତାର ସେ ସିନ୍ଦୁର ଯାଏନ। ଗୋଡରେ ଅଳତା ରଙ୍ଗ କେବେ ଫିକା ପଡ଼େନ ତାର, ଗଭା ରେ କେତି କ ନାଇଁ କ ଫୁଲ ଟେ ମାରି ହିଁ ଥିବ, ଆଉ ଦେହ ତ ତାର ଏମିତି ରେ ବି ହଳଦୀ ରଙ୍ଗ ର। ଆମ ଘରଠୁ ଅଳ୍ପ ଦୁରରେ ତାର ଘର। କେତି କାଖରେ ଗୋଟେ ଲୁଗାକୁ ଜାକ ଆର ହାତରେ ମେଞ୍ଚେ ଗୁଡାଖୁ ଧରି ଆମରି ଘର ଦେଇ ବନ୍ଧକୁ ଗାଧେଇବାକୁ ଯାଏ। ମତେ ଦେଖିଲେ ପଗ୍ଭରିବ "ଝିଅ ବଇଚୁ, ଅଇଥା ମୁଁ ଆଉଚ ତୋ ମୁଣ୍ଡ ଆମ୍ପି ଦେବି"।

ସାବିତ୍ରୀ କ ଦଶହରା ପୂଜା ଆମ ଘରେ ହୁଏ। ସମସ୍ତଙ୍କ ଆଗରେ ଆସି ସବୁ ଗଲା ପରେ ସେ ଯାଏ। ବଡ ସୁନ୍ଦର ଦିଶୁଥାଏ ସେ ସେଦିନ ସତେ। ସାହି ମାଇକନା ମାନେ ତାକୁ ଦେଖି ଟୁପୁରୁଟାପର ହୁଅନ୍ତି "ଉହହ୍ ତୁଛାକୁ ଏତେ, ମୁଦି ନାହିଁ ଗୋଡ କଗ୍ଭଡୁ କେତେ। ଗେରସ୍ତ ମଲାଣି କ ଗଲାଣି ମାଇପର ରଂଗ ସରୁନ। ଦେଖୁନ ବୁଢିଟେ ହେଲାଣି ଆହୁରି କେତେ ସଜେଇ ହେବାକୁ ମନ।" ତମ୍ପା ନାନ ସତେକ ଶୁଣି କ ବି ନଶୁଣିଲା ପରି ଅଭିନୟ କରେ। ହଁ ଏଇ ଦାନ୍ତ ନେଫେଡେଇ ହସିହସି କଥାକହି ସବୁଥିରେ ଧୁରନ୍ଧର ନାନୀ ର ଜୀବନ କିନ୍ତୁ ଭାରି ଦୁଃଖଦାୟକ। ପିଲାଟେ ହେଇଥିଲା ବିଭା ହୋଇ ଗେରସ୍ତ ସାଙ୍ଗେ ଏ ଗାଁ କୁ ଆସିଥିଲା। ସାନ ପୁଅ ଜନ୍ମ କରିବାକୁ ମାଆ ଘରେ ଅଛି ଶୁଣିଲା ତା ସ୍ୱାମୀ କୁଆଡେ ଗ୍ଭଲିଯାଇଛି। ଶାଶୁ ତ ତଣ୍ଡିଆ ଦେଇ ଘରୁ କାଢୁଥିଲା। ହେଲେ ହାତରେ ସୁନ୍ଦର ଗୁଲୁଗୁଲିଆ ନାତି ଟୋକାକୁ ଦେଖି ତା ମନ ତରଳଗଲା। ଅଛି ଯେ ଅଛି ସେ ଏବେ ଆସି ବୁଢି ଟେ ହେଲାଣି। ଜୋଡିଏ ପୁଅ ଜନମ କରିଥିଲା। ସାନ ପୁଅ ଟି ମାଇପକୁ ଧରି ଆଉ କୋଉଠି ଯାଇ ରହୁଛି। ଆଉ ବଡ ପୁଅଟା ଭଲ କୁ ନାଇ କ ଭଲ କୁ ନାଇ। ତା ନାଁ ଟା ବି

ଭୁଲ୍। ଗୋଟେ ହାତ ପୁଣି କେମ୍ପା। ହେଲେ ଧକ୍କା ମାରିଲେ ବି ମାଆ କୁ ଛାଡିକି ଯାଏନ। ନାନ କେତେ ଥର ତାକୁ ଘଉଡାଏ "ତୁ ଯା ତୋ ଜୀବନ ତୁ ଜିଁ", ଗ୍ବଗିକି ଗ୍ଳଲିଯାଏ। ଭିକଭୁକ ମାଗି କେତେ ଜିନଷ ଏକାଠି କରି ପୁଣି ଫେରିଆସେ ଭୁଲ୍ ତା ମାଆ ପାଖକୁ। ପଗ୍ବରିଲେ କହେ ମୋ ନନା କୁ ଖୋଜି ଯାଇଥିଲି। ଏ ଜିନଷ ସବୁ ମୋ ନନା ଦେଇଚ ମୋ ବୋଉ ପାଇଁ। "ନାନ କାନରେ ଭୁଲ୍ ର ମୁହଁ ଦେହକୁ ପୋଛିପକାଏ ଆଉ ପାଛୋଟି ଘରକୁ ନଏ ତାକୁ। ଆଖିର ଲୁହକୁ ଠଙ୍ଗୀ ରେ ପୋଛି ପକାଏ ନାନୀ।

ପ୍ରତିବର୍ଷ ଆମ ଘରୁ ଗ୍ବରି ଛଅ ଖଣ୍ଡ ଲୁଗା ତା ପାଇଁ ହେଉଥିଲା। ସେମିତି ଗାଁ ର ଆଉ କେତେ ଘରେ ବି ତାର ଆଦର ଥିଲା। ନହେଲେ ବି ସେ ଅଧିକାର ଦେଖେଇ ମୋ ଜେଜିମା କୁ କହେ - ଏ ଖୁଡି ଏ ବର୍ଷ ଭଲ ଲୁଗା ଖଣ୍ଡେ କରି ଦେବୁ ଯେ, ତୋ ଜୋଇଁ ଆଇବ କଇଚ "। ଧିରେ ଧିରେ ସମୟ ବଦଳୁ ଥିଲା। ମୁଁ ବି ପାଠ ଶାଠ ପାଇଁ ବାହାରକୁ ଗ୍ଳଲିଆସିଲି। ମଝିରେ ମଝିରେ ଗାଁ କୁ ଗଲେ ବି ବେଶି ସମୟ ନଥାଏ। କଛି ବର୍ଷ ଉତାରୁ ଥରେ ଗାଁ କୁ ଯିବାର ସୁଯୋଗ ମିଲିଲ୍। ଏକ ଭେଜିର ମଉକା ଥିଲା। ଘରେ କଥା ହେଉଥିବା ମୋ କାନରେ ପଡିଲ୍" ତମ୍ପା ନାନ ଥିଲେ ତାକୁ ଏତକ କାମ ବଳକା। ଖାଲି ସୁନ୍ଦର ଲୁଗା ଖଣ୍ଡେ ଦେଇଦେଲେ ଉଚ୍ଛୁଳ ଉଚ୍ଛୁଳ ସବୁ କାମ କରିଦେଇଥାନ୍ତା ।" ମୋ ଆଖି ଆଗରେ ନାନ ର ରୂପଟେ ଆଙ୍କି ହୋଇଯାଉଥିଲା। ମନେ ପଡି ଯାଉଥିଲ୍ ତାର ମୋ ପ୍ରତି ସ୍ନେହ। ମୋ ମୁଣ୍ଡ ରେ ତେଲ ଲଗେଇ ଦେବା, ମୁଣ୍ଡ କୁଣ୍ଡାଇ ଦେବା, ଆଉ ପିଲ୍ ବେଳର ସେ ସବୁ ସ୍ମୃ ତି ଅକସ୍ମାତ ମୁଁ ଦୌଡି ଗଲି ନାନ ର ଘର ଆଡକୁ। କନ୍ତୁ ସେଠି ଯେ ମାଟି ଉଇର ଏକ ଧ୍ବଂସ ସ୍ତୁପ ଥିଲ୍ ଯାହା। ମୁଁ ଭାବିଲି ନଶ୍ଚୟ ଅନ୍ୟ କୋଇଠି ଘରତୋଳ ଗ୍ଳଲିଗଲା। ନହେଲେ ମୋ ଜେଜେମା ଠୁ କେତେ ସାନ, ସେ ଆଉ ମରି ନା ଯିବ। ମନଟା ଭଲ ଲାଗୁ ନଥିଲା। ଘରକୁ ଆସି ଜେଜେମା କୁ ପଗ୍ବରିଲି ତ ଜେଜେମା କହିଲେ- "କହନା ତା କଥା। ତାର କଣ ହେଲ୍ କଏ ଜାଣିଛି। କେତେ ଦିନ ଯାଏଁ ଖାଲି ସଜଧଜ ହୋଇ ଆସି ଓଳଗି ହୁଏ। କହେ ଖୁଡୀ ଗୋ ତାଁ କେ ଆସିବେ କଇଛନ୍ତି। ମୁଁ ଜାଉଛି ଗ୍ବନ୍ଧବାନ୍ଧ କରିବି। ଦିନେ ତ କୂଅ ଭିତରେ ଡେଇଁଥିଲା। କହିଲ୍ କୁଅ ରେ ଭୁଲ୍ ନନା ଅଛି, ଡାକୁଛି ମତେ।

ବନ୍ଧ ମୂଳେ କେତେ ଲୋକ ଥିଲେ ବୋଲି ତାକୁ କାଢିଲେ। ସେଠୁ କେତେ ଦିନ ପରେ ତିନ ସଂଧ୍ୟା ବେଳଟାରେ ଧାଇ ଆସିଲା। କହିଲା ମୁଁ ଜାଉଛି ଭୁଲାର ନନା ଖବର ପଠେଇଛି ଆସିବାକୁ। ଆଜି ରାତିରେ ଦି ଘଡିକ ମୁଁ ଯିବି। ଓଳଗି ହେଉଛି, ଆଉ ଭାଉଜ ଆଉ ପିଲା ମାନଙ୍କୁ ଭଉତୁ କରି କଇବ। ଝିଅଟାକୁ ଟିକେ ଦେଖିଥାତି, ତତେ ଖୋଜୁଥିଲା ଲୋ ଝିଅ। ଏଡେ ଜୋରରେ ତାକୁ ଶ୍ୱାସ ଉଠୁଥିଲା। ନଶ୍ୱାସ ନେଇ ପାରୁନଥିଲା। ଓଳଗି ହୋଇ ଚାଲିଗଲା। ତା ବାସୀ ଦିନ ଘରେ ମରିକ ପଡିଚ ଲୋ ଝିଅ। କୋ କାଳେ ତା ଗେରସ୍ତ ଶାଢ଼ି ଟେ ଆଣିଥିଲା ତାକୁ ଗୁଡେଇ ହେଉଛି। ପାଦ ହାତ ସବୁ ଅଳତା, ମୁହଁ ସାରା ସିନ୍ଦୁର ବୋଲିକ ବଡ ବିକଟାଳ ଦିଶୁଥିଲା। "

ଜେଜେମା ର କଥା ଶୁଣି ସ୍ତବ୍ଧ ହୋଇ ବସି ଯାଇଥିଲି। ତଥାପି ଜେଜେମା କହୁଥିଲା। ଯେଉଁ ମାନେ ତଳ ଦିନେ ତମ୍ପା ନାନ କୁ ଟାହିଟାପରା କରୁଥିଲେ, ସେଠି ଠିଆ ହୋଇ କହୁଥିଲେ "କେତେ ଭଲ ମାଇକନା ଟା ଥିଲା ଲୋ, କେତେ ଦୁଃଖ ଜନମ ତାର। ମରି ଗଲାନ ଯେ ତରି ଗଲା"।

କାନ୍ଦିବାକୁ ଭାରି ଇଚ୍ଛା ହେଉଥାଏ। ମୁଁ ଧିରସ୍ଥିର ବସି କେବଳ ତାର ରୂପଟିକୁ ମନରେ ଭାବୁଥାଏ। ଜେଜେମା କହୁଥିଲା ତମ୍ପା ନାନ କୁ ଅହ୍ୟ ସୁଲକ୍ଷଣୀ କରି ଶ୍ମଶାନ କୁ ନେଲେ। ତା ପୁଅ ଭୁଲା ଠେଙ୍ଗା ଧରି ସମସ୍ତଙ୍କୁ ମାରି ଗୋଡାଉ ଥିଲା ତା ମାଆ ଶୋଇଛି। ତାକୁ ପୋଡିଦେଲେ ବୋଲି ରାଗିକ ଦରପୋଡା ନାନକୁ ଟାଣି ଆଣିଥିଲା ସେ। ନାନର ସ୍ୱାମୀ ର କଛି ଖୋଜଖବର ନାହିଁ। ସେଥିପାଇଁ ନାନ ର ଦାହସଂସ୍କାର ପୁର୍ବ ରୁ କଦଳୀ ଗଛଟିଏ ତା ସ୍ୱାମୀ ବୋଲି ପୋଡିଦେଲେ। ଭୁଲାର ସେବେଠୁ ଆଉ କଛି ଅତା ପତା ନାହିଁ।

ବହୁତ ସମୟ ପର୍ଯ୍ୟନ୍ତ ସେ ବିଷୟରେ ଭାବୁ ଭାବୁ ମୋ ମନ ଶେଷରେ ମତେ ଗୋଟିଏ କଥା କହିଲା- "ହ ମ, ପ୍ରତୀକ୍ଷା ର ଅନ୍ତ ହେଲା"।

ଆମ୍ରପୁଆ , ବ୍ରହ୍ମପୁର- ୧୦
paramita310@gmail.com

# ପ୍ରେମମୟ ପୃଥିବୀ



ଅନୁପମ ବେହେରା

ସାରା ପୃଥିବୀରେ ଅସଂଖ୍ୟ ଫୁଲ ଫୁଟିଯାଏ ।
ଧରିତ୍ରୀର ଧୂସର ଛାତିଟା ସବୁଜିମାରେ ଭରିଯାଏ,
ମଝି ଆକାଶରେ ସୂରୁଜ ସ୍ଥିର ହୋଇଯାଏ,
ପାହାଡ ଫାଙ୍କରେ ଜହ୍ନ ଲୁଚ ଦେଖୁଥାଏ,
ତାରାଙ୍କ ରୋଷଣୀରେ ନୀଳ ଆକାଶଟା ସଜେଇ ହୋଇଥାଏ,
ସାରା ବାୟୁମଣ୍ଡଳ ଅପୂର୍ବ ମହକରେ ମହକଯାଉଥାଏ,
ଚଢେଇମାନଙ୍କର କଚରିମିଚରି ସଂଗୀତ ଲାଗୁଥାଏ,
ମନ୍ଦ ମନ୍ଦ ମଳୟ ପବନ ବହୁଥାଏ,
ସମୟ ବି ଟିକେ ଧିମେଇ ଯାଇଥାଏ,
ଆଖିରେ ଆଖିଏ ସ୍ୱପ୍ନ ନେଇ ସେ ଠିଆ ହୋଇଥାଏ,
ହାତରେ ଲାଲ୍ ଗୋଲାପଟେ ହାତରେ ଧରି ମୁଁ ତା ପାଖକୁ ଯାଏ,
ଛାତିରେ ଛାତିଏ ପ୍ରଶ୍ନ ନେଇ ପ୍ରେମ ନିବେଦନ କରିଦିଏ,
ସେ ଟିକେ ଲାଜେଇଯାଏ,
ଫୁଲଟିକୁ ମୋ ହାତରୁ ନେଇ ଦୌଡି ଚାଲିଯାଏ,
ଟିକେ ରହି ବୁଲି ଚାହିଁଦେଇ ଅଳ୍ପ ହସିଦିଏ,
ଅପୂର୍ବ ଆନନ୍ଦରେ ମୋ ହୃତପିଣ୍ଡ ଭରିଯାଏ,
ମୋ ପ୍ରଶ୍ନର ଉତ୍ତର ମୋତେ ମିଳିଯାଏ,
ପୁରା ଦୁନିଆଟା ପ୍ରେମମୟ ଲାଗୁଥାଏ,
ସାରା ପୃଥିବୀରେ ଅସଂଖ୍ୟ ଫୁଲ ଫୁଟିଯାଏ ॥

ବଘିଆପଡା, ବୌଦ୍ଧ, ଓଡିଶା

# ଅବ୍ୟକ୍ତ ସମ୍ପର୍କ



ସଚ୍ଚିଦା ନନ୍ଦ ବାରିକ

ଅପେକ୍ଷା କରି କରି ସବୁଥର ଭଳ
ଧର୍ଯ୍ୟର ବରଫ ଖଣ୍ଡ ଗୁଡା
ଲୁହରେ ବଦଳ ଯିବା ପୂର୍ବରୁ
ମୋତେ ତମେ ବରି ନେଇଥାନ୍ତ ତମ ଅବଶିଷ୍ଟ ଭବିଷ୍ୟତ ପାଇଁ
ସେ ଅଫିସର ଆଗରେ ଆଉ କଛି ମିଛି ମିଛିକା ଏ ସମାଜ ଆଗରେ
ମୁଁ କେବେ ଡେଇଁ ନ ଥାନ୍ତି ବନ୍ଧୁତ୍ୱର ଲକ୍ଷ୍ମଣ ଗାର
ବରଂ ତମ ଲୁହ ଗୁଡା ବହି ଯାଇ ନ ଥାନ୍ତା ଆଉ କାହା ଆଗେ
ଆମେ ଖୋଜି ଥାନ୍ତେ ଗୋଟି ଗୋଟି କରି
ସେ ହଠାତ୍ ବଦଳ ଯିବାର କାରଣ ଗୁଡିକୁ
ଯାଇଥାନ୍ତେ ତମ ମନର ମଣିଷ ପାଖକୁ
ଖୋଜିଥାନ୍ତେ ମିଶି ସମାଧାନ ର ବାଟ
ଆଉ ତା ପରେ
ବିତାଇଥାନ୍ତେ ଅବଶିଷ୍ଟ ଜୀବନ କୁ
ତମେ ତମ ପ୍ରେମିକ ସାଥିରେ ଆଉ ମୁଁ ତମ ଖୁସି ସାଥିରେ
କିନ୍ତୁ ନା.....
କହି ପାରେନ
ଏପରି ଏକ ଉଦ୍ଭଟ ଭାବନାକୁ

ପ୍ରତିଥର ପାଟି ଖନ ମାରିଯାଏ ତମକୁ କହିବା ପୂର୍ବରୁ
ଆଉ ମୁଁ ସେମିତି ମୂକ ସାକ୍ଷୀଟିଏ ହୋଇ ରହିଥାଏ
ସବୁଥର....
ଏଥର କିନ୍ତୁ କହିଦେବି
ତମେ ଯାହା ଭାବିଲେ ଭାବ ପଛେ
ସମ୍ପର୍କ ତ ସବୁବେଳେ ବଦଳେ
ଆଉ ମୁଁ କଣ ଏତିକି କରି ପାରିବିନି
ତୁମ ଲୁହ କୁ ବନ୍ଧ ବାନ୍ଧିବା ପାଇଁ
ବଦଳ ଯିବି ଏଥର
ମୁଁ ଅପେକ୍ଷା କରିବି ତମେ ବୁଝିଲା ଯାଏଁ ।

ଗ୍ରାମ/ ପୋଷ୍ଟ – ଝୁମ୍ପୁରା,
ଜିଲ୍ଲା – କେନ୍ଦୁଝର, ଓଡିଶା

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ ।**

# ଦୁର୍ନୀତି କାହିଁକି?

( ଦୁର୍ନୀତି ନିବାରଣ ଜନ ସଚେତନତା ସପ୍ତାହ ପାଳନ ଉପଲକ୍ଷେ)



ବରଦା ପ୍ରସନ୍ନ ଦାସ

ଅତୀତରେ ମାନବ ସମାଜର ଆଦର୍ଶ ଥିଲା ତ୍ୟାଗ । ମାତ୍ର ସମ୍ପ୍ରତି ମାନବ ସମାଜର ଆଦର୍ଶ ହୋଇଛି ଭୋଗ । ବସ୍ତୁବାଦୀ ଚିନ୍ତାଧାରା ଦ୍ୱାରା ପୀଡିତ ଆଧୁନିକ ସମାଜରେ ଅର୍ଥଲୋଭୀ ମଣିଷ ମଣିଷ ମଧ୍ୟରେ ରାତିକା ରାତି ବଡଲୋକ ହେବାର ପ୍ରତିଯୋଗିତା ଚାଲିଛି । ଫଳରେ ଦୁର୍ନୀତି ନିବାରଣ ବିଭାଗ ଶବ୍ଦର ଗୁରୁତ୍ୱ ଆଜି ସମସ୍ତଙ୍କ ଉପଲବ୍ଧି ହେଉଛି । ଏଥି ନିମନ୍ତେ ସମସ୍ତେ ବ୍ୟଗ୍ର । ଆଇନ ପ୍ରଣୟନ କରାଯାଇଛି, ଦୁର୍ନୀତି ନିବାରଣ ବିଭାଗ ସରକାରଙ୍କର ଅଛି । ଦୁର୍ନୀତି ଗ୍ରସ୍ତ ବ୍ୟକ୍ତିମାନଙ୍କୁ ଧରାଯାଉଛି । ମକଦ୍ଦମା ହେଉଛି କୋର୍ଟରେ ଦଣ୍ଡିତ ହୋଇ କାରାଗାରରେ ବନ୍ଦୀ ହେଉଛନ୍ତି । ଦୁର୍ନୀତିଲିପ୍ତ ବ୍ୟକ୍ତିମାନଙ୍କଠାରୁ ଜୋରିମାନା ଆଦାୟ ହେଉଛି । ତଥାପି ଦୁର୍ନୀତି ରୂପକ ବ୍ୟାଧିକୁ ନିୟନ୍ତ୍ରଣ କରାଯାଇ ପାରୁନି ।

ରକ୍ଷକ ମଧ୍ୟ ଭକ୍ଷକ ସାଜୁଛି । ସବୁର ମୂଳକାରଣ ଲୋଭ । ପାଶ୍ଚାତ୍ୟ ରାଷ୍ଟ୍ରର କେତେକ ବ୍ୟକ୍ତି ଆଜି ବସ୍ତୁବାଦୀ ଚିନ୍ତାଧାରା ପରିବର୍ତ୍ତେ ଆଧାତ୍ମିକ ମୁନିଋଷିର ଭୂମି ଭାରତରେ ଆଧାତ୍ମିକ ଚେତନା ପ୍ରତି ଆଗ୍ରହ ପ୍ରକାଶ କରୁଥିବାବେଳେ ଆମ୍ଭେ ପାଶ୍ଚାତ୍ୟ ରାଷ୍ଟ୍ରର ଚାକଚକ୍ୟ ପ୍ରତି ଆକୃଷ୍ଟ ହେଉଛୁ । ଯେଉଁ ଉପାୟ ହେଉ ପଛେ, ଅର୍ଥ ଠୁଳ କରିବା ପାଇଁ ଆଜି ଅଧିକାଂଶ ବ୍ୟକ୍ତି ଚେଷ୍ଟିତ । ଫଳାଫଳ ପ୍ରତି ଭୃକ୍ଷେପ ନକରି ଆୟବୃଦ୍ଧି ପାଇଁ କେତେକ ବ୍ୟକ୍ତି ପାଗଳ ହୋଇ ଉଠୁଛନ୍ତି । ଏଣୁ ଦୁର୍ନୀତି ବୃଦ୍ଧି ପାଇଛି । ତଥାପି ସାମାଜିକ ସଂସ୍କାର ପାଇଁ ସମସ୍ତେ ଅଣ୍ଟାଭିଡି ଆଗକୁ ଆସିବା ଜରୁରୀ ହୋଇପଡିଛି । ସବୁ ସ୍ତରରେ ଦୁର୍ନୀତିକୁ ପ୍ରଶୟ ନଦେବା ପାଇଁ ଜନସାଧାରଣ ସଚେତନ ହେବା ସର୍ବାଗ୍ରେ ଆବଶ୍ୟକ । ଏଥି ସଙ୍ଗେସଙ୍ଗେ ଆଧାତ୍ମିକ ଚିନ୍ତାଧାରାରେ ବିକାଶ ପାଇଁ ଜନତାମାନେ କାର୍ଯ୍ୟ କରିବା ବିଧେୟ । ମନରୁ ଲୋଭକୁ ହ୍ରାସ କରିବା ପାଇଁ ଧାର୍ମିକ ଚିନ୍ତା ଭାଗବତ ମୁଖ୍ୟ ଆୟୁଧ ।

ଭାଗବତ ଟୁଙ୍ଗି ଗୁଡିକର ପୁନର୍ଦ୍ଧାର ପାଇଁ ରାଜ୍ୟ ସରକାର ଶତତ ଚେଷ୍ଟିତ । ଏହା ଏକ ଶୁଭ ସଂକେତ ।

ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ହେଲେ ପାଖରେ ପ୍ରମାଣ ଥିବା ଦରକାର । ଯୁବ ସମାଜ ଆଖିବୁଜି ବା ମନେମନେ ଯାହା ଚନ୍ତାକରି କହିଦେବା ଠିକ୍ ନୁହେଁ । ଦେଶରେ ବା ରାଜ୍ୟରେ ଛତୁଫୁଟିଲା ଭଳି ଯୁବ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନ ଗଢି ଉଠିଛି । ମାତ୍ର କେହିହେଲେ କେବେ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି କି? ସବୁ ପ୍ରକାର ଦୁର୍ନୀତି ଦୂର କରାଯିବା ଏକ କଷ୍ଟକର ବ୍ୟାପାର । ଆଜି ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା ପ୍ରଣୀତ ହୋଇଛି । ପଲ୍ଲୀସଭା ଗ୍ରାମ ସଭାକୁ ଅଖଣ୍ଡ କ୍ଷମତା ଅର୍ପିତ ହୋଇଛି । ପଲ୍ଲୀ ସଭାର ନଷ୍ପତ୍ତିକୁ ପ୍ରଶାସନ ସମ୍ମାନ ଦେବାକୁ ବାଧ୍ୟ । ମାତ୍ର ଦୁଃଖର ବିଷୟ ପଲ୍ଲୀ ଓ ଗ୍ରାମ ସଭାମାନଙ୍କରେ ଗଣ୍ଡଗୋଳ ସୃଷ୍ଟି କରାଯାଉଛି ।

ଲୋକ ପ୍ରତିନଧି ମୂଳକ ଶାସନରେ ଉପଯୁକ୍ତ ଲୋକ ବିଭିନ୍ନ ସରକାରୀ ଯୋଜନାରେ ସୁଫଳ ସର୍ବଦା ପାଇବା ଉଚତ । ଦରିଦ୍ର ଦୂରିକରଣ ନମନ୍ତେ ବ୍ଲକ ସ୍ତରରେ ଗ୍ରାମ ପଞ୍ଚାୟତ ସ୍ତରରେ ଯେଉଁ ସବୁ ଯୋଜନା କାର୍ଯ୍ୟକାରୀ ହୋଇଛି ଗ୍ରାମର ଯୁବକମାନେ ସେଠାରେ ହସ୍ତକ୍ଷେପ କରିବା ଉଚତ । ସେଇଭଳି ଦେଖାଯାଉଛି ବାର୍ଦ୍ଧ୍ୟକ୍ୟ ଭତ୍ତା ପୁରୁଷ ଓ ମହିଳାମାନଙ୍କୁ ବହୁ ସଂଖ୍ୟାରେ ବଣ୍ଟନ କରାଯାଉଛି । ଜନ ସଂପର୍କ ଶିବିରମାନଙ୍କରେ ଜିଲ୍ଲାପାଳମାନେ ବିଭିନ୍ନ ଗ୍ରାମରେ ଲୋକମାନଙ୍କ ପଖକୁ ଯାଇ ଦୁର୍ନୀତି ଅଭିଯୋଗ ମଧ୍ୟ ଶୁଣୁଛନ୍ତି । ଏଠାରେ ଗୀତା ଜ୍ଞାନ ବିଶେଷ ପ୍ରଣିଧାନ ଯୋଗ୍ୟ । ତାହାହେଲା ଯେ ଯେପରି କର୍ମ କରିବ ସେ ସେପରି ଫଳ ପାଇବ । ଅନେକ ଲୋକ ଅଛନ୍ତି ଯାହା କହନ୍ତି ତାହା ନଜେ କରନ୍ତି ନାହିଁ । ଏଣୁ କର୍ମକୁ ଆଦରି କାର୍ଯ୍ୟ କଲେ ସୁକର୍ମ ପାଇଁ ସୁଫଳ ଏବଂ କୁକର୍ମ ପାଇଁ କୁଫଳ ଭୋଗିବାକୁ ହୋଇଥାଏ । ତେଣୁ ଭାଗବତରେ କୁହାଯାଇଛି ଯେ କର୍ମଗୋହର ନଜ ଗୁରୁ, ଉଦ୍ଧବ କେତେ ତୁ ପଗ୍ଭରୁ । ଏଣୁ ସୁନତୀକୁ ଭଲ ଫଳ ମିଳବା ବେଳେ ଦୁର୍ନୀତିକୁ ମନ୍ଦ ଫଳ ମିଳଥାଏ ।

ଏଇ ଦୁର୍ନୀତି ମୂଳୋତ୍ପାଟନ ନିମନ୍ତେ ସଂପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ବଦ୍ଧ ପରିକର । ଏହା ଦେଶପାଇଁ ଏକ ଶୁଭ ସୂଚନା ଅଟେ । ଭାରତରେ ଚହଳ ସୃଷ୍ଟି କରିଥିବା ପୂର୍ବତନ ନିର୍ବାଚନ କମିଶନର ଟି.ଏନ୍. ଶେଷାନଙ୍କ ପରେ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନର ଏନ୍. ଭିଟଲ ଦୁର୍ନୀତି ପ୍ରସଙ୍ଗ ଉଠାଇ ଜନ ମାନସକୁ ପ୍ରଭାବିତ କରାଇ ପାରିଛନ୍ତି । ଏକଦା ଭୁବନେଶ୍ୱର ବାସିନ୍ଦାଙ୍କ ଉଦ୍ଦେଶ୍ୟରେ ଭାଷଣ ଦେଇ କହିଥିଲେ ଯେ, ଏ ଦେଶର ପ୍ରଭାବଶାଳୀ ବ୍ୟବସାୟୀ ତଥା ଗୁହାରି କରିଥିବା ଲୋକମାନେ ଦେଶରେ ୧୦ ପ୍ରତିଶତ ହୋଇଥିଲେ ମଧ୍ୟ ସେମାନେ ୯୦ ଭାଗ ଲୋକଙ୍କୁ ଶୋଷଣ କରୁଛନ୍ତି । ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ କରିବାକୁ ଜନସାଧାରଣ ଆଗେଇ ଆସିବାକୁ ଶ୍ରୀ ଭିଟଲ ଆହ୍ୱାନ ଦେଇଥିଲେ । ଅକ୍ଟୋବର ୩୦ ଠାରୁ ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ରୂପେ ପାଳନ କରାଯାଉଛି । ଏ ଦିଗରେ ସଫଳତା ପାଇବାକୁ ହେଲେ ମାନସିକତାର ପରିବର୍ତ୍ତନ ଜରୁରୀ ।

ଡି.ଆଇ.ପି.ଆର.ଓ., ଭୁବନେଶ୍ୱର



# ଅବର୍ତ୍ତମାନର ଅବଲୋକନ



ଅଶୋକ ବିଶ୍ୱାଳ

ଠିଆ ହୋଇଥିଲି ମୁଁ ମୋ ଘରର ଆଗରେ
ମୋର ସ୍ୱାଗତ ନିମନ୍ତେ
ଏତେ ଦିନ ପରେ ଘରକୁ ଆସୁଥିଲି କୁଣିଆ ଭଳିଆ
ଠିଆ ହୋଇଥିଲି ମୁଁ ରାସ୍ତାକୁ ଅନାଇ
ଆଖିର ପତାକୁ ବି ସ୍ଥିର କରିଦେଇଥିଲି
କାଳେ ମୁଁ ଭିତରକୁ ଆସିଯିବି
ମୋର ଅଜାଣତରେ ।।

ଘର ଭିତରକୁ ସଜାଇ ଦେଇଥିଲି ମନ ମୁତାବକ
ସବୁଠାରେ ମୋ ଛାପ ଛାଡ଼ି ଦେଇଥିଲି
ଯେମିତି ମୋ ଘରେ ନିଜକୁ ପର ବୋଲି ଭାବିବିନି
ଏଇଠି, ସେଇଠି, ସବୁଠି ଧୂଳି ଝାଡ଼ି ଦେଇଥିଲି
ନିଜ ପିନ୍ଧା ଗାମୁଛାରେ ଗୋଡ଼କୁ ପୋଛି ଦେଇଥିଲି
ଅନେକ ଦିନର ମଳି କାଳେ ଗୋଡ଼ରେ ବାଜିବ ।।

ଏଣେ ତେଣେ ଭଲଭାବେ ଦେଖି ଦେଇଥିଲି,
କେଉଁଠି ବେଢଙ୍ଗ ଟିକଏ ଆଖିରେ ପଡ଼ିତ ନଥିଲା
ତଳେ ଗଡୁଥିବା ଦିନକୁ ଗୋଟାଇ ରଖିଦେଇଥିଲି ଗମ୍ଭୀରି ଘରର ଠଣାରେ
ଅଜଣାରେ କାଳେ ଚଢ଼ିଯିବି
ଚରିଯିବେ ମୋ ଭିତରକୁ ।।

ମୋ ଘର ଆଗରେ ଆସି ଠିଆ ହୋଇଗଲି
ପାଛୋଟି ନେଲି ମୋତେ ଘର ଭିତରକୁ
ଗୋଡ଼ ଧୋଇଦେଲି, ପୋଛିଦେଲି,
ଆସନକୁ ପାରିଦେଲି ବସିବା ପାଇଁ କ
ବତୀକୁ ମୁଁ ଜାଳଦେଲି
ଯେମିତିକ ମୁଁ ମୋତେ ଦେଖିପାରେ ଭଲକରି ।।

କେତେ ଅବଶ ମୁଁ ହୋଇଯାଏ
ଗ୍ଭରିଆଡ଼େ ଖେଳ ବୁଲୁଥାଏ ରୁଣୁଝୁଣୁ ଶବ୍ଦ
ଘେରିଯାଇଥାଏ ମୋତେ ନରମ ଆଲୋକର ଧାର୍
ଖୋଜି ବୁଲୁଥାଏ ମୁଁ ମୋତେ ଅଂସଖ୍ୟ ମୂର୍ତୀର ମେଳରୁ
ସମସ୍ତଙ୍କ ମୁହଁରେ ହସ ଯେ ଚେନାଏ
ବୁଝିପାରେନା କେଉଁଟା ମୋ ମୂର୍ତୀ
ଅନାଇ ମୁଁ ରହେ ଆଖି ପତା ନ ପକାଇ ।।

ସେକ୍ଟର- ୩, ସଲ୍ଟଲେକ, କଲିକତା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# କ୍ଷୋଭ



ସୁସ୍ମିତା ମହାପାତ୍ର

ବିସ୍ମୃତ ଆଜି ଅମ୍ଳାନ ସ୍ମୃତି ଗତ ଗଉରବ ଗାଥା
କେମିତି ବ୍ୟକ୍ତ କରିବି ଅତୀତ ଲାଜେ ନଇଁଯାଏ ମଥା ॥
ଭୁଲିଛୁ ସେବେର ଅଜା ଜେଜେଙ୍କର ତ୍ୟାଗ ଅନୁରାଗ ମାନ,
ପଡୁନାହିଁ ମନେ ପାଇକ ପୁଅର ତ୍ୟାଗପୂତ ବଳଦାନ ॥
ଆଣୁଥିଲେ ଦିନେ ଦଉଲତ ବୋହି ବୋଇତେ ସାଧବ ମାନେ,
ଆମଦାନୀ ନୁହେଁ ରପ୍ତାନୀ ଏବେ ଜାହାଜ ବୋଇତ ସ୍ଥାନେ ॥
ଉତ୍କଳ ଆମ ହୀରା ନୀଳା ମୋତି ମାଣିକେ ଝଲସୁ ଥିଲା,
ଶୋଭା ଶିରୀ ହୀନ ମଳନ ବଦନ ସୁଷମା ତା' କାହିଁ ଗଲା? ?
ମସ୍ତକ ଯା'ର ମଣ୍ଡିତ ଥିଲା ବିଜୟ ଟିକାରେ ଦିନେ,
କଳା ମେଘ ଘୋଟି ଯାଇଛି କି ଅବା ଲଳତ ତା'ର ଲଘନେ!!
ମନ୍ଦିର ଦେହୁ ଉଖୁଡି ଗଲାଣି କମ୍ର କୀର୍ତ୍ତିରାଜି,
ମୂର୍ତ୍ତି ବେଦିରେ ଗମ୍ଭୀରା ଘରେ ରାସଲୀଳା ଚାଲେ ଆଜି ॥
ଦାସିଆ ବାଉରି, ଶାଲବେଗ ପରି ଭକତକୁ କିଏ ଚାହେଁ,
ଖବର ତ ଏବେ ଗଣ ମାଧ୍ୟମରେ ବିତ୍ତଶାଳୀର କହେ ॥
ଏଇ ମାଟି ପାଣି ପବନରେ ବଢି ପଲକେ ଯାଉଛୁ ଭୁଲି,
ସୀମା ସେପାରିରେ ଗୋଲାମି କରିବା ଲାଗୁଅଛି ଭଲ ବୋଲି ॥
ଏ ଗାଲେ ମାଇଲେ କିଏ ବା ସେଗାଲ ଦେଖାଉଛି ବାପୁଭଳି,
ନଆଁ ନଥାଇବି ଧୂଆଁ ଦିଶେ ଏଠି କାଳ ପରା ଘୋର କଳି ॥
ଇତିହାସ ଏବେ ହୋଇଲାଣି ଯେତେ ପରମ୍ପରା ଓ ପ୍ରଥା,

ନୂଆ ସଂସ୍କୃତି ବଖାଣୁଛି ଖାଲି ଆଧୁନିକତାର କଥା ॥
କ୍ରମାଗତ ଏଇ ରଙ୍ଗ ଢଙ୍ଗ ଯେବେ ଆପଣେଇ ନେବା,
ଭୁଶୁଡି ପଡିବ ସଂସାର ନଅଁ ରସାତଳଗାମୀ ହେବା ॥
ବେଳ ଥାଉଁ ଥାଉଁ ନିଜକୁ ସୁଧାରି ନଅହେ ଭଉଣୀ ଭାଇ,
ପୁଣ୍ୟ ବଳରେ ପାପ ଫେଇ ଗୁଳ କାଳସାଥେ ତାଳ ଦେଇ;
କର୍ମ ବଳରେ ଧର୍ମ ଅରଜି, ମୋକ୍ଷ ପ୍ରାପ୍ତି ମାର୍ଗ ସରଜି, ତରିଯାଅ ଭବଭୂଇଁ ॥ ।

ରାଉରକେଲା, ଓଡିଶା

ବେଦାନ୍ତୀର ଆଗାମୀ ସଂଖ୍ୟା ଜାନୁୟାରୀ ମାସ ୧ ତାରିଖରେ ପ୍ରକାଶ ପାଇବ ।
ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ଡେସେମ୍ବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com / editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ଓଡିଆ ନାଟ୍ୟାକାଶ ର ଚନ୍ଦ୍ର : କାଳୀଚରଣ



ପ୍ରତିଭା ପ୍ରିୟଦର୍ଶିନୀ

ଓଡିଶାର ସମୃଦ୍ଧ ନୃତ୍ୟ, ସାହିତ୍ୟ ଓ ସଂଗୀତକୁ ଯେଉଁ ବରେଣ୍ୟ ସାରସ୍ୱତ ସାଧକଗଣ ଋଦ୍ଧିମନ୍ତ କରିଛନ୍ତି, ସେମାନଙ୍କ ମଧ୍ୟରେ ଚନ୍ଦ୍ରସମ ଉଜ୍ଜ୍ୱଳ ଦୀପ୍ତ ସିଦ୍ଧ ସାଧକ ଜଣଙ୍କ ହେଉଛନ୍ତି କବିଚନ୍ଦ୍ର ଡକ୍ଟର କାଳୀଚରଣ ପଟ୍ଟନାୟକ। ତାଙ୍କ ସାରସ୍ୱତ ଜୀବନ, ଓଡିଆ ନାଟ୍ୟ ସାହିତ୍ୟ ଜଗତର ଗୌରବମୟ ଅର୍ଦ୍ଧଶତାବ୍ଦୀ ର ଇତିହାସ। ସେ ଏକାଧାରରେ ଥିଲେ ଜଣେ ଉଚ୍ଚକୋଟୀର ନାଟ୍ୟ ସାହିତ୍ୟ ସ୍ରଷ୍ଟା, ନୃତ୍ୟଗୁରୁ, ସଙ୍ଗୀତଜ୍ଞ, ଅନୁବାଦକ, ଗୀତିକାର ଏବଂ ଶାସ୍ତ୍ରୀୟ ସଙ୍ଗୀତ ବିଶାରଦ। ନାଟ୍ୟାଗ୍ରୁର୍ଯ୍ୟ କାଳୀଚରଣ ସାମାଜିକ, ଐତିହାସିକ, ପୌରାଣିକ ନାଟକ, ବେତାର ନାଟକ, ରାସଲୀଳା, ଦାସକାଠିଆ ଓ ନୃତ୍ୟାଭିନୟ କ୍ଷେତ୍ରରେ ଅନେକ ପୁସ୍ତକର ରଚୟିତା । ନାଟକ ସହିତ ଶିଶୁ ସାହିତ୍ୟ, ବ୍ୟଙ୍ଗ ଓ ଭକ୍ତି ରଚନା ଗୁଡିକରେ ତାଙ୍କ ଭାଷା ପଟୁତା ଖୁବ୍ ସହଜରେ ସାହିତ୍ୟାନୁରାଗୀ ଙ୍କୁ ବିମୋହିତ କରେ। ରଚନା ର ଭାବ, ଭଙ୍ଗୀ, କୌଶଳ ଓ ଭାଷା ବିନ୍ୟାସ ଖୁବ ସରଳ ଓ ପ୍ରାଣସ୍ପର୍ଶୀ ହେବାଯୋଗୁଁ ସାଧାରଣ ପାଠକ ମଧ୍ୟ ତାଙ୍କ ସାହିତ୍ୟକୁ ଭଲପାଏ। ମାନବଧର୍ମୀ ଚନ୍ତାଧାରାର ଏହି ପ୍ରତିଭାଦୀପ୍ତ ନାୟକ କବିଚନ୍ଦ୍ର, ମା ଚର୍ଚ୍ଚିକାଙ୍କ ପୂଣ୍ୟଭୂମୀ ବାଙ୍କୀମାଟିର ବରପୁତ୍ର।



୧୮୯୭ ମସିହା ଡିସେମ୍ବର ୨୩ ତାରିଖ, ପବିତ୍ର ବକୁଳ ଅମାବାସ୍ୟା ତିଥିରେ ମାତା ରାଧାମାଳୀ ଓ ପିତା ଦୁର୍ଗାଚରଣଙ୍କ ଭାଗ୍ୟ ଉଜ୍ଜ୍ୱଳ କରି ଜନ୍ମନେଲେ ଓଡିଆ ନାଟ୍ୟ

ସାହିତ୍ୟର ପୂର୍ଣ୍ଣିମା ଚନ୍ଦ୍ର, କାଳୀଚରଣ ପଟ୍ଟନାୟକ। ପୂଣ୍ୟସ୍ରୋତା ମହାନଦୀ ଓ ପରମ କଲ୍ୟାଣମୟୀ ମା ଚର୍ଚ୍ଚିକା ଙ୍କ ଆଶୀର୍ବାଦ ସିକ୍ତ ବାଙ୍କୀମାଟି ର ପାଣି ପବନ ତାଙ୍କ କଳାତ୍ମକ ସୃଜନର ଆଦ୍ୟ ଉଦ୍ଦୀପନାକୁ ଚରିତାର୍ଥ କରିବାରେ ବାଲ୍ୟ ଓ କୈଶୋର ସମୟରୁ ସାକ୍ଷୀ ରହିଥିଲା। ତାଙ୍କ ବାଲ୍ୟଶିକ୍ଷା ର ପ୍ରଥମ ସୋପାନ ସାଜିଥିଲା ଚର୍ଚ୍ଚିକା ମାଇନର ସ୍କୁଲ। ପିଲାଦିନେ ଥରେ ମହାଷ୍ଟମି ତିଥିରେ ମା ଚର୍ଚ୍ଚିକାଙ୍କ ଅପୂର୍ବ ରୂପକାନ୍ତିରେ ବିଭୋର ହୋଇ ତାଙ୍କ ଶିଶୁପ୍ରାଣ ରୁ ଫୁଟିପଡିଥିଲା ମା ର ବନ୍ଦନା। ସେ ଲେଖିଥିଲେ,

"ଦେବୀଗୋ ପରମାନନ୍ଦ ଦାୟିନୀ,  
ପଦ୍ମଗନ୍ଧ ପ୍ରସୂନ ମାଳିନୀ ମା'  
ଶ୍ମଶାନ ବିଳାସିନୀ  
କରଦୟା ଦୀନେ ସିଂହବାହିନୀ  
ନର- ହୃଦୟ ପରଗ୍ଭରିଣୀ"

ସେହି ପରମାନନ୍ଦ ଦାୟିନୀ ମା'ର ଆଶିଷ ତଥା ନିଜ ପ୍ରତିଭା ଓ ସାଧନା ବଳରେ କାଳୀଚରଣ ରଚନା କରିଥିଲେ ଅନେକାନେକ ଛାନ୍ଦ, ଚଉପଦୀ, ଜଣାଣ, ଚଉତିଶା ଏବଂ ରସକେଳୀର ସମ୍ଭାର। ମେଧାବୀ କାଳୀଚରଣ ମାଟ୍ରିକ ପାଶ୍ କରି ମହାବିଦ୍ୟାଳୟରେ ପଢିବା ବେଳକୁ ପିତୃବିୟୋଗର ଦାରୁଣ ଦୁଃଖ ଭୋଗିଥିଲେ। ତେବେ ପାଠପଢା ସହିତ ଢୁମ୍ପା, ମଉଜ, ଚଇତିଘୋଡା, ଦଣ୍ଡନାଚ, ଚଢେୟା- ଚଢେୟାଣୀ ନାଟ, ଗ୍ଭମଲୀଳା ଉତ୍ୟାଦି ଲୋକକଳାରେ ପ୍ରଭାବିତ ହୋଇ ସେ ଅନେକ ଲୋକଗୀତ ଓ ପଲ୍ଲିଗୀତ ଲେଖିଥିଲେ। ସେସବୁ ଏବେବି ଅନେକ ଲାଇବ୍ରେରୀର ଶୋଭା ବଢାଉଛି। ତାଙ୍କ ଲେଖା ଗୁଡିକ ମଧ୍ୟରେ ପ୍ରମୂଖ ଗୁଡିକ ହେଉଛି :

## ଗୀତିନାଟ୍ୟ

କଳଙ୍କ ଭଞ୍ଜନ, ଦାରିଦ୍ର୍ୟ ଭଞ୍ଜନ, ମିଳନ ମାଧୁରୀ, ଶ୍ରୀ ଗ୍ଭଧା, ବାଂଶରୀ ବିଳାସ (୧୯୨୨), କୌତୁକ ଚନ୍ତାମଣି (୧୯୨୭), ବିଦ୍ୟାବଳୀ (୧୯୩୨), କଶୋର ଚନ୍ଦ୍ରାନନ୍ଦ ଚମ୍ପୁ, ଗୀତ ଗୋବିନ୍ଦ (୧୯୩୬), ବନ ବିହାର (୧୯୨୯), ପ୍ରୀତି ସୁଧାକର (୧୯୩୭), ମାନିନୀ (୧୯୩୮), ଆଖିର ଦେଖା ଇତ୍ୟାଦି।

## ପୌରାଣିକ ନାଟକ

ଧ୍ରୁବ, ମୃଗୟା, ଶକୁନ୍ତଳା, ହରିଶ୍ଚନ୍ଦ୍ର, ଚକ୍ରି, ଦଶଭୂଜା ଇତ୍ୟାଦି

## ସାମାଜିକ ନାଟକ

ପ୍ରତିଶୋଧ, ଗାର୍ଲସ୍କୁଲ( ୧୯୪୨) , ଆହୁତି, ଚୁମ୍ବନ, କମଳା ( ୧୯୪୩) , ଭୂତ ( ୧୯୪୫) , ହରଣଚଣ୍ଡୀ ( ୧୯୪୬) , ରକ୍ତମାଟି ( ୧୯୪୭) , ଫଟାଭୂଇଁ, ସନ୍ଧାନ ( ୧୯୫୩) , ହୀରାଖଣ୍ଡ ( ୧୯୫୩) ଇତ୍ୟାଦି ।

## ଚରିତ୍ର ନାଟକ

ଜୟଦେବ, ସାରଳା ଦାସ, ଜଗନ୍ନାଥ ଦାସ ଇତ୍ୟାଦି

## ଐତିହାସିକ ନାଟକ

ଅଭିଯାନ ( ୧୯୪୬) , ମାଳତୀ, ରକ୍ତମନ୍ଦାର ଇତ୍ୟାଦି

## କବିତା ସଂକଳନ

ଚନ୍ଦ୍ରିକା, ଫୁଲରେଣୁ, ଅନଙ୍ଗ

## ଗଳ୍ପ

ବନଫୁଲ

## ନୃତ୍ୟାଭିନୟ

ପଞ୍ଚରଙ୍ଗ, ଷଡରସ, ସପ୍ତପ୍ରାଣୀ ଜୀବିତ, ତର୍ପଣ, ଯୁଗପୁରୁଷ, ମଞ୍ଜଧାରା ଇତ୍ୟାଦି

କିଶୋରାବସ୍ଥାରେ ନିଜ ଖଳାବାଡିରେ ସାଙ୍ଗସାଥିଙ୍କୁ ନେଇ ନାଟକ ଖେଳିବାରୁ ଆରମ୍ଭ ହୋଇଥିଲା ମଞ୍ଚ ମହାଯାତ୍ରା। ତାଙ୍କରି ପ୍ରଚେଷ୍ଟାରେ ଓଡିଶା ଥିଏଟର୍ସ, ଅନ୍ନପୂର୍ଣ୍ଣା ଏ ଗ୍ରୁପ୍, ଜନତା, କଳାଶ୍ରୀ, ଶ୍ରୀମା ଥିଏଟର୍ସ ଭଳି ବ୍ୟବସାୟିକ ରଙ୍ଗମଞ୍ଚର ଉତ୍ଥାନ ହୋଇଥିଲା। କାଳୀଚରଣଙ୍କ ନାଟକରେ ଲାଳିତ୍ୟ, ଛନ୍ଦ ଏବଂ ରସ ଥିଲା ନିଆରା ଓ ଉତ୍କଳୀୟତ୍ୱ ଭାବରେ ପରିପୂର୍ଣ୍ଣ। ତାଙ୍କ ପ୍ରଚଣ୍ଡ ପ୍ରତିଭା କୁ ସମ୍ମାନ ଜଣାଇ ୧୯୨୭ରେ ପୁରୀର ତତ୍କାଳୀନ ଗଜପତି ମହାରାଜ ରାମଚନ୍ଦ୍ର ଦେବ 'କବିଚନ୍ଦ୍ର' ଉପାଧି ପ୍ରଦାନ କରିଥିଲେ। ଓଡିଆ ନାଟ୍ୟ ସାହିତ୍ୟ ପାଇଁ ଅତୁଳନୀୟ ଅବଦାନ ଯୋଗୁଁ ୧୯୪୪ରେ ଉତ୍କଳ ସାହିତ୍ୟ ସମାଜ ତାଙ୍କୁ

'ନାଟ୍ୟାଗ୍ରର୍ଯ୍ୟ' ଉପାଧିରେ ଭୂଷିତ କଲେ। ୧୯୭୫ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନ ସୂଚକ ଡକ୍ଟରେଟ୍ ପ୍ରାପ୍ତହେଲେ। ୧୯୭୭ ରେ ତାଙ୍କ ଆତ୍ମଜୀବନ 'କୁମ୍ଭାରଚକ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାର ପାଇଥିଲେ। ଓଡିଆ ସିନେମା କ୍ଷେତ୍ରରେ ମଧ୍ୟ ତାଙ୍କର ପ୍ରଗାଢ ଉଦ୍ୟମ ଏବଂ ଲେଖନୀ କଳାର ମିଶ୍ରଣ କରିଥିଲେ। ୧୯୪୬ ମସିହାରେ ଓଡିଶା ସରକାରଙ୍କ ଲୋକସଂପର୍କ ବିଭାଗ ତରଫରୁ ସେ 'ଜନ୍ମମାଟି' ଓ 'ନବିଦ୍ଧ' ନାମକ ଦୁଇଟି କ୍ଷୁଦ୍ର ଚଳଚ୍ଚିତ୍ର ( ଟେଲିଫିଲ୍ମ) ନିର୍ମାଣ କରିଥିଲେ। ୧୯୪୯ ମସିହାରେ ତାଙ୍କ କାହାଣୀ ଓ ସଙ୍ଗୀତ ନିର୍ଦ୍ଦେଶନାରେ 'ଲଳିତା' ଓ 'ଶ୍ରୀ ଜଗନ୍ନାଥ' ନିର୍ମାଣ ହେଲା। ୧୯୪୮ ରେ ତାଙ୍କ ପ୍ରଚେଷ୍ଟାରେ ସାମାଜିକ ଫିଲ୍ମ 'ରୋଲ- ୨୮' ମୁକ୍ତିଲାଭ କରିଥିଲା। ଏହା ବ୍ୟତିତ ୧୯୬୨-୬୩ ରେ ନାରୀ, ୧୯୬୪ ରେ ଅମଡାବାଟ, ୧୯୬୯ ରେ ଅଦିନମେଘ, ୧୯୭୨ ରେ କଏ କାହାର, ୧୯୭୩ ରେ ଘରବାହୁଡା, ୧୯୭୪ ରେ କନକଲତା, ୧୯୭୫- ୭୬ ରେ କୃଷ୍ଣ ସୁଦାମା ଚଳଚ୍ଚିତ୍ରରେ ସଙ୍ଗୀତ ରଚନା କରିଥିଲେ।

ଓଡିଶି ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦିଆଇବାରେ କବିଚନ୍ଦ୍ରଙ୍କ ଉଦ୍ୟମ ପ୍ରଣିଧାନ ଯୋଗ୍ୟ। ଏଭଳି ଜଣେ ଯୋଗଜନ୍ମା ସାହିତ୍ୟିକ, କବି, ଲେଖକ, ନାଟ୍ୟକାର, ସୁଗାୟକ, ଅଭିନେତା, ଚଳଚ୍ଚିତ୍ର ନିର୍ମାତା ନିର୍ଦ୍ଦେଶକ, ପ୍ରାଚୀନ କାବ୍ୟ ପ୍ରେମିକ ଏବଂ ସର୍ବ ପ୍ରତିଭା ପୂଜକ ଙ୍କୁ କେବଳ ଜୟନ୍ତୀ ଓ ପୂଣ୍ୟତିଥିରେ ସଭାର ଆୟୋଜନ ମାତ୍ର, ଏକ କୃତଜ୍ଞ ଜାତିର ଉଚତ ପୂଜ୍ୟପୂଜା ବ୍ୟବହାର ହୋଇ ନପାରେ। ତାଙ୍କ କୃତୀକୁ ନେଇ ଅଧିକ ଗବେଷଣା ହେଉ। ଓଡିଆ ପିଲାମାନେ ତାଙ୍କ ବିଷୟରେ ଅଧିକ ପଢନ୍ତୁ। ତାଙ୍କ ରଚନା ଓ ଜୀବନୀ ପାଠ୍ୟ ପୁସ୍ତକରେ ସାମିଲ କରାଯାଉ। ଏଭଳି ଜଣେ ଅନନ୍ୟ ସାରସ୍ୱତ ସାଧକଙ୍କୁ କାହିଁକି ପଦ୍ମ ସମ୍ମାନରୁ ବଞ୍ଚିତ କରାଯାଇଛି, ତାହା ଆଲୋଚନା କରାଯିବା ଉଚତ ଏବଂ ସେଥିପାଇଁ ଦୃଢ ସୁପାରିଶ ଏବଂ ଦାବି କରାଯିବା ଆବଶ୍ୟକ। ବାଙ୍କୀ ଇତିହାସର ଏକ ସ୍ୱର୍ଣ୍ଣାଭ ଅଧ୍ୟାୟର ପ୍ରମତ୍ତ ନାୟକ ଏହି ପ୍ରଥିତଯଶା ବ୍ୟକ୍ତିତ୍ୱଙ୍କୁ ସାରସ୍ୱତ ପ୍ରଣାମ।

ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ

## ସମଲପୁରି କବିତା

## "ସପନ ଆଶା ଆଉ କରମ"



ଆଶୁତୋଷ ମେହେର

ମୁନୁଷ ଜୀବନ୍ ଟା ଅମୁଲ୍ ମୁଲ୍
ମିଲସି ଘାଏକ ବାଗି
ତାହାର ଭିତରେ କରମ୍ ସାଧମା
ଜୀବନ୍ ମହକ ଲାଗି ।
ଯେଭେ ବୁଝିଯିବୁ ସପନ ଦେଖବୁ
ଜଗବା ମନଥିଁ ଆଶା
ଆଗକେ ବଢବୁ କାମେ ଲାଗିଯିବୁ
ପାଇଯିବୁ ନୂଆଁ ଦିଶା ।
ନଶା ଲାଗିଯିବା କାମେ ବଢିଯିବୁ
ସଫଲ ଦିଗର ଆଡେ
କାମ ବନଯିବା ନାମ ବଢିଯିବା
କରମ ସାଧବା ମାଡେ ।
ଜୀବନେ ସପନ, ସପନ୍ଁ ଆଶା ଟେ
ବଢିବଢି ହେସି କାମ
କାମ କରିକରି ସଫଳ ବନବୁ
କରମ ଜୀବନ ନାମ ।



ଆର୍ଯ୍ୟପଲ୍ଲୀ, କଟ୍ ଛକ,
ପଟିଆ, ଭୁବନେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲ୍ – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।



# ଶୀତ

ବିଜୟ ପଣ୍ଡା

ଲମ୍ବା ଲମ୍ବା ପାହୁଣ୍ଡ ପକାଇ
ପଉଷ ଶୀତ ରାତି
କ୍ରମେ ବୟସ୍କ ହୁଏ,
ଅନିଚ୍ଛା ସତ୍ତ୍ୱେ ବି ସ୍ରଷ୍ଟା ଯେମିତି
ସୃଷ୍ଟିକୁ ବନ୍ଦ କୋଠରୀରେ ବାନ୍ଧି ଦିଏ ॥

ତୁହିନ ଶୀତଳ ରାତି
ପୃଥିବୀର ଫୁଙ୍ଗୁଳା ଦେହକୁ
ଯେମିତି ଜାବୁଡି ଧରେ,
ଟୋପା ଟୋପା କାକର ବିନ୍ଦୁର
ଶୀତଳ ସ୍ପର୍ଶରେ
ଅସହିଷ୍ଣୁ କମ୍ପନ ଭରେ,
କାକର ଜୁଡୁବୁଡୁ ଜହ୍ନ
ଭାସମାନ ହୁଏ ଦୂର ଆକାଶରେ ॥

ଶୀତରାତିର ଶେଷ ପ୍ରହର
ଆତ୍ମ ଗରିମା ଦେଖାଇ ଅବଶେଷ ଛାଡିଯାଏ
କୁହୁଡିର ଗହ୍ୱରରେ, ଧରାପୃଷ୍ଠକୁ ଢାଙ୍କି ଦିଏ ॥

କୁହୁଡିର ବଳୟ ଆନ୍ଦୋଳନରେ ବ୍ୟସ୍ତ
ରୋକିବାକୁ ସଂସାରର ରଥ
ଶୀତ ସକାଳର ସୁନେଲି କିରଣ
ଭରିଦିଏ ଉଷ୍ମତା
କୁହୁଡିର ହଜେ ସତ୍ତା ॥

ନାହିଁ ଡର ଏବେ ଶେଷ ପ୍ରହରକୁ,
ଚଳଚଞ୍ଚଳ ରାସ୍ତା ଘାଟ
ଏବେ ଲମ୍ବି ଯାଏ ଆଗକୁ ଆଗକୁ
ଆହୁରି ଆଗକୁ ॥



"ଏ" ବ୍ଲକ, ବିନାୟକ ନଗର, ବାଙ୍ଗାଲୋର

# ଲିଫ୍ଟ ପ୍ଲିଜ୍......



ଅରବିନ୍ଦ ଆଚାର୍ଯ୍ୟ

*( ମୋ ଚାକରୀ ଜାଗା ଟି ମୋର ନିଜ ଘର ଠାରୁ ୪୦ କିଲୋମିଟର ଦୂର। ସବୁବେଳେ ମୋତେ ଯିବା ଆସିବା କରି ବାକୁ ପଡେ। କେବେ ଦୁଇ ଚକିଆ ତ କେବେ ଚାରି ଚକିଆ ରେ। ସେଇ ଯିବା ଆସିବା ଭିତରେ ଅନେକ ଲୋକ ମୋତେ ଲିଫ୍ଟ ମାଗନ୍ତି। ତାକୁ ନେଇ ଏ କାହାଣୀ। )*

## ଜିଓ କମ୍ପାନୀ ର ପିଲାଟିଏ :

ସେଦିନ ପ୍ରାୟ ୪ ଟା ବେଳେ ବାହାରି ପଡିଥିଲି। ମୋ ଟୁ ହୁଇଲର ନେଇ। ଠିକ୍ ଗାଁ ମୋଡ ପାରି ହେଲା ବେଳକୁ ୨୨ ୨୩ ବର୍ଷ ର ପିଲାଟିଏ ମୋତେ ଲିଫ୍ଟ୍ ମାଗିଲା ବେଶଭୁଷା ତାର କଲେଜ୍ ପିଲା ପରି ଲାଗୁଥାଏ। କିନ୍ତୁ କଲେଜ୍ ର dress ନଥାଏ। ମୋତେ ପଚାରିଲା, ମୁଁ କେତେ ଦୁର ଯିବି। ମୁଁ କହିଲି। ସେ ଶୁଣି ଖୁସି ହେଇଗଲା। କାରଣ ସିଏ ମଧ୍ୟ ସେଇଠିକୁ ଯିବ। ଆଉ ବାଟରେ କୋଉଠି ଓହ୍ଲେଇ ଅନ୍ୟ କାହାକୁ ଲିଫ୍ଟ୍ ମାଗିବାକୁ ପଡିବନି, ସେଇ ଖୁସିରେ।

ତାକୁ ପଛରେ ବସେଇ ମୁଁ ଏକ ଲୟରେ ଗାଡି ଚଲଉଥାଏ। ହଠାତ୍ ତା ଫୋନ୍ ବାଜିଲା। ସିଏ ଫୋନ୍ ରିସିଭ୍ କଲା .....

ହଁ.....କୁହ !

........................

ଏଇ ଏବେ ତୁମ କଥା ଭାବୁଥିଲି । ମୋବାଇଲ୍ ରେ ତୁମ ଫଟ ଦେଖି ସାରିଚ କ ନାହିଁ, ତୁମେ ଫୋନ୍ କଲ ପର୍ ！

................

( ଆରପଟରୁ ଆସୁଥିବା କଥା ମୋତେ ଶୁଣାଯାଉ ନଥିଲା )

ମୁଁ ଖାଲି ସେ ପିଲାଟିର କଥାରୁ ଯାହା ଅନୁମାନ କରୁଥିଲି କଏ ଜଣେ ଝିଅ ବୋଧେ ।

ପିଲାଟି କହି ଗ୍ଲିଥିଲା .....

ହଁ ଏଇ ଏବେ ଯାଉଚ, ଜଣେ ସାର୍ ଙ୍କ ସାଂଗରେ। ତାଂକ ଗାଡିରେ ।

...............

ହଁ.. ମୁଁ ଖାଇଚ ,,,, ତୁମେ ?

........................

ସଂଧ୍ୟା ରେ ପହଂଚ ଯିବି ....ସେଠୁ ଟ୍ରେନ୍ ରେ ସାଇଡକୁ ଯିବି । ସେଠି ୩ / ୪ ଜଣ ଅଛନ୍ତି । ସବୁ ଠିକ୍ ହବ, ତୁମେ ଚନ୍ତା କରନ ।

......................

ଆରେ ! ମିଛ ନୁହେଁ , ସତ !............

.................

ହଉ ... ତୁମେ କହୁଛ ଯଦି ଏଠୁ ଜଣକୁ ଦେଖି ବାହା ହେଇଯିବି । ହସୁଥିଲା ପିଲାଟି ...

.............................

"ତୁମେ ରେଡି ହେଇଥିବ ତାକୁ ବନ୍ଦେଇବା ପାଇଁ"

ଏମିତି ଅନେକ କଥା ହେଇ ହେଇ ଗ୍ଲିଥାଏ । ମୁଁ ବେଳେ ବେଳେ ଅନ୍ୟମନସ୍କ ହେଇ ଯାଇ ସେ କଥା କୁ ଧ୍ଯାନ ଦେଇ ପାରୁ ନଥିଲି ।

ବହୁତ୍ ସମୟ କଥା ହେଲ୍‌ପରେ ଫୋନ୍ କଟିଲ୍ ।

ମୁଁ ତାକୁ କଛି ପଗ୍ଲରିବାକୁ ଭବୁଥିଲି, ଠିକ୍ ଏତିକବେଳେ ଆଉ ଥରେ ଫୋନ୍ ଆସିଲ୍ ।

ପିଲ୍‌ଟି କହୁଥିଲ୍ ....

ହାଲ୍ଲୋ ! ବିର ! ମୁଁ ଆଉ ଟିକେ ପରେ ଷ୍ଟେସନ୍ ରେ ପହଞ୍ଚିବି । ତୁ ବ୍ୟସ୍ତ ହୋ ନା।

.........................

ନାଇଁ ନାଇଁ .......ଏତେ ଖଟି ହବନ .... ବାବୁ କୁ ସିଧା କହିଦେ ଆଉ ଦୁଇଜଣ ପିଲ୍ ଦେବେ

...........................

ପଇସା ପତ୍ର ଠିକସେ ମିଳୁନ .....ସେଥିରେ ପୁଣି ଅଧିକା କାମ ........ହବନ କହିଦେ

.........................

ହଉ ... ରଖୁଚ ....ପରେ କଥା ହେବି ।

ସିଏ ଫୋନ୍ ରଖିଲ୍ । ମୁଁ ପଗ୍ଲରିଲି ,

କୋଉଠି କଣ କାମ କର କ ?

ଆଜ୍ଞା ! ଏଇ ଯୋଉ ଜିଓ ଟାୱାର ରେ

କଣ କେତେ ଦିଅନ୍ତି ?

କଣ  ଆଜ୍ଞା, ମାତ୍ର ଦଶ ହଜାର ।  ଆଜିକାଲି ଦଶ ହଜାର ରେ କଣ  ହବ କହିଲେ ?

ହଁ  !

ଟିଏ, ଡିଏ  ମିଳେ,  ସେଥିରେ  ୨୦୦ ଜାଗାରେ ୫୦୦ ମାଗୁ ।

ଏମିତି କଥା ହେଉ ହେଉ  ସିଏ ଓହ୍ଲେଇବା ଜାଗା ପହଂଚ ଗଲ୍ ।

ଥ୍ୟାଙ୍କ୍ସ୍  ଆଜ୍ଞା  !

କହି ଗ୍ଲିଗଲ୍ .....................

ସେ ଗଲ୍ ପରେ ଭ୍ବିଲି .......ଆରେ  ସେ ପିଲ୍ଟି ର ନାଁ ତ ପଗ୍ବରିଲିନ  ?

ଟିଟିଲ୍ଗଡ, ବଲ୍ଙ୍ଗୀର



# ତୁମ ପାଇଁ



ପ୍ରଦେଶ କୁମାର ପ୍ରଧାନ

ତୁମ ଛନ୍ଦର ଛନ୍ଦି
ତୁମ ଭ୍ବରେ ବାନ୍ଧି
ନଅ ମୋତେ ବଡ ଦାଣ୍ଡେ ଘୋଷାରି
କୋଟି ଜନ୍ମ ପାପ
କୋଟି ମୁନ ଶାପ
ଯିବ ପ୍ରଭୁ କ୍ଷଣକେ ସରି
ହେ ହରି, ଶୁଣ ବାରେ ମୋ ଗୁହାରୀ ।
ଝରି ପଡୁଥିବ ରୁଧିର ଧାର
ଶରୀରୁ ଆସିବ ଆକୁଳ ସ୍ୱର
ତଥାପି ମୋତେ ସବୁ ସ୍ୱୀକାର,
ଜୀବନ ମୋ ହୋଇବ ଧନ୍ୟ
ମିଳଯିବ ମୋତେ କୋଟୋ ପୁଣ୍ୟ
ମିଳଗଲେ ଥରେ ସ୍ପର୍ଷ ତୁମର ।
ରଙ୍ଗେ ତୁମ ଦିଅ ରଙ୍ଗାଇ
ସାର୍ଥକ ହେଉ ନାମ ତୁମ ଗାଇ
ରସରାଜ ହେ ରଖ ମାନ ତୁମରି,
ମାଦଳା କୁହେ ମାଧବ ଗାଥା
ଇତିହାସେ ନୁଆଁଇ ମଥା
ଗୃହେଁ ନାହିଁ ଯିବା ପାଇଁ ସରି ।
ନଅ ମୋତେ ବଡ ଦାଣ୍ଡେ ଘୋଷାରି ।
ନର୍କ କୀଟ ଯଦି ନର୍କେ ହଜିଯିବ
ତୁମ ନାମ ପ୍ରଭୁ କଏ ବା ଭଜିବ
ନର୍ଦ୍ଦୟ ବୋଲି ଜଗତେ ପଡିବ ହୁରି,
ପଞ୍ଜର ଫେଡି
ଯିବିନ ଉଡି
ତୁମ ପାଇଁ ମୁଁ ଜନ୍ମେ ଜନ୍ମେ ଚକୋରୀ ।
ହେ ହରି, ଶୁଣ ବାରେ ମୋ ଗୁହାରୀ ।

ନଇଗୁଆଁ, ଅସ୍ତରଙ୍ଗ, ପୁରୀ



# ମା ର ମମତା



ପ୍ରକାଶ ସାହୁ

ମା ର ପଣତ ଶ୍ରୀ ମଦିର ନେତ,
ଏ ଜଗତ ପିଲ୍ ଙ୍କ ପାଇଁ ।
ମା ର ମମତା ମଧୁ ଠୁ ମଧୁର,
ମା ଠାରୁ ବଡ କଛି ନାହିଁ ।

ତା ପଣତ କାନ ରେ ପୁରି ରହିଛି ,
ସତେକି ବିଶଲ୍ୟକରଣୀ,
ଦୂର ହୋଇଯାଏ ସବୁ ଦୁଃଖ କଷ୍ଟ ,
ଛୁଇଁ ଦେଲେ ଯେବେ ତାର କାନ।

ଫୁଲ ଠୁ କୋମଳ ହାତ ମୋ ମା ର,
ଥରେ ମୋ ମଥା କୁ ଦେଲେ ଛୁଇଁ,
ଏ ହୃଦୟ ର ଦୁଃଖ କଷ୍ଟ ସବୁ,
କ୍ଷଣିକେ ଯାଏ ଦୁରେଇ ।

ଯେତେବଡ କାର୍ଯ୍ୟ ଆରମ୍ଭ କରିଲେ,
ମାଆ ପାଦ ରେଣୁ ନେଇ,
ମା ଆଶୀର୍ବାଦେ ପୁର୍ଣ ହୁଏ କାର୍ଯ୍ୟ,
ବାଧା ଦିଅନ୍ତିନ କେହି ।

ମୋ ଦେହେ ଯଦି ବାଜିଯାଏ କଣ୍ଟା,
ପାରେ ନାହିଁ ମୋ ମା ସହି,
କେତେ ଯତନ ରେ ରଖେ ତା ଧନ କୁ,
ସେନେହ ମମତା ଦେଇ ।

ମା ନାହିଁ ଯାର ଏଇ ଦୁନଆରେ,
ସାହା ତାର କେହି ନାହିଁ ।
ପଥେ ଝୁଣ୍ଟି ପଡି ଯାଉଥିଲେ,
ମାଆ ନଏ ସେ କୋଳେଇ ।

ନଦ ନଆସିଲେ ଆଖିକୁ ମୋ ଯେବେ,
ବିଷାଦେ ଅବା କ ଚନ୍ତାରେ,
ମୁଣ୍ଡକୁ ଆଉଁସି ମିଠା କଥା କହି
ଶୁଆଇ ଦିଏ ସେ କୋଳେଇ।

ରୋଗେ ପଡ଼ିଥିଲେ ଆଖିରେ ତାହାର,
ଲୁହ ଆସିଯାଏ ଜକେଇ ଉଜାଗର,
ରହି ସେବା କରିଥିଲେ ନରନ୍ତର,
ଭୋକ ଶୋଷ ସବୁ ଯାଏ ଦୂରେ
ତାହାର।

ଦେବକୀ ସାଜିକ ଜନମ ଦିଏ ସେ,
ଯଶୋଦା ହୋଇକ ପାଳଇ,
ଗଳା ର ମାଳକୁ ସୁଖେ ରଖିବାକୁ,
ନଜେ ଦୀପ ହୋଇ ଜଳଇ ।

ଏ ଦୁନଆରେ ମା ପାଖେ ଥିଲେ,
ସରଗ ସୁଖ ମିଳଇ ।
କଏ ଦେବ ତାର ମମତା ର ମୂଲ,
ତା ତୁଲ୍ୟ କଏ ବା ହୁଅଇ ।

ମା ହାତ ବଢ଼ା ଶାଗ ପଖାଳ ଯେ,
କୈବଲ୍ୟ ପରି ଲାଗଇ ।
ମା ର ସେ ଭାଷା ଆଣିଦିଏ ଉଷା,
ନବ ଦିବସ ଆଣଇ ।

ମା ପାଖେ ଥିଲେ ଭେଲ ହୁଏ ଭଲ,
ଅନ୍ଧାର ଯାଏ ଦୁରେଇ ।
ଜହ୍ନ ଠୁ ଶୀତଳ ହୃଦୟ ଟି ତାର,
ଫୁଲ ସେ କମଳ କଇଁ ।

ଯେତେ ଦୋଷ  କଲେ ତା ନୟନ ତାର୍
ପାରଇ ସେ କ୍ଷମା ଦେଇ,
ଯିଏ ଆମ ପାଇଁ ଏତେ କଷ୍ଟ ସହି,
ସୁଖ ଦିଏ ସେ ହଜାଇ ।

ଆସ ଆମେ ସଭିଏଁ ଶପଥ କରିବା,
ମା ର ମାନ କୁ ନୀଚ ନ କରିବା,
ମରିଯିବା ପଛେ ଏ ହୃଦୟ ରୁ,
ତାକୁ କେବେ ଭୁଲି ନ ଯିବା ।

ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ



# ଚମତ୍କାରୀ ବାବା



ଆଶା ସାହୁ

ସେଦିନ ରବିବାର । ସପ୍ତାହ ସାରା ଖଟି ଖଟି ରବିବାର ଦିନ ଡେରି ପର୍ଯ୍ୟନ୍ତ ଶୋଇବାକୁ ଭଲ ପାଆନ୍ତି ଶ୍ରୀକାନ୍ତ ବାବୁ । ସହଜେ ଶୀତ ଦିନ । ରେଜେଇ କମ୍ବଳ ତାଙ୍କୁ ଛାଡିବାକୁ ନାରାଜ । ଆସ୍ତରଣ ଭିତରେ ନିଦ୍ରାଦେବୀଙ୍କ ଉଷୁମ କୋଳରେ, ନିଦ ଭାଙ୍ଗୁ ଭାଙ୍ଗୁ ପୁଣିଥରେ ବାରମ୍ବାର ଆଖି ପତା ଭାରି ହୋଇ ଲାଗିଯାଏ । ମାଆ କୋଳରେ ଶୋଇଛନ୍ତି ବୋଲି ମିଠା ସ୍ୱପ୍ନଟେ ଦେଖୁଥାଆନ୍ତି ।

ହେଲେ ଶ୍ରୀମତି ଶୋଇବାକୁ ଦେଉଛନ୍ତି କେତେବେଳେ । ଚାରି ପାଞ୍ଚ ଥର ଆସି ଧଡକେଇ ଗଲେଣି ।

"ହେଇଟି, ଉଠ । ମୁଁ ଯାଉଛି ଜୟପ୍ରଭୁ ବାବାଙ୍କ କତିକି । ଚୂଡା କଦଳୀ ଖାଇନେବ । ସନ୍ତୁଳା ବଘାରି ଦେବ । ଭାତଟା ଗାଳି ଖାଇନେବ । ମୋର ଜଣାନାହିଁ କେତେ ଡେରି ହେବ । ସମସ୍ତଙ୍କ ପର୍ସରେ ଆଜି ମନ୍ତ୍ର ସୂତୁଲୀ ବନ୍ଧାଯିବ ।"

ଶ୍ରୀକାନ୍ତ ବାବୁ ଉଠି ଶୀଘ୍ର ନିତ୍ୟକର୍ମ ସମାପ୍ତ କରି ଶୀର୍ଷାସନ ଯୋଗମୁଦ୍ରାରେ ଉପବିଷ୍ଟ ହୋଇଥାଆନ୍ତି । ଶ୍ରୀମତୀଙ୍କ ପାଉଁଜୀଲଗା ପାଦ ଉପରକୁ ଶାଢୀର ଲାଲ ଧଡିଟା ଦେଖାଗଲା । ଦୃଷ୍ଟି ଧୀରେ ଧୀରେ ଉପର ଆଡକୁ ଗତିକଲା । ଗୋଟିଏ କଳା ହେଣ୍ଡ ବେଗ୍ ଓ ଗୋଟିଏ କଳା ପର୍ସ ଧରି ବଡ ନାଲି ଟିକଲି ନାଇ ଶ୍ରୀମତି ଏକାବେଳକେ ରେଡି ।

ବାହାରକୁ ଯାଇ ଚପଲ ପିନ୍ଧୁ ପିନ୍ଧୁ ପୁଣି ଫେରି ଆସି ଆକଟି କହନ୍ତି, "ହେଇଟି, ଗଲାଥର ଭଳି ପିଲାଦୁହିଁଙ୍କୁ ଆଉ ଉପାସ ରଖିବ ନାହିଁ । ତୁମ ମନରେ ତ କିଛି ରୁହେ ନାହିଁ । ଥରେ ଖବରକାଗଜ ଧରିଲେ ବାପୁଜୀଙ୍କ ତିନ ମାଙ୍କଡଙ୍କ ଭୂତ ଗ୍ରାସ କଲାଭଳି ଏକାବେଳକେ ଅନ୍ଧ, ମୂକ, ବଧୀର ।"

ଶ୍ରୀକାନ୍ତ ବାବୁ ପଦ୍ମାସନରେ ବସି ଆଖି ବନ୍ଦ କରୁ କରୁ ଚମକ ପଡନ୍ତି ଘରଣୀଙ୍କ କୁରୁଳ ଉଠୁଥିବା ଚତ୍କାର ଶୁଣି ।

"ଦେଖିଲ? ତୁମେ ପରା ବିଶ୍ୱାସ କରୁନଥିଲ । ହେଇ ଦେଖ, ମୋ ପର୍ସରେ ପାଞ୍ଚହଜାର ଟଙ୍କା ଦଶହଜାର ହୋଇଯାଇଛି ।".....

ଶ୍ରୀକାନ୍ତ ବାବୁ ଏଡେ ଏଡେ ଆଖି କରି ଆଁ କରି ଅନେଇ ରହିଲେ । ମୁଖରୁ ବଚନ ବାହାରିଲା ନାହିଁ । ସେ ଏତେବଡ ନାଁ କରା ନାସ୍ତିକ ମଧ୍ୟ ନୁହନ୍ତି । କିନ୍ତୁ, ବାବା, ଫାବାଙ୍କ ସଂକର୍ତ୍ତନ ଇତ୍ୟାଦିରେ ବିଶ୍ୱାସ କରନ୍ତି ନାହିଁ । ନିୟମିତ ମନ୍ଦିର ମଧ୍ୟ ଯାଆନ୍ତି ନାହିଁ । ମନରେ ଲୋଭ ରଖି ଅଯଥାରେ ବ୍ରତ ଉପବାସ କରନ୍ତି ନାହିଁ । ହଁ, ଗ୍ଚକରୀ ପାଇଁ ହନ୍ତସନ୍ତ ହେଉଥିଲାବେଳେ ବୋଉ କହିବାରୁ ଶ୍ରାବଣ ମାସରେ ଗ୍ଚରିଟା ସୋମବାର ପାଳଥିଲେ । ଆଉ ଗ୍ଚକରୀ ମଧ୍ୟ ପାଇଥିଲେ । ତେଣୁ, ସେ ଭଗବାନଙ୍କ ଉପରେ ବିଶ୍ୱାସ ଅବଶ୍ୟ ରଖନ୍ତି ।

"ବାବା ପରା କହିଛନ୍ତି ସବୁବେଳେ କଳା ପର୍ସ ରଖିବ । ସେଥିରେ ଟଙ୍କା ରଖିଲେ କିଛିଦିନ ପରେ ଟଙ୍କା ଦିଗୁଣା ହୋଇଯିବ । ଛାଡ, ତୁମକୁ କହି ଲାଭ ନାହିଁ । ତୁମେ ତ ପୂରା ନାସ୍ତିକ । ହେଇଟି, ମୁଁ ତେବେ ଗ୍ଚଲିଲି । ଆଜି ଡେରି ହୋଇଗଲାଣି ।"

ଶ୍ରୀକାନ୍ତ ବାବୁଙ୍କ ପାଟି ଆମ୍ବିଳା ହୋଇଯାଉଥିଲା ସନ୍ତୁଳା କଥା ହେଜି । କି ବାବା ସବୁ ବାହାରୁଛନ୍ତି କେଜାଣି । ଛୁଟିଦିନ ମାନଙ୍କରେ ଗଣ୍ଡେ ଭଲକରି ଖାଇବାକୁ ମିଳୁନହିଁ । ଦରସିଝା ଡାଲି, ସନ୍ତୁଳା ଖାଇ ଖାଇ ଅରୁଚ ଧରିଲାଣି ।

କିନ୍ତୁ ଟଙ୍କାର ରହସ୍ୟ କଣ ଭାବୁ ଭାବୁ ହଡବଡେଇ ଉଠି ପଡିଲେ ସେ । ଯୋଗରେ ଆଉ ମନ ଲାଗିଲାନି । ଯାଇ ଆଲମାରୀ ଖୋଲି ନଜର ପର୍ସ ଅଣ୍ଡାଳ ପକାଇ ଡାକ ପକାଇଲେ ଝିଅ ସୀମାକୁ ।

"କାଲି ଯେଉଁ ପାଞ୍ଚହଜାର ଟଙ୍କା ଦେଇଥିଲି କେଉଁଠି ରଖିଲୁ ତୁ? "

ବାପା, ସେଇଠି ତ, ସେଇ କଳା ପର୍ସରେ ।"

ଓହୋ! ଏବେ ବୁଝିଲେ ସେ । ଝିଅ ଟଙ୍କାତକ ତାଙ୍କ କଳା ପର୍ସରେ ନପୂରାଇ ଭୂଲରେ ବୋଧେ ଶ୍ରୀମତିଙ୍କ ପର୍ସରେ ପୂରାଇ ଦେଇଛି ।

"ବାଃ ରେ ବାବାଙ୍କ ଚମତ୍କାର ।"

ପୁଅ ଏପର୍ଯ୍ୟନ୍ତ ଶୋଇଛି । ତାକୁ ଉଠାଇ ବ୍ରସ କରାଇ ନିଜେ ଗାଧୋଇଲେ । ପୁଅକୁ ଗାଦେଇ ଦେଲେ । ଚୂଡା ଚକଟି ପୁଅଝିଅଙ୍କୁ ଦେଇ ନିଜେ ଖାଇ ବସିଲେ ଖବରକାଗଜ ଧରି ।

ସତକୁ ସତ ଘଡିରେ ନଜର ପଡିଲା ବେଳକୁ ଦେଢଟା ହେଲାଣି ।

"ହେ ଭଗବାନ, ଭାତ ପୋଡି ଯାଇନି ତ? " ରୋଷେଇ ଘରକୁ ଧାଇଁଲେ । ଯାଃ, ରକ୍ଷା ହେଇଛି । କିନ୍ତୁ ତଥାପି ତଳୁ ଟିକେ ଲାଗିଯାଇଛି । ଶୀଘ୍ର ଶୀଘ୍ର ସନ୍ତୁଳା ବଘାରିଲେ । ତା ପରେ ଭାତ ବାଢି ପୁଅ, ଝିଅକୁ ଡାକିଲେ ।

ପୁଅ ଭାତକୁ ହାତରେ ମୁଠା ମୁଠା କରି କହୁଥିଲା, "ଏ କନ୍ ବାପା? ପାଏଛ ( ପାଏସ) ? "

ଝିଅ ଆଖି ଦେଖେଇ ଧମକାଇଲା ।

"ଗ୍ରେପ୍! "

ଶ୍ରୀକାନ୍ତବାବୁ ଜାଉ ହେଇଯାଇଥିବା ଭାତରେ ଦରସିଝା ଡାଲି ଗୋଳେଇ ଗିଳିବାକୁ ଚେଷ୍ଟା କରୁଥିଲେ ଲେମ୍ବୁ ଆଚାର ଟିକେ ଜିଭରେ ମାରି ।

ହାଠାତ୍ ଶ୍ରୀମତିଙ୍କ କାନ୍ଦଣା ଶୁଭିଲା,

"ହେ ଭଗବାନ୍! ସବୁ ବରବାଦ୍ ହୋଇଗଲା! ! କଣ ପାଇଁ ମୁଁ ଅଲକ୍ଷଣୀ ସେ ବାବା ପାଖକୁ ଯାଉଥିଲି କେଜାଣି । ଭଣ୍ଡ ବାବା ତ ଜେଲ୍ କୁ ଗଲା, ମୋ ଦଶହଜାର ଥିବା ପର୍ସ ମଧ୍ୟ କିଏ ମାରିନେଲା ।"

ଶ୍ରୀମତି ସିଆଡୁ ଲୁହ ଗଡେଇ କାନ୍ଦି କାନ୍ଦି ନୟାନ୍ତ ହୋଇ ଘରେ ପଶୁ ଥାଆନ୍ତି । ଅସମ୍ଭାଳ ହୋଇ ସୋଫାଟାରେ ଝୁଣ୍ଟି ପଡି ଯାଉଯାଉ ଶ୍ରୀକାନ୍ତ ବାବୁ ଯାଇ ଧରି ପକାଇଲେ । ତାଙ୍କୁ ସାଷ୍ଟମ କରାଇ ସବୁ କଥା ଶୁଣିଲେ । ତାଙ୍କୁ ସାନ୍ତ୍ୱନା ଦେଲେ । ଅଯଥାରେ କଟା ଘା ରେ ଚୂନଛିଟା ଦେଲାଭଳି ଟଙ୍କାର ଅସଲ ଗୁମରଟି ଖୋଲିଲେ ନାହିଁ । ଆଉ ସିଏ ଅନ୍ଧାରରେ ।

ଶ୍ରୀମତିଙ୍କ ଆଖିରେ ମୁହଁରେ ପଶ୍ଚାତାପ, ଲଜ୍ଜା, ଭୟ ଇତ୍ୟାଦିର ଚହ୍ନ ଲଦାଲଦି ହୋଇ ମୁହଁଟାକୁ ସୌନ୍ଦର୍ଯ୍ୟ ବିହୀନ କରି ତୋଳୁଥାଆନ୍ତି ।

"ମୁଁ ଅଲକ୍ଷଣୀ, ତୁମ କଥା କାହିଁକ ମାନଲିନ । ସେ ଭଣ୍ଡ ବାବା କେତେ ସ୍ତ୍ରୀ ଲୋକଙ୍କୁ ଭଣ୍ଡାଇଛି । ଆଜି ମୋର ପାଳ ଥିଲା । ହେଲେ ପୋଲିସ୍ ଆସି ତାକୁ ଧରିନେଲା । କନ୍ତୁ ମୋ ଟଙ୍କା କଣ ରହିଲା । ପର୍ସ ସହ ଗ୍ଚେରୀ ହୋଇଗଲା । ମୋତେ କ୍ଷମା କରିଦିଅ ।"

ଶ୍ରୀକାନ୍ତ ବାବୁ ଦୁଃଖ ଓ ସହାନୁଭୂତିରେ ପୋତି ହୋଇ ପଡିଥାଆନ୍ତି ।

"ହଉ ହେଲା, ଯାହା ଯିବାର ଥିଲା, ଗଲା । ଏବେ ଧୈର୍ଯ୍ୟଧର୍ ହୁଅନାହିଁ ।"

ଶ୍ରୀକାନ୍ତ ବାବୁ ଏମିତି ଦାରୁଣ କାଳରେ ବି ସ୍ୱପ୍ନ ଦେଖୁଥାଆନ୍ତି ଏଥର ରବିବାର ମାନଙ୍କର ମାଛ ଆଣିବେ । ପାଟି ଚକଟା ଧରିଲାଣି ।

ଛଅ ସାତ ମାସ ପରେ ରବିବାର ଦିନରେ ଶ୍ରୀକାନ୍ତ ବାବୁ ସୂର୍ଯ୍ୟ ନମସ୍କାର ଅଧା ପୋଜ୍ ରେ ଷ୍ଟେଚ୍ୟୁ ହୋଇ ରହିଗଲେ । ଆଖି ବିସ୍ଫୋରିତ ହୋଇଗଲା ।

"ହେଇଟି, ମୁଁ ଗ୍ଚଲିଲି ଅନନ୍ତ ଅନାମ ବାବା କତିକ । ଭାରି ଚମତ୍କାରୀ । ତୁମେ ସନ୍ତୁଳା ବଘାରି ଦେବ । ଭାତକୁ ଆଉ ଜାଉ କରିଦେବ ନାହିଁ ।"

ବାବୁଙ୍କ ଆଖିରେ ଆଅ ପଲକ ପଡିଲା ନାହିଁ ।

"ଏମିତି ଆଁ ଟା କରି କଣ ଗ୍ଚହିଁଛ ମ? ଇଏ ସେଇ ଭଳଆ ଭଣ୍ଡ ବାବା ନୁହେଁ । ସମସ୍ତେ କହୁଛନ୍ତି ଇଏ ଶିବଙ୍କ ଅବତାର । ସିଧା କୈଳାସ ପର୍ବତ୍ୟରୁ ତପସ୍ୟା ସାରି ଆସିଛନ୍ତି । ହେଉ ତାହେଲେ ଆସୁଛି ।"

ଶ୍ରୀକାନ୍ତ ବାବୁ ଅନେଇ ରହିଲେ ଶ୍ରୀମତିଙ୍କର ସଦ୍ୟ ଅଳତା ବୋଳା ପଦ ଚହ୍ନକୁ ।


ଆଶା ସାହୁ, ବସନ୍ତ ବିହାର, ନୂଆ ଦିଲ୍ଲୀ

# ବଦଳି ଗଲାଣି
# ମୋ ଗାଁ ର ରୂପ

ମାନସ କୁମାର ପାତ୍ର

ମୋ ଗାଁ ଥିଲା ମୋର ସାଧନାର ପୀଠ
ସାଙ୍ଗ ସାଥୀ ମେଳେ ପଢ଼ି ଥିଲି ପାଠ
ଖେଳଥିଲି କେତେ ଖେଳ
ମକର ମେଳାରେ ରଜ ସଙ୍କ୍ରାନ୍ତି ରେ
ବିତୁଥିଲା ଗ୍ରାମ ଦେବତୀ ବେଢ଼ାରେ
କରି କେତେ ହାସ୍ୟରୋଳ ।- - - - - ( ୧)

ସହର ଟା ଥିଲା ଆକାଶ କଇଁଆ
ଖୁସି ଲାଗୁଥିଲା ଶୁଣି ତା'ର ନାଆଁ
ଆହାକି  ସୁନ୍ଦର ସ୍ଥାନ
ସହରରୁ କେହି ଗାଆଁକୁ ଆସିଲେ
ଲୋକେ ପର୍ଚ୍ଚା ତାକୁ ଦେଖି ଆସୁଥିଲେ
ଦେଉଥିଲେ ଖିଲିପାନ ।- - - - - ( ୨)



ସମୟ ସୁଅରେ ପାଠ ପଢ଼ିବାକୁ
ଡରି ଡରି ଆସିଥିଲି ସହରକୁ
କେତେ ସ୍ୱପ୍ନ ଥିଲା ମନେ
ସପନ ମୋହର ସାର୍ଥକ ହୋଇଲା
ସହର ମୋହର ବାସସ୍ଥାନ ହେଲା
ଗାଆଁ ଭୁଲିଗଲି ଦିନେ ।- - - - ( ୩)

ମୋ ଗାଆଁରେ ଥିବା ଦଦେଇ କକେଇ
ସନା ମଉସା କ ବୁଢ଼ି ଚେମି ଆଈ
ଆଉ ପଡ଼ିଲେନ ମନେ

ବାପା ମାଆ ଯେବେ ଗଲେ ଆରପାରି
ସେହି ଦିନୁ ଗାଆଁ ଦେଲି ମୁଁ ପାଶୋରି
ଯାଇ ନାହିଁ ଗାଆଁ ଦିନେ ।- - - - - ( ୪)

ଆଜି ମୋର ପୁଅ ମୋର ପଥ ଧରି
ବିଦେଶ ଯାଉଛି ମୋତେ ଏକା ଛାଡି
ମନେ ତା'ର ନାହିଁ ଦ୍ୱିଧା
କହୁଅଛି ବାପା ମନେ କଆଁ ଶଙ୍କା
ପଠାଇବି ମୁହିଁ ପୁଳାପୁଳା ଟଙ୍କା
ହେବନାହିଁ ଅସୁବିଧା ।- - - - ( ୫)



ଶେଷରେ ଆଜି ମୁଁ ଗାଆଁକୁ ଫେରୁଛି
ବାକି ଦିନ ଏଠି କାଟିବି ଭାବୁଛି
ଶୁଝିବି ମାଟିର ଋଣ
ଆପଣାର ଯେତେ ମୋର ଗ୍ରାମବାସୀ
ତାଙ୍କ ଦୁଃଖେ ଦୁଃଖୀ ସୁଖେ ହେବି ଖୁସି
ମନରେ କରିଛି ପଣ ।- - - - - ( ୬)

ହେଲେ ଏଠି ଆସି ଯାହା ମୁଁ ଦେଖୁଛି
ଗାଆଁ ମୋର କେତେ ବଦଳ ଯାଇଛି
ସମୟ ସୁଅରେ ଆଜି
ସହର ଟା ମୋର ଗାଆଁ ଲାଗୁଅଛି
ଗାଆଁ ଟି ସହର ସହର ବାସୁଛି
ଆଧୁନକ ବାସ୍ନା ବାଜି ।

ଅରଳା, ଗୋପାଳପୁର, ବାଲେଶ୍ୱର

# ଆଜିବି ତୁମେ...

କାର୍ତ୍ତିକ ପାଣିଗ୍ରାହୀ

ଶୀତ, ଆଜିବି ତୁମେ ଲାଜକୁଳୀ ଲତାଟିଏ
ଶୀତ, ଆଜିବି ତୁମେ ପ୍ରେମିକ ମନର ବେପଥୁ ଗୀତଟିଏ ।
ଶୀତ, ଆଜିବି ତୁମେ ଅନୁଢ଼ା କଳଟିଏ
ଶୀତ, ଆଜିବି ତୁମେ ପ୍ରେମିକାର ଅମାଜଆ ଅଳଟିଏ ।
ଶୀତ, ଆଜିବି ତୁମେ ଆସ
ସନ୍ଧ୍ୟାର ଆଗମନେ ପାଦ ଥାପି ଥାପି,
ଫେରିଯାଅ ପୁଣି ସୂର୍ଯ୍ୟର
କଅଁଳ ଚୁମ୍ବନରେ ପାଦ ଗୃପି ଗୃପି ।
ଶୀତ, ଆଜିବି ତୁମ ସ୍ପର୍ଶରେ
ନିଆଁ ଲାଗେ ଦେହ ଓ ମନରେ,
ଶୀତ, ଆଜିବି ତୁମେ ଝଡ଼ ସୃଷ୍ଟି କର
ସ୍ମୃତିର ସ୍ଥିର ବନାନୀରେ ।
ଶୀତ, ଆଜିବି ତୁମ କଳ୍ପନା
କରେ ମୋତେ ଆନମନା,
ଭରିଦିଏ ମନେ ମୋର ସାଥୀର କାମନା...
ତଥାପି ମୋ ପ୍ରତୀକ୍ଷା କେବଳ ତୁମପାଇଁ
ପୁଣି ଥରେ ଫେରିବାକୁ
ମୋ ପ୍ରତୀକ୍ଷିତ ଶୀତର ରାତିକୁ....

~~~~~~~
~~~~~~~



# ଜୀବନ ଚକ୍ର .......

ପୁଷ୍ପିତା ଭୂୟାଁ

"ସେଦିନର କଥା ଗୁଡିକ ମୋର ବେଶ ଭଲଭାବରେ ମନେ ଅଛି, ଯେଉଁ ଦିନ ପ୍ରକାଶ ଙ୍କ ହାତ ଧରି ମୁଁ ଏ ଘରକୁ ବୋହୂ ହୋଇ ଆସିଥିଲି ।" ଉପର ଓଳା ଘରେ କେହି ନାହାନ୍ତି । ଖିଆ ପିଆ ସରିବା ପରେ କମବାଲି ଆସି ବାସନ ମାଜି ଘର ଝାଡୁ କରି ଗଲାଣି । ପ୍ରମିଳା ନିଜ ପାଇଁ ଚା କପ ଟି କରି ନେଇ ବାଲକୋନି ରେ ବସି ପଡ଼ିଛନ୍ତି । ସେଇଟା ତାଙ୍କର ପ୍ରିୟ ବସିବା ଜାଗା। ସେଠାରେ ବସିବାକୁ ତାଙ୍କୁ ଭାରି ଭଲ ଲାଗେ । ରାସ୍ତାରେ ଲୋକ ମାନଙ୍କର ଯିବା ଆସିବା, ଗାଡି ମଟର ପେଁ ପାଁ ଶବ୍ଦ, ଦୂରରୁ ନଈ ପଠାର ଦୃଶ୍ୟ ଦେଖିଲେ ତାଙ୍କ ମନଟା କୁ ଭାରି ଶାନ୍ତ ଲାଗେ । ପ୍ରାୟ କାମ ସରିଗଲେ ସେ ସେଠାରେ ଯାଇ ମନଟାକୁ ହାଲକା କରନ୍ତି ।

ପ୍ରକାଶ ଖାଇ ସାରିବା ପରେ ଶୋଇବା ଘରେ କବାଟ ଟା ଦେଇ ଶୋଇଛନ୍ତି ।ପୁଅ ତା କାମରେ ବାହାରକୁ ଯାଇଛି । ଫେରୁ ଫେରୁ ରାତି ହେବ ବୋଲି କହିଛି । ଚା କପଟିକୁ ଓଠ ରେ ଲଗାଇ ଦେଇ ପ୍ରମିଳା ପୁରୁଣା କଥା ଗୁଡିକର ପୃଷ୍ଠା ଓଲଟାଇବାକୁ ଲାଗିଲେ ।" କେତେ କୋଳାହଳମୟ ନଥିଲା ଏ ଘରଟା ୩୫ ବର୍ଷ ତଳେ । ସେତେବେଳେ ମୁଁ ଏ ଘରକୁ ବୋହୂ ହୋଇ ଆସିଥିଲି ନୂଆ ନୂଆ। ମୋ ରୂପ ଗୁଣ ଦେଖି କେତେ ପ୍ରଶଂସା କରୁଥିଲେ ସମସ୍ତେ । ସେତେବେଳେ ଆମ ସାହିରେ ଯେତେ ବୋହୂ ଆସିଥିଲେ ସମସ୍ତଙ୍କ ମଧ୍ୟରେ ମୁଁ ନମ୍ବର ଓ୍ୱାନ ଥିଲି ବୋଲି କହୁଥିଲେ । ସବୁ ଶୁଣି ମୋ ଛାତି ଟା କୁଣ୍ଢେ ମୋଟ ହୋଇ ଯାଉଥିଲା । ମୋତେ ସମସ୍ତେ କେତେ ଭଲ ପାଉଥିଲେ । ଶାଶୂ ଶ୍ୱଶୁର, ନଣନ୍ଦ, ଦିଅର ଘରଟା ପୁରି ଉଠୁଥିଲା ଯେମିତି । ରୋଷେଇ ବାସ ଖାଇବା ପିଇବା ଯେମିତି କେତେ ବେଳେ ଛିଣ୍ଡୁ ନଥିଲା । ଆଜି ଏତେ ବଡ ଘରଟା ଖାଁ ଖାଁ ଲାଗୁଛି । ଯେମିତି

ଏଘରେ କେହି ଲୋକ ରହୁ ନାହାଁନ୍ତି ।ଯେଉଁ ଦୁଇ ତିନ ଜଣ ରହୁଛନ୍ତି କାହାକୁ କାହା ସହିତ କଥା ହେବାକୁ ସମୟ ନାହିଁ ।

ଶାଶୂଙ୍କର ଓଷା ବାର ପର୍ବ ପର୍ବାଣୀ ରେ କେତେ ସଉକ ଥିଲା । ଯେଉଁ ପର୍ବ ପଡିଲେ ଘରେ ବିଭିନ୍ନ ପ୍ରକାର ପିଠା ପଣା ଖିରି ପୁରି ସବୁ ନିଜ ହାତରେ ତିଆରି କରୁ ଥିଲେ ଶାଶୂ। ତାଂକ ସହିତ ମିଶି ମୁଁ ବି ସବୁ ଶିଖିଯାଇଥିଲି । କେତେ ଆଦରରେ ସେସବୁ ଜିନିଷ ସମସ୍ତଙ୍କୁ ଖାଇବା ପାଇଁ ଦେଉଥିଲେ । ଶ୍ୱଶୁର ଜିନିଷ ଖଞ୍ଜାଇବାରେ କେବେ ଅବହେଳା କରୁ ନଥିଲେ । ଦଶହରା ବେଳେ ଝିଅ ଜ୍ୱାଇଁ, ନାତି ନାତୁଣୀଙ୍କ ଗହଳ ତାଙ୍କୁ ଭାରି ଭଲ ଲାଗୁଥିଲା । ସେ ସେଇ ପର୍ବ ପର୍ବାଣୀର ଦିନ ଗୁଡିକୁ ଯେପରି ଉତ୍ସୁକତାର ସହ ଅପେକ୍ଷା କରି ରହୁଥିଲେ । ମୋତେ ବି ନିଜ ଝିଅଠାରୁ ଅଧିକା ଭଲ ପାଉଥିଲେ । ମୁଁ ବି ତାଙ୍କୁ ମା ପରି ଆଦର ସମ୍ମାନ କରୁଥିଲି । ବାପ ଘରକୁ ପୁରାପୁରି ଭୁଲି ଯାଇଥିଲି ।"

ଏମିତି ଭାବି ଭାବି ପ୍ରମିଳା ଙ୍କ ଆଖିରୁ ଦୁଇ ଧାର ଲୁହ ଝରି ଆସିଲା । କୁଆଡେ ଗଲା ସେ ଦିନ ସବୁ । ଶାଶୂ ଶ୍ୱଶୁର କେଉଁ ଦିନରୁ ଆର ପାରିକୁ ଗଲେଣି । ଦିଅର ଅଲଗା ଘରଟିଏ କିଣି ଭୁବନେଶ୍ୱର ରେ ରହୁଛି । ପ୍ରମିଳାଙ୍କ ବଡ ଝିଅ ବାହା ହୋଇ ବମ୍ବେରେ ରହୁଛି । ଝିଅ ଜ୍ୱାଇଁ ଦୁହେଁ ସେଠାରେ ଚାକିରି କରି ଛନ୍ତି । ତାଂକ ପାଖରେ ଛୁଟି ନାହିଁ ବାରମ୍ବାର ଆସିବା ପାଇଁ । ଆରବର୍ଷ ଦଶହରା କୁ ଚାରି ଦିନ ପାଇଁ ଆସିଥିଲେ। ଏ ବର୍ଷ କଣ କରିବେ କେଜାଣି । ସାନ ପୁଅ ଟା ପାଖରେ ଅଛି ବୋଲି ଗୋଟେ ପ୍ରକାର ନହେଲେ ସମୟ କାଟିବା ଟା କାଠି କର ପାଠ ହୋଇଯାଆନ୍ତା ପ୍ରମିଳାଙ୍କ ପକ୍ଷେ ।

ପ୍ରକାଶଙ୍କର କଣ ହୋଇଛି କେଜାଣି ଆଉ ବେଶି କଥା ବାର୍ତ୍ତା କରୁନାହାନ୍ତି ।ଚାକିରି ରୁ ଅବସର ନେବା ପରେ ଯେମିତି ଭାଙ୍ଗି ପଡିଛନ୍ତି । ବୟସ ଟା ଦୁଇ ଗୁଣ ବଢି ଗଲା ପରି ଲାଗୁଛି । ଯେତିକି ଦରକାର ସେତିକି କଥା ଅଧିକାଂଶ ସମୟ ଏକା ରହିବାକୁ ପସନ୍ଦ କରୁଛନ୍ତି। ତାଙ୍କ ରୁମର ଖଟ, ଟିଭି ଛଡା କୁଆଡେ ବି ବେଶି ଯିବାକୁ ପସନ୍ଦ କରୁ ନାହାନ୍ତି। ଚାକିରିରୁ ଅବସର ନେବା ଯାଏ ମଧ୍ୟରେ ଦୁଇ ବର୍ଷ ପୁରି ଗଲାଣି । ସ୍ୱାମୀଙ୍କର ଚୁପ ରହିବାଟା ପ୍ରମିଳାଙ୍କ ପାଇଁ କଷ୍ଟ ସାଧ ହୋଇଯାଉଛି ।

ବାହାଘର ପର କଥା ଗୁଡିକ ମନେ ପଡିଯାଉଛି ତାଙ୍କର । ପିଲାମାନଙ୍କ ଜନ୍ମ ପୂର୍ବରୁ କେତେ ବୁଲୁଥିଲେ ସେମାନେ । କେତେ ସିନେମା ଦେଖୁଥିଲେ । ହୋଟେଲ ରେ ଖାଇବାକୁ ପ୍ରକାଶଙ୍କର ଭାରି ସଉକ ଥିଲା ।ସାଙ୍ଗ ସାଥିରେ ବୁଲାବୁଲି କରିବାଟା ପ୍ରିୟ ଥିଲା । ସାଙ୍ଗ ସାଥୀ ମେଳରେ ଖଟି କରି ଖିଆ ପିଆ କରି ଶ୍ୱଶୁରଙ୍କୁ ଲୁଚ ଲୁଚ ଘରକୁ ଫେରୁ ଥିଲେ ସେ। ଆଜି କିନ୍ତୁ ପୁରା ଚୁପ ଚାପ । ବେଶି କାହା ସହିତ କଥା ବି ନାହିଁ ।

ପୁଅ ବାପାଙ୍କର ଏ ସବୁ ବ୍ୟବହାର ଦେଖି ଡାକ୍ତରଙ୍କ ପାଖକୁ ନେଇ ଥିଲା । ଡାକ୍ତର ସବୁ ଚେକ କରି କହିଥିଲେ ସେମିତି ବିଶେଷ କିଛି ଅସୁବିଧା ନାହିଁ । ମନ ଭିତରେ ମାନସିକ ଅଶାନ୍ତି କିଛି ରହୁଛି ବୋଧେ । ନିକଟରେ ତାଙ୍କ ଭଉଣୀଙ୍କର ଦେହାନ୍ତ ହୋଇଛି । ହୁଏତ ସେ କଥା କୁ ନେଇ ସେ କିଛି ମାନସିକ ଚାପରେ ରହୁଛନ୍ତି । ତାଙ୍କ ସହିତ ବେଶି କଥା ହେଲେ ବେଳେ ବେଳେ ଚିଡି ଯାଉଛନ୍ତି । ଘରର ଶାନ୍ତି ବଜାୟ ରଖିବାକୁ ଯାଇ ପ୍ରମିଳା କଥା କହିବା କମ କରିଦେଇଛନ୍ତି । ଆଗ ପରି ଖାଇବାରେ ଆଉ ସଉକ ନାହିଁ ତାଂକର ।

ବୟସ ବଢିଲେ କଣ ମଣିଷ ଏମିତି ବ୍ୟବହାର କରେ । ପ୍ରମିଳାଙ୍କ ମନ ଭିତରଟା ବୁଢିଆଣି ସୂତାରେ ଗୁଡେଇ ହୋଇ ଯାଉଛି ଯେପରି । ଏତେ ବଡ ଘର କାମବାଲି ନ ଆସିଲେ ସେସବୁ ସମ୍ଭାଳିବାକୁ ପ୍ରମିଳାଙ୍କ ପକ୍ଷେ କଷ୍ଟ ହୋଇଯାଉଛି। ତାଙ୍କ ଦେହ ବି ଏବେ ଭଲ ରହୁନି । ପୁଅଟିକୁ ହାତକୁ ଦି ହାତ କରି ଦେଲେ ଟିକେ ଘରର ପରିବେଶ ଟା ବଦଳି ଯାଆନ୍ତା । କିନ୍ତୁ କାହିଁ ସେଇଟା ବି ହୋଇପାରିନି । କେତେ ପ୍ରସ୍ତାବ ଆସୁଛି କିନ୍ତୁ କେଉଁଠି ଠିକ ହୋଇ ପାରୁ ନାହିଁ । ସବୁ ଭଗବାନ ଙ୍କ ଇଛା । କେଉଁ ଦିନସେ ଶୁଭ ବେଳା ଆସିବ ସେ ନିଜେ ଜାଣନ୍ତି ।

ମଣିଷ ଗୋଟେ ମେସିନ ପରି ହୋଇ ଯାଇଛି ଯେପରି, ସକାଳ ପହରୁ ଉଠି ସେଇ ଘିସା ପିଟା କାମ, ରୋଷେଇ, ଠାକୁର ପୂଜା, ଘର ସଫା କରି କରି ବେଳେ ବେଳେ ଭାରି ବ୍ୟସ୍ତ ଲାଗୁଛି ପ୍ରମିଳାଙ୍କୁ । ବେଳେବେଳେ ସେ ଭାବନ୍ତି କଣ ଏଇଟା ଜୀବନ । ମଣିଷ ସହିତ ମଣିଷ କଥା ଟିକେ ହେବାକୁ ଭଲ ପାଉନି । ସ୍ୱାମୀ ଙ୍କୁ ନେଇ ସେ ବେଳେ ବେଳେ ଭାବ ପ୍ରବଣ ହୋଇ ପଡନ୍ତି । ସ୍ୱାମୀ ସ୍ତ୍ରୀ ର ସମ୍ପର୍କରେ ଇଏ କେଉଁ ଅଧ୍ୟାୟ । ଏ ମିଛ ଦୁନିଆ

ରେ କେହିତ କାହାର ନୁହନ୍ତି ସତ, ସମସ୍ତେ ନିଜ ନିଜ କର୍ତ୍ତବ୍ୟ ସାରି ସେଇ ଅଜଣା ଦୁନିଆ କୁ ଫେରି ଯିବେ ନିଶ୍ଚୟ । କିନ୍ତୁ ଯେତେ ଦିନ ଏହି ମହି ମଣ୍ଡଳରେ ଘର କରିଥିବା ଦୁନିଆର ରୀତି ନୀତି ଅନୁଯାୟୀ ତ ଚ଼ାଲିବାକୁ ପଡିବ ।

କିଛିଦିନ ହେବ ପ୍ରକାଶଙ୍କ ପୁରୁଣା ରୋଗଟା ବି ବାହାରି ପଡିଛି । ବେଳେ ବେଳେ କିଛି ନିଶାଗ୍ରସ୍ଥ ହେବାକୁ ବି ସେ ପଛାଉ ନାହାନ୍ତି ।ବୟସ ବେଳେ ସାଙ୍ଗ ସାଥି ମେଳରେ ଏସବୁ ଚଳି ଯାଉଥିଲା । କିନ୍ତୁ ବୟସ ବଢ଼ିବା ସାଙ୍ଗକୁ ସମସ୍ତେ ନିଜ ନିଜ ଘର ପରିବାର ସହିତ ବ୍ୟସ୍ତ । ଏସବୁ ଠାରୁ ଯେତେ ଦୂରେଇ ରହିବ ନିଜର ପରିବାର ରେ ସମ୍ପର୍କ ସେତେ ଭଲ ରହିବ । ପିଲାମାନେ ବି ଖୁବ ବଡ ହେଲେଣି । ସେମାନେ ବାପାଙ୍କର ଏ ବଦ ଅଭ୍ୟାସ କୁ ଆଉ ବରଦାସ୍ତ କରି ପାରୁନାହାନ୍ତି । ଏସବୁ ତାଙ୍କୁ ବୁଝାଇବ କିଏ । ସେ ନିଜକୁ ସମସ୍ତଙ୍କଠାରୁ ଅଲଗା କରି ନେଇଛନ୍ତି । କିଛି କହିଲେ ଓଲଟା ସମସ୍ତଙ୍କ ଉପରେ ପାଟି କରୁଛନ୍ତି। "କିନ୍ତୁ ମୁଁ କଣ କରିବି, ମୁଁ ଯେ ତାଙ୍କ ସ୍ତ୍ରୀ, ଦିନ ଥିଲା ମୋର ରୂପ କିଛି କମ ନଥିଲା, ଭଗବାନ ମୋତେ ଗୋଟିଏ ଗୃଉଳ ରେ ଗଢିଥିଲା ଯେମିତି । ମୋର କେତେ ଆଦର ଯତ୍ନ କରୁଥିଲେ ସେ, ମୁଁ ବି ମୋର ସର୍ବସ୍ୱ ତାଙ୍କ ପାଦ ତଳେ ଅଜାଡି ଦେଇଥିଲି । ଏବେ ମୁଁ ଯେପରି ଆଖୋଜ ଅଲୋଡ଼ା ହୋଇଯାଇଛି, ଏକ ବାସ ହୀନ ପଳାଶ ଫୁଲ ପରି । ଏସବୁ ଚିନ୍ତା ରେ ମୋ ଦେହ ଦିନକୁ ଦିନ ରୋଗ ଗ୍ରସ୍ଥ ହୋଇଯାଉଛି । ମୋ ଖବର କିଏ ବୁଝିବ । ବୁଝିବା ଲୋକ ତ ମୋ ପାଖରୁ ଦିନ କୁ ଦିନ ଦୁରେଇ ଯାଉଛି । ମୁଁ କାହାକୁ ନେଇ ମୋ ସଂସାରର ତରୀ ଆଗକୁ ବୁହାଇବି ।"

ସାନ ପୁଅଟି ବାହାହେଲେ କାଲି ସକାଳେ ନୂଆ ବୋହୂ ଟି ଘରକୁ ଆସିବ, ସେ କଣ ଦେଖିବ କଣ ବୁଝିବ । ମୋ ଶାଶୂ ଶ୍ୱଶୁର ଙ୍କର ସମ୍ପର୍କ କଣ ଏପରି । ପୁଣି ନିଶାଶକ୍ତ ଅବସ୍ଥାରେ ଯଦି କିଛି କହି ଦିଅନ୍ତି, ତା ହେଲେ ପରିଣତି କଣ ହେବ ? ଏ ସବୁ ପ୍ରକାର ଦୁଃଶ୍ଚିନ୍ତାରେ ପ୍ରମିଳାଙ୍କ ମୁଣ୍ଡଟା କଣ ହୋଇଗଲା । ତାଙ୍କୁ ସବୁଆଡୁ ସବୁ ପ୍ରକାର ଚିନ୍ତା ଯେପରି ମାଡି ବସୁ ଥିଲା ବେଳକୁ ବେଳ । ସେ ତ ଆଉ ପ୍ରକାଶଙ୍କୁ ବଦଳାଇ ପାରିବେନି । ତଥାପି ପ୍ରମିଳା ନିଜକୁ ବହୁତ ସମ୍ଭାଳିବାକୁ ଚେଷ୍ଟା କରୁ ଥିଲେ, କେମିତି ସେ ଏପରି ଲୋକ

କୁ ନେଇ ପରିବାର ମଧ୍ୟ ରେ ସମନ୍ୱୟ ରଖି ପାରିବେ । ପୁଣି ସବୁ ଚନ୍ତାରୁ ନଜକୁ ମୁକ୍ତ କରି ନରୋଗ ରହିବେ ।

ଏବେ ପ୍ରମିଳା ନଜକୁ ବିଭିନ୍ନ ଉପାୟରେ ସମ୍ଭାଳ ବାକୁ ଚେଷ୍ଟା କରୁଛନ୍ତି, ଯେପରି ବହି ପଢିବା, ଟିଭି ଦେଖିବା, ସିଲେଇ କରିବା ରେ ବ୍ୟସ୍ତ ରଖିବାକୁ ଚେଷ୍ଟା କରୁଛନ୍ତି । କେଜାଣି କେତେ ଦିନ ତାଙ୍କୁ ଏପରି ସମୟ ଅତିବାହିତ କରିବାକୁ ପଡିବ । ତାଂକ ଦୁଃଖ ଏମିତି ଏକ ଘା ରେ ପରିଣତ ହୋଇଛି ଯେ ସହି ହେଉନ କ କାହା କୁ କହି ହେଉନ । ତଥାପି ସ୍ୱାମୀଙ୍କ ଅବସ୍ଥା କୁ ସୁଧାରିବାକୁ ଚେଷ୍ଟା କରୁଛନ୍ତି ପ୍ରମିଳା । ଭଗବାନଙ୍କ ପାଖରେ ପ୍ରତି ଦିନ ଗୁହାରୀ କରୁଛନ୍ତି । ଆଉ କେତେ ଦିନର ସମୟ ତାଙ୍କର ଏଇ ଦୁନଆରେ ହସ ଖୁସିରେ କଟିଗଲେ ସେ ସବୁ ପ୍ରକାର ଦୁଷ୍ଚିନ୍ତାରୁ ମୁକ୍ତ ହୋଇ ପାରିବେ । ମଣିଷ ଜୀବନ କାହା ପାଖରୁ ଆହା ପଦେ ପାଇଗଲେ ତାର ସବୁ ଦୁଃଖ ମିଳାଇ ଯିବା ପରି ଲାଗେ। ସେଇ କଥା ପଦକ ପାଇଁ ସେ କେତେ ବିକଳ ନ ହେଉଛନ୍ତି । ତଥାପି ଆଶା ରଖିଛନ୍ତି ଆଗକୁ ସବୁ ମଙ୍ଗଳ ହେବ ।

କଲିଂ ବେଲ ର ଶବ୍ଦ ରେ ପ୍ରମିଳା ଭାବନା ରାଇଜରୁ ବାସ୍ତବତାକୁ ଫେରି ଆସିଲେ । କେତେ ବେଳ ହୋଇଗଲାଣି, ପୁଅ ଆସିଲାଣି ବୋଧେ । ପ୍ରମିଳା କବାଟ ଖୋଲିବାକୁ ଚାଲିଗଲେ ।

ଜଗମରା, ଖଣ୍ଡଗିରି, ଭୁବନେଶ୍ୱର, ଓଡିଶା



# ଭିନ୍ନ ଏକ ଶୈଶବ



ବିନୟ ମହାପାତ୍ର

ଭୋକଲା ପେଟକୁ ପିଠିରେ ବୋହି
ମୁଁ ଖୋଜି ବୁଲେ
ମୋ ଭଗର ଭାତମୁଠାକ,
ତୁମେ ଫିଙ୍ଗି ଦେଇଥିବା
ଏଇ ଅବର୍ଜନା ଅଳଆ ଗଦାରୁ ।
ଖୋଜି ବୁଲେ ଗୋଟି ଗୋଟି
ପଲିଥିନ ଆଉ ଖାଲି ଦାରୁର ବୋତଲ
ବଡ ଆଶାରେ ସାଉଣ୍ଟେ
କାଳେ କଛି ମିଳ ଯିବ,
ତୁମ ପିଙ୍ଗା ଅଳଆ ଗଦାରୁ,
ମୋ ପାଇଁ ଟଙ୍କେ ଦି ଟଙ୍କାର
ହୀରା, ନଳା ଅବା ମୋତି ।
ସେଇ ହେବ ଆହାର ମୋହର,
ପୁରା ପେଟ ନ ହେଲେ ନାହିଁ,
କେହି ତ କହିବନ
ମୁଁ ଖାଲି ପେଟ ଶୋଇଗଲି ବୋଲି !

ମୁଁ ତ ମାଗିନ କେବେ
ଚଉକ ଟବୁଲରେ ବସି
ଖୀରି ପୁରି ପିଷ୍ଟା ବର୍ଗର ଅବା
ପେଟପୁରା ସ୍ୱାଦିଷ୍ଟ ଭୋଜନ ।
କେଇ ମୁଠା ସୁଖିଲା ଭାତ ଆଉ
ଚମୁଟାଏ ଲୁଣ ଯେ ଯଥେଷ୍ଟ,
ପିଞ୍ଜରା ହାଡତଳେ ଡହ ଡହ ଜଳୁଥିବା,
ମୋର ଭୋକଲା ପେଟ ପାଇଁ ।
ମୁଁ ତ ଚାହିଁନ କେବେ,
ଉଚ୍ଚା ଉଚ୍ଚା କୋଠାରେ
ତୁଳତଲ୍ପ ଶେଜରେ
ରେଷମି ଚାଦର ତଳେ
ନଘୋଡ ନଦର ରାତି ।
ବର୍ଷାରେ ଭିଜେ ଯେବେ
ଗହୀରିଆ ରାତି ଅନ୍ଧାରରେ
ନଦ ବି ବାଟ ବଣା ହୋଇଯାଏ,
ସଡକ କଡ ଫୁଟପାଥରେ ।

ହାଡ ଭଙ୍ଗା ଶିତରେ
ନଦ ବି ଡରିଯାଏ
ମୋ ସାଥେ ଶୋଇବାକୁ
ଆଉ ଲୁଚ ଲୁଚ ଭଙ୍ଗି ଗୁଲି ଯାଏ ।
ମୁଣ୍ଡ ଉପରେ ଗୁଳ ଖଣ୍ଡେ,
ଦି ଖଣ୍ଡ ଅଖା ତ ଯଥେଷ୍ଟ ହେବ
ମୋର ନଘୋଡ ନଦ ପାଇଁ ।
ବଡ ବଡ ସ୍କୁଲ କଲେଜର
ଡିଗ୍ରୀ ମୁଁ ଗୁହିଁ ନାହିଁ କେବେ, ହେଲେ
ମନ ମୋର ଓହଳ ବିକଳ ହୁଏ
ଜାଣିବାକୁ ଦୁନଆର କଥା ।
ହାତ ଧରି କେହି ତ
ଶିଖାଇ ଦିଅନ୍ତା ମୋତେ,
ଅ ଆ ଇ ଈ ଆଉ,
ଅଣଗୁଳଶ ଅକ୍ଷର ।
ଜାଣେ ନାହିଁ କେଉଁ ପାପ
ଅବା ପୂଣ୍ୟ ଫଳ,
ତୁମକୁ ଆଉ ମୋତେ
ଏତେ ଅଲଗା ଗଢିଛି,
ତୁମକୁ ନ ମାଗି ମିଳୁଛି ଏତେ,
ଆଉ ଏଠି,
ମୋତେ ମାଗିବାକୁ ସରମ ଲାଗୁଛି ।

ଖଣ୍ଡେ ପିନ୍ଧି, ଗଣ୍ଡେ ଖାଇ
ଦି'ଘଡି ଶାନ୍ତିରେ ଶୋଇବା,
ଏତିକ ତ ଅଧିକାର ମୋ ଭାଗେ ଅଛିନା ?

କଟ୍ ସ୍କୋୟାର, ପଟିଆ
ଭୁବନେଶ୍ୱର, ଓଡିଶା



ବେଦାନ୍ତୀ

# ରାସ



ହିମାଂଶୁ ଶେଖର ବାରିକ୍

ଆସିଲା ଶରତ କାଳ          ନଭ ଦିଶେ ନିର୍ମଳ
ବରଷା ତାଣ୍ଡବ ଲୀଳା ଦୃଶ୍ୟ ନୁହଁଇ
ବହଇ ସମୀର ଧୀର          ଯମୁନା ତଟିନୀ ସ୍ଥିର
ବୃନ୍ଦାବନେ ତରୁ ପୁଷ୍ପ ଶୋଭା ଦିଶଇ
ଗୋପାଙ୍ଗନା ମନ ବାତୁଳ
ପ୍ରେମରସେ ମଜ୍ଜିବାକୁ ହୃଦ ବ୍ୟାକୁଳ ॥

ଅନ୍ତର୍ଯ୍ୟାମୀ କଳାକୃଷ୍ଣ          ବୁଝିଲେ ଯୋଷିତା ମନ
ରାସଲୀଳା ରଚିବାକୁ କଲେ ପ୍ରୟାସ
ନୀରବ ନିଶୀଥ ବନ          ନୀପମୂଳ ବୃନ୍ଦାବନ
ବେଣୁ ସ୍ୱରେ ଡାକ ଦେଲେ ଆସ ହେ ଆସ
ଶୁଣି ସେ ବଇଁଶୀ ମୂର୍ଚ୍ଛନା
ହେଲେ ଉନ୍ମାଦିନୀ ଗୋପୀ ଜାଗି କାମନା ॥

ଛାଡି ଘର ଦାରା ସୁତ          ଗୋପୀ ହେଲେ ଉପସ୍ଥିତ
ବୃନ୍ଦାବନ କୁଞ୍ଜବନେ ଶ୍ରୀକୃଷ୍ଣ ପାଶ
ପିନ୍ଧିଛି କେ ଅର୍ଦ୍ଧ ବାସ          ମୁକୁଳା କାହାର କେଶ
ବିସ୍ମରି ଶରୀର ଭାବ ହୃଦ ହରଷ

ଦରଶି ଶ୍ରୀକୃଷ୍ଣ ସୁବେଶ

ଦିବ୍ୟାନନ୍ଦେ ଉଲ୍ଲସିତ ପ୍ରାପ୍ତ ପୀୟୁଷ ॥

ମିଳଲେ ବିଶାଖା ରାଧା        ସୁନ୍ଦରୀ ବାଳା ଲଳତା

ଷୋହଳ ସହସ୍ର ଗୋପୀ ଯମୁନା କୂଳ

ମଧୁର ବଇଁଶୀ ସ୍ୱର        ସ୍ଫୁରିଲ୍ କାଳନ୍ଦୀ ନୀର

ବରଷିଲେ ନଶିକାନ୍ତ କର ଶୀତଳ

ରଚଲେ ରାହାସ କେଶବ

ରାଇ ସାଥେ ଗୋପୀଗଣ ନୃତ୍ୟରେ ରତ ॥

ନଉ ଏ.ଜି. କଲୋନୀ,
ନୟାପଲ୍ଲୀ, ଭୁବନେଶ୍ୱର

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@ gmail. com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ମୋତେ କ୍ଷମା କରିଦେବ ଇତିହାସ



ଡ. ସୌମ୍ୟ ରଞ୍ଜନ ମିଶ୍ର

ମଉଳା କାଲି ସବୁକୁ ନେଇ
ଇତିହାସ ରଚ ହୋଇଯାଏ
କନ୍ତୁ କଏ ଜଣେ ତାକୁ କାହିଁକି ଲେଖେ
କଣ ତାର ଉଦ୍ଦେଶ୍ୟ ଯେ ଥାଏ ।
ବହୁତ ଜାଣିଥିବା ସେମାନେ କୁହନ୍ତି
ମଣିଷ ପରି ଇତିହାସ ବି ଲେଉଟାଏ କଡ
ଯେବେ ନୂଆକରି ବ୍ୟାଖ୍ୟାହୁଏ
ଦସ୍ତାବିଜ୍ ଖୋଜାପଡେ, ହୁଏ ଖୋଳତାଡ ।
ମୋ ପୂର୍ବ ପୁରୁଷଙ୍କ ଇତିହାସ ମୁଁ
ମୁଁ ସତ୍ୟ, ମୁଁ ଶିବ, ମୁଁ ସୁନ୍ଦର
ମୋତେ କାଇଁ ବଖାଣୁନ କେହି,
ଓହୋ! ମୋ କଅଁରେ ପଡିନାହିଁ ଯେଣୁ କରୀହ ମୂର୍ଦ୍ଧାର ।



ମଧ୍ୟଖଣ୍ଡୀ, ଶ୍ରୀ ବଳଦେବ ଜୀୟୁ, କେନ୍ଦ୍ରାପଡା

# ଚାଷୀଙ୍କ ପାଇଁ ସମ୍ଭାବ୍ୟ “ଅମର ଲଡୁ”



ଡ. ନନ୍ଦନନ୍ଦନ ଦାସ

ଓଡିଶାରେ ଚାଷୀ ମୃତ୍ୟୁ ଫସଲ ହାନି ଓ ଋଣଗ୍ରସ୍ତ ହୋଇ ଥିବାରୁ ଶହେ ଟପି ଗଲାଣି । ଏହା ନିଶ୍ଚୟ ଏକ ଦେଶ ପାଇଁ ଦୁଃଖଦ ଘଟଣା । ଯେକୌଣସି ବ୍ୟବସାୟ ମଧ୍ୟରେ କୃଷି ଓ କୃଷକ ସର୍ବ ପ୍ରଥମ ବୋଲି ଜାଣିବା ଉଚିତ୍ । କାରଣ ଚାଷୀର ଚାଷ ଉତ୍ପାଦନ ଆମ ମାନଙ୍କର ଜୀବନ ରକ୍ଷା କରେ । ତେଣୁ ସେମାନଙ୍କୁ ପ୍ରଥମ ଶ୍ରେଣୀରେ ଗଣନା କରାଯିବା କଥା । ଅଥଚ ଜୀବନ ରକ୍ଷାକାରୀ ଚାଷୀ ଆତ୍ମହତ୍ୟା ଉପରେ ଗୁରୁତ୍ୱ ଦିଆ ନଯାଇ ବରଂ ବିଭିନ୍ନ ରାଜନୀତିଜ୍ଞ ଦଳମାନେ ଏଥିରେ ରାଜନୀତିକୁ ଫାଇଦା ନେବା ପାଇଁ ସଜାଗ ଅଛନ୍ତି । କଣ କଲେ ଚାଷୀ ମୃତ୍ୟୁ ହେବନାହିଁ ସେ ବିଷୟରେ କେହି ପ୍ରକୃତରେ ଯତ୍ନବାନ ନହୋଇ କାଦୁଅ ଫିଙ୍ଗାଫିଙ୍ଗି ହେଉଛନ୍ତି । ଏହାଦ୍ୱାରା କେବଳ ଭୋଟ ପାଇବା ପାଇଁ ପନ୍ଥା ବାହାର କରିବା ଛଡା ସତରେ କାହାରି କେହି ଭଲ ଚିନ୍ତା କରୁନାହାନ୍ତି । ଏବର୍ଷ ଓଡିଶାରେ ମରୁଡି ହୋଇଅଛି । ଚାଷୀମାନେ କରଜ କରି ଚାଷ ଆରମ୍ଭ କରିଥିଲେ । କିନ୍ତୁ ମରୁଡି ପାଇଁ ଚାଷର କ୍ଷତି ହେଲା । ଏହାଦ୍ୱାରା ଋଣ ପରିଶୋଧ କରିବା ସମ୍ଭବ ନୁହେଁ ବୋଲି ଅନେକ ଚାଷୀ ଆତ୍ମହତ୍ୟା କରୁଛନ୍ତି ବୋଲି ଆଲୋଚନା ଚାଲିଛି ।

ଏହାକୁ ଚାଷହାନି ପାଇଁ ବା ଋଣ ପରିଶୋଧ ନ କରିବା ପାଇଁ ଆତ୍ମହତ୍ୟା କୁହା ନଯାଇ ଅନ୍ୟାନ୍ୟ କାରଣରୁ ଆତ୍ମହତ୍ୟା ହେଉଅଛି ବୋଲି ଜଣେ ବିଧାୟିକା ଚାଷୀଙ୍କ ପାଇଁ ଅମର ଲଡୁ ଦେବା ବ୍ୟବହାରିକ ଶବ୍ଦ ଉଚ୍ଚାରଣ କରି ଏପରି ଚାଷୀଙ୍କର ମୃତ୍ୟୁକୁ ତାଚ୍ଛଲ୍ୟ କରିବା ଦୁଃଖଦ ବିଷୟ । କୌଣସି ଦଳ ଚାଷୀ ମୃତ୍ୟୁ ରୋକିବାର ସଠିକ ପନ୍ଥା ବାହାର କରିବା ପରିବର୍ତ୍ତେ କେବଳ ପ୍ରତ୍ୟେକଙ୍କୁ ଏଥିପାଇଁ ଦୋଷ ଦେବାରେ ବ୍ୟସ୍ତ । ଏହାର ଅର୍ଥ ଚାଷୀର ଆତ୍ମହତ୍ୟା ରୋକିବାର ସଠିକ ପନ୍ଥା ଏବେ ସୁଦ୍ଧା ବାହାର ହୋଇପାରିନାହିଁ । ଏପରି ହୋଇଥିଲେ ବିରୋଧି ଦଳମାନେ ମଧ୍ୟ ଚାଷୀ ଆତ୍ମହତ୍ୟା ରୋକିବାର ସଠିକ ପନ୍ଥାମାନ

ଦର୍ଶାଇ ଥାଆନ୍ତେ । ଚାଷୀଙ୍କର ଆତ୍ମହତ୍ୟା ରୋକିବା ପାଇଁ ମୋର ବହୁଦିନର ଗବେଷଣାରୁ ପ୍ରସୂତ ତଥ୍ୟ ଯାହା ନିମ୍ନରେ ଉଲ୍ଲେଖ କରୁଛି ।

### ଚାଷୀ ଆତ୍ମହତ୍ୟାର କାରଣ ଓ ନିରାକାରଣ

- ପ୍ରଥମେ କେଉଁ ସମ୍ଭାବ୍ୟ କାରଣରୁ ଚାଷୀଙ୍କର ଆତ୍ମହତ୍ୟା ହୋଇଥାଏ?
- ସେସବୁ କାରଣ କେଉଁ ପରିସ୍ଥିତିରେ ହୋଇଥାଏ?
- ଏହାର ନିରାକରଣର ଉପାୟ କଣ?
- ଶେଷରେ ସରକାର ଓ ଚାଷୀମାନେ କେଉଁ ଉପାୟଗୁଡିକ ଅବଲମ୍ବନ କଲେ ଚାଷୀ ମୃତ୍ୟୁ ଏଡାଇ ହେବ?

ଇତ୍ୟାଦି ଏଠାରେ ନିରାକରଣର ପନ୍ଥା ଦର୍ଶାଯାଇଅଛି ।

### ଚାଷୀଙ୍କର ମାନସିକ ଅସହାୟତା

ଅନେକ ଚାଷୀ ଚାଷ ପାଇଁ ଋଣ ନେଇ ଥାଆନ୍ତି ଏବଂ ଚାଷ ଅମଳ ପରେ ଋଣ ପରିଶୋଧ କରିଥାଆନ୍ତି, ଏହା ଏକ ନିତି ଦିନିଆ ବ୍ୟପାର । କିନ୍ତୁ ଅନେକ ସମୟରେ ମରୁଡି, ବତ୍ୟା, ସମୁଦ୍ର ଜଳ ମାଡିଯିବା, ଫସଲରେ ପଙ୍ଗପାଳ ପରି ପୋକ ଲାଗିବା ଓ ହାତୀ ଇତ୍ୟାଦି ବନ୍ୟ ଜନ୍ତୁମାନଙ୍କ ପାଇଁ ଫସଲ ଉତ୍ପାଦନରେ ପ୍ରଭୁତ କ୍ଷତି ହୋଇଥାଏ ।

ଅନେକ ସମୟରେ ଚାଷୀ ଚାଷ ପାଇଁ ଖର୍ଚ୍ଚ କରିଥିବା ଅର୍ଥ ସେ ଶସ୍ୟ ବିକ୍ରୀ କରିବା ସମୟରେ ଅତି କମ ଦରରେ ବିକ୍ରୟ କରି ଦେବାଦ୍ୱାରା ଚାଷୀ ବହୁ କ୍ଷତିର ସମ୍ମୁଖୀନ ହୋଇଥାଏ । ଏପରି ପରିସ୍ଥିତିରେ ଚାଷୀ କିପରି ଋଣ ପରିଶୋଧ କରିବ, ତାହାର ଉପାୟ ନ ପାଇ ଏକ ନିଃସହାୟ ଭବରେ ଆତ୍ମହତ୍ୟା କରିଥାଏ । ଏପରି ଆତ୍ମହତ୍ୟା ଯେକୌଣସି ପରିସ୍ଥିତିରେ କରିବା ଗ୍ରହଣୀୟ ନୁହେଁ । ଚାଷୀମାନଙ୍କୁ ଏପରି ପଦକ୍ଷେପ ଯେକୌଣସି ପରିସ୍ଥିତିରେ ମଧ୍ୟ ନନେବା ପାଇଁ ଅନୁରୋଧ । ଚାଷୀ ଆତ୍ମହତ୍ୟାର ଉପର ଲିଖିତ କାରଣ ଗୁଡିକ ବିଶେଷଜ୍ଞଙ୍କ ଦ୍ୱାରା ଆଲୋଚନା କରି ସମାଧାନର ପନ୍ଥାଗୁଡିକ

ଚାଷୀଙ୍କୁ ଅବଗତ କରାଇବା ପାଇଁ ସରକାରଙ୍କ ଦ୍ୱାରା ଉଚତ୍ ପଦକ୍ଷେପ ନେବା ବାଞ୍ଛନୀୟ ।

ଚାଷୀମାନଙ୍କର ଦୁର୍ଦ୍ଦଶାର ପ୍ରକୃତ କାରଣ ସଠିକ ଭାବରେ ନଜାଣି କେବଳ ସମୟ ଉପଯୋଗୀ ପରିସ୍ଥିତି ଅନୁସାରେ କୌଣସି ନିୟମ ଓ ପଦକ୍ଷେପ ଗ୍ରହଣ କରିଦେଲେ କେବଳ ସାମୟିକ ସାନ୍ତ୍ୱନା ମିଳବ, ଏହାଦ୍ୱାରା ସ୍ଥାୟୀ ନରାକରଣ ସମ୍ଭବ ନୁହେଁ ।

### ଚାଷୀଙ୍କର ଋଣଗ୍ରସ୍ତର କାରଣ ଓ ସଠିକ ନରାକରଣ

୧. ବନ୍ୟା, ବାତ୍ୟା, ମରୁଡି, ବନ୍ୟ ଜନ୍ତୁଙ୍କ ଦ୍ୱାରା ଚାଷର ଅନଷ୍ଟ ଓ ପଙ୍ଗପାଳ ପରି ପୋକଙ୍କ ଦ୍ୱାରା କ୍ଷତି ଶସ୍ୟହାନର କାରଣ ହୋଇଥାଏ । ତେଣୁ ଉପରୋକ୍ତ କ୍ଷତି ସବୁ ଚାଷୀମାନଙ୍କର କୃଷିବୀମା କରିବା ଦ୍ୱାରା କ୍ଷତି ପୂରଣ ହୋଇପାରିବ । ଏଥିପାଇଁ ଚାଷୀମାନେ ସଜାଗ ହୋଇ ଚାଷର ବିମା ନଶ୍ଚୟ କରିବେ ଏବଂ ଏହା ସରକାରଙ୍କର ଚାଷୀ ଉପରେ ବିମା ବାଧ୍ୟତାମୂଳକ ନୟମ ଦ୍ୱାରା ସମ୍ଭବ ପର ହୋଇପାରିବ ।

୨. ଯେଉଁଠାରେ କେବଳ ଜମିସବୁ ବର୍ଷା ପାଣି ଉପରେ ନର୍ଭର କରେ, ସେଠାରେ ସରକାରଙ୍କର ଦୀର୍ଘ ମିଆଦି ସୂତ୍ରରେ ଭବିଷ୍ୟତର ପରିସ୍ଥିତି ଅନୁଧ୍ୟାନ କରି ଜଳସେଚନର ବ୍ୟବସ୍ଥା କରିବା ଉଚତ୍ ଓ ମାଟି ତଳ ପାଣି ବ୍ୟବହାର ପାଇଁ ଉଠା ଜଳସେଚନ କରିବା ଉଚତ୍ । ଏହାଦ୍ୱାରା ଚାଷୀମାନେ କ୍ଷତି ସହିବେ ନାହିଁ ।

୩. ଯେଉଁଠାରେ ବନ୍ୟା ଓ ସାମୁଦ୍ରିକ ବନ୍ୟାର ପ୍ରଭାବ ଥିବ, ସେଠାରେ ସଠିକ ନଦୀବନ୍ଧ ଓ ସମୁଦ୍ରକୂଳର ବନ୍ଧ କରିବା ଉଚତ୍ । ଏସବୁ ଭବିଷ୍ୟତରେ ବିପତ୍ତିକୁ ଏଡାଇବା ପାଇଁ ଯୋଜନା କରିବା ଉଚତ୍ ।

୪. ଯେଉଁଠାରେ ବନ୍ୟ ପଶୁମାନଙ୍କ ଦ୍ୱାରା ଚାଷକ୍ଷୟର ସମ୍ଭାବନା ଅଛି, ସେଠାରେ ବନ୍ୟ ଜନ୍ତୁ ନ ଆସିବା ପାଇଁ ବାଡ ଓ ଖାଇ କରି ବନ୍ୟ ଜନ୍ତୁ ଆସିବା ରୋକାଯାଇ ପାରିବ ।

୫. ଅନେକ ସମୟରେ ଚାଷୀଙ୍କର ଉତ୍ପାଦନ ଚାଷର ମୂଲ୍ୟ ଅପେକ୍ଷା, ଚାଷର ବିକ୍ରୟ ମୂଲ୍ୟ ବହୁତ କମିଗଲେ ଚାଷୀର ଋଣ ଶୋଧ କରିବା ଉପାୟ କ୍ଷୀଣ ଦେଖାଯାଏ । ଏପରି ପରିସ୍ଥିତି ଚାଷୀ ପାଇଁ ଦୁଃଖର କାରଣ ହୁଏ । ମନେକରାଯାଉ ଚାଷୀ ଏକ କଲୋ

ଆଳୁ ଉତ୍ପାଦନ ପାଇଁ ଟ୫.୦୦ ଖର୍ଚ୍ଚ କରିଅଛି, କିନ୍ତୁ ଚାଷ ଉତ୍ପାଦନ ପରେ ତାକୁ କେଜି ପିଛା ଟ୨.୦୦ରେ ବିକ୍ରି କରିବାକୁ ପଡିଲା, ତେବେ ଏହା ପାଇଁ ଚାଷୀଙ୍କ ମସ୍ତିଷ୍କ ଭ୍ରାନ୍ତ ହୋଇଯାଏ ଏବଂ ସେଥିପାଇଁ ଅନେକ ସମୟରେ ମୃତ୍ୟୁ ପରି ଏକ ପନ୍ଥା ବାଛି ନିଏ । ଏହାର ମଧ୍ୟ ସଠିକ ନିରାକରଣର ପନ୍ଥା ଅଛି ।

ମନେକରାଯାଉ ଆଳୁ ଉତ୍ପାଦନପାଇଁ ଚାଷୀ କେଜି ପିଛା ଟ୫.୦୦ ଖର୍ଚ୍ଚ କରିଅଛି, ତେବେ ସେ ଚାଷୀ ଟ୧୦.୦୦ କେଜି ପିଛା ପାଇବା ଉଚିତ୍ । ତେଣୁ ଚାଷୀର କେଜି ପିଛା ପ୍ରାପ୍ୟ ଟ୧୦.୦୦ ନିର୍ଣ୍ଣୟ କରାଯିବ । ସେହିପରି ଚାଷୀଙ୍କର ପାଖରୁ ଉତ୍ପାଦନ ଆଳୁ ବିକ୍ରୟ ବଜାରକୁ ପଠେଇବା ପାଇଁ କେଜି ପିଛା ଟ୨.୦୦ ଖର୍ଚ୍ଚ ହେବ ଓ ଏପରି କର୍ମ ପାଇଁ ସର୍ଭିସ୍ ଟ୍ୟାକ୍ସ ଟ୧.୦୦ କେଜି ପିଛା ମିଶାହେବ ଏବଂ ଶେଷରେ ବଜାରରେ ବିକ୍ରିପାଇଁ ଦୋକାନ ଟ୨.୦୦ ଲାଭ ରଖିବ । ତେବେ ଆଳୁ କେଜି ପିଛା ଦର ଟ୧୫.୦୦ ରେ ନିର୍ଦ୍ଧାରିତ ହୋଇ ବଜାରରେ ବିକ୍ରୀ ହେବ । ଏହା ସବୁ ପ୍ରକାର ଶସ୍ୟ ପାଇଁ ପ୍ରଯୋଜ୍ୟ । ଟିଭି ଓ ଖବର କାଗଜ ଜରିଆରେ ପ୍ରଚାର ଓ ପ୍ରସାର ଦ୍ୱାରା ସମସ୍ତେ ବିଭିନ୍ନ ଶସ୍ୟର ମୂଲ୍ୟ ଅବଗତ ହୋଇପାରିବେ । ଏହାଦ୍ୱାରା ଚାଷୀ ଦ୍ୱିଗୁଣିତ ଲାଭ ଦ୍ୱାରା ଉପକୃତ ହେବ । ଏସବୁ ପାଇଁ ସବୁ ସ୍ତରରେ ସ୍ୱଚ୍ଛତା ଅବଲମ୍ବନ କରିବା ଉଚିତ୍ । ଚାଷୀଠାରୁ ଶସ୍ୟ ଆମଦାନୀ କରି ବଜାରରେ ବିକ୍ରୟ ପର୍ଯ୍ୟନ୍ତ କେବଳ ସରକାରଙ୍କ ପ୍ରଚେଷ୍ଟାରେ ସମ୍ଭବ । ଏଥିପାଇଁ ଚାଷୀ, ଦୋକାନ ଓ ଜନସାଧାରଣଙ୍କର ସହଯୋଗ ଅତ୍ୟନ୍ତ ଆବଶ୍ୟକ ।

### ଏପରି ପଦ୍ଧତିରେ ଉପକାରିତା

( କ) ଚାଷୀ ଚାଷରେ ବିମା କରୁଥିବାରୁ ପ୍ରାକୃତିକ ବିପତ୍ତି ପାଇଁ କ୍ଷତି ସହିବ ନାହିଁ ଏବଂ ଉତ୍ପାଦ ବିକିବାରେ କ୍ଷତି ନ ସହି ଲାଭରେ ରହିବ ।

( ଖ) ଚାଷ ଉତ୍ପାଦନ ବୃଦ୍ଧି ପାଇବା ଦ୍ୱାରା ଚାଷୀର, ସର୍ବୋପରି ଦେଶରେ ଉନ୍ନତିରେ ସହାୟକ ହେବ ।

( ଗ) ଏହାଦ୍ୱାରା ସରକାରୀ ରାଜସ୍ୱର ଉନ୍ନତି ହେବ ଓ ଅଧିକା ରାଜସ୍ୱ ଆଦାୟ ଦ୍ୱାରା ବେକାରୀ ସମସ୍ୟା ଦୁରିଭୂତ ହେବ ।

( ଘ) ଏପରି ପନ୍ଥା ପ୍ରକୃତରେ କାର୍ଯ୍ୟକାରୀ ହେଲେ ଗୃଷୀ କୌଣସି ପରିସ୍ଥିତିରେ ଅଭାବ ଓ କ୍ଷତିର ସମ୍ମୁଖୀନ ହେବନାହିଁ ସେଥିପାଇଁ ଆତ୍ମହତ୍ୟା କରିବ ନାହିଁ । ତେଣୁ ଏହା ପରିହାସର "ଅମର ଲଡ୍ଡୁ" ନହୋଇ ସତ "ଅମର ଲଡ୍ଡୁ" ହିସାବରେ ପଥ ପ୍ରଦର୍ଶକ ହେବ ।

## ଋଣ ନେବାପାଇଁ କେତେକ ନିର୍ଦ୍ଧାରିତ ନିୟମ

ଗୃଷୀଙ୍କର ମୃତ୍ୟୁ କେବଳ ଗୃଷ ପାଇଁ ବା ଋଣ ପରିଶୋଧର ଅକ୍ଷମତା ପାଇଁ ହୋଇନଥାଏ । ଏହାର ଅନ୍ୟାନ୍ୟ କାରଣ ମଧ୍ୟ ଅଛି । ଯଥା – ଗୃଷ ପାଇଁ ଯେତେ ଋଣ ଦରକାର ତା ଠାରୁ ବହୁ ଅଧିକା ଋଣ କରି ପରିଶୋଧ ନକରିବା, ଗୃଷ ପାଇଁ ଋଣ ନେଇ ଗୃଷ ନକରି ଅନ୍ୟାନ୍ୟ କର୍ମ ପଇଁ ଖଟେଇ ଋଣ ପରିଶୋଧ ନକରି ପାରିବା ଇତ୍ୟାଦି ବହୁ କାରଣ ମଧ୍ୟ ଅଛି । ତେଣୁ ସେମାନେ ଋଣ ନେବା ଆଗରୁ ଋଣ ସମୟ ଅନୁସାରେ ପରିଶୋଧ କରିବା ବିଷୟରେ ଯତ୍ନବାନ ହେବା ଦରକାର ।

## ଋଣ ନେବାପଇଁ ସାବଧାନତା

୧. ଯେଉଁ ଗୃଷୀ ନିଜସ୍ୱ ସମ୍ବଳରେ ଗୃଷ କାମ କରିବାକୁ ସକ୍ଷମ ଅଛି, ସେ କେବେହେଲେ ଋଣ କରିବା ଉଚିତ୍ ନୁହେଁ । ଯେଉଁମାନଙ୍କର ଗୃଷ ପାଇଁ ଋଣ କରିବା ନିହାତି ଦରକାର, ସେମାନେ ଗୃଷ ଉତ୍ପାଦନ ପରେ ନିଜର ଲାଭ ରଖି ଯେତେ ଋଣ ପରିଶୋଧ କରିପାରିବେ, ସେତିକ ଋଣ ନେବା ଉଚିତ୍ । ଋଣ ମିଳୁଛି ବୋଲି ଅଯଥା ଋଣ ନେଇ ବଦଖର୍ଚ୍ଚ କରି ଋଣ ପରିଶୋଧ ନକରିପାରିବା ପରି ନିଜର କ୍ଷତି ଓ ସର୍ବନାଶ କେବେ କରିବେନାହିଁ । ଏପରି ଏକ ଦୃଷ୍ଟାନ୍ତ ଏଠାରେ ଦେବା ମନେ କରେ ।

ଏବେ ଯେଉଁ ଗୃଷୀ ମୃତ୍ୟୁର ହିସାବ ଦେଖା ହୋଇଛି, ସେଥିରେ ଜଣେ ଗୃଷୀର ଦୁଇ ଏକର ଭାଗ ଗୃଷ ପାଇଁ ଟ୨,୦୦,୦୦୦.୦୦ ( ଦୁଇଲକ୍ଷ ଟଙ୍କା) ଋଣ ବିଭିନ୍ନ ସଂସ୍ଥାରୁ ନେବାର ଦୃଷ୍ଟାନ୍ତ ଅଛି । ଦୁଇ ଏକର ଜମିର ଗୃଷର ଭାଗ ବେଶୀହେଲେ ୨୦ କ୍ୟୁଣ୍ଟାଲ ଧାନ ହେବ । ୨୦ କ୍ୱିଣ୍ଟାଲ ଧାନର ମୂଲ୍ୟ ଟ୩୦,୦୦୦.୦୦ ( ତିରିଶି ହଜାର ଟଙ୍କା) ହେବ । ତେବେ ସେ ଗୃଷୀ କେଉଁ ଉଦ୍ଦେଶ୍ୟରେ ଏତେ ଟଙ୍କାର ଋଣ ନେଇଥିଲା? ଏହା ନିଶ୍ଚିତ ଭାବରେ ତାର କେବଳ ଗୃଷ ପାଇଁ ନୁହେଁ, ବରଂ ଲୋଭ ଜନିତ ହୋଇପାରେ ବା

ଅନ୍ୟାନ୍ୟ ଖର୍ଚ୍ଚ ମେଣ୍ଟାଇବା ପାଇଁ ହୋଇପାରେ । ଏପରି ଋଣ ନେବା ଦୁର୍ଭାଗ୍ୟ ଜନକ । ଏପରି ଋଣ କୃଷୀ ପରିଶୋଧ କରିବା ସମ୍ଭବପର ନୁହେଁ । ହୁଏତ ଏପରି କାରଣ ପାଇଁ କୃଷୀ ହତାଶ ହୋଇ ମୃତ୍ୟୁ ପଥ ବାଛିନଏ ।

୨. ସାଧାରଣତଃ ଋଣଗ୍ରସ୍ତ କୃଷୀ ଅମଳ ଲାଭାଂଶରୁ ଋଣ ପରିଶୋଧ କରିଥାଏ । ତାହାକୁ ଅନ୍ୟଆଡେ ଖର୍ଚ୍ଚ କଲେ ଏବଂ କୃଷରୁ ଉତ୍ପାଦନ ମୂଲ୍ୟ ନହେବା ଦ୍ୱାରା ଋଣରେ ଭାରାକ୍ରାନ୍ତ ପାଇଁ ବିପଦଜନ୍ନକ ପରିସ୍ଥିତି ସୃଷ୍ଟି ନହେବା ଉଚତ୍ ।

୩. ଋଣ ଟଙ୍କାରେ ମଦ ଇତ୍ୟାଦି ନଶାଦ୍ରବ୍ୟ ସେବନ କରି ଋଣ ପରିଶୋଧ ନକରିବା ନଜ ପଇଁ, ପରିବାର ପାଇଁ ଓ ସର୍ବୋପରି ଦେଶ ପାଇଁ ବିପଦଜ୍ଜନକ । ଏପରି ନଶାଦ୍ରବ୍ୟ କେବେହେଲେ ସେବନ କରିବା ଉଚତ୍ ନୁହେଁ ।

୪. ଋଣ କେବଳ ବ୍ୟାଙ୍କ ଗୁଡିକରୁ ବର୍ଷିକଆ ସୁଧହାରରେ ନେବା ଉଚତ୍ । କୌଣସି ପରିସ୍ଥିତିରେ ମାସିକଆ ସୁଧ ସାହୁକାରମାନଙ୍କ ପଖରୁ ନେବା ଏକ ମୁର୍ଖାମି । ଏପରି କେଲେ ଋଣର ସୁଧ ମଧ ପରିଶୋଧ କରିବା ସକ୍ଷମ ଅନେକ ହୁଅନ୍ତି ନାହିଁ । ହୁଏତ ଏପରି କାରଣ ପାଇଁ କୃଷୀ ହତାଶ ହୋଇ ମୃତ୍ୟୁ ପଥ ବାଛିନଏ । ସାହୁକାର ପାଖରୁ ମାସିକଆ ଋଣ ପ୍ରଥା ସରକାରୀ ସ୍ତରରେ ନଷିଦ୍ଧ ହେବା ଉଚତ୍ ।

ପୂର୍ବରୁ ପିପୁଲସ୍ ୱେଲଫେୟାର ସଜେସନ ଫୋରମ୍ ପକ୍ଷରୁ "ଜମିର ଉତ୍ତମ ଉପଯୋଗିତା ପାଇଁ ସଚେତନତା"ର ଏକ ବାସ୍ତବ ପ୍ରସ୍ତାବ ଓଡିଶା ସରକାରଙ୍କୁ ଦିଆହୋଇଅଛି । ଏପରି ଉତ୍ତମ ପ୍ରସ୍ତାବ ପଲିସିରେ ପଶିବ ବୋଲି ସରକାରଙ୍କ ତରଫରୁ ଜଣା ହୋଇଥିଲେ ମଧ, ୨୦୦୭ ମସିହାରୁ କୌଣସି ପଦକ୍ଷେପ ନେବାର ସୂଚନା ନାହିଁ । ଏପରି ପ୍ରସ୍ତାବ କୃଷୀଙ୍କ ପାଇଁ, ଜମିର ମାଲିକମାନଙ୍କ ପାଇଁ ଓ ଦେଶ ପାଇଁ ଲାଭଜନକ । ଏହି ସବୁ ପ୍ରସ୍ତାବଗୁଡିକ କୃଷୀମାନଙ୍କର ଉପକାର ପାଇଁ ଏବଂ କୃଷୀ ଆତ୍ମହତ୍ୟା ରୋକିବାର ସଠିକ ଉପାୟ । ଏଥିପାଇଁ କୃଷୀକୁଳ ଓ ସରକାରଙ୍କର ସଠିକ୍ ନୟମ ପ୍ରଣୟନ କରି ସଜାଗ ହେବା ଦରକାର ।

ପୂର୍ବତନ ଶାସନ ସଚିବ, ପୂର୍ବ,
ଅଧକ୍ଷ ପିପୁଲସ୍ ୱେଲଫେୟାର ସଜେସନ୍ ଫୋରମ୍

# ସାଗରିକା



କେ.କ୍ରିଷ୍ଣମୂର୍ତ୍ତି

ପ୍ରତୀତ ହେଲା
ସମୟ ଚକ୍ରର ବିପରୀତ ଗତି
ଅତୀତର ବନ୍ଧୁର ପଥେ
କିଛି ଅଭୁଲା ସ୍ମୃତି
ଗୋଧୂଳି ଧୂସରିତ ଧରଣୀ
ସଂଧ୍ୟା ଚର୍ଚ୍ଚିତ ବାରୁଣୀ
ଦୂର ଦିଗବଳୟରେ
ନଭଶ୍ଚୁମ୍ବୀ ପର୍ବତମାଳା
ଅବତରିତ ନୀଳନଦୀ ତୀରେ
ମୃଦୁ ତରଙ୍ଗ ଚୁମ୍ବିତ ଶିଳାପରେ
ଉପବିଷ୍ଟା......ସାଗରିକା......

ଦେଖିବ ଆଜି ସେ ବିସ୍ମିତ ବିଭାବରୀ
ପ୍ରତୀକ୍ଷାରତ ପୁଷ୍ପିତ କବରୀ
ଅନ୍ତଃସଲିଳା ଅଧୀର ଲହରୀ
ଛୁଇଁଯିବ ବେଳାଭୂମି
ନିର୍ନିମେଷ ନିରୀକ୍ଷଣ ନିଷ୍ପଲକ ନୟନ
ଆତୁରୀ ଚକୋରୀ ନିଶାକରେ ଆହ୍ୱାନ
ସାଜି ବସିଛି ଅଭିସାରିକା
ନୀଳନଦୀ ତୀରେ......ସାଗରିକା......
ସନ୍ଦିଗ୍ଧ ମନ, ବିଳମ୍ବିତ ପାଦ ମୋ
ଛୁଇଁ ପାରିଲାନି

ସମୟରେ ଖାର ଅମୂଲ୍ୟ ବିନ୍ଦୁକୁ
ଅଚିରେ ଖସିଗଲା ସେହି କ୍ଷଣ
ଝାସଦେଇ କାଲର କରାଳ ଗର୍ଭକୁ
ଉଦବେଳିତ ମନର ମାନିନୀ
ହତାଶ ନୟନରେ
ଲଂଫ ଦେଲା, ନୀଳନଦୀ ବକ୍ଷରେ

ସ୍ୱପ୍ନ ଓ ସତ୍ୟର ରୂପାନ୍ତରଣ
ସୀମା ଉପକଣ୍ଠେ
ସଲିଳ ସମାଧି ନେଇ ସାଗରିକା
ପାଲଟିଗଲା ନିଦାଘର ମରିଚିକା
ନୀଳନଦୀ ହେଲା ସାଗରିକା ବିହୀନ
ନିଷ୍ଚଳ ସମୀର, ତୀର ତା ଶୂନ୍ୟ, ବିଜନ
ଅତୀତର ଅଦ୍ଭୁତ ଅଙ୍କେ ପ୍ରସ୍ଫୁଟନ
ସ୍ମୃତି ସବୁଜ, ଜୀବନ୍ତ ଓ ଚିରନ୍ତନ

ସାଗରିକା ହସ୍ତ ଖୋଦିତ
ନିର୍ଜୀବ ଶିଳାବକ୍ଷ
ମୂକସାକ୍ଷୀ ହେଲା ଯେନ
ଅନାବିଳ ପ୍ରେମ
ଅକଥିତ, ଅବର୍ଣ୍ଣିତ ଆକର୍ଷଣର
ଅସ୍ପଷ୍ଟ ଆଲେଖ୍ୟ.....

କଲ୍ୟାନପୁରୀ କଲୋନି, ଶିକନ୍ଦରାବାଦ

# ବିବିଧ ବର୍ଣ୍ଣା ଚିଲିକା



ଦେବସ୍ମିତା ବେହେରା

ଉତ୍କଳ ଐତିହ୍ୟର ତୁ ସୁବର୍ଣ୍ଣ ନାୟିକା
ମଙ୍ଗଳ ମାଳିନୀ ନୀଳାମ୍ବୁ ଚିଲିକା
ରୂପରେ ଅନନ୍ୟା ଆଉ ଅନୁପମା
ସୌନ୍ଦର୍ଯ୍ୟରେ ତୋର ନାହିଁ ଲୋ ତୁଳନା
କେତେ କବିଙ୍କର ତୁ କଳ୍ପନା ନାୟିକା
କବିତାରେ ଝରେ ତୋର ହିଁ ଉପମା
ତୋର ମନୋହରି ରୂପ ସଜି ସାଥେ
ଢେଉ ଖେଳୁଥିବା କଳା ଘୁମର ପାଣି
ସଭିଙ୍କ ମନକୁ ନେଉ ତୁ କିଣି
ଯେତେବେଳେ ନୀଳ ବିଚମାଳାରେ
ସୂର୍ଯ୍ୟଙ୍କର ସୁନେଲି କିରଣ ପଡେ
ବେଶ୍ ମନୋଲୋଭା ଲାଗେ ତୋର
ସେଇ ସୂର୍ଯ୍ୟସ୍ନାତ ବେଶ ।
ତୋର ନୀଳ ଜଳରାଶିରେ ଖେଳି ଖେଳି
କେତେ ନାଉରୀ ଓ ମାଛ ଧରାଳି
ନିର୍ଭୟରେ ବାହାରନ୍ତି ନିଜ ନାଆକୁ ନେଇ
ନିଜର ଜୀବିକା ଓ ପେଟ ପାଟଣା ପାଇଁ
ଭରଷା କରି ମା କାଳିଜାଇଙ୍କୁ
ଯିଏ ବାସ କରିଛନ୍ତି ବର୍ଷ ବର୍ଷ ଧରି
ତୋହରି ବକ୍ଷରେ ଲୋକଙ୍କୁ ସାହା ହେବା ପାଇଁ
ତୁ ତ ସୌନ୍ଦର୍ଯ୍ୟର ଗନ୍ତାଘର
ନାହିଁ ତୋ ସୌନ୍ଦର୍ଯ୍ୟର କିଛି ପଟାନ୍ତର
ଚଢେଇ ଗୁହାର ଧବଳ ବର୍ଣ୍ଣ



ତୋ ପକ୍ଷରେ ଲାଗେ ସତେ ଐରାବତ
ଦୂର ଗ୍ଇଜରୁ କେତେ ଯେ ବିହଙ୍ଗ
ଦଳ ଦଳ ହୋଇ ଆସି ଖେଳନ୍ତି ତୋ କୋଳେ
ଚତୁର୍ଦ୍ଦିଗ ଶୁଭେ ତାଙ୍କ କାକଳୀର ସୁର
ଦୂର ଦିଗବଳୟରୁ ଯେବେ ଦିଶେ ପାରିକୁଦ
ଆଉ ତା ସାଥେ ମାଲୁଦର ଦ୍ୱୀପ
କି ସୁନ୍ଦର ଦିଶେ ତୋର ନଳବଣ
ସାଲେରୀ ଭ୍ଲେରୀ ସହିତ
ମାମୁଁ ଭଣଜାର ନୀଳ ନୀଳ ରୂପ ।
ତୁ ତ ସ୍ନେହମୟୀ ମା ଚିଲିକା
ହେଲେ ଆଜି ତୁ ଚିଙ୍ଗୁଡି ମାଫିଆଙ୍କ
କବଳରେ କବଳିତ ହୋଇ
ସାଜିଛୁ ଯନ୍ତ୍ରଣା ଜର୍ଜରିତ ବିଦଗ୍ଧନାୟିକା
ଆଜିର ସ୍ୱାର୍ଥପର ସମାଜ
ଭୂଲି ଅଛି ତୋର ଅତୀତ ଗୌରବଗାଥା
ଦିନେ ତୋ କୋଳରେ ଆଶ୍ରୟ ନେଇଥିଲେ
ସ୍ୱଂୟ ଜଗତର ନାଥ ଜୟ ଜଗନ୍ନାଥ
ଆଉ ତୋରି ବକ୍ଷରେ ବାଣିଜ୍ୟ ପାଇଁ
ଯାଉଥିଲେ ଉତ୍କଳର ବଣିକ
ଆଜିବି ତୋ ପାଇଁ ସମସ୍ତେ ସମାନ
କରିନାହୁଁ କେବେ ତୋ ମମତାର ଊଣା
ସେଥିପାଇଁ ତୁ ଆଜିବି
ଉତ୍କଳର ଗୌରବ ବିବିଧ ବର୍ଣ୍ଣା ଚିଲିକା ।



ୟୁନିଟ୍ – ୯, ବାୟାବାବା ମଠ ଲେନ୍,
ଭୁବନେଶ୍ୱର - ୭୫୧୦୨୨

# କବି ବ୍ରଜନାଥ ରଥଙ୍କ ସଂପର୍କରେ ବାଗୁଳର ପ୍ରଳାପ



କାଳକଙ୍କର

ବାଲେଶ୍ୱର ଭୂମୀରୁ ଜନ୍ମ ଓଡିଆ ସାହିତ୍ୟର ଯଶସ୍ୱୀ କବି ଦିବଙ୍ଗତ ଡଃ ବ୍ରଜନାଥ ରଥଙ୍କୁ କଏ ଅବା ଓଡିଆ ଭାଷା ସାହିତ୍ୟର ପାଠକ ନ ଜାଣେ । ଫକୀରମୋହନଙ୍କର ଭୂମୀରେ ସଶ୍ରଦ୍ଧ ଫକୀରମୋହନଙ୍କ ଭାଷା ସାହିତ୍ୟର ସ୍ୱାଭିମାନୀ ସଂପଦ ଯେଉଁ କେତେଜଣ ଉତର ପୁରୁଷ ଆଗକୁ ନେଇପାରିଛନ୍ତି ସେମାନଙ୍କ ଭିତରେ ମନୋଜ ଦାସ ଓ ବ୍ରଜନାଥ ରଥ ଦୁଇବନ୍ଧୁ ଅନ୍ୟତମ । ବାଲେଶ୍ୱର ଭୂମୀ କଳା, ସାହିତ୍ୟ, ସଂସ୍କୃତି ର ଅନନ୍ୟ ପିଠ କହିଲେ ଭୁଲ୍ ହେବନାହିଁ । ଯେତେବେଳେ ଓଡିଆ ଭାଷା ବଙ୍ଗାଳମାନଙ୍କର ଚକ୍ରାନ୍ତର ଶୀକାର ହୋଇ ବିଲୁପ୍ତ ପ୍ରାୟ ହେବାର ପରିସ୍ଥିତିରେ ପହଂଚ ଯାଇଥିଲା ସେତେବେଳେ ଘର ଘର ବୁଲି ଓଡିଆମାନଙ୍କ ଜାଗୃତ କରିଥିଲେ ଓଡିଆ ଭାଷା ସାହିତ୍ୟର ଜନକ ବ୍ୟାସକବି ଫକୀରମୋହନ ସେନାପତି । ସେତେବେଳେ ମଧ୍ୟ କିଛି ବାଗୁଳ ଫକୀରମୋହନଙ୍କ ଭାଷା ବଂଚାଅ ଉଦ୍ୟମକୁ ଭଣ୍ଡୁର କରିବା ପାଇଁ ଯଥେଷ୍ଟ ଚେଷ୍ଟା କରିଛନ୍ତି, ଆପଣାର ହୀନ ମନ୍ୟତାର ପ୍ରଭାବରେ ଫକୀରମୋହନଙ୍କୁ ନନ୍ଦିତ କରିବାର ପ୍ରୟାସ କରିଛନ୍ତି । କିନ୍ତୁ ସଫଳ ହୋଇ ପାରି ନାହାଁନ୍ତି । ଫକୀରମୋହନ ଓଡିଆଙ୍କ ସ୍ୱାଭିମାନକୁ କେବଳ ଜାଗୃତ କରିନାହାଁନ୍ତି ଅନେକ ଶିକ୍ଷିତ ଓଡିଆଙ୍କ ପ୍ରତି ଓଡିଆ ଭାଷା ଓ ସାହିତ୍ୟ ପ୍ରତି ଅନୁରାଗ ସୃଷ୍ଟି କରିଛନ୍ତି । କବି ବ୍ରଜନାଥ ରଥଙ୍କ ଭାଷାରେ-

ଜୀବନ ଥାଇ ଯଦି ନ ଅଛି ଅନୁରାଗ
ହୃଦୟ ଥାଇ ଯଦି ନ ଅଛି ଅନୁଭବ
ନୟନ ଥାଇ ଯଦି ନ ଝରେ ବେଦନାର ଲୋତକ,
କି ଲାଭ କହ ଭାଇ ଦେଖି ଏ ଦୁନିଆଁର ଆଲୋକ ।।

ଶାନ୍ତ ସରଳ ସ୍ୱାଭିମାନୀ ତଥା ଶାନ୍ତିପ୍ରୀୟ ଫକୀରମୋହନ ତାଙ୍କର ସମଗ୍ର ଜୀବନ ସାଧାରଣ ମଣିଷର ଏବଂ ଓଡିଆ ଜାତିର, ଭାଷାର ଉତ୍କର୍ଷ ପାଇଁ ସଂଘର୍ଷ କରି ଚାଲିଥିଲେ । ଏଥିପାଇଁ ତାଙ୍କୁ ତାଙ୍କ ପରିବାର ଭିତରୁ ମଧ୍ୟ ଅନେକ ବିରୋଧର ସମ୍ମୁଖୀନ ହେବାକୁ

ପଢିଥିବାର ପ୍ରମାଣ ମିଳେ । ଶାନ୍ତିର ସନ୍ଧାନରେ ଫକୀରମୋହନ ପ୍ରତିଷ୍ଠା କଲେ ଶାନ୍ତିକାନନ ଆଉ ସେହି ଶାନ୍ତିକାନନର ପ୍ରଭାବ ହୁଏତ ବଙ୍ଗଳାର ପ୍ରସିଦ୍ଧ କବି ରବୀନ୍ଦ୍ରନାଥଙ୍କ ଉପରେ ପଡିଥାଇପାରେ ଓ ସୃଷ୍ଟି ହୋଇଥାଇପାରେ ଶାନ୍ତି ନିକେତନ । ଏହା ଏକ ଗବେଷଣା ସାପେକ୍ଷ ବିଷୟବସ୍ତୁ । ତେବେ ସେହି ଶାନ୍ତିକାନନ ଓ ଶାନ୍ତିକାନନର ଅବତାରୀ ପୁରୁଷ ଫକୀରମୋହନଙ୍କ ପ୍ରେରଣାରେ ସାଧାରଣ ମଣିଷଙ୍କ ସୁଖ ଦୁଃଖପାଇଁ ସାହିତ୍ୟର ସଂଗ୍ରାମ ଆରମ୍ଭ କଲେ କବି ବ୍ରଜନାଥ ରଥ । ପରାଧୀନ ଭାରତରେ ତାଙ୍କର ଜନ୍ମ ଏବଂ କିଶୋର ବୟସରେ ସେ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ମର୍ମେମର୍ମେ କରିଛନ୍ତି ଅନୁଭବ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯେତେବେଳେ ଜାପାନର ହିରୋସୀମା ଓ ନାଗାସାକୀରେ ପରମାଣୁ ବୋମା ପଡିଲା ଓ ଅସଂଖ୍ୟ ନିରୀହ ଆବାଳ ବୃଦ୍ଧ ବନିତା ମୃତ୍ୟୁବରଣ କଲେ, ପ୍ରଭୁତ ଧନଜନର କ୍ଷତି ହେଲା, ସେତେବେଳେ କିଶୋର କବିଙ୍କ ହୃଦୟ ବହୁଭାବରେ ବିଚଳିତ ହେଲା ଓ ବ୍ୟଥିତ ହେଲା । ପୃଥିବୀର ଏହି ଅତ୍ୟାଚାରୀ ଶାସକ ଓ ସାମନ୍ତବାଦୀ ସମାଜ ବ୍ୟବସ୍ଥାପ୍ରତି କବିଙ୍କ କିଶୋର ମନରେ ପ୍ରତିବାଦର ସ୍ୱର ଝଙ୍କୃତ ହେଲା ଯାହା ପରବର୍ତୀ ସମୟରେ ତାଙ୍କୁ ଜଣେ ମାନବବାଦୀ, ପ୍ରଗତିବାଦୀ ଓ ବିପ୍ଳବୀ କବିଭାବରେ ପ୍ରତିଷ୍ଠା ଆଣିଦେଲା ।

ସମାଜ ଓ ମଣିଷ ପ୍ରତି ଆସୁଥିବା ସମସ୍ତ ବିପଦପ୍ରତି କବି ସଚେତନ ଥାଆନ୍ତି । ଜରୁରୀ କାଳୀନ ପରିସ୍ଥିତି ଘୋଷଣା କାଳରେ କବି ବ୍ରଜନାଥ ନିଃଶବ୍ଦରେ ଯେଉଁ ସ୍ୱର ତୋଳିଲେ ତାହା ତତ୍କାଳୀନ ଶାସନତନ୍ତ୍ରକୁ ଦୋହଲାଇ ଦେଲା ଓ ସେ ବେଳର ବାଲେଶ୍ୱରର ସରକାରୀ ପ୍ରହରୀ ତାଙ୍କୁ ଆପଣାର କାର୍ଯ୍ୟାଳୟକୁ ଡାକି ଅନୁନୟ ସ୍ୱରରେ ତାଗିଦ୍ କରିଥିଲେ । କବି ରଥ ଅତ୍ୟନ୍ତ ସ୍ୱାଧୀନଚେତା ଓ ସ୍ୱାଭିମାନୀ । ସେ କୌଣସି ଅନ୍ୟାୟ ଓ ଅସତ୍ୟ ପାଖରେ ସାଲିସ୍ କରିନାହାଁନ୍ତି । କବିର ଦାୟିତ୍ୱ ବେଶ୍ ଦାୟିତ୍ୱସଂପନ୍ନ ଲେଖକ ଭାବରେ ସଂପାଦନ କରିଛନ୍ତି । ଛଦ୍ମ ସାମ୍ୟବାଦୀ ନେତାମାନଙ୍କୁ ସେ ଭୟଭୀତ କରିଛନ୍ତି ଓ ତାଙ୍କ ବିରୁଦ୍ଧରେ କବିତାର ଶାଣିତ ତରବାରୀରେ କ୍ଷତାକ୍ତ କରିଛନ୍ତି । ତାଙ୍କର ନକଲି ଭଦ୍ରମୁଖା ଖୋଲି ଦେଇଛନ୍ତି । ସେଥିପାଇଁ କବିରଥଙ୍କର ସେମିତି ମୁଷ୍ଟିମେୟ ଶତ୍ରୁ ଥିଲେ କିନ୍ତୁ ତାଙ୍କ ଜୀବଦ୍ଦଶାରେ ସେମାନେ ଫଣାଟେକିବାର ସାହସ ବା ସାମର୍ଥ୍ୟ ଯୋଗାଡ କରିପାରି ନ ଥିଲେ । ସେମିତି ବାଲିଆପାଳର କ୍ଷେପଣାସ୍ତ୍ରଘାଟି ସ୍ଥାପନର ବିରୋଧରେ ଗୃହବାସ ହରାଇ

ଆନ୍ଦୋଳନ କରୁଥିବା ସାଧାରଣ ଲୋକଙ୍କ ଭିତରେ ନିଜକୁ ସାମିଲ କରି କବି ବ୍ରଜନାଥ ଆନ୍ଦୋଳନକୁ ଏମିତି ସଶକ୍ତ କଲେ ଯେ ସରକାର ତାଙ୍କର ସିଦ୍ଧାନ୍ତ ବଦଳାଇବାକୁ ବାଧ୍ୟ ହେଲେ । ଏମିତି ଅନେକ କଥା ରହିଛି ବାଲେଶ୍ୱର ମାଟିର ବରପୁତ୍ର କବି ବ୍ରଜନାଥଙ୍କ ବିଷୟରେ ।

ଫକୀରମୋହନ ଥିଲେ ତାଙ୍କର ପ୍ରେରଣା ଓ ସମଗ୍ର ଜୀବନ ସେ ଫକୀରମୋହନଙ୍କୁ ଆଦର୍ଶକରି ବାଟ ଚାଲିଥିଲେ । ଫକୀରମୋହନ ସାହିତ୍ୟ ପରିଷଦର ଜଣେ ଦୀର୍ଘକାଳୀନ ସଭାପତି ଭାବରେ କବି ରଥ ବାଲେଶ୍ୱରରେ ସାହିତ୍ୟ ଓ ସଂସ୍କୃତି କୁ ଅଧିକ ଲୋକାଭିମୁଖୀ କରିବାକୁ ଚେଷ୍ଟା କରିଥିଲେ । କବିରଥ ଥିଲେ ଅଜାତଶତ୍ରୁ । ଯିଏ ତାଙ୍କର ଶତ୍ରୁ ହୋଇଛି ସେ ହୁଏତ, ବାଉଳା କିମ୍ବା ବ୍ରଜନାଥଙ୍କ ପ୍ରତି ତାଙ୍କର ଜ୍ଞାନଶୂନ୍ୟତା ଦୋଷଥିବ । ବ୍ରଜନାଥଙ୍କ ସାହିତ୍ୟ ଏମିତି ଛନ୍ଦ ଓ ଭାବରେ ବଳିଷ୍ଠ ଯେ ଯିଏ ତାଙ୍କ କବିତା ପାଠ କରିଛି ସେ ନିଜକୁ ନିଶ୍ଚୟ ହଜାଇ ଦେଇଛି । ତା ନ ହୋଇଥିଲେ କବିରଥଙ୍କୁ ସାହିତ୍ୟ ଏକାଡେମୀ ସମ୍ମାନ ସହ, ଟାଗୋର ସାହିତ୍ୟ ସମ୍ମାନ, ଅତିବଡି ସାହିତ୍ୟ ସମ୍ମାନ ଭଳି ବହୁ ସମ୍ମାନ ପ୍ରଦାନ କରାଯାଇ ନ ଥାନ୍ତା । କବିରଥ ଜଣେ ଅତ୍ୟନ୍ତ ଶାନ୍ତ ସରଳ ନିରାଡମ୍ବର ସୌମ୍ୟ ପୁରୁଷ ଥିଲେ । ଶତ୍ରୁମାନେ ମଧ୍ୟ ତାଙ୍କ ସମ୍ମୁଖକୁ ଆସିଲେ ତାଙ୍କପ୍ରଭାବରେ ମିତ୍ରପାଲଟି ଯାଉଥିଲେ । ସାହିତ୍ୟର ସେ ଜଣେ ପ୍ରବୀଣ ଶିକ୍ଷକ ଥିଲେ । ବହୁ ନବୀନ ଓ ତରୁଣ ଲେଖକଙ୍କୁ ସେ କବିତା ଲେଖିବାର କଳା ଶିଖାଉଥିଲେ । ଜାତୀୟ ଲେଖକ କର୍ମଶାଳାରେ କବିରଥଙ୍କୁ ଜଣେ ପ୍ରଶିକ୍ଷକ ଭାବରେ ବହୁଭାବରେ ମନୋନିତ କରାଯାଇଥିଲା।

କେବଳ ରାଜ୍ୟ ସ୍ତରରେ ନୁହେଁ, କବି ସ୍ୱର୍ଗତଃ ରଥ କେନ୍ଦ୍ର ସାହିତ୍ୟ ଏକାଡେମୀର ମଧ୍ୟ ଜଣେ ସମ୍ମାନୀୟ ସଦସ୍ୟ ଥିଲେ । ତାଙ୍କର ଅନେକ କବିତା ହିନ୍ଦୀ, ବଙ୍ଗଳା ଓ ଇଂରାଜୀ ଭାଷାରେ ଅନୁବାଦିତ ହୋଇଛି । ଆତ୍ମପ୍ରଚାରଠୁ ଯଥେଷ୍ଟ ଦୂରତ୍ୱ ରଖୁଥିବା କବିରଥଙ୍କୁ ଯେ ତାଙ୍କରି ବାଲେଶ୍ୱରମାଟିରେ ଜଣେ ନିଜକୁ ବାଲେଶ୍ୱରୀ ବୋଲାଉଥିବା ବ୍ୟକ୍ତି ବାଲେଶ୍ୱରର ଲୋକଙ୍କ ଆଗରେ ଅପମାନିତ କରିବାର ଧୃଷ୍ଟତା କରିପାରିବ ଏହା କଳ୍ପନା ବାହାରେ ଥିଲା । କିନ୍ତୁ କବିରଥଙ୍କୁ ସମଗ୍ର ଜୀବନ ଭୟକରୁଥିବା କିଛି ମିଥ୍ୟାଚାରୀ, ଛଦ୍ମବେଶୀ ହୀନମନ୍ୟ ବ୍ୟକ୍ତି ତାଙ୍କ ଅବର୍ତ୍ତମାନରେ ଆପଣାର ତୁଚ୍ଛ ପଦପଦବୀରେ ଅନ୍ଧହୋଇ ବାଲେଶ୍ୱରର

ସଚେତନ କବି ଲେଖକ ଓ ବୁଦ୍ଧିଜିବୀଙ୍କୁ ଯେ ଅନ୍ଧଭାବି ବସିବ ଏ କଥା ସଂପୂର୍ଣ୍ଣ ଭୁଲ୍ ବୋଲି ତାକୁ ବୁଝିନେବାକୁ ହେବ । ସଂସ୍କୃତି ଭବନରେ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ପ୍ରାୟ ନିଜକୁ ଜଣେ ଦାଦା ବୋଲି ଭାବିନେଲେ, କାରଣ ଦାଦାଗିରି ତାଙ୍କୁ ତାଙ୍କର ଦାଦା ନିଶ୍ଚୟ ଶିଖାଇଥିବେ । ତେବେ ସେ ଭୁଲିଗଲେ ଯେ ପଦପଦବୀର ଅପବ୍ୟବହାର କଲେ ଏବଂ ମିଛର ଅଳଙ୍କାର ପିନ୍ଧି ଦେଖାଇହେଲେ କେହି ସୁନ୍ଦର ବା ଅମର ହୋଇଯାଆନ୍ତି ନାହିଁ। ସେଥିପାଇଁ ସାଧନା ଦରକାର । କବିରଥଙ୍କୁ ଅପମାନିତ କରିଥିବା ବ୍ୟକ୍ତି ନିଜେ ନିଜର ହୀନମନ୍ୟତାର ପରିଚୟ ଦେବାଛଡା କିଛି ଅଧିକ କରି ନ ଥିବେ । କବି ବ୍ରଜନାଥ ରଥ ଜଣେ ପ୍ରଥିତଯଶା କବି ଓ ତାଙ୍କର ଯଶ ଓ ଖ୍ୟାତି ସବୁଦିନ ରହିବ । ତାଙ୍କ କାବ୍ୟ କବିତା ଓଡିଆ ଭାଷା ଓ ସଂସ୍କୃତି ବଂଚିଥିବା ପର୍ଯ୍ୟନ୍ତ ଓଡିଆ ଜାତିକୁ ସାହିତ୍ୟରେ ଉଦବୁଦ୍ଧ କରୁଥିବ, ବାଲେଶ୍ୱର ମାଟି ଏହି ସୁଯୋଗ୍ୟ ସନ୍ତାନପାଇଁ ଗର୍ବ କରୁଥିବ ।

ଖବର କାଗଜରୁ ଜାଣିଲି ଯେ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ମୁଖ୍ୟ ଅତିଥୀ ଭାବରେ ଫକୀରମୋହନ ସାହିତ୍ୟର ବୈଶିଷ୍ଟ୍ୟ ସଂପର୍କରେ ସାହିତ୍ୟ ଏକାଡେମୀ ଓ ଫକୀରମୋହନ ସାହିତ୍ୟପରିଷଦର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହେଉଥିବା ସଭାରେ ଯୋଗଦେଇଥିଲେ । ସେଠାରେ ସେ ଫକୀରମୋହନଙ୍କର ସାହିତ୍ୟର ବୈଶିଷ୍ଟ୍ୟ କଣ କହିଲେ ସେ କଥା ନ କହିଲେ ଭଲ, କିନ୍ତୁ ବ୍ରଜନାଥ ରଥ ଫକୀରମୋହନଙ୍କର କବିତାର ଆବୃତି ନ କରି ନିଜ କବିତା ଆବୃତି କରାଉଥିବାର ଶୂନ୍ୟବାଣୀ ପ୍ରାୟ ସ୍ୱୟଂ ଫକୀରମୋହନ କିମ୍ବା କବି ବ୍ରଜନାଥ ତାଙ୍କୁ ଦେଇଥିବେ । ଏମିତି ମିଥ୍ୟା ବାଗ୍ଜାଳତାର ପ୍ରଳାପ ନ ହେଲେ ଜଣେ ଦାୟିତ୍ୱ ସଂପନ୍ନ ସରକାରୀ କର୍ମଚାରୀ କେମିତି ଅବା କରିଥାଆନ୍ତେ ଯେ ? ବାଲେଶ୍ୱରର ସନ୍ତାନ ସେ ଏବଂ ମୁଁ ମଧ୍ୟ । ବାଲେଶ୍ୱରର ଏହି ବରେଣ୍ୟ ସାହିତ୍ୟସାଧକଙ୍କ ବିଷୟରେ ବକ୍ତବ୍ୟ ଦେବାରେ ମହାଶୟ ସଂଯମତା ରକ୍ଷାକରିଥିଲେ ବହୁତ ଭଲହୋଇଥାନ୍ତା । ଇର୍ଷା, ପରଶ୍ରୀକାତରତା ଓ ପ୍ରଗଲ୍ଭତା ଅନେକ ସମୟରେ ଆପଣାର କ୍ଷତିକରିଥାଏ । ସାହିତ୍ୟରେ ଯେ ମହାଶୟଙ୍କର କେତେ ପ୍ରବେଶ ସେ କଥା ସେ ନିଜେ ବୁଝିବା ଉଚିତ୍ । ସେମିତି ଏକ ସମୟରେ ବାଲେଶ୍ୱରର ଅନ୍ୟତମ ସନ୍ତାନ ଆନ୍ତର୍ଜାତୀୟ ଖ୍ୟାତିସଂପନ୍ନ ଲେଖକ ମନୋଜବାବୁଙ୍କୁ ମଧ୍ୟ ସି- ସୋର୍ ସଂପର୍କକୁ ନେଇ କେତେ କଥା କହି ନ ଥିଲେ ? ଏମିତି କିଛି ଲୋକ ସବୁ ବେଳେ ଆପଣାକୁ ନିନ୍ଦିତ କରିବାକୁ ରହିବେ । ଫକୀରମୋହନଙ୍କୁ

ଯେଉଁମାନେ ଛାଡିବାକୁ ପ୍ରସ୍ତୁତ ନୁହଁନ୍ତି, ଜାତିରପିତା ମହାତ୍ମା ଗାନ୍ଧିଙ୍କୁ ଯେଉଁମାନେ ନିନ୍ଦିତ କରିବାରେ ପଛଘୁଂଚୁ ଦେଇନାହାଁନ୍ତି, ଉତ୍କଳମଣି ଗୋପବନ୍ଧୁଙ୍କୁ ମଧ୍ୟ ଯେଉଁମାନେ ତାଙ୍କ ଜୀବଦ୍ଦଶାରେ ଜଲିଲ କରିବାର ଚେଷ୍ଟା କରିଛନ୍ତି ସେ ଭଳି ପଦପଦବୀର ଦୁର୍ବ୍ୟବହାର କରିବାର ବ୍ୟକ୍ତି ଏ ସମାଜରେ ସବୁ ସମୟରେ ଅଳ୍ପ ବହୁତ ନିଶ୍ଚୟ ରହିବେ । ସେଥିରେ ବ୍ୟଥିତ ହେବାର କଣ ଅଛି ?

କେମିତି ଲାଗିଥିବ ସେମାନଙ୍କୁ ଯେଉଁମାନେ ସାହିତ୍ୟକୁ, ସଂସ୍କୃତିକୁ ବୁଝିଛନ୍ତି ଓ ଭଲପାଆନ୍ତି। ସେମାନେ କବି ବ୍ରଜନାଥଙ୍କୁ ଓ ତାଙ୍କ ସାହିତ୍ୟକୁ ସବୁବେଳେ ସମ୍ମାନ ଦେଇ ଆସୁଥିବାରୁ ତାଙ୍କ ସମ୍ମୁଖରେ ଏମିତି ବାତୁଳ ପ୍ରଳାପ ସତରେ ନିନ୍ଦନୀୟ । ଈଶ୍ୱର ଏମିତି ବ୍ୟକ୍ତିଙ୍କୁ ସଦବୁଦ୍ଧି ଦିଅନ୍ତୁ । ସାହିତ୍ୟ ଓ ସଂସ୍କୃତି ବଂଚରହୁ ଏବଂ ଏମିତି ବ୍ୟକ୍ତିମାନଙ୍କ ପାଖରେ ବନ୍ଧା ନ ପଡୁ । ସାହିତ୍ୟ ବଂଚରହୁ । ବାଲେଶ୍ୱରର ଐତିହ୍ୟ ବୃଦ୍ଧିମନ୍ତ ହେଉଥାଉ। ପୂଜ୍ୟପୂଜାରେ ବ୍ୟତିକ୍ରମ ନ ହେଉ । କବି ରଥଙ୍କ କବିତାଂଶ ଏଠାରେ ଉଦ୍ଧୃତ କରି ଏ ନିବନ୍ଧଟିର ପରିସମାପ୍ତି କରିବି । କବିଙ୍କ ଭାଷାରେ-

ମଣିଷ ମରେନା ମଶାଣି ଭୂଇଁରେ
ଜଳଲେ ତାହାର ଜୁଇ,
ମରେ ସେହିଦିନ ସ୍ମୃତି ରୁ ଯାହାର
ହଜେ ଚିରକାଳ ପାଇଁ ।

କବି ଡଃ ବ୍ରଜନାଥ ରଥ ଯେ ବଂଚିଥିବେ ଓଡିଆ ପାଠକଙ୍କ ମାନସ ପଟଳରେ ଏଥିରେ ସାମାନ୍ୟ ସନ୍ଦେହ ନାହିଁ କିନ୍ତୁ ତାଙ୍କ ବିରୋଧରେ ବାତୁଳ ବକ୍ତବ୍ୟ ଦେଉଥିବା ବ୍ୟକ୍ତିଙ୍କୁ ଏ ଜାତି କସ୍ମିନକାଳେ ମନେ ରଖିବନାହିଁ ବରଂ ନିନ୍ଦା କରିବ ଏ କଥାରେ ମଧ୍ୟ ସନ୍ଦେହ ନ ରଖିଲେ ଭଲ । ଯୁଗେ ଯୁଗେ ସତ୍ୟର ଧର୍ମର ଓ ନ୍ୟାୟର ଉପାସନା ହୋଇ ଆସିଛି ଓ ହୋଇ ଚାଲିଥିବ । ଏଣୁ ଏମିତି ବାତୁଳତା ପରିପ୍ରକାଶ କରୁଥିବା ବ୍ୟକ୍ତିମାନେ କେବଳ ନିଜକୁ ନିନ୍ଦିତ କରିଚାଲିଥିବେ ।

ସୌଭାଗିନୀ, ରଟିଲୋ, ରେଂଚ, ପୁରୀ

# ପ୍ରେମ ପକ୍ଷୀ ମୁଁ ଯେ....



ସତ୍ୟବ୍ରତ ସାହୁ

କେବେବି ମୁଁ କେଉଁ ଗୀତରେ ଦେଇନ ବିରହ
ବାହୁନା ସୁର,
ଏତିକ ଜାଣିଛି ପ୍ରେମରେ ଜୀଇଁବା ମୋର ଖାଲି
ଅଧିକାର ।( ୧)
ମୁଁ ଜାଣିଛି କେତେ ହୃଦ ବିଦାରକ ବିରହର
ଅନୁଭବ,
ସେ ପାଇଁ ଦେଉନ ହୃଦୟେ କାହାର ବିରହର
ପଲ୍ଲବ,
ପ୍ରେମ ପକ୍ଷୀ ମୁଁ ଯେ ପ୍ରେମର ଆକାଶେ
ଖୋଜିଛି ପ୍ରେମ ଆଧାର....( ୨)
ବିରହଟା ଏକ ଦଗାଦିଆ ବନ୍ଧୁ ବିଶ୍ୱାସେ ମିଶାଏ ବିଷ,
ପ୍ରେମ ସେ ବିଷରୁ ବିଷ ହରିନେଇ ମିଶାଇ ଦିଏ ପୀୟୁଷ,
ବିରହକୁ ଭୁଲି ଗଢିଛି ସେପାଇଁ
ପ୍ରେମର ଏକ ମନ୍ଦିର....( ୩)
କେବେବି ମୁଁ କେଉଁ ଗୀତରେ ଦେଇନ ବିରହ
ବାହୁନା ସୁର,
ଏତିକ ଜାଣିଛି ପ୍ରେମରେ ଜୀଇଁବା ମୋର ଖାଲି
ଅଧିକାର ।( ୪)



ପଲ୍ଲାସାହି, ଜମାଲପୁର, ଅହିୟାସ, ଯାଜପୁର

# ମାଗିନାହିଁ ମୂଲ



ସୁମିତ୍ରା ରାଉଳ

ଫଳନ୍ତି ଗଛ ଯେ ମାଗିନାହିଁ କେବେ
ତା’ ଫଳର ମୂଲ କେତେ ,
କେମିତି ମାଗିବ ଛାଇର ମୂଲ ସେ
ବାଣ୍ଟୁଛି ଆମକୁ ଯେତେ ।
ଶୀତଳ ପବନ ମାଗୁନାହିଁ କେବେ
ତା’ ଶୀତଳତାର ମୂଲ ,
ଫୁଟୁଛି ଝଡୁଛି ବାସନାର ମୂଲ
ମାଗିନାହିଁ କେବେ ଫୁଲ ।
ସୁରୁଯ ମାଗେନା କରଣର ମୂଲ
ବାଣ୍ଟିଗଲେ ସବୁଦିନ ,
ନଈ ତ ମାଗେନା ତା’ ଜଳର ମୂଲ
ପ୍ରବାହିତ ରାତି ଦିନ ।
ଜୋଛନାର ମୂଲ ମାଗିନାହିଁ କେବେ
ଆମକୁ ସରଗ ଶଶୀ ,
ମହୁମାଛି ପର୍ ମାଗିନାହିଁ କେବେ
ଶ୍ରମ ମୂଲ ତାର ବେଶୀ ।

ବରଷା ବଉଦ ମାଗେନା କାହାକୁ
ତା' ଜଳର ମୂଲ କେତେ ,
ତାରକା ମାଗେନା ଆଲୋକର ମୂଲ
ହସି ହସି ବାଣ୍ଟେ ସତେ ।
ବିଶାଳ ଗଗନ ମାଗିନାହିଁ କେବେ
ବିଶାଳତା ମୂଲ ତାର ,
ଧରଣୀ ମାଗେନ କଷଣର ମୂଲ
ସହୁଛି ଯେତେ ଆମର ।
ନିଃସ୍ୱାର୍ଥପର ସେ ଦେଇଗଲେ ଯିଏ
ନ ପାଇ କାହାଠୁ ମୂଲ ,
ହେଲେ ଏ ମଣିଷ ସ୍ୱାର୍ଥପର ସାଜି
କରେ ସେନେହର ତୁଲ ।

ବାଗସାହି, ପ୍ରୀତିପୁର, ଯାଜପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ବିଦାୟ? ....ନା....ନା....
# ସ୍ୱାଗତମ୍....ସ୍ୱାଗତମ୍ ॥



ମଧୁସ୍ମିତା ପଟ୍ଟନାୟକ

ଆମର ଏ ତଥାକଥିତ ସମାଜ ଏବେ "ବେଟି ବଗ୍ଚଓ, ବେଟି ବଗ୍ଚଓ" ବୋଲି ଡକଗ୍ଦେଉଛି; କ୍ନ୍ତୁ କାହିଁକ ସେ ପ୍ରକାର ଆହ୍ୱାନ ଦେଉଛି । କ'ଣ ଏଇଥି ପାଇଁ ଯେ ପୁଅଙ୍କ ଅପେକ୍ଷା ଝିଅମାନଙ୍କର ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲ୍ଗିଛି ବୋଲି? ଏ ସମାଜ ଯେ ଏଥିପାଇଁ ଦାୟ୍ୀ ତାହା କ'ଣ ସେ ଭୁଲି ଯାଉଛି? ଆମେ ଆଜି ସମସ୍ତେ ଏକବିଂଶ ଶତାବ୍ଦୀରେ ପାଦ ଥାପି ସାରିଛେ । ଆମ ହାତ ପାହାନ୍ତାରେ ସବୁ କ୍ଛି । ଆଧୁନକ ଜ୍ଞାନ-ବିଜ୍ଞାନ, କଳା- କୌଶଳ ସବୁ କ୍ଷେତ୍ରରେ ଏ ମାନବ ଜାତି ତାର ପଗ୍କାଷ୍ଠା ଦେଖେଇ ଗ୍ଲିଛି ।

ହେଲେ ଆଜିର ଏ ମାନବଜାତି ଯେତେ ଅଗ୍ରଗତି କଲେ ମଧ ତା'ମନର କେଉଁ କୋଣ ଅନୁକୋଣରେ ସେଇ ପୁରୁଣା କଥା ଏବେବି ଘର କରି ରହିଛି ଯେ, ପୁଅ ଥିଲେ କୂଳରକ୍ଷା ହେବ । ଆମେ ଯଦି କହୁଛେ, "ପୁଅ- ଝିଅ ସମସ୍ତେ ସମାନ" ତେବେ ତାହା ଦ୍ୱାଗ୍ ଆମମାନଙ୍କ କଥା ଓ କାର୍ଯ୍ୟରେ ପରିଲକ୍ଷିତ ହେଉନାହିଁ କାହିଁକ? ଆମମାନଙ୍କ ମନରେ ଏ ହୀନମନ୍ୟତା କାହିଁକ ଦେଖାଯାଉଛି ଝିଅଟେ ବୋଝ ବୋଲି? ପୁଅଟେ ପାଇବା ପାଇଁ ବିଭିନ୍ନ ଦେବାଦେବୀଙ୍କର ଓଷା- ବ୍ରତ ଆଦି କରିବା ପାଇଁ ନାରୀଟିକୁ କାହିଁକ ବାଧ କଗ୍ଯାଏ? ଦୁର୍ଭାଗ୍ୟବଶତଃ ପୁଅ ନ ହୋଇ ଝିଅଟିଏ ଦୁନଆକୁ ଆସେ ତେବେ କେଉଁଠି ପରିବାର- ବର୍ଗ ମୁହଁ ବୁଲେଇ ନଅନ୍ତି ତ କେତେବେଳେ ଅବୈଧ ଭ୍ରୃଣପରୀକ୍ଷା କରି ତାକୁ ଏ ଦୁନଆକୁ ଆସିବା ପୂର୍ବରୁ ନଷ୍ଟ କରିଦିଅନ୍ତି । ଏସବୁ ପାଇଁ ପରିବାରର କ୍ଛି ନ୍ର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷମାନଙ୍କୁ ପ୍ରାୟତଃ ଦାୟ୍ୀ କଗ୍ଯାଇଥାଏ....ଯେପରିକ ଶାଶୁ, ନଣନ୍ଦ, ଯାଆ.... । ସତରେ କ'ଣ ସେମାନେ ଏସବୁ ପାଇଁ ଦାୟ୍ୀ? କେବେ ଥରେ ଚନ୍ତା କରିଛେ କ

ଆମେମାନେ ଏମିତି କାହିଁକି ଘଟୁଛି ବୋଲି? କିନ୍ତୁ ଏମାନଙ୍କୁ ଏପରି ହେବାପାଇଁ କେଉଁମାନେ ବିବଶ କରୁଛନ୍ତି? ଏଇ ନାରୀ ଦିନେ ଝିଅ ଥିଲା, ବୋହୂ ହେଲା, ସ୍ତ୍ରୀହେଲା ଆଉ ମା' ମଧ୍ୟ ହେଲା । କୁହାଯାଏ ଯେ ପୁରୁଷ ଅପେକ୍ଷା ନାରୀ ଅଧିକ ସମ୍ବେଦନାଶୀଳା । ତା'ର ହୃଦୟ ମଧ୍ୟ କୋମଳ । ସତରେ କ'ଣ ସେ ଏତେ କଠୋର ହେଇପାରେ ।

ଆମର ଏ ସମାଜ ସବୁବେଳେ ପୁରୁଷ- କେନ୍ଦ୍ରିକ ହୋଇ ରହିଆସିଛି । ପୂର୍ବ ସମୟରେ ମହିଳାମାନଙ୍କର କ'ଣ ବା ସ୍ଥିତି ଥିଲା! ଘରର ଚାରିକାନ୍ଥ ବାଡ ଭିତରେ ସେମାନଙ୍କର ଦୁନିଆ ସୀମିତ ଥିଲା । ଅଶିକ୍ଷା ସାଙ୍ଗକୁ ନାନା ପ୍ରକାର କୁ- ପ୍ରଥାର ଶୀକାର ହେଉଥିଲେ ସେମାନେ । ବାହାର ଦୁନିଆରେ କ'ଣ ଘଟୁଛି ସେସବୁ ସେମାନେ ଜାଣିଲେ ହିଁ ନାହିଁ । ପୁରୁଷମାନେ ହେଲେ ସବୁ ଘଟଣାରେ ମୁଖ୍ୟ । ଏମାନେ ଯାହା ଯେପରି କହିଲେ, ଦେଖେଇଲେ, ଶିଖେଇଲେ, ସେହୁ ଅନୁରୂପେ ମହିଳାମାନେ ପରିଚାଳିତ ହେଲେ । ସେମାନଙ୍କ ମନ ଭିତରେ ଥିବା କଥା ଆଉ ବ୍ୟଥାକୁ ବାହାର କରିବାର ସୁଯୋଗ ମଧ୍ୟ ନଥିଲା । ସେମାନଙ୍କୁ "ପୁଅ- ଝିଅଙ୍କ ମଧ୍ୟରେ ଭେଦଭାବ କରେଇବା ମଧ୍ୟ ଶିଖେଇଲେ । ପୁଅ ହେଲେ କୂଳରକ୍ଷା ହେବ । ରୋଜଗାରକ୍ଷମ ହୋଇ ପରିବାରକୁ ପୋଷିବା ସହ କୂଳର ନାଁ ଉଜ୍ଜ୍ୱଳ କରିବ ଓ ଶେଷ ସମୟରେ ନିଆଁ ଟିକେ ତା' ହାତରୁ ପାଇ ମୋକ୍ଷ ମିଳିବ ସମସ୍ତଙ୍କୁ । ଝିଅ ତ ପରଘରୀ....ବାହାସାହା କରିଦେଲେ କଥା ଛିଣ୍ଡିବ । ତେଣୁ ସେମାନଙ୍କର (ଝିଅ) ଲାଳନପାଳନ ଓ ଶିକ୍ଷା- ଦୀକ୍ଷାକୁ ବେଶୀ ଧ୍ୟାନ ନ ଦେଇ ପୁଅମାନଙ୍କର ବେଶୀ ଯତ୍ନ ନିଆଯାଉଥିଲା । ସେମାନଙ୍କୁ ଉଚ୍ଚଶିକ୍ଷା ଦିଆଯାଉଥିଲା । ତା' ଛଡା ମାନସିକତା ଏପରି ହୋଇଯାଇଥିଲା ଯେ ପୁଅଟେ ହେଲେ ପରିବାର ମଧ୍ୟରେ ନାରୀର ସମ୍ମାନ ବଢୁଥିଲା । ତେଣୁ "ପୁତ୍" ନାମକ ବୀଜଟି ଘର କରି ରହିଲା ମହିଳାମାନଙ୍କ ମନରେ ।

ଆଜି ମଧ୍ୟ ଏଇ ମାନସିକତା ବଳବତ୍ତର ଅଛି । ତେଣୁ ଆଜିର ନାରୀ ଯେତେ ପାଠଶାଠ ପଢିଥିଲେ ମଧ୍ୟ ନୂତନ ସମ୍ଭାବନାଟିକୁ ଦୁନିଆକୁ ଆଣିବା ପୂର୍ବରୁ ଭାବିବାକୁ ବାଧ୍ୟ ହେଉଛି ଯେ ଯଦି ମୋର ପୁଅ ନ ହୋଇ ଝିଅ ହେଲା ତେବେ କ'ଣ କରିବି? ଏକ ଅନିଶ୍ଚିତ ଓ ଅସୁରକ୍ଷିତ ଭବିଷ୍ୟତ ବିଷୟରେ କଳ୍ପନା କରି ତାକୁ ଏ ଦୁନିଆକୁ ଆସିବାକୁ ଦେବି ନା

ଅଧାବାଟରୁ ତାକୁ ନଜରୁ ଦୂରେଇ ଦେବି କ? ଆଜି ଆମେ ସମସ୍ତେ ଏକବିଂଶ ଶତାବ୍ଦୀରେ ପହଞ୍ଚିଥିଲେ ମଧ୍ୟ ଆମ ମାନସିକତାରେ ବିଶେଷ କଛି ଆସିନାହିଁ। ଆଜି ମଧ୍ୟ ଏ ସମାଜରେ ଝିଅବୋହୁମାନେ ସୁରକ୍ଷିତ ନୁହଁନ୍ତି।

ଆଜିର ଏ ଯୁବ ସମାଜ ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି ଉଚ୍ଛୁଙ୍ଖଳ ଓ ଅବ୍ୟବସ୍ଥିତ ହୋଇଯାଉଛନ୍ତି ଯାହାକ ସେମାନଙ୍କର କଥାବାର୍ତ୍ତା, ଗ୍ଭଲିଚଳଣ, ପୋଷାକ ପରିଛେଦରେ ଦେଖିବାକୁ ମିଳୁଛି। ଅଶ୍ଳୀଳତା ମଧ୍ୟ ବଢ଼ୁଛି। ଆଗକାଳରେ ପରିବାରର ଗୁରୁଜନମାନେ ସାନ ମାନଙ୍କ ପାଇଁ ଯେଉଁ ଅନୁଶାସନ ପ୍ରଣୟନ କରୁଥିଲେ ଏଇ ଯୁବସମାଜ ସେସବୁକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି। ଯାହାଦ୍ୱାର୍ ସେମାନେ ଅନୁଶାସନହୀନ ହୋଇ ବିଭିନ୍ନ ପ୍ରକାର ଦୁଷ୍କର୍ମ କରିବାକୁ ପଛଉ ନାହାଁନ୍ତି। ଏସବୁର ଖରାପ ପ୍ରଭାବ ଝିଅମାନଙ୍କ ଉପରେ ବେଶୀ ପଡୁଛି ଓ ନାନା ପ୍ରକାର ଅପକର୍ମର ଶୀକାର ଆଗ ସେମାନେ ହେଉଛନ୍ତି। ଏସବୁ ଘଟଣା- ଦୁର୍ଘଟଣା ପାଇଁ ଏଠି କେବଳ ପୁଅମାନଙ୍କୁ ଦାୟୀ କଲେ ଠିକ୍ ହେବନାହିଁ। ଏଥିପାଇଁ ଝିଅମାନେ ମଧ୍ୟ ସମପରିମାଣରେ ଦାୟୀ।

କୁହାଯାଏ ଯେ କନ୍ୟା ପରି ରତ୍ନ ଭାଗ୍ୟରେ ଥିଲେ ମିଳେ। ଯଦି କନ୍ୟାକୁ ରତ୍ନ ସହ ତୁଳନା କରାଯାଉଛି, ତା'ହେଲେ ସେମାନଙ୍କୁ କାହିଁକି ହେୟ ମନେକରାଯାଉଛି? ତେଣୁ ମୁଁ ଏଠି କହିବାକୁ ଗ୍ଭହେଁ ଝିଅଟିଏ ହେଲେ ତାକୁ ଅବହେଳା କରନ୍ତୁନ କ ମନଦୁଃଖ ମଧ୍ୟ କରନ୍ତୁନ। ଏ ଦୁନଆକୁ ଆସିବା ପୂର୍ବରୁ ତାକୁ ନଜରୁ ଦୂରେଇ ଦିଅନ୍ତୁନ କ ଝିଅ ବୋଲି ଅନୁଶୋଚନା ମଧ୍ୟ କରନ୍ତୁନ। ପୁଅ ଆଉ ଝିଅ ଉଭୟେ ସମାନ। ପୁଅମାନଙ୍କ ପରି ଝିଅମାନେ ସବୁପ୍ରକାର ଦାୟିତ୍ୱକୁ ସଫଳତାର ସହ ବହନ କରିବାର ଦକ୍ଷତା ରଖୁଛନ୍ତି। ପୁଅଟିଏ ଶିକ୍ଷିତ ହେଲେ ସେ ଶିକ୍ଷାର ଲାଭ କେବଳ ତାକୁ ହିଁ ମିଳଥାଏ। ହେଲେ ଝିଅଟିଏ ଶିକ୍ଷିତ ହେଲେ ଏକ ଶିକ୍ଷିତ ପରିବାର ଗଠିତ ହେବା ସହ ସମାଜର ହିତ ସାଧନ ହୋଇଥାଏ।

ଥରେ ଭାବନ୍ତୁ ତ! .....ଛୋଟ ଝିଅଟିରେ ଖିଲିଖିଲି ହସ, ଦରୋଟି କଥା, ଉଠୁଥିବା ପଡୁଥିବା ଗ୍ଭଲି, ତା'ର କୁନ କୁନ ବାହୁରେ କୋଳେଇ ନେବାର କୋମଳ ସ୍ପର୍ଶଟି କେତେ ସ୍ୱର୍ଗୀୟ ଅନୁଭବ ଦିଏ ସତେ! ଲାଗେ ଯେମିତି ପୁରା ଥମ୍ ଥମ୍ ପରିବେଶଟିକୁ ତାର

ଉପସ୍ଥିତିରେ ଇନ୍ଦ୍ରଧନୁର ସାତରଙ୍ଗ ପରି ରଙ୍ଗେଇ ଦେଉଛି! ଜୀବନର ଦୁଃଖ କଷ୍ଟସବୁ ପାଣି ଫୋଟକା ପରି ଦୂରେଇ ଯାଉଛି! ପ୍ରଜାପତିଟିଏ ପରି ଗୁରିପଟେ ଘୂରି ଘୂରି ନାଚ ଗାଇ ମନ ମୋହି ନେଉଛି । ଏକ ଅପୂର୍ବ ସମ୍ମୋହନରେ ସମ୍ମୋହିତ କରି ରଖୁଛି ସମସ୍ତଙ୍କୁ!

ବୀଜଟିଏ ମାଟିରେ ପୋତିଲେ ସେ ଯେପରି ଉପଯୁକ୍ତ ପାଣି, ପବନ, ଆଲୋକ ଓ ଯତ୍ନ ପାଇ ଏକ ସୁନ୍ଦର ବୃକ୍ଷରେ ପରିଣତ ହୁଏ, ସେହିପରି ଆମକୁ ମଧ୍ୟ ଝିଅଟିରେ ଯତ୍ନ ନେବାକୁ ପଡିବ । ତେଣୁ ତା'ର ସୁନ୍ଦର ଭବିଷ୍ୟତ ପାଇଁ ତାକୁ ଆମେ ଠିକ୍ ବାଟ ଦେଖେଇବା, ଭଲମନ୍ଦ ଶିଖେଇବା ଆଉ ବୁଝେଇ ଗ୍ଲିବା ଯେ ସମୟ ଅନୁସାରେ କେଉଁ ଦିଗଟି ତା' ପାଇଁ ଠିକ୍ ଓ କେଉଁଟି ଭୁଲ୍ । ପୁଅ ପରି ଝିଅକୁ ମଧ୍ୟ କଢ଼ିଟା ଅନୁଶାସନ ମଧ୍ୟରେ ରଖିବା । ପ୍ରତ୍ୟେକ ଘଟଣା ଦୁର୍ଘଟଣାରେ ସେ କପରି ନିଜକୁ ସୁରକ୍ଷିତ ରଖିପାରିବ ସେ ବିଷୟରେ ଆଗ ଆମେ ସଚେତନ ହୋଇ ତାକୁ ଉଚିତ୍ ମାର୍ଗ ଦେଖେଇବା । ପୁଅ ପରି ସେ ମଧ୍ୟ କିଭଳି ଭଲ ମଣିଷଟେ ହୋଇ ସମାଜରେ ନିଜର ଉପସ୍ଥିତିକୁ ଦୃଢତାର ସହ ଦେଖେଇପାରିବ ସେଥିପାଇଁ ଯଥା- ସାଧ୍ୟ ଚେଷ୍ଟା କରିବା ।

ନାରୀ ଯେ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ କୃତି ବୋଲି ତ ଗୁଣୀଜନମାନେ କହିଯାଇଛନ୍ତି । ନାରୀର କେତେ ରୂପ.....କେତେବେଳେ ସେ ଦୁହିତା, ଜାୟା, ଜନନୀ, ଭଗିନୀ ରୂପରେ ଆସିଛି ତ କେତେବେଳେ ସେ ଦେବୀ ଦୁର୍ଗା, କାଳି, ଲକ୍ଷ୍ମୀ, ସରସ୍ୱତୀ ଓ କେତେବେଳେ ଗାର୍ଗୀ, ଝାନସୀ ରାଣୀ ଲକ୍ଷ୍ମୀବାଈ ଭାବରେ ତ କେତେବେଳେ ଧରିତ୍ରୀ ପରି ସର୍ବଂସହା....ଆକାଶ ପରି ବିଶାଳ ତାର କଳେବର । ସେ ପୂଜନୀୟା....ବନ୍ଦନୀୟା....ଚିର ନମସ୍ୟା । ତେବେ ଏ ନାରୀ କାହିଁକି ଏତେ ଅବହେଳିତ? ଭୋଗ୍ୟାବସ୍ତୁ ବୋଲି କାହିଁକି ତାକୁ ଏ ସମାଜ ଦେଖୁଛି? ଏ ସୁନ୍ଦର ଦୁନିଆରେ ଅନ୍ୟମାନଙ୍କ ପରି ସେମାନଙ୍କର ମଧ୍ୟ ସ୍ୱଚ୍ଛନ୍ଦରେ ଘୁରୀ ବୁଲିବାର, ବଞ୍ଚିବାର ଅଧିକାର ଅଛି । ନିର୍ଭୟରେ ସେ କ'ଣ ଟିକେ ବିଚରଣ କରିପାରିବ ନାହିଁ? ହେଲେ ଫୁଲଟିକୁ ଦଳି ମକଚି ଦେଲା ପରି ଅବସ୍ଥା ଆଜି ତା'ର କାହିଁକି ହେଉଛି? ନାରୀ ବିନା କ'ଣ ସୃଷ୍ଟିର ସର୍ଜନା ସମ୍ଭବ ? ନାରୀ ବିନା ଥରେ ଏ ଦୁନିଆର ଚିତ୍ରକୁ କଳ୍ପନା କରନ୍ତୁ ତ! ....କପରି ଲାଗୁଛି....! ନିଶ୍ଚିତ ଭାବରେ ଭଲ ହିଁ ଲାଗୁ ନଥିବ । ନାରୀ ବିନା

ସଂସାର ନାମକ ନକତି ତା'ର ଭରସାମ୍ୟ ହରେଇବ ଓ ଜୀବନଚକ୍ରର ସତ୍ତା ମଧ୍ୟ ଅଚିରେ ଲୋପ ପାଇବ ।

ଶେଷରେ ଏତିକି ଅନୁରୋଧ – ସେମାନଙ୍କୁ ହସି ହସି ଏ ଦୁନିଆକୁ ଆସିବାକୁ ଦିଅନ୍ତୁ । ସେମାନଙ୍କୁ ତାଙ୍କ ଧାରା ପ୍ରବାହରେ ବହିଯିବାକୁ ଦିଅନ୍ତୁ । ଅନୁଶାସନ ଓ ଶୃଙ୍ଖଳାର ବେଡି ତା'ର ସୁରକ୍ଷିତ ଭବିଷ୍ୟତ ପାଇଁ ନିଶ୍ଚିତ ପିନ୍ଧାନ୍ତୁ । ଏ ସୁନ୍ଦର ଦୁନିଆକୁ ସେମାନଙ୍କୁ ଦେଖିବାକୁ ଦିଅନ୍ତୁ । ପରଖି ନିଅନ୍ତୁ ଟିକେ ସେମାନଙ୍କୁ ସ୍ନେହ ଆଉ ଶ୍ରଦ୍ଧାରେ । ଦେଖିବେ! ନିଶ୍ଚିତ ସେମାନେ ଦିନେ ସମସ୍ତଙ୍କୁ ଗୌରବାନ୍ୱିତ କରିବେ ସେମାନଙ୍କର ଆଲୋକର ପରିପ୍ରକାଶରେ; କିନ୍ତୁ ଏଥିପାଇଁ ଆଗ ଆମ ସମସ୍ତଙ୍କର ମାନସିକତାରେ ପରିବର୍ତ୍ତନ ଜରୁରୀ ।

ତା'ହେଲେ ଚାଲନ୍ତୁ ନା! ଆମେ ସମସ୍ତେମିଶି ଏଇ ସଂକୀର୍ଣ୍ଣତାରୁ ନିଜକୁ ତଥା ଆପଣାର ପରିବାରର ଲୋକମାନଙ୍କୁ ବାହାର କରିବା । ଝିଅଟିଏ ଦୁନିଆକୁ ଆସିଲେ ତାକୁ ମଧ୍ୟ ପୁଅ ପରି ଗର୍ବ ଆଉ ସମ୍ମାନର ସହ ସ୍ୱାଗତ କରିବା ।

କ'ଣ ଭାବୁଛନ୍ତି! ବିଦାୟ ଦେବା....ନା, ସ୍ୱାଗତ କରିବା....ନିଶ୍ଚିତ ଭାବରେ ସ୍ୱାଗତ କରିବା ।

ଦେବି ଏଣ୍ଟରପ୍ରାଇଜର୍ସ, ନ୍ୟୁ କଲୋନୀ,
କପିଳାସ ରୋଡ, ରାୟଗଡା, ଓଡିଶା


"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଆକ୍ୱାରିଅମର ମାଛ



ସତ୍ୟନାରାୟଣ ଗନ୍ତାୟତ

ଆସିଥିଲା ବାହାରକୁ
ମନଭରି ଜୀଇଁବାକୁ
ପାଣିରେ ଥିଲେ ଅବା
କୋଉ ରାଣୀ ହୋଇ
ଥାନ୍ତା ଯେ ରହି?
ନାନା ରଙ୍ଗେ ନାନା ଢଙ୍ଗେ ବରଂ ଘୂରୁଥିଲା
ଆକ୍ୱାରିଅମ୍ ସାରା
ଟିକି ପୁଚ୍ଛ ସରସେ ହଲାଇ
ହେଲେ ଅଚାନକ ଗଲା ଥମ୍ ହୋଇ!
ଯତ୍ନ ସିନା ନେଇ ପାରେ ମଣିଷ
ଆୟୁଷ କିନ୍ତୁ ଥାଏ ସଦା
ଅଦୃଶ୍ୟ ହାତରେ
ମଣିଷ ବି ଦାସ ଯାର
ଅବଶେଷେ ସିଏ ବି ହୁଏତ
ବନିଯିବ
ଅକ୍ୱାରିଅମ୍ ର ଗୋଟେ ମଲାମାଛ! !



କସ୍ତୁରୀ ନଗର, ଏଲ୍.ଆଇ.ସି.ପଛ
ରାୟଗଡା

# ମେଢ ଭଷାଣି



ପ୍ରଶାନ୍ତ କୁମାର ନାଥ

ମେଢ ଭଷାଣି ହୋଇବ ବୋଲି
ହୋଇଣ ସବୁ ସଜ
ଢକ ଢକ କରି ପିଇ ଯା'ନ୍ତି
ମଦ ରୂପକ ପେଜ ।
ମୁହଁରେ ମାରି ବ୍ରୋଞ୍ଜ ମେଞ୍ଚାଏ
ନାଗିନ ନାଚ ନାଚ
ମେଢ଼କୁ ଧରି ନଅନ୍ତି ରାସ୍ତେ
କଣ୍ଟ୍ରି ଆଉ ଛେଚ ।
କଏ ସେ ନାଚେ ଲୁଙ୍ଗିକ ଟେକ
ମାରଇ ଲୁଙ୍ଗି ଡାନ୍ସ
ଛାତ ଉପରେ ଝିଅକୁ ଦେଖି
ମାରଇ କଏ ଗ୍ଲାନ୍ସ ।
କାହାର ଟିକେ ଅଧିକ ହେଲେ
କରୁଛି ସିଏ ବାନ୍ତି
କଏ ପୁଣି ନର୍ଦ୍ଦମାରେ ଶୋଇ
ପାଉଛି ପୂର୍ଣ୍ଣ ଶାନ୍ତି ।

ପୂଜା ସରିଲେ କାମ ସରିଲା
ଭକତି ଭାବ କାହିଁ
ପୂଜା ଗୁଦାରେ ଭେଜି ହୁଅଇ
ପୂଜା ଆସିଲେ ଧାଇଁ ।
ଯୁବତୀ ଏଠି ନାଚ କରନ୍ତି
ଗାଡି ଉପରେ ଚଢ଼ି
ଅଶ୍ଳୀଳ ନାଚ ଦେଖି ଯୁବକ
ହୁଅନ୍ତି ଗଡାଗଡ଼ି ।
ଭଷାଣି ତୁଠ ଆସଇ ଯେବେ
ପାଣିରେ କଏ ପସେ
ଅବା କଏସେ ହୋଇ ବେହୋସ
ମେଢ଼କୁ ପଛୁ ଠେସେ ।
ମେଢ ଭଷାଣି ହୁଏ ଏମିତି
ଆଜିକା ଦିନେ ଭାଇ
ପୂଜା ପରବ ଭଷାଣି ହୁଏ
ମଉଜ ମସ୍ତି ପାଇଁ ।



ସୁନ୍ଦରପୁର, ଉତ୍ତରକୂଳହାଟ,
ପ୍ରୀତିପୁର, ଯାଜପୁର

# କନ୍ତୁ, କେବଳ ନାହଁ ତୁମେ



ଅଧ୍ୟାପକ ଦିଲ୍ଲୀପ କୁମାର ଘୋଷ

ଗଲ୍ ବର୍ଷ କେଉଁଠାକୁ ଯାଇଥିଲେ
ଚନ୍ଦ୍ରପରୀ ଚଲିକା, ସୁନ୍ଦରୀ ଦୀଘା
ନା, ପଞ୍ଚୁଲିଙ୍ଗେଶ୍ୱର?
ଚଟ୍ କନା କହି ଦେଲ ତୁମେ
ଦଶମ ଶ୍ରେଣୀର ଛାତ୍ରୀଟି ପରି
ଆମେ ପରୁ ଯାଇଥିଲୁ ଦେବକୁଣ୍ଡ ।
ହଁ ଠିକ୍ ଠିକ୍
ଦେବକୁଣ୍ଡ ଗଲୁ, ଛନ୍ଦାଛନ୍ଦି ହୋଇଥିବା ଗଛପରି
ଆମେ ହାତକୁ ହାତ ଛନ୍ଦି ଶିମିଳିପାଳ ଦେଖିଲୁ
ଏକା ସାଙ୍ଗରେ ପାହାଚ ଚଢି ମୁଣ୍ଡିଆମାରିଲୁ ଦେବୀଙ୍କୁ
**Selfi** ନେଲୁ, ପହାଡି ଝରଣାରେ ଗାଧୋଇ ।
ସେଇଠୁ ଲେଖିଲୁ ଆମେ କବିତା ଶୀତରେ ଭିଜି ଭୁଜି
ଖସୁଥିବା ତୁଳାପରି ବରଫଖଣ୍ଡକୁ ଦେଖି ଦେଖି ॥୦॥
ତା' ପରେ
ବଣଫୁଲରେ ଭରି ଦେଲି ତୁମ ଗଭା
ତା' ବାସ୍ନାରେ ତୁମକୁ ପିଛିଆ କଲେ ପ୍ରଜାପତି
ଜଙ୍ଗଲର ଲଟାପତ୍ରରୁ ବନେଇ ଦେଲି
ତୁମ ପାଦର ପାଉଁଜି ବି ॥୧॥

ତେବେ ଏ ସନ ପହଞ୍ଚିଲ୍‌ବେଳକୁ
ଉଦୟପୁରରେ-
ସମସ୍ତେ ଅଛନ୍ତି ଯେ' ଯା ବାଗରେ
କନ୍ତୁ, କେବଳ ନାହଁ ତୁମେ
ସେଇଠୁ ଏକା ଏକା ଖସୁଛି କେଇ ଟୋପା ଲୁହ
ଅଜାଣତରେ ମୋ ଆଖିରୁ
ଗ୍ଳୁଗ୍ଳୁ ମାଟି ମଲ୍‌ଟରେ
ସାମ୍ନାରେ ସୀମାହୀନ ସମୁଦ୍ର
ଖର୍‌ବର୍ଷାକୁ ଖାତିର ନକରି ମାଡିଯିବା କଥା ଆଗକୁ ଆଗକୁ
କାରଣ, ସେମାନେ ମୋ ଦୁଃଖର
ବନ୍ଧୁ ବୋଲି ମୋତେ ସେମତି ଲ୍‌ଗେ ବୋଲି ॥୨॥

ଅଧାପକ, ଇତିହାସ ବିଭ୍ଗ,
ଜଳେଶ୍ୱର ମହିଳା( ଡିଗ୍ରୀ) ମହାବିଦ୍ୟାଳୟ, ଜଳେଶ୍ୱର

"ବେଦାନ୍ତୀର ଜାନୁୟାରୀ ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଡେସେମ୍ବର ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲ୍: **vedantimagazine@gmail.com**"

ଇମେଲ୍ - vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ- 9594993733

# ଛତିବର



ରାଧାକାନ୍ତ ଦାଶ

ସମୟ ରାତି ଏଗାରଟା । ପଞ୍ଚାୟତ ଅଫିସର ପିଅନ ଦିନା, ଆଗେଇ ଚାଲିଛି ପଞ୍ଚାୟତ ଆଡେ । ଗାଁର ମଶାଣି ପାଖରେ ପଞ୍ଚାୟତ ଅଫିସ ଅବସ୍ଥିତ । କଥାରେ ଅଛି, "ନିଜ ଗାଁ ମଶାଣି, ଆଉ ପର ଗାଁ ନଈ" ସବୁ ଲୋକଙ୍କୁ ଡର । କିନ୍ତୁ ଦିନା ପାଇଁ ସେ କଥା ସତ ନୁହେଁ । ତାକୁ ଭୂତ, ପ୍ରେତ ଓ ଡାହାଣୀ, ଚରୁଗୁଣୀ ଡର ନୁହେଁ । ସବୁଦିନ ରାତିରେ ସେ ମଶାଣି ପାଖରେ ଥିବା ପଞ୍ଚାୟତ ଘରେ ଶୁଏ । ହଠାତ୍ ଦିନାର ମନେପଡିଛି ଯେ କାଲି ପଞ୍ଚାୟତର ଅନତି ଦୂରରେ ଥିବା ପୁରୁଣା ବରଗଛର ହଣାଯିବ । ବଡ ବଡ ଓହଳ ସାଙ୍ଗକୁ ଡାଳ ମେଲେଇ ବିରାଟ ଏରିଆ ମାଡିବସିଛି ଗଛଟି । କିଛି ଲୋକ ମନା କରିବା ପରେ ପଞ୍ଚାୟତ ଏହି ନିଷ୍ପତି ନେଇଛି ଯେ ପୁରା ଗଛକୁ ନ ହାଣି ଗଛର କିଛି ଡାଳ କୁ ହଣାଯିବ । ଏକଥା ଦିନାର ମନେ ପଡିବା ପରେ ଦିନା ସେଇ ବରଗଛ ଆଡେ ଟିକେ ଆଗେଇଛି । ଏକ ହାତରେ ଠେଙ୍ଗା, ଆଉ ଆର ହାତରେ ବଡ ଟର୍ଚ୍ଚ ସାଙ୍ଗକୁ ପାଟିରେ ବିଡି ଲଗେଇ ଦିନା ଯାଇ ପହଞ୍ଚିଛି ଅଫିସ ପାଖରେ । ସବୁଦିନ ଭଳି ଅଫିସ ତଯରେ ଗୁଡାଇ ହୋଇ ରହିଥିବା ପଟି, ଗନ୍ଥା ଓ ତକିଆ କାଢି ଶେଯ ବିଛେଇ ଦେଇଛି । ପାଞ୍ଚ ହାତିଆ ଠେଙ୍ଗାଟିକୁ ପାଖରେ ଥୋଇ ମଶାବତୀ ଲଗେଇ ଲମ୍ବ ହୋଇ ଶୋଇପଡିଛି ଦିନା । ହଠାତ୍ ତା ଆଖି ଆଗରେ ଭାସି ଉଠିଛି ଏକ ଅଦ୍ଭୁତ ସ୍ୱପ୍ନ । ଏକ ନାଲି ପାଟ ଶାଢୀ ପିନ୍ଧି ଓ ବିଭିନ୍ନ ଅଳଙ୍କାର ରେ ମଣ୍ଡିତ ହୋଇ ଏକ ସୁନ୍ଦର ଗୌର ବର୍ଣ୍ଣା ସ୍ତ୍ରୀଲୋକ ଛିଡା ହେଇଗଲା ତା'ପାଖରେ । ଜୀବନ କାଳ ଭିତରେ ଏମିତି ଲମ୍ବା କେଶ ଥିବା ସ୍ତ୍ରୀଲୋକ ସେ ଦେଖିନ । ଗପରେ ଶୁଣିଥିବା ସେ କେଶବତୀ କନ୍ୟାର ମୁହଁକୁ ନିଠେଇ ଦେଖିବା ପାଇଁ ନିରୀକ୍ଷଣ କରୁଥିଲା ଦିନା । ହେଲେ ତା ମୁଣ୍ଡର ସିନ୍ଦୁର ଟୋପା ତା ଆଖିକୁ ଝଲସେଇ ଦେଉଥିଲା । ସେ ତ ସିନ୍ଦୁର ଟୋପା ନୁହେଁ ତାର ସୁନ୍ଦର କପାଳରେ ଜଳୁଥିବା ଛୋଟ ଅଗ୍ନି ଶିଖା ।

ଆୟତ ଚକ୍ଷୁ ତୀକ୍ଷଣ ନାସିକାରେ ସେ ଧଳା ପଥର ବସା ଫୁଲ ପ୍ରତିବିମ୍ବିତ କରୁଥିଲା ସେ ଉଜ୍ଜ୍ୱଳ ସିନ୍ଦୁର ବିନ୍ଦୁକୁ । ଅଫିସର ଟେବୁଲ ଉପରେ ସେ ବସି କହି ଗ୍ଲିଲା ଅବ୍ୟକ୍ତ କଥାକୁ ............ , "ଏଇ ଯେଉଁ ବରଗଛର ଡାଳ କାଟିବା ପାଇଁ ବସିଛ ତା ନାଁ ଛତିବର ନୁହେଁ ସତୀବର । ଆଖପାଖ ଗାଁର ମହିଳାମାନେ ଅମାବାସ୍ୟା ଆଉ ଶନିବାର ଦିନ ସେ ସତୀବର ଗଛରେ ନାଲି ସିନ୍ଦୁର ଓ ଶଙ୍ଖା ଦେଇ ପୂଜା କରନ୍ତି । ବହୁତ ଦିନ ତଳର କଥା । ଇଂରେଜ ଶାସନ ଗ୍ଲିଥାଏ । ଜମିଦାର ଧନଞ୍ଜୟ ପଟ୍ଟନାୟକ ତାର ଶାସନ ଚଳେଇଥାଏ ଛଅଗଡରେ । ଲୋକମାନଙ୍କୁ ପଶୁ ଭଳିଆ ଦେଖେ । ବେଠି ଖଟାଏ । କୌଣସି କାରଣରୁ ଥରେ କର ଦେବାକୁ ସମର୍ଥ ହେଲାନ ଧନଞ୍ଜୟ । କର ନଦେଲେ ଗୋରା ସାହେବ ଜମିଦାରୀ ତାଠୁ ଗ୍ଲିଯିବ ବୋଲି ପିଆଦା କହିଦେଇ ଯାଇଛି । ସେ କିଛି ଉପାୟ ନପାଇ ଧାଇଁଲା ବାଣପୁର ପଲଟଣ ପଡିଆ ଆଡେ । ଗୋରା ସାହେବ ସହିତ କଥାହେଲା ପରେ ସେ ଜାଣିଲା ଠିକ୍ ସମୟରେ କର ନ ଦେବାରୁ ତା'ର ଜମିଦାରୀ ଗ୍ଲିଯାଇଛି । ଧନଞ୍ଜୟ ଆଉ ଆଗକୁ ଭ୍ବି ପାରିଲା ନାହିଁ । କଚେରି ଦପ୍ତରୀଙ୍କ ପାଖକୁ ଯାଇ ନେହୁରା ହେଲା । ବାସନା ଗ୍ଉଳ ଓ ଝୁଡି ଝୁଡି ମାଛ ଆଗରୁ ନେଇଥିବା ଦପ୍ତରୀଠୁ ଶୁଣିବାକୁ ପାଇଲା ଗୋରା ସାହେବ ହେଉଛନ୍ତି ନାରୀ ପ୍ରିୟ । ସବୁଦିନ ରାତିରେ ନାରୀ ମାନେ ଏଠିକି ଆସନ୍ତି । ଯଦି ଗୋଟେ ସୁନ୍ଦର ନାରୀ ଆଣି ସେ ସାହେବ ଙ୍କୁ ଭେଟି ଦେଇପାରିବ, ତେବେ ହୁଏତ ଜମିଦାରୀ ପୁଣି ଥରେ ମିଳିଯାଇପାରେ । ବୁଡି ଯାଉଥିବା ଲୋକ ଆଶ୍ରା ପାଇଗଲା ଭଳି ଧନଞ୍ଜୟ ପାଇଁ ବାଟ ମିଳିଗଲା ।"

କିଛି ସମୟ ଚୁପ୍ ରହି ପୁଣି ଆରମ୍ଭ କଲା ସେ ସ୍ତ୍ରୀଲୋକଟି - "ମୁଁ ଓ ମୋ ସ୍ୱାମୀ ଆମେ ଭଲରେ ଥିଲୁ । ସ୍ୱାମୀ କାମ କରି ଯାହା ଆଣୁଥିଲେ ଆମେ ସେଥିରେ ଦୁଖେକଷ୍ଟେ ଚଳିଯାଉଥିଲୁ । ସେଦିନ ରାତିରେ ଜମିଦାର ଆସି ମୋ ସ୍ୱାମୀଙ୍କୁ ଡାକିଲା । ମୁଁ ଘର ଭିତରେ ଥାଇ ସବୁ ଦେଖୁଥାଏ । ଜମିଦାର ମୋ ସ୍ୱାମୀଙ୍କୁ କହିଲା, 'ଆରେ ତୁ ଗୋଟେ କାମ କର । ଜଲଦି ତୋ ସ୍ତ୍ରୀ ପାରକୁ ନୂଆ ଶାଢୀ ପିନ୍ଧାଇ ମୋ ସହିତ ଛାଡେ । ସେ ବାଣପୁର ଯିବ ଗୋରା ସାହେବ ପାଖକୁ । ମୁଁ ତୋ ନାଁ ରେ ଦି'ବାଟି ଜମି ଲେଖିଦେବି । ତୁ ଆଉ କେତେଦିନ ଏମିତି ଖଟୁଥିବୁ । ବାସ୍ ଗୋଟେ ରାତି କଥା, କେହି ଜାଣିପାରିବେନ ।'

ଏକଥା ଶୁଣି ମନାକଲେ ମୋ ସ୍ୱାମୀ କହିଲେ, 'ମୁଁ ଭିକ ମାଗିବି ପଛେ, ମୋ ପାରକୁ ମୁଁ ଆଉ କାହାକୁ ଦେଇପାରିବି ନାହିଁ । 'ବହୁତ ବୁଝାଇବା ପରେ ମୋ ସ୍ୱାମୀ ମାନ ନଥିଲେ । ସାହୁକାର ଲୋକମାନେ ମୋ ସ୍ୱାମୀଙ୍କୁ ମୋ ଆଖି ଆଗରେ ମାରିପକାଇଲେ । ମୋତେ ତାଗିଦ୍ କଲା କଣ୍ଠରେ କହିଲେ, 'ତୋ ସ୍ୱାମୀ ଅବସ୍ଥା ତ ଦେଖିଲୁ । ଆମ କଥା ଗଲା । ତାର ଦଶାହ କାମ ପରେ ତତେ ବାଣପୁରଯିବାକୁ ପଡିବ । ଜମିଦାରୀ ଆସିଲେ ତୁ ହେବୁ ଏ ଅଞ୍ଚଳର ସବୁଠାରୁ ବଡ ମାଲିକାଣୀ । ତୋର ଉଚ୍ଛୁଳା ଯୌବନ ସାଥିରେ ଅମାପ ସମ୍ପତ୍ତି ସାମିଲ ହୋଇଯିବ ।' ସ୍ୱାମୀଙ୍କର ମୃତ୍ୟୁ ଆଖି ଆଗରେ ଦେଖି ମଧ ମୁଁ କଛି କରି ପାରିଲିନ। ସକାଳେ ଲୋକମାନେ ମୋ ସ୍ୱାମୀଙ୍କ କୋକେଇ ସଜ କରୁଥାନ୍ତି । ମୁଁ ମୋ ଭବିଷ୍ୟତ କଥା ଭବିପାରୁ ନ ଥାଏ । ସ୍ୱାମୀ ମରିଗଲାପରେ ମୁଁ ନରୀହ ବଳ ପଶୁ ପାଲଟି ଗଲି । ହଠାତ୍ ମୋ ମୁଣ୍ଡକୁ ଗୋଟେ ବୁଦ୍ଧି ଜୁଟିଗଲା । ଦୁଆରେ ସାହୁକାର ଧନଞ୍ଜୟର ନର୍ଦ୍ଦେଶ ରେ ସବୁ କାମ ଗ୍ଭଲିଥାଏ। ମୁଁ ମୋ ବାହାଘରର ପାଟଶାଢୀ ପିନ୍ଧିଲି। କନ୍ଦିବା ବନ୍ଦକରି ଆଖିରେ ନାଇଲି କଜ୍ୱଳର ଗାର । ଝୁର୍ ସିନ୍ଦୁରରେ କପାଳରେ ଆଙ୍କିଦେଲି ଲାଲ୍ ସିନ୍ଦୁର ଟୋପା । ସମସ୍ତ ଅଳଙ୍କାର ପେଡିରୁ କାଢି ପିନ୍ଧିଲି । ପାଦର ପାଉଁଜିଠୁ ଆରମ୍ଭ କରି ମୁଣ୍ଡର ସିନ୍ଥି ପର୍ଯ୍ୟନ୍ତ । ମୋର ଏ ବେଶ ହେବା ଦେଖି କଏ ଜମିଦାରଙ୍କୁ କହିଦେବାରୁ ସେ ଆସି ମୋ ପାଖେ ଛିଡାହେଲେ । ମୋତେ ଦେଖି କହିଲେ, 'କଣ ଦେଖା ଯାଉଛୁ କଲେ ! ତୁ ଅପ୍- ସରୀ ।' ଏତେ ଦୁଃଖରେ ଥିଲେ ବି ମୁଁ ମୁହଁରେ ସ୍ମିତହାସ ଖେଳେଇ କହିଲି, 'ମୁଁ ଗାଁ ଛାଡି ଗ୍ଭଲିଯିବି ସବୁଦିନ ପାଇଁ । ତୁମେ ଛକରେ ସବାରି ବନ୍ଦୋବସ୍ତ କରିଦେଇଥିବ । ତମ ସାଥିରେ ମୁଁ ବାଣପୁର ଗ୍ଭଲିଯିବି ।' ରାମ ନାମ ସତ୍ୟ ହେ ଶବ୍ଦ ଶୁଭିଲା । ସାହୁକାର କହିଲା, 'ତୁ ଟିକେ ରହ, ମୁଁ ଘରୁ ଆସୁଛି ।' ଟିକେ ପରେ ସାହୁକାର ଆସି ମୋ ବେକରେ ଗଳେଇଦେଲା ପାଞ୍ଚ ଭରି ସୁନାର ଏକ ଚନ୍ଦ୍ରଉଦିଆ ହାର । କହିଲା, 'ଜୁଇ ପାଖେ ମୁଣ୍ଡିଆଟିଏ ମାରି ସିଧା ଗ୍ଭଲିଯିବୁ ଛକକୁ । ସେଠି ମୋର ଲୋକ ସବାରି ଧରି ଅପେକ୍ଷା କରିଥିବେ । ତୋର ଦୁଖ ଗଲା, ତୁ ରାଜରାଣୀ ସୁଖ ଭୋଗ କରିବୁ ।'

ପାଷାଣ୍ଡ ଧନଞ୍ଜୟର ଫେରିବା ପଥକୁ ମୁଁ ଏକ ଲୟରେ ଗ୍ଭହିଁ ରହିଥିଲି । ଆଗକୁ ସାବିତ୍ରୀ ଅମାବାସ୍ୟା ପାଇଁ ଆଣିଥିବା ନାଲି ଶଙ୍ଖାକୁ ପିନ୍ଧିଲି । ଏକ ମୁହାଁ ଗ୍ଭଲିଲି ଜୁଇ ନକଟକୁ ।

ଜୋରରେ ଜଳୁଥାଏ ଜୁଇ । ମାଲଭୂଇ ମାନେ ସବୁ ଜାଣିଥାନ୍ତି ନା କଣ ମୋତେ ବାଟ ଛାଡିଦେଲେ । ମୁଁ ଆଣ୍ଠୁ ମାଡି ପ୍ରଣାମ କରି ସିଧା ପଶିଗଲି ଜୁଇ ଭିତରକୁ । ଜୀବନ୍ତ ଅବସ୍ଥାରେ ମୁଁ ମୋ ସ୍ୱାମୀଙ୍କ ଜୁଇ ନିଆଁରେ ପୋଡିହୋଇ ମରିଗଲି । ଗୋଟେ ଜୁଇରେ ଶାନ୍ତ ହୋଇଯାଇଥିଲା ଦୁଇଟି ଅସ୍ତିତ୍ୱ । ଆଉ ସେ ବରଗଛ ହେଇଗଲା ସତୀବର ।" ଏକଥା ଶୁଣି ଥରି ଉଠି ବସିଲା ଦିନା । ସେ ଥରୁଥିଲା । ଗମ୍ ଗମ୍ ଝାଳ ବୋହୁଛି ଦିନା ଦେହରୁ । କଣ କରିବ ଭାବି ପାରୁ ନଥାଏ ।

ସକାଳୁ ସମସ୍ତ କଥା ସରପଞ୍ଚଙ୍କ ଆଗରେ ବଖାଣି କହିବା ପରେ ଛତିବରର ଡାଳ କାଟିବା ବନ୍ଦ ହେଲା । ସରପଞ୍ଚଙ୍କ ପାଣ୍ଠିରୁ ସେଠାରେ ତିଆରି ହେଲା ଶବ ସଂସ୍କାର ଗୃହ ।

ରତନପୁର ଶାସନ, କୁହୁଡି, ଖୋର୍ଦ୍ଧା



# ମୁଇଁ ବିରହ ଗୀତର ସୁର



ଫିରୋଜ କୁମାର ପଟେଲ

ମୁଇଁ ବିରହ ଗୀତର ସୁର
କଳା ମିସମିସ ଅଜନା ସହରେ
ଜାଗା ନୁରେ ପରତି ର ॥୦॥

ଫତୁନ ଆସି କ ଫୁଲଶର ମାରେ
କୁଇଲି ଗାଏସି ଗୀତ
ଫଗୁନ ପୁନ ବି ଫିକା ଫିକା ଲ୍‌ଗେ
ମତେ ନାଇଁ ମିଲେ ମିତ
ଜନମେ ଜନମେ ର୍‌ତି ଖାଲି ସାଥ୍
ଦେଖା; ନାଇଁ ମିଲେ ଉକଆ ର ॥୧॥



ଫୁଲେ ଫୁଲେ ଉଡେ ପରଜାପତି
ଉଡେ ତ କଲ୍ ଭମର
ଫଲସା ଫୁଲ ମୁଇଁ ମହକ ନାଇଁ
କରବା କଏ ନଜର
ମନ ମୋର ବୁଝେ ମନର ବେଦନା
ମୋର; ସାଥ୍ ଖାଲି ଲହ ଧାର ॥୨॥


ଅବନକେଲ୍, ସୁନ୍ଦରଗଡ, ଓଡିଶା

# ଭାଗ୍ୟ



ଲିନା ମହାନ୍ତି

ଜୀଇଁବାର ଇଚ୍ଛା ସରି ସରି ଆସେ
ଭାଗ୍ୟ ହାତେ ସାଜି ଖେଳନାଟିଏ,
ଦଇବ ଦଉଡି ବନ୍ଧା ଭାଗ୍ୟେ ମୋର
ଜୁଆଡେ ଟାଣଇ ସିଆଡେ ଯାଏ ॥
ଭାଗ୍ୟ ଅବା କାହିଁ ବୁଝିବ ମୋ ମନ
ତା ଇଚ୍ଛାରେ ସିଏ ଖେଳୁଛି ନିତି,
ମୁଁ ସିନା ଜୀଇଁଛି ଜୀଅନ୍ତା ଶବଟେ
ଲୁହରେ ଜୀବନ ଯାଉଛି ବିତି ॥
ସହିବି ହୁଏନା ରହିବି ହୁଏନା
ଏମିତି ଯାତନା ଏଇ ଜୀବନେ,
ଏମିତି ଏ ଭାଗ୍ୟ ଦେବ ମତେ ଧୋକା
ଭାବି ମୁଁ ନଥିଲି କେବେ ସପନେ ॥
ସ୍ୱପ୍ନ ସବୁ ମୋର ରାତିର ଅତିଥି
ସକାଳ ଆସିଲେ ଯାଏ ଦୂରେଇ,
ମରିଚିକା ପରି ଲାଗେ ମତେ ଖୁସି
ଯେତେ ଗଲେ ପାଶେ ଯାଏ ଉଭେଇ ॥



ଜଗତସିଂହପୁର, ଓଡିଶା

# ସଂଳାପ

ମୂଳ ରଚନା( ବଙ୍ଗଳା) : ବିଜୟା ମୁଖୋପାଧ୍ୟାୟ
ଓଡିଆ ଭାଷାନ୍ତର: ସନାତନ ମହାକୁଡ


ସନାତନ ମହାକୁଡ

କବିତାରେ
କରିଛ କ ସ୍ନାନ; ଅବଗାହନର ସ୍ମୃତି
ଏବେ କ ଅଛି ମନେ?

କରିଛି, କରିଛି, - ମନେ ଅଛି କ ନା
ଜଣାଯିବ ପ୍ରକୃତ ଆବରଣେ ।

ପରୀକ୍ଷା ଗୃହ? ଦେଇପାରେ ତାହା
ଅବଗାହନର ସ୍ନେହ –
ଅବାରିତ ଝରୁ ଆବରଣହୀନ
ଥାଏ ଯଦି ସନ୍ଦେହ ।

ଏତେ କଥା ଚରଣେ ଚରଣେ
ବୁଝି ନଅ ସ୍ମୃତି ବିସ୍ମରଣେ ।

ବେରୁଆଁବାରୀ, ନୟାଗଡ, ଓଡିଶା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା –
୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି
ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ
ଦିଅନ୍ତୁ ।

# କ୍ଷୁଦ୍ରଗଳ୍ପ - ନଖୋଜ



ସୁଧାଂଶୁ ଦ୍ୱିବେଦୀ

ଏଇମିତି ଦିନେ ସୁଦର୍ଶନ ନଖୋଜ ହୋଇଯିବ, ଅଥଚ ସାଇ- ପଡିଶା, ଗାଁ- ଭାଇ, ବନ୍ଧୁ- ବାନ୍ଧବ, କୁଟୁମ୍ବ- ପରିବାର ସମସ୍ତେ ଖୋଜି ଖୋଜି ନୟାନ୍ତ ହେବେ, ଆକସ୍ମିକ ସୁଦର୍ଶନ ନଖୋଜ ହୋଇଯିବା ବିଷୟରେ ହିଏତ ପୂର୍ବରୁ କେହି ଜାଣି ନଥିଲେ, କେମିତିବା ଜାଣନ୍ତେ? ଗାଁ ର ପୁଅ, ଗାଁରେ ଘର, ରାତି ପାହିଲେ ମୁହଁ ଦେଖାଦେଖି । ଏତେ ଗଭୀରକୁ ମୁଣ୍ଡ ପୂରଉଛି କଏ?

ସୁଦର୍ଶନ ଯୁଆନ ଭେଣ୍ଡିଆଟିଏ । ଭାରି ମେଳାପି । ସାଙ୍ଗ ସାଥିଙ୍କ ମେଳରେ ଘଣ୍ଟା ଘଣ୍ଟା ଧରି ଗପୁଥାଏ, ତଥାପି ତା ଗପ ସରେନ । କ ଗପ ବା ସେ ଆଉ କରେ? ପ୍ରାୟତଃ ଏଣୁ- ତେଣୁ ଗୁଡାଏ କଥା ଗାଁ ରେ, କାହାର ପିଲା ହେବ । କାହା ବାଡିରେ ଷଣ୍ଢ ପଶି ପନିପରିବା ନଷ୍ଟ କରି ଗଛପତ୍ର ଖାଇ ଯାଇଛି । ସାଇରେ କେଉଁ ଛକ ଟ୍ୟୁବ୍ ୱେଲରୁ ପାଣି ବାହାରୁନ । ଏଥର କଏ ସରପଞ୍ଚ ହେବ? ତଥା ନିଜ ତେଲ- ଲୁଣର ସଂସାର କଥା ଓ କିଛି ହସଖୁସିର ବ୍ୟଙ୍ଗ- ପରିହାସ । ରାତି ପାହିବା ପରେ ଦାଣ୍ଡକୁ ବାହାରିଲେ ଘଣ୍ଟେ- ଦି ଘଣ୍ଟା ଗପି ସାରିଲେ ନିଜ କାମଧନ୍ଦାରେ ଲାଗିପଡେ ସେ ।

ଅନେକ ତାକୁ ଟେରକା, ଗୁରୁ ଡାକ୍ତର, ଗୋପ ଆଦି ସମ୍ବୋଧନ ଦେଇ ଡାକଥାନ୍ତି । ସତରେ ଯେମିତି କେତୋଟି ନାଁ ର ଅଧିକାରୀ ସେ । ତେବେ ବଂଶଜ ନାଁ ଟା ସୁଦର୍ଶନ । ପୁରା ନାଁ ସୁଦର୍ଶନ ବାରିକ । ଏଇ ନାଁ ରେ ସେ ବିଦ୍ୟାଳୟରେ ପାଠ ପଢିବାଠାରୁ ସରକାରୀ କାର୍ଯ୍ୟର ଆବଶ୍ୟକସ୍ଥଳେ ହସ୍ତାକ୍ଷର କରେ । ସେମିତି ବିଶେଷ କିଛି ପାଠ ପଢିନ ସେ । କିନ୍ତୁ ବେଳେବେଳେ ପଢୁଆବାଲାଙ୍କ ଚଣ୍ଡା କାଟିଦିଏ । କଥା କହିବାର ସଠିକ୍ ଢଙ୍ଗ ରାଗ ତାକୁହିଁ ଜଣା । କୋଉ କଥା କୋଉଠି କହିଲେ ଲକ୍ଷ୍ୟ ଭେଦ କରିହେବ, ତାହା ତା ବୁଦ୍ଧିମତାର ପରିଚାୟକ । କେବେ କେବେ ସତକଥାକୁ ମିଛର ରୂପ ଦେବାପାଇଁ ଏମିତି ବୁଲେଇ ବଙ୍କେଇ

କହିବ ଯେମିତି ସତରେ ପାଣିରେ ସର ପଡିଯାଇଛି । ସେଇ କଥା କହିବା ଶୈଳୀରେ ସେ କାହାକୁ ଖାତିର କରେନ । ମାଷ୍ଟରଠୁ ମନ୍ତ୍ରୀଯାଏ ସଭିଙ୍କ ଆଗରେ ନିର୍ଭୟରେ ନିଜ ଅଭିଯୋଗ କରେ । ସେଥିପାଇଁ ଗାଁ ସାଇପଡିଶାର ଅନେକେ ତାକୁ ମାନନ୍ତି, ଖାତିର କରନ୍ତି । ଘଟଣ- ଅଘଟଣର ନ୍ୟାୟ ମିମାଂଶା କରିବା ପାଇଁ ସୁଦର୍ଶନକୁ ଖୋଜା ପଡେ । ନିର୍ଦ୍ଦିଷ୍ଟ ସମୟରେ ସୁଦର୍ଶନ ପହଞ୍ଚିଲେ କିଛି ଗୋଟେ ସମାଧାନର ରାସ୍ତା ବାହାରେ ।

ସେ ବିବାହିତ, ଦୁଇଟି ସନ୍ତାନର ଜନକ ମଧ୍ୟ । ନିଜ ବାଡି- ବଗିଚାରୁ ଯାହା ଅମଳ କରେ ବର୍ଷକସାରା ବେଶ୍ ଆରାମରେ ତା ପରିବାରର ପାଳନ- ପୋଷଣ ହୋଇଯାଏ । ପାଖରେ ତାର ନିଜର ଲୋକ କେହି ନାହାନ୍ତି । ବାପା, ମା କୋଉଦିନରୁ ସ୍ୱର୍ଗବାସୀ ହେଲେଣି । ଗୋଟିଏ ବୋଲି ଭଉଣୀ । ତା ର ବାହାଘର କରିସାରିବାପରେ ତା ପରିବାର କହିଲେ ସେ, ତା ସ୍ତ୍ରୀ ଓ ପିଲା ଦିଇଟା । ଦୁଃଖେ ସୁଖେ ତେଲ ଲୁଣ ସଂସାରକୁ ଆପଣାର କରି ଆଗେଇ ଚାଲେ ଅଙ୍କା ବଙ୍କା ରାସ୍ତାର ଅନ୍ତ ପର୍ଯ୍ୟନ୍ତ ।

ବୁଝିବାକୁ ହେଲେ ଏତେବଡ ସଂସାରରେ ତାର ଅତି ନିଜର ବୋଲି କେବଳ ଭଉଣୀ- ଭିଣୋଇ ଦୁଇଜଣ । ଧାର- କରଜ କରି ତିନିବର୍ଷ ତଳେ ଭଉଣୀକୁ ବାହା କରେଇ ଦେଇଥିଲା । ଦୁହେଁ ଉତ୍ତରପ୍ରଦେଶରେ ରୁହନ୍ତି । ଭଉଣୀର ପିଲାପିଲି କେହି ନାହାନ୍ତି । ଭିଣୋଇ ଚିଠି ଦେଇ ଜଣେଇଥିଲେ ଭଉଣୀର ମୁଣ୍ଡଦୋଷ ବାହାରିଛି । ପିଲାଟି ଦିନୁ ସୁଦର୍ଶନ ଭଉଣୀର ମୁଣ୍ଡଟା ଗୋଳମାଳିଆ ଥିଲା । ଗୋଟେ ଜାଗାରେ ବସିଥିବ ତ ବସିଥିବ । କାହା ସାଙ୍ଗରେ ଗପୁଥିବ ତ ଗପୁଥିବ । ଏଇମିତି ଚରିତ୍ରର ଗୋଳମାଳିଆ ଝିଅଟେ ଥିଲା ସେ ।

ଚିଠି ପାଇବାପରେ ସୁଦର୍ଶନ ସ୍ଥିର କଲା ଯେମିତି ହେଉ ଭଉଣୀକୁ ଭଲ କରିବାକୁ ହେବ । ସେଥିପାଇଁ ଭିଣୋଇକୁ ଚିଠିଦ୍ୱାରା ଜଣେଇଦେଲା "ମୋର ଧାନ ଅମଳ ସରିଯାଉ, ତୁମେ ଭଉଣୀକୁ ନେଇ ଗାଁକୁ ଆସିବ । ତାକୁ ରାଞ୍ଚିନେଇ ଭଲ ଡାକ୍ତରଙ୍କ ପାଖେ ଦେଖେଇବା ।"

ହଳଦୀଗଣ୍ଡି ପରି କିଆରିରେ ଲହ ଲହ ଧାନର ପେନ୍ଥା ସୂର୍ଯ୍ୟ କିରଣରେ ଝଲମଲ ଦିଶିଲା । କ୍ଷେତରୁ ଘରକୁ ଆଣିବା ପାଇଁ ଅମଳ କରିବାର ବେଳ ଆସିଗଲା । ସବୁ ଚାଷୀଙ୍କ ପରି

ସୁଦର୍ଶନ ମଧ୍ଯ କ୍ଷେତରୁ ଧାନ ଅମଳ କରି ଘରକୁ ଆଣିଲା । ତା ପରେ ବେଙ୍ଗଳା ପକେଇ ଧାନ ଓ କୁଟା ବିକ୍ରିକରି ବ୍ୟାଙ୍କ୍ ରେ ଟଙ୍କା ସଞ୍ଚୟ କରି ରଖିଲା ଭଉଣୀ ଆସିଲେ ଘେନି ନେଇଯିବ । ଏହିଭଳ ତା ଜୀବନର ଚଲାପଥ ଠିକ୍ ଠାକ୍ ଚାଲିଥାଏ । ହଠାତ୍ ଅଧାରାସ୍ତାରେ ନିରୁଦ୍ଦିଷ୍ଟ, ନଖୋଜ ହୋଇଗଲା ସେ ।

ଭଉଣୀ- ଭିଣୋଇ ଗାଁରେ ପହଞ୍ଚି ସାଇ- ପଡିଶାଙ୍କୁ ଭାଇ କାହିଁ ବୋଲି ପଚାରନ୍ତେ କେହି ଠିକ୍ ଉତ୍ତର ଦେଇ ପାରିଲେନ । ସବୁ ଯେମିତି ବିଧିର ବିଧାନ । ସାତ- ଆଠ ଦିନ ହେବ ସୁଦର୍ଶନକୁ ଖୋଜା ଚାଲିଛି । କିନ୍ତୁ ସୁଦର୍ଶନ କାହିଁ? କେହି ତା ର ଖୋଜ- ଖବର ପାଉନାହାନ୍ତି । ସତରେ ଯେମିତି ସେ ସବୁଦିନ ପାଇଁ ନଖୋଜ ହୋଇଯାଇଛି ।

ତା ସ୍ତ୍ରୀ ବି ସଭିଙ୍କୁ ପଚାରି ପଚାରି ଥକ ପଡିଲାଣି । ପିଲା ଦିଇଟା ବାପା କାହିଁ? ବାପା କୁଆଡେ ଗଲେ? ପଚାରି ପଚାରି ମା କୁ ଅଥୟ କରି ସାରିଲେଣି । ସାଇଭାଇମାନେ ନିକଟସ୍ଥ ଫାଣ୍ଡିରେ ଏଫ୍- ଆଇ.ଆର୍ ଦେଇଥିଲେ । ଫାଣ୍ଡି ଅଫିସର ଓ ତାଙ୍କ ସହକର୍ମୀମାନେ ମଧ୍ଯ ଅନେକ ଖୋଜିଲେଣି । ବନ୍ଧୁ- ପରିଜନ, ସାଇ- ପଡିଶା, ଏପରିକି ଗଡିଆ- ପୋଖରୀରେ କେଉଟମାନଙ୍କ ସହାୟତାରେ ଜାଲ ପକେଇ ଅଣ୍ଡାଳ ସାରିଲେଣି । ହେଲେ କୋଉଠି ମିଳୁନି ସୁଦର୍ଶନ ।

ତାହେଲେ ସେ ଗଲା କୁଆଡେ? ସଂସାରରୁ କଣ ଉଭେଇ ଗଲା? ନିରୁଦ୍ଦେଶ ହୋଇଗଲା ସବୁଦିନପାଇଁ? କେତେ ମେହେନତ୍ କରି ଟଙ୍କା ସଞ୍ଚିଥିଲା । ଭଉଣୀ ଆସିଲେ ଘେନି ନେଇ ଡାକ୍ତରଙ୍କୁ ଦେଖାଇ ଭଲ କରିବ । ସବୁ ସ୍ଥିରକୃତ କଳ୍ପନା ଯେମିତି କଳ୍ପନାରେ ରହିଗଲା । ଭଉଣୀ ଘେନି ଯାଇ ପାରିଲାନି । ଅଥଚ ଭାଇର ନଖୋଜ ପରିସ୍ଥିତିରେ ଆହୁରି ବାୟାଣି ହୋଇଗଲା ।

ସେଦିନ ଥିଲା କୌଣସି ଇଂରାଜୀ ମାସର ଅସ୍ପଷ୍ଟ ତାରିଖଟିଏ । ସେହିଦିନ ସୁଦର୍ଶନ ଗାଁ ଠାରୁ ଅଳ୍ପ ଦୂରବର୍ତ୍ତୀ ବଙ୍ଗୋପସାଗରର ବାଲୁକା ଗର୍ଭ ମଧ୍ଯରୁ ପଚା- ସଢା଼ର ଶବଟିଏ ବାହାରିଲା । ଶିଆଳ- କୁକୁରଙ୍କ ଆହାର ହେବା ପୂର୍ବରୁ କଏ ଜଣେ ଗୋବର ସାଉଁଟାଳି ବୁଢୀ

ବାଲି ଗର୍ଭରୁ ବାହାରିପଡିଥିବା ଅଧା ଶରୀରକୁ ଦେଖି ଚତ୍କାର କରି ଉଠିଲା । ତା ଚତ୍କାର ଏତେ କର୍କଶ ଥିଲା ଯେ କାନରୁ କାନକୁ, ତୁଣ୍ଡରୁ ତୁଣ୍ଡକୁ ଯାଇ ଚହଳ ପକେଇ ଦେଲା ।

ସେଇଠୁ ଟାଉନଥାନା ପୋଲିସ୍ ଅଫିସର ଖବର ପାଇ ସଦଳବଳେ ପହଞ୍ଚିଗଲେ ଘଟଣାସ୍ଥଳରେ । ଶବ ଚହ୍ଲଟ ହେଲା । ପଶୁସଢ଼ା ନଗଳତ ଶବକୁ ଦେଖି ସହସା ଚତ୍କାର କରିଉଠିଲା ସୁଦର୍ଶନର ସ୍ତ୍ରୀ । ସଭିଏଁ ଜାଣିଲେ ସେଇଟା ସୁଦର୍ଶନର ଶବ । ଶବ ବ୍ୟବଚ୍ଛେଦ ପରେ ହତ୍ୟାକାରୀ ଚହ୍ଲଟ ହେଲା । ଦୋଷୀ ସାବ୍ୟସ୍ତ ପରେ ହତ୍ୟାକାରୀ ଜେଲ୍ ଗଲା । ଯେଉଁ ସୁଦର୍ଶନକୁ ଏତେଦିନ ଧରି ଖୋଜା ଚାଲିଥିଲା, ଯେଉଁମାନେ ଜାଣିଥିଲେ, ସେ ନଖୋଜ ବୋଲି, ସେମାନେ ଜାଣିଲେ ସୁଦର୍ଶନ ମୃତ ।

ତା ସ୍ତ୍ରୀ ବି ଜାଣିଲା ତା ସ୍ୱାମୀ ୮ ଦିନ ହେଲା ନଖୋଜ ନୁହେଁ, ମୃତ । ପିଲା ଦିଇଟା ବି ଜାଣିଲେ ବାପା ତାଙ୍କର ଆଉ ନାହିଁ । ନଜ ମୁଣ୍ଡ ଠିକ୍ କରିବାକୁ ଉତ୍ତରପ୍ରଦେଶରୁ ଆସିଥିବା ଭଉଣୀ ବି ଜାଣିଲା ତା ଭାଇ ଆଉ ନାହିଁ । ସଭିଙ୍କ ଆଖିରେ ଲୁହର ଅଶ୍ରୁବଣ, ସଭିଏଁ ନର୍ବାକ୍, ନଶ୍ଚଳ । କାହାରି ମୁହଁରେ ଭାଷା ନାହିଁ । ଯେଉଁ ସାଇଭାଇମାନେ ଭାବିଥିଲେ ସୁଦର୍ଶନ ପୁଣିଥରେ ତାଙ୍କ ପାଖକୁ ଫେରିଆସିବ, ଅସମାଧାନ କାମକୁ ସମାଧାନ କରିବ, ସେମାନେ କେବେ ଭାବିନଥିଲେ ତା ନଖୋଜ ପଛରେ ଏତେବଡ ରହସ୍ୟ ଛପି ରହିଥିଲା ।

ଆଉ ସେହି ରହସ୍ୟମୟ ଘରରେ ରହି ସୁଦର୍ଶନର ସ୍ତ୍ରୀ ଖୋଜିହେବ ତା ସ୍ୱାମୀର ଅସ୍ତିତ୍ୱ । କାହା ପାଖେ ସେ ମିନତୀ କରିବ ତ ମୃତ ସ୍ୱାମୀକୁ ଫେରାଇ ଦେବା ପାଇଁ? ଏ ସମାଜରେ କେତେଜଣ ଯମଙ୍କ ନକଟରେ କାନ୍ଦ ପଡେଇବ ତା ସ୍ୱାମୀ ଜିଇଁ ଉଠନ୍ତୁ ବୋଲି । ସେ ଜାଣିଥିଲା ଯମରାଜା ଜଣେ । ହେଲେ ଆଜି ସେ ଜଣେ ସାବିତ୍ରୀ ହୋଇ ଅନେକ ଯମଙ୍କଠାରୁ କ ପ୍ରକାର ଆଶା ପୋଷଣ କରିପାରିବ? ହୁଏତ ଏସବୁ ତା ର ଏକ ଭ୍ରାନ୍ତ ଧାରଣା । ଏହା ବ୍ୟତୀତ ବୈଧବ୍ୟ ଯନ୍ତ୍ରଣା ଓ ଏକାକୀତ୍ୱର କଷ୍ଟକୁ କଷଟି ପଥରରେ କଷିବ ସିନା । ଆଖିର ଲୁହକୁ ଆଖିରେ ଶୁଖେଇ ଶେଷ ଜୀବନ ପର୍ଯ୍ୟନ୍ତ ଏଇଭଳ ଜିଇଁବ ସିନା । ନଚେତ୍ ଆଉ ତାର ଉପାୟ କଣ ଅଛି ଯେ? .....

ଯୋଗ ଫର ଲାଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲକତା

# ଦୁଃଖ ପରେ ସୁଖ



ଅନାମ ଚରଣ ସାହୁ

ଏଇତ ପର୍‌ଚୀ ନଭେ ଉଇଁଲେଣି
ସୁନେଲୀ ରଙ୍ଗର ରବି
ନୀଳ ସାଗରର ଲହରୀ ମାଳାରେ
ଝଟକେ ଲୋ୍‌ହିତ ଛବି ।୧।
ପୀକ, ଶୁକ, କାକ ଦେଲେଣି ତ ଡାକ
ଉଠ ଉଠ ପ୍ରାଣୀକୁଳ
କରିବା କରମ ପାଳବା ଧରମ
ଗଡି ଗଡି ଯାଏ ବେଳ ।୨।
ପର୍ବତ, କାନନ, ନଦୀ, ଲତା, ବନ
ସୁଷମା ନଜର ମେଲି
ହୃଦୟେ ଧାରଣ କରି ରବି ତେଜ
ଯାତନା ଗଲେଣି ଭୁଲି ।୩।
ଜଗତରେ ସାର ବିଧିର ନୟମ
ଦୁଃଖ ପରେ ସୁଖ ର୍‌ଶି
ପ୍ରାଣୀଙ୍କ ଜୀବନ କରୁଛନ୍ତି ଧନ୍ୟ
ପଣତରେ ଭରି ଖୁସି ।୪।
ସ୍ଥିରନୁହେଁ କଛି ଅଳୀକ ସଂସାରେ
ର୍‌ତି ପରେ ଯେହ୍ନେ ଦିନ
ଜ୍ଞାନର ଆଲୋ୍‌କେ ଅଜ୍ଞାନ ତିମିର
ହଟିବ ଦିନେ ସୁଜନ ।୫।



ବିଭୁତିପୁର, କାକଟପୁର, ପୁରୀ

# କ୍ଷେତ୍ରଫଳ



ଜୀତେନ୍ଦ୍ରିୟ ବେହେରା

ଝୁରି ଗୋଟେ ରୁବାବରେ
ଆଡେଇ ଦେଖିଲ୍ ମତେ
ଗୋଟେ ଠୋସ୍ ଅନ୍ଦାଜରେ
ତୀରବିଦ୍ଧକରି ଗ୍ଳାଲିଯିବାର ଥିଲା ପ୍ରେମ
ହତବାକ୍ ସମୟ, ସମସ୍ତେ ଏମିତିକି ତମେ
ସେଠି ମୁଁ ନଥିଲି ମୋର ପ୍ରତିରୂପରେ
ଛିଡା ହୋଇଥିଲା ଏକ ମତିଭ୍ରମ ।

ଭଲ ହେଲା ମୁଁ ଅଣଦେଖା ହେବାରେ
ତୁମ ବିଶ୍ୱାସକୁ ସଚନ୍ନ କରିବାରେ
ମୋବାଇଲ୍ ର ମନ୍ତ୍ର ଉଚ୍ଚାରଣ ହେଉ
କମ୍ବା ଫ୍ରଏଣ୍ଡ ଙ୍କ ବିଦ୍ଧଧ ପ୍ରେମିକର
ବିଚନ୍ନ ଆଚରଣରେ
ମୋର ନସ୍ତ ଭତା ଜନ୍ମଗତ ବୋଲି
ବାପାଙ୍କ କଠୋରତା କେତେଥର କହିଛି
ଆଜି ତମେ କହିଲ ଯେ
ମୁଁ ସବୁଠି ହେଲେ କୋଉଠି କ'ଣ ଦିଶୁଛି
ଦା' ଅଗରେ ମାଟି ତାଡି ଲଗାଇଥିବା ଗଛ
ଫଳ ପଛେ ନ ଦେଉ
ତୁମକୁ ଛାଇତ ଦେଉଛି ।

ତମେ ଶୋଇ ରୁହ କମ୍ବା ଉଜାଗର
ମତେ ଦୁଃଖ ଭୁଲିବାର ଅଛି
କେବଳ ଲୋଡା ତୁମ ଦେହ ପାଇଁ
ଗୋଟେ ନିବିଡ ଅନ୍ଧାର ।

ଡଭର, ବାମନଳ, ପୁରୀ, ଓଡିଶା

# ଅଜବ ଏ ରାମରାଜ୍ୟ



ସୁବ୍ରତ କୁମାର ମୁଦୁଲି

ସାଧୁଆ ବୁଢାକୁ ମୁଁ ପିଲାଦିନୁ ଜାଣିଛି । ପାଣି କାଦୁଅରେ ଗୋଳେଇ ହେଇ ପାଟଜମିରେ ସୁନା ଫସଲ ଫଳାଇବାରେ ସେ ଥିଲା ସିଦ୍ଧହସ୍ତ । ଦୁଇପୁଅ ତା'ର ବିଦେଶରେ ରହୁଥିଲେ । ବୁଢା ଏକୁଟିଆ ଗାଁରେ । ରାମଭକ୍ତ ସାଧୁଆ ଗାଁ ରାମନବମୀ କମିଟିର ମୁଖ୍ୟ ସଦସ୍ୟ ଥିଲା । ଗାଁ ଲୋକଙ୍କ ଆଗରେ ଯେତେ ଦେଖେଇ ଶିଖେଇ ହେଲେ ବି ତା'ର ନିଜସ୍ୱ ପାରିବାରିକ ରାମରାଜ୍ୟ ଦାଣ୍ଡରେ ପଡି ହାଟରେ ଗଡଗଡଉ ଥିଲା । ଅସଲ ଘରର ଗୁମର କଥା ପଦାକୁ ଆସିଲା ବୁଢା ମଲାପରେ । ସାହିଭାଇ ବାସି ମଡା ରଖେଇ ଦେଲେନି । ରାମନାମ ସତ୍ୟ ହେି ଡାକରେ ବୁଢାର କୋକେଇ ଉଠିଲା । ପୁଅ ଆଉ ବୋହୁ ପହଞ୍ଚୁ ପହଞ୍ଚୁ ପାଞ୍ଚଦିନ । ଏଇ ଦି' ଦିନ ଆଗରୁ ଭାଇ ବରାଦ ସରିଥିଲା କ୍ଷୀରି ପୁରି ଛଙ୍କା ଡାଲମା ସହ ରସଗୋଲା ଅଉ ମିଠା ଦହି । କଥା ଶୁଣି ମୁଁ ମନେ ମନେ ବୁଢାର ରାମରାଜ୍ୟର ପରିକଳ୍ପନା ଭିତରେ ହଜି ଯାଇଥିଲି । କାଲି ଦଶାହ ଥିଲା । ଡେରି ରାତି ପର୍ଯ୍ୟନ୍ତ ସାଧୁଆ ଘର ଆଗରେ ଗାଁ ଲୋକେ ଟୁପୁରୁ ଟାପୁରୁ ହେଉଥିଲେ ଯେ ବୁଢା ଶୁଦ୍ଧିକ୍ରିୟା ଖର୍ଚ୍ଚ ବାବଦକୁ କୁଆଡେ ସନ୍ଧ୍ୟା ବେଳଠାରୁ ଦୁଇଭାଇଙ୍କର ଝଗଡା ଲାଗିଛି । ମୁଁ ଟିକେ ଅଟକି ଗଲି । ଦୁଇ ଭାଇ ମଶାଣିରେ ଦଶହାଣ୍ଡି ରଖି ଘରକୁ ଫେରିଲେ । ପରମ୍ପରା ମୁତାବକ ଗୁହାଳରେ ଠେଙ୍ଗାପିଟା ପରେ ଘରୁ କାହାର ପ୍ରଶ୍ନରେ ସେମାନେ କହୁଥିଲେ....ଆମେ ଦୁଇଭାଇ ରାମ ଲକ୍ଷ୍ମଣ ଯାଇଥିଲୁ ଅଶୁଭ ନେଇ...ପୁଣି ଘର ଭିତରୁ କେହି ଜଣେ କହୁଥିଲା....ହାତେ ଶୁଭ ଧରି ଘରକୁ ଆସ । ସେମାନେ ଗୃହ ପ୍ରେବେଶ କରି ସାରିଥିଲେ । କିନ୍ତୁ ରାତିର ବୟସ ସହ ବଢି ଚାଲିଥିଲା ଅନେକ ଝଗଡା । ଶେଷରେ ଦୁଇଭାଇଙ୍କ ଭିତରେ କଥା ଛିଡିଲା ଖର୍ଚ୍ଚବାର୍ଚ୍ଚ ଯାହାର ଘରଢିଅ ତାହାର । ମୁଁ ତ ତାଜୁବ ହେଲି ରାମରାଜ୍ୟର ରାମଲକ୍ଷ୍ମଣଙ୍କ ବିଚାରରେ । ଆପଣ ହେଲେ କି?


ଦେଉଳ, ଏରସମା, ଜଗତସିଂହପୁର

# ଲୁଚକାଳି ଖେଳେ ମୋ ଜୀବନ



ସିପ୍ରା ନାମତା

ମୋ ସ୍ୱ ର୍ତି ର ସହରରେ
ନୀଳ ଗଗନ ରେ
ସଞ୍ଜ ନଇଁ ଆସେ ଯେତେବେଳେ,
ଲୁଚ ଲୁଚ କ୍ଷଣେ ତୁମେ ଆସ
ପୁଣି ଅନ୍ତର୍ଧାନ ହୋଇଯାଅ, ପ୍ରସ୍ତୁତି ପର୍ବ ର
କୌମୁଦି ର ଅଭିସାର କରିବା ପୂର୍ବ ରୁ
ଅଭୀପ୍ସା ର ଇତି ହୁଏନା.....ଏ ଲୁଚକାଳି ଖେଳେ ।



ତୁମ ଅସ୍ତିତ୍ୱ ଆଉ ମୋ ଅସ୍ତିତ୍ୱ ରେ
ସେଇ ଅପୂର୍ଣ୍ଣତା ର ଦ୍ୱାହି ଦେବାରେ
ଗଢ଼ିଥିବ ବ୍ୟବଧାନ ଅହରହ କାଳ କାଳ
ସତେ କି ନ ଥିଲା କେବେ ମୋ ସହ ତୁମ ପରିଚୟ
ଭେଟୁ ଥିବା କିନ୍ତୁ ଫେରନ୍ତା ଋତୁ ରେ
କେଉଁ ଦୋ ଛକ ଅବା ଚୌରି ଛକ ରାସ୍ତା ରେ,
ଇଚ୍ଛା ସବୁ କିନ୍ତୁ ପରିପକ୍ୱ ହୁଏନା....ଏ ଲୁଚକାଳି ଖେଳେ ।

ସ୍ୱପ୍ନ ବି ଭୟାତୁର
ସଦା ଆଖି ତଳେ ଆସିବାକୁ

ଭାଙ୍ଗିଯିବ ନଦ କାଳେ
ସମୟ ଅଭାବ ଏ ସହରକୁ
ଅଧା ଗଢା ଅଧା ଭଙ୍ଗା ଜୀବନ ରେ,
ସମ୍ପୂର୍ଣ୍ଣ ହୁଏନା......ଏ ଲୁଚକାଳ ଖେଳେ ।
ସଦ୍ୟ ହେମନ୍ତର ଶିଶିର ଭିଜା ଗାଲିଗ୍ଣ କରେ
ଅମ୍ବର କୁ ଉଷ୍ଣତା ର ଆମନ୍ତ୍ରଣ
କଛି ଜଡତ୍ୱ କୁ ନବାରଣ କରି
ଆବେଗ ର ଉଦ୍ଦାମତା କୁ ପ୍ରଜ୍ୱଳନ କରି
ଘନ କାକର କଣା ର ଥରୁଥିବା ହୃଦୟ ରେ,
ଅବରୁଦ୍ଧ କୋହ ର ତରଳକୃତ ପାଇଁ
ପ୍ରକୃତି ର କାମନା,
ସାର୍ଥକ ହୁଏନା....ଏ ଲୁଚକାଳ ଖେଳେ ।

ତୁଳସୀଚଉରା, ପୋ- ବାରିପଦା, ମୟୁରଭଞ୍ଜ, ଓଡିଶା

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@ gmail. com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।



# କଢ

ପ୍ରସନ୍ନ କୁମାର ଭୁଏ ( ପ୍ରୟାସ)

ମୁଇଁ ଏଭେନ୍ ଅଫୁଟା ଅଛେଁ
ହଇ ଗୁଟେ କଢ,
ମୁଇଁ ବି ଦିନେ ମହକ ଯିମି
ବେଁକ୍ ନାଇଁ ମୁଡ ।
କେତେ ଆଶା କେତେ ଆକାଂକ୍ଷା
ଅଛେ ମୋର୍ ମନେ,
ଫୁଲଟେ ହଇ ମହକାଇ ଦେମି
ଦୁନଆଁର ମୁଇଁ ଜନେ ।
ମୋର ମହକ୍ ନାଇଁ ଜାବ କରି
ନାଇଁ ଦିଅ ଚମଟି,
ଫୁଲ ହଇକରି ଫୁଟି ଦିଅ ମତେ
ମହକ୍ ଯିବା ଚହଟି ।
କଁହର୍ କ ଅଁତର୍ ନାଇଁ ହେଲେ
ପାଦେ ତ ପାଏମି ପୂଜା,
ଦଲି ଚକଟି କରି ନାଇଁ ଭଲ
ବଡ୍ ହେବା ଇ ସଜା ।



ରାଞ୍ଚି, ଝାରଖଣ୍ଡ

# ମାଁ ଯାଇଛେ ଜନ୍ ଠାନକେ



ଶୁଭମ ନାୟକ

॥ ୧ ॥

ମୁଇଁତ ଆଏଁଖ ନାଇଁ ଖୁଲିଥିଲି
ତୁଇଁ ଆଏଁଖ ଜାପିଦେଲୁ
ମୋର୍ ଓଠ୍ ହଁସି ନାଇଁ ଜାନଥିଲା
ତୁଇଁ ହଁସି ହଁସି ପଲାଲୁ
ଭିନେ ତତେ ରହେବାର୍ ଥିଲାହେଲେ
କାଞ୍ଜେ ତୋର୍ ଗର୍ଭେ ବାସ୍ ଦେଲୁ
ତୋର୍ ଗର୍ଭେ ଲାତ୍ ମାରିଥିଲି ବଲି
ମତେ ଏଡେ ବଡେ ସଜା ଦେଲୁ ।

॥ ୨ ॥

ନୋନ୍ ଖିଆ ମୁହୁଁ କାଏଁ ଦୋଶ୍ କଲା
ମାଁ ଡାକ୍ ତାରଲାଗି ସପନ ହେଲା
ସପନ ହଇଗଲା ମାଁର ଗୁରସ୍
ଗାଏ ଗୁରସ୍ ପିଇଲା ବରଷ୍ ବରଷ୍
ମାଁର ଗେଲ କପାଲୁ ଲିଭିଗଲା
ବାପାର ଗେଲ ହଜ ପାଏଲା
ବାପା ଥିଲେବି ଏନ୍ତା ଲାଗଲା
ମାଁ ବିନା ଜୀବନ ଏକଲା ହଇଗଲା ।

॥ ୩ ॥

ବାପାକେ ପରେ କହି ଯାଇଥିଲୁ
ଥୁଲ ଯାଉଁଛେ ମୋର୍ ସୁନା ଧନକେ
ମତେ ଦଇବର ଡକରା ହେଲା
ତୁମେ ବୁଝାବ ପୋର ମନକେ
ମାଁ ମାଁ ବଲି ମତେ ଖୁଜବା ବେଲେ
ଦେଖାବ ଆକାଶର ଜନକେ
କହେବ ଆକାଶର ଜନ୍ କେ
କହେବ ତୋର ଅନ୍ଧାର ବାଟକେ
ରାତି ଉଜଲ କରମି ବଲି
ମାଁ ଯାଇଛେ ଜନ୍ ଠାନକେ ।

॥ ୪ ॥

ହଁ ଗୋ ମାଁ ମୁଇଁ ମାନୁଛେଁ
ଅନ୍ଧାର ବାଟକେ ଉଜଲ କରୁଛୁ
ହେତାର୍ ଲାଗି ତୁଇ ହେନ ରହୁଛୁ
ହେଲେ ମୁଇଁ ନାଇଁ ଜାନ ପାରୁଛେଁ
ପୁନ ଦିନେ ଜହ ଉଜଲ କରୁଛୁ
ଉଆଁଶ ରାତି ଅନ୍ଧାର କରିଦେଉଛୁ
ପୁନ ଦିନେ ବାଟେ ନାରଦି ଯାଉଛେଁ
ଉଆଁଶ ରାତି ହପଟେଇ ହଉଛେଁ

ତୋର୍ ପୋ ହପଟେଇ ହଉଛେ
ତୁଇଁ କେନ୍ତା ଲୁକ ଲୁକ ଦେଖିପାରୁଛୁ
ତୁଇଁ ଜନ୍ ଠାନକେ ଯାଉଁଛେ କହିଛୁ
ହେଲେ ମାଁ ମତେ ସତ୍ ନାଇଁ ଲାଗୁଛେ
ତୁଇଁ ଜନ୍ ଠାନକେ ନାଇଁ ଯାଇ ମାଁ
ଆର୍ କେନ୍ ଗାଇଜେ ଘର୍ କରି ପକାଇଛୁ
ହଁ ମାଁ ତୁଇଁ ମତେ ଠକ ଦେଇଛୁ
ଆର୍ କେନ୍ ଗାଇଜେ ଘର୍ କରି ପକାଇଛୁ

ତସଲାଡିହି, ସୁନ୍ଦରଗଡ, ଓଡିଶା

~~~~~~~~~

ବେଦାନ୍ତୀର "ଜାନୁୟାରୀ ୨୦୧୮( ନୂଆବର୍ଷ) ସଂଖ୍ୟା" ଜାନୁୟାରୀ ୧ ତାରିଖରେ ପ୍ରକାଶ ପାଇବ । ଏହି ବିଶେଷ ସଂଖ୍ୟା ପାଇଁ ଆପଣମାନଙ୍କୁ ଲେଖା ପଠାଇବା ପାଇଁ ଅନୁରୋଧ । ଲେଖା ପଠାଇବାର ଠିକଣା ହେଲା:

www.vedantimagazine@gmail.com

www.editor.vedantimagazine@gmail.com
~~~~~~~~~

# ଗୀତାରେ ଆତ୍ମାଦର୍ଶନ



ବାଲ୍ମୀକ ନାୟକ

ଶ୍ରୀମଦ୍ ଭଗବତ୍ ଗୀତା ହେଉଛି, ମହାଭାରତ ଗ୍ରନ୍ଥର ଏ କ୍ଷୁଦ୍ର ଅଂଶ । ଉକ୍ତ ଗୀତା ଅଂଶଟି କୌଣସି କବି ଶ୍ରୀକୃଷ୍ଣ ଏବଂ ଅର୍ଜ୍ଜୁନଙ୍କ ବାର୍ତ୍ତାଳାପକୁ ନିଜର ପାଣ୍ଡିତ୍ୟ ଓ ଜ୍ଞାନ ପ୍ରଦର୍ଶନ କରିବାପାଇଁ କୁରୁକ୍ଷେତ୍ରର ଯୁଦ୍ଧଭୂମିକୁ ଉପଯୁକ୍ତ ସ୍ଥଳରୂପେ ବାଛି ବର୍ଣ୍ଣନା କରିଥିବାଭଳି ଲାଗୁଛି । କାରଣ ଗୀତାର ବର୍ଣ୍ଣନା ଅନୁସାରେ, ଏହା ଯଦି କେବଳ ଶ୍ରୀକୃଷ୍ଣ ଏବଂ ଅର୍ଜ୍ଜୁନଙ୍କ ମଧ୍ୟରେ ବାର୍ତ୍ତାଳପ ହୋଇଥା'ନ୍ତା, ତା'ହେଲେ ଶ୍ରୀକୃଷ୍ଣଙ୍କ ବିରାଟ ରୂପଦର୍ଶନ କରି ଅର୍ଜ୍ଜୁନ ଯେତେବେଳେ କହିଦେଲେ, "ପ୍ରଭୁ! ମୋର ସମସ୍ତ ଶଙ୍କା ଦୂର ହୋଇଯାଇଛି", ସେଇଠି ଏକାଦଶ ଅଧ୍ୟାୟରେ ହିଁ ଗୀତା କାହାଣୀ ସମାପ୍ତ ହୋଇଯାଇ ଥାଆନ୍ତା । କିନ୍ତୁ ସେଥିରେ ପରସ୍ପର ବିରୋଧୀ, ପୁନଃରୁକ୍ତି ଓ ଜାତିବାଦକୁ ଅନାବଶ୍ୟକଭାବେ ବିସ୍ତାର କରି ବର୍ଣ୍ଣନା କରାଯାଇଛି । ମୌଳିକ ପ୍ରଶ୍ନ ସମୂହରୁ ଅଲଗା ହୋଇ ଶ୍ରୀକୃଷ୍ଣଙ୍କ ବକ୍ତବ୍ୟ ଗୁଡିକ ମହାଭାରତ ଏବଂ ଗୀତାର ବର୍ଣ୍ଣନା ଶୈଳୀରେ ଅନ୍ତର ଦେଖିବାକୁ ମିଳୁଛି । ଏଥିରୁ ମନେହେଉଛି ଯେ, ଗୀତା ଅନ୍ୟ କାହାର ରଚନା ଏବଂ ପରେ ତାକୁ ମହାଭାରତରେ ଯୋଡି ଦିଆଯାଇଛି ।

ସ୍ୱାମୀ ବିବେକାନନ୍ଦ ବି ଗୀତା ସମ୍ପର୍କରେ ଏହିଭଳି ମତ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଆମେ ଗୀତା ଏବଂ ଆତ୍ମା ଉପରେ ବିଚାର କରିବା ଗୀତାରେ ଆତ୍ମାକୁ ପରିଭାଷିତ କରିବା ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟ ଥିବାଭଳି ଲାଗୁନାହିଁ ବରଂ ଆତ୍ମାର ବିଶେଷତ୍ୱ ଓ ଅମରତ୍ୱ ବର୍ଣ୍ଣନା କରି ଅର୍ଜ୍ଜୁନଙ୍କୁ ଏଥିପାଇଁ ଯେତେବେଳେ କୃଷ୍ଣ ଅର୍ଜ୍ଜୁନଙ୍କୁ ବିଭିନ୍ନ ପ୍ରକାରେ ବୁଝାଇ ମଧ୍ୟ ସହମତି ପାଇବାରେ ଅକ୍ଷମ ହେଲେ, ସେତେବେଳେ ସେ କହିଲେ, "ଯଦି ତୁମେ ଭାବୁଛ ଯେ ଆତ୍ମା ଜନ୍ମ ନଏ, ମୃତ୍ୟୁବରଣ କରେ ତଥାପି ତୁମେ ଏହିଭଳି ଶୋକ କରିବା ଉଚିତ

ନୁହେଁ । ( ୨/ ୨୬) ବର୍ତ୍ତମାନ ଆତ୍ମା ସମ୍ପର୍କରେ ଶ୍ରୀକୃଷ୍ଣଙ୍କର ପରସ୍ପର ବିରୋଧୀ ବକ୍ତବ୍ୟ ଉପରେ ଧ୍ୟାନ ଦିଅନ୍ତୁ । "ଜୀବାତ୍ମାର ଶରୀରରେ ଯେପରୀ ବାଲ୍ୟ, ଯୌବନ ଓ ଜରା ଆସିଥାଏ, ସେହିଭଳ ଅନ୍ୟ ଶରୀର ବି ପ୍ରାପ୍ତ କରିଥାଏ । ଜ୍ଞାନୀଜନମାନେ ଏ ବିଷୟରେ ମୋହିତ ହୁଅନ୍ତି ନାହିଁ ।( ୨/ ୧୩)

"ଏ ଦେହରେ ବିନାଶ ଅଛି । ଆତ୍ମା ଅବିନାଶ ଓ ଅପ୍ରମେୟ, ତେଣୁ ହେ ଅର୍ଜୁନ! ଯୁଦ୍ଧ କର ।"( ୨/ ୧୮)

ଯେଉଁମାନେ ଭାବୁଛନ୍ତି ଯେ, ଆତ୍ମା କାହାଦ୍ୱାରା ମରିପାରେ ଓ ଯେଉଁମାନେ ଭାବୁଛନ୍ତି ଯେ ଆତ୍ମା କାହାକୁ ମାରିପାରେ, ସେ ଦୁହେଁ ଜାଣନ୍ତି ନାହିଁ ଯେ, ଆତ୍ମା କାହାରିକୁ ମାରେନାହିଁ କିମ୍ବା କେହି ଆତ୍ମାକୁ ମାରି ପାରିବେ ନାହିଁ ।( ୨/ ୨୯)

"ଏହି ଆତ୍ମା କୌଣସି କାଳରେ ଜନ୍ମନିଏ ନାହିଁ କିମ୍ବା ମରେନାହିଁ, କାରଣ ଆତ୍ମା ହେଉଛି ଅଜନ୍ମା, ନିତ୍ୟ ସନାତନ ଏବଂ ପୁରାତନ ଅଟେ । ଶରୀର ମରିଗଲେ ବି ଆତ୍ମା ମରିଯାଏନାହିଁ ।( ୨/ ୨୦)

ଯେଉଁଭଳି ମନୁଷ୍ୟ ପୁରୁଣା ବସ୍ତ୍ର ତ୍ୟାଗ କରି ନୂତନ ବସ୍ତ୍ର ଧାରଣ କରିଥାଏ, ସେହିଭଳି ଆତ୍ମା ପୁରୁଣା ଶରୀର ତ୍ୟାଗ କରି ନୂତନ ଶରୀର ଭିତରେ ପ୍ରବେଶ କରେ ।"( ୨/ ୨୨)

ଏହି ଆତ୍ମାକୁ ଶସ୍ତ୍ର କାଟି ପାରେନି, ନିଆଁ ପୋଡି ପାରିବନି, ପାଣି ବୁଡାଇ ପାରିବନି କିମ୍ବା ବାୟୁ ଶୋଷି ପାରିବନି ।( ୨/ ୨୩)

କାରଣ ଆତ୍ମା ଅଚ୍ଛେଦ୍ୟ, ଅଦାହ୍ୟ, ଅବଲେଧ ଏବଂ ଅଶୋଷ୍ୟ ଅଟେ ତଥା ଆତ୍ମା ନିତ୍ୟ, ସର୍ବବ୍ୟାପୀ, ଅଚଳ ଓ ସନାତନ ଅଟେ ।( ୨/ ୧୪)

ଏହି ଆତ୍ମା ଅବ୍ୟକ୍ତ, ଅଚିନ୍ତ୍ୟ ଏବଂ ବିକାର ରହିତ ଅଟେ । ତେଣୁ ଜ୍ଞାନୀମାନେ ଆତ୍ମାପାଇଁ ଶୋକ କରିବା ଅନୁଚିତ ।( ୨/ ୨୫)

ଏଥିରେ ଆମେ ଶ୍ରୀକୃଷ୍ଣ କିମ୍ବା ତାଙ୍କ ନାମରେ କେହି ଦାର୍ଶନିକ କବିଙ୍କ ବିଗ୍ରହକୁ ନିଷ୍ପକ୍ଷଭାବେ କ୍ରମାନ୍ୱୟରେ ସମୀକ୍ଷା କରିବାକୁ ପ୍ରୟାସ କରିବା । ଶ୍ରୀକୃଷ୍ଣ ପ୍ରଥମେ କହିଛନ୍ତି, - ଆତ୍ମା ଏହି ଶରୀରରେ ବାଲ୍ୟ, ଯୌବନ ଓ ଜରା ଭୋଗ କରିଥାଏ । ଅନ୍ୟ ଏକ ଜାଗାରେ କହିଛନ୍ତି, - ଆତ୍ମା ଅବ୍ୟକ୍ତ, ଅଜନ୍ମା, ଅଚିନ୍ତ୍ୟ, ବିକାରଶୂନ୍ୟ ଅଟେ । ଏହିଭଳି ପରସ୍ପର ବିରୋଧୀ ଦୁଇଟି ବକ୍ତବ୍ୟ ମଧ୍ୟରୁ ଗୋଟିଏ ନିଶ୍ଚୟ ଅସତ୍ୟ ହେବାକଥା । ଆତ୍ମାକୁ ସର୍ବବ୍ୟାପୀ, ଅଚ୍ଛେଦ୍ୟ, ଅଦାହ୍ୟ, ଅଚିନ୍ତ୍ୟ, ଅବଲେଧ୍ୟ, ଅଜନ୍ମା, ସନାତନ, ପୁରାତନ, ଅବ୍ୟକ୍ତ, ନିତ୍ୟ, ଅଚଳଆଦି ପରସ୍ପର ବିରୋଧୀ ଶବ୍ଦ ମାଧ୍ୟମରେ ବ୍ୟକ୍ତ କରିବା ଉଚିତ ମନେହେଉନି । ଯଦି ଆତ୍ମା ସର୍ବବ୍ୟାପୀ, ତେବେ ସମସ୍ତ ପ୍ରାଣୀର ଆତ୍ମା ଏକ ହେବା ଉଚିତ । ଯଦି ସମସ୍ତ ପ୍ରାଣୀଙ୍କ ଆତ୍ମା ଏକ, ତେବେ ପୁନର୍ଜନ୍ମ, ପାପ- ପୁଣ୍ୟ, ପରଲୋକ, ସ୍ୱର୍ଗଲୋକ ଆଦି ବ୍ୟର୍ଥ ହେବ । ଯଦି ଆତ୍ମା ଅଚଳ ତେବେ ଆତ୍ମାର ପୁନର୍ଜନ୍ମ ଅସମ୍ଭବ । ସେ ସ୍ୱର୍ଗକୁ କିମ୍ବା ନର୍କକୁ ବି ଯାଏନାହିଁ । ଯଦି ଆତ୍ମାକୁ ଭଗବାନ ହିଁ ନିୟନ୍ତ୍ରଣ କରି ଚଳପ୍ରଚଳ କରୁଛନ୍ତି ବୋଲି ମାନିବା, ତେବେ ଆତ୍ମାର ଅବସ୍ଥିତି ରହୁ ବା ନରହୁ କିଅଣ ଫରକ ପଡିବ? ଯଦି ଆତ୍ମାକୁ ସନାତନ କୁହାଯିବ, ତେବେ ସେ ପୁରାତନ ହୋଇପାରିବନାହିଁ । ଯଦି ପୁରାତନ ବୋଲି ମାନିବା, ତେବେ ସନାତନ କିପରି ହେବ? ଯଦି ଆତ୍ମାକୁ ଚିନ୍ତନ କରିବା ସମ୍ଭବ ନୁହେଁ, ଅର୍ଥାତ୍ ଅଚିନ୍ତ୍ୟ ତେବେ ତା' ଉପରେ ଅଯଥା ଚିନ୍ତନ କରିବା ଓ ପ୍ରବଚନ ଦେଉଥିବା ସମର୍ଥକମାନଙ୍କର ବୋକାମି ନୁହେଁ କି? ଯଦି ଆତ୍ମା ଅଚିନ୍ତ୍ୟ ଏବଂ ଅବ୍ୟକ୍ତ, ତେବେ ତା' ଉପରେ ଚର୍ଚ୍ଚା କରିବା ବ୍ୟର୍ଥ ହେବ । ଅବ୍ୟକ୍ତ କରିବା ଅର୍ଥ ଅନ୍ଧକୁ ଦର୍ପଣଦେଖି ରୂପ ଶୃଙ୍ଗାର କରିବା ଭଳି କଳ୍ପନା କରିବା ସମାନ ହେବ ।

ଯଦି ଶ୍ରୀକୃଷ୍ଣଙ୍କ କହିବା ଅନୁସାରେ, ଆତ୍ମାର ବସ୍ତ୍ର ତ୍ୟାଗ ଓ ଧାରଣ ବକ୍ତବ୍ୟ ଠିକ୍ ତେବେ ଛୋଟ ଶିଶୁ କିମ୍ବା କମ୍ ବୟସ୍କ ଯୁବକ ବର୍ତ୍ତମାନ ନୂଆ ଅଛି । କିନ୍ତୁ ଆମେ ଦେଖୁ ଯେ, ବୁଢା ଶରୀର ( ପୁରୁଣାବସ୍ତ୍ର) ମରି ନଥାଏ, ଯୁବା ଶରୀର ( ନୂତନ ବସ୍ତ୍ର) ମରିଯାଉଛି । ଶ୍ରୀକୃଷ୍ଣ କହୁଛନ୍ତି, ଆତ୍ମାକୁ ଶସ୍ତ୍ର କାଟି ପାରିବନାହିଁ କିନ୍ତୁ ପ୍ରାଣୀର ଶରୀର ଭିତରୁ କୌଣସି ବିଶେଷ ଅଙ୍ଗକୁ କାଟି ବାହାର କରିଦେଲେ ପ୍ରାଣୀ ମରିଯାଉଛି । ଯଦି ଆତ୍ମା ଜଳରେ ବୁଡି ପାରିବନି, ତେବେ ପ୍ରାଣୀ ଜଳ ଭିତରେ ବୁଡିଗଲେ ମରିଯାଉଛି କାହିଁକି?

ଯଦି ଆତ୍ମା ଶୋଷିତ ନୁହେଁ ତେବେ ଗଭୀର ସମୁଦ୍ର କମ୍ବା ମାଉଣ୍ଟ ଏଭେରେଷ୍ଟକୁ ଯିବା ସମୟରେ ଅମ୍ଳଜାନ ସିଲିଣ୍ଡର ନେଇଯିବା ଆବଶ୍ୟକ ପଡେ କାହିଁକି? ଅର୍ଥାତ୍ ଅମ୍ଳଜାନ ବିନା ଆତ୍ମା ଶରୀର ଭିତରେ ପାଞ୍ଚଦଶ ମିନଟ ବି ରହିପାରୁନାହିଁ । ସେହିଭଳି ନିଆଁରେ ଶରୀର ଜଳଗଲେ ଆତ୍ମା ବାହାରିଯାଉଛି କାହିଁକି? ଯଦି ଆପଣ କହିବେ ଯେ, - ଶରୀର ଆତ୍ମା ବାସ କରିବା ଭଳ ଅବସ୍ଥାରେ ନରହିଲେ, ସେ ଛାଡି ପଳାଇବ, ତେବେ ହାର୍ଟଆଟାକ୍ ହୋଇ ମଣିଷ ମରେ କାହିଁକି? ଶରୀର ତ ଠିକ୍ ଥାଏ, ତଥାପି ଆତ୍ମା ଛାଡି ପଳାଇଯାଏ କାହିଁକି?

ଉପରୋକ୍ତ ସମସ୍ତ ବିବେଚନାରୁ ସିଦ୍ଧ ହେଉଛି ଯେ, ଶ୍ରୀକୃଷ୍ଣ କମ୍ବା ତାଙ୍କ ନାମରେ ବ୍ୟକ୍ତ କରିଥିବା କବିଙ୍କ ବିଗ୍ଚରଗୁଡିକ ଅବୈଜ୍ଞାନକ ଏବଂ ପରସ୍ପର ବିରୋଧୀ ଅଟେ । କନ୍ତୁ ଗୀତା ଏକ ଧର୍ମଗ୍ରନ୍ଥ ରୂପେ ମାନ୍ୟତା ପ୍ରାପ୍ତ ହୋଇଥିବାରୁ ଏହା ଜନମାନସରେ ଏକ ବିଶେଷ ସ୍ଥାନ ଅଧିକାର କରି ରହିଛି । ଓଡିଆରେ ଗୋଟିଏ ପ୍ରବାଦ ଶୁଣିଛି: “ରୁଚୁ ନ ରୁଚୁ ଖାଆ ପିତା, ବୁଝ ନ ବୁଝ ପଢ ଗୀତା ।” ଏହିଭଳି ବାଧ୍ୟତାମୂଳକ ଆଦେଶ ପରେ ଆଉ ତର୍କ କରି ବିପଦକୁ ବରଣ କରିବ କଏ? ବୌଦ୍ଧ ଧର୍ମ ପ୍ରଚଳନ ସମୟରେ ବି ଏହି ଦେଶରେ ଜ୍ଞାନବିଜ୍ଞାନର ଏଭଳ ବିନାଶ ଘଟିଥିଲା ଯେ, ସମଗ୍ର ବିଶ୍ୱକୁ ଉଚ୍ଚତର ଆଧ୍ୟାତ୍ମିକ ପାଠ ପଢେଇବା ପାଇଁ ଶାସ୍ତ୍ରପୁରାଣର ଅବୈଜ୍ଞାନକ ଓ ଅନ୍ଧବିଶ୍ୱାସଠାରୁ ଦୂରେଇ ଗଲା । ଫଳସ୍ୱରୂପ ଆଜି ଏଠାକାର ବିଦ୍ୟାର୍ଥୀମାନେ ଅଧିକ ପଠନ ପାଇଁ ଏବେ ବିଦେଶକୁ ଗମନ କରୁଛନ୍ତି । ସଚେତନ ପାଠକମାନେ କଥିତ ଜ୍ଞାନ ଭଣ୍ଡାର ଗୀତାକୁ ତର୍ଜମା କରନ୍ତୁ ।

କେ.ଆର. ପୂରମ, ବାଙ୍ଗାଲୋର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ତୁମ କଥା ମନେପଡେ



ମାମାଜିନ ପ୍ରଧାନ

ଯେବେ ସନ୍ଧ୍ୟାରେ ଅଫିସରୁ ଫେରୁଥାଏ
ତୁମ କଥା ମନେପଡେ ।
ଯେବେ ରାସ୍ତା କଡରେ ଏକାକ ଚାଲିଯାଉଥାଏ
ତୁମ କଥା ମନେପଡେ ।
ଯେବେ ଏକାକ ଛାତ ଉପରେ ବସିଥାଏ
ତୁମ କଥା ମନେପଡେ ।
ଯେବେ କିଏ ପଛରୁ ଆସି ଆଖିବନ୍ଦ କରିଦିଏ
ତୁମ କଥା ମନେପଡେ ।



ଯେବେ ଆକାଶରେ ମେଘ ଦେଖାଯାଏ
ତୁମ କଥା ମନେପଡେ ।
ଯେବେ ଝିପ୍ ଝିପ୍ ବରଷା ହେଉଥାଏ
ତୁମ କଥା ମନେପଡେ ।
ଯେବେ ସକାଳୁ ଉଠି ଆଇନାରେ ମୁହଁ ଦେଖେ
ତୁମ କଥା ମନେପଡେ ।
ଯେବେ  ନଦରେ ଶୋଇବାକୁ ଯାଏ
ତୁମ କଥା ମନେପଡେ ।

ବାଲିଛାଇ, ଗଞ୍ଜାମ, ଓଡିଶା

# କହିବା ପାଇଁ ତ ହୃଦୟ କଥା



ଜ୍ୟୋତିର୍ବିଦିତ୍ୟ ପୁଝାରୀ

କହିବା ପାଇଁ ହୃଦୟର କଥା
ଯାଇଥିଲି ଯାଇଥିଲି
ଦେବାପାଇଁ ପ୍ରେମର ବାରତା
ଯାଇଥିଲି ଯାଇଥିଲି
ସାମର୍ଥ୍ୟ ମୋହର ସ୍ୱାର୍ଥପର ହେଇ
ଗଲାଗୁଲି ଗଲାଗୁଲି ॥



ଆନନ୍ଦ ଆଶାର ପଡିଲା ଛିଟିକ
ପ୍ରଫୁଲ୍ଲ ପ୍ରାସାଦ ନୟନରେ ଦେଖି
ଭାବନା ସୀମାରେ ଗଲି ମୁଁ ଅଟକ
କଳ୍ପିତ ଶବ୍ଦକୁ ଅସାବଧାନ ହେଇ
ଭୁଲିଗଲି ଭୁଲିଗଲି ॥

ବିରହ ବିଦ୍ରୋହୀ ଧମକ ଦେଇଛି
ଅସହ୍ୟ ଦୁର୍ଦ୍ଦଶା କୋଉ କୋଣେ ଲୁଚ
ସମୟ ସତର୍କ ପାଣି ଦେଲା ଛିଞ୍ଚି
ଭୟକୁ ଆଶ୍ରୟ ଦେଇ ମୋ ମନରେ
ଭୁଲକଲି ଭୁଲକଲି ॥

କୁଲିଗାଁ, ବଡମହେଶ୍ୱର, ଖଡିଆଳ, ନୂଆପଡା

# ଆପଣାର କେହି



ଦିପୁନ୍ ପୁହାଣ

ଦେହରେ ଦେହଭର୍ତ୍ତି ପାପ,
ଓ ପରିପୂର୍ଣ୍ଣ ଛଳନାର ଆଜେବାଜେ ଶବ୍ଦ ସବୁଙ୍କ
ଠୁଳରେ କଣ ସଜାଡି ହୁଏ କେଇଟା ମହାର୍ଘପଦ,
ନାଁ ଲେଖିହୁଏ ଠିକଠାକ୍ କବିତା ଦି ଧାଡ଼ି?
ଖାସ୍ ସେଇଲୋକଟି ପାଇଁ
ଜିଏ ନଜେ ନଜର ହତ୍ୟାକାରୀ,
ନଜପାଇଁ ବଞ୍ଚିଗ୍ଲିଛି ମୁଠାମୁଠା ଖଇ ଓ କୋଉଡି,
ନଜ ନଜ ପାଇଁ ସଜାଡିଛି ଜୁଇନଆଁ ଓ
ଜାଳଦେଇଛି ଇଚ୍ଛା ଅନଚ୍ଛାର ଦେହଳୀ,



ନଜକୁ ମିଶେଇଦେଇ ଧୂ ଧୂ ନଆଁରେ ଛୁଟିଗ୍ଲିଛି
ନଆଁରୁ ଆକାଶ, ଚରାଚର ବ୍ରହ୍ମାଣ୍ଡ ପର୍ଯ୍ୟନ୍ତ,
ତା ନଜସ୍ୱକୁ ମୋର ସର୍ବସ୍ୱକରି,
ଯିଏ ସଂଚରିଯାଇଛି ମୋ ରକ୍ତ କଣିକାରେ,
ଆତ୍ମସାତ୍ କରିନେଇଛି ମୋ ଆୟୁ ପରମାୟୁ,
ବରାଭୟ କରୁଣା ମିଶ୍ରିତ ଜୁକ୍ ଜୁକ୍ ଆଖି ଦି ଟାରେ
ଜଗିବସିଛି ମୋ ଅନାଗତ ଅରିଷ୍ଟ ମାନଙ୍କୁ,
ଏକ ଅଦୃଶ୍ୟ ଅବଗୁଣ୍ଠନରେ,
କଣ ତା ପାଇଁ ଲେଖିହୁଏ ଠିକ୍ ଠାକ୍ କବିତା ଦିଧାଡି,

ଯିଏ ନହାତି ଆପଣାର କହିବୋଲି ଅଗ୍ନନକ
ପଶିଆସେ, ମୋ ଦୁଃଖର ଅନେଶୋତ ଭାଗ
ତା'ର ବୋଲି ଭାବିବସେ,
ମୋ ପାଇଁ କାନ୍ଦେ,
ମୋ ପାଇଁ ହସେ,
ଯିଏ ସର୍ବଗ୍ରସୀ ଡାହାଣୀ ପରି ଶୋଷି ନେଇଛି
ମୋର ସବୁକଛି,
ମୋ କବିତା ମୋ ବିଶ୍ୱାସର ଗୀତା,
ଅନ୍ତତଃ ତା ପାଇଁ ବନ୍ଦହୋଉ ଛଳନାର ଛନ୍ଦ,
ମିଛ ଶବ୍ଦ ଖୋଜା,
ସେ ନଆସୁ ମୋ କବିତାରେ,
ମୋତେ ଜଳେଇଦେଇ ମୋ ସହ ଜଳୁଥାଉ
ପ୍ରତି ମୁହୂର୍ତ୍ତରେ,
ମୋ ଆୟୁଶର ସର୍ବାଧିକ ଭାଗନେଇ,
ସେ ଜାଁ ରହୁ, ମୋ ଜାଁ ବାର ବ୍ୟର୍ଥତାରେ,

ସ୍ନାତକୋତ୍ତର ଓଡିଆ ଭାଷା ଓ ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ମାଏଟର ମୁନୁସ



ଏମ୍. ବିଜୟ କୁମାର

ମାଏଟର ମୁନୁସ ମାଏଟର କରାଁ
ମାଏଟ ଆମର ଟଁକାସୁନା ହିର୍
ମାଏଟ ଆମର ଭାତକହାଁଣି
ଭୁକା ଲୋକର ପେଟ୍

ମାଏଟ ଲାଗି ପେଟ ପୁରସି
ମାଏଟ ଆମର ସଭୁକଛି
ମାଏଟ ଆମର ମାଁ
ମାଏଟ ଆମର ଗାଁ
ମାଏଟ ଆମର ଦେସ

ଏନେ ସାତ ପୁରୁସାର
ଝାଲ- ରକତ ମିସିଆଏଛେ
ଅଜା- ବଡୁ ଦିନୁ ମାଏଟ
ଛିରକେ ଛିର୍ ବହୁଛେ
ମାଏଁଟି ଘର ମାଏଟ ଦୁଆର
ମାଏଟ ଲାଗି ସିନା ଇଜଗତ
ମାଏଟଦିହି ମାଏଟେ ମିସବା
ଇକଥା ଗୁଟେକ କାଲ ସତ
ଦପଦପାସି ମାଏଁଟିର ଚନଁହା
ମାଏଟର ମହକ ସୁରତା ସିନା

ମାଏଟ କାଦୁ ଖାଇବି ବଜଁମୁ
ଇମାଏଟେ ଜନମ ଇମାଏଟେ ମରମୁ
ଆଗିଆ ସାଏବ
ସୁନା ହଗଲେ  କ
ପଏସା ଗଛ ଜଗାଲେ
ଆମର ଲୋଭ ନାଇନ
ଆମର ଘରୁ
ଆମକେ ନାଇ ଖେଦୁନ
ସରଗେ ବନାଉନ
ଆକାସେ ବନାଉନ
ଜେନେ ପାରୁଛନ
କାରଖାନା ବସାଉନ
ଆମେ ମନା ନାଇ କରବାର
ବଡ଼ ଘରର ବଡ଼ପେରୀ
ଆମେ ତ  ପେଟଭୁକା ଲୋକ
ଏ ମାଏଟ ଛାଡ଼ି
ଢ଼େଣା ଅଛେ ଜେ କେଁ
କେନ ନକେ ଜିମୁଉଡ଼ି

ଆଗିଆ
ଖେତ ଭୁଇ ଗଛ ପତର
ଝାର ଜଂଗଲ ପାହାଡ଼
ଝରନା- ନଇଁ
ତାହାର ଭିଁତରେ ଆମେ
ଇ ସଭକେ ମାରିଦେଉନ
ପାରବ ବଏଲେ
ଆମେ ସଭେ ଠିଆ ଉଠିଛୁ
ଚଲ୍‌ଉନ ଗୁଲି
ଦିହେ ପସୁ ନଆଁ ଜଲି
ଚଲ୍‌ଉନ ଲ୍‌ଠି
ଭାଂଗିଜାଉ ପଁଝର୍ ହାଁଡ଼ି

ସାଏବ
ବିଲ୍‌ତି କୁକୁରକେ
ମଦ କୁକୁଡ଼ା ଖୁଆଇ
ଲ୍‌ଢ଼େଗେଲେ ପୋସ ମନାଇ
ଚାଁଗା ରଖିଛନ ତୋ
ମସତ ଜାନୁଆର କରି
ତୁତେଇ ଦେଇ ଛାଡ଼ିଦେଉନ
ଆମକେ ଦେଖେଇ ଜୁଲୁମ
ରୋଟିର ଲ୍‌ଗି ମାଡ଼ ଲ୍‌ଗବେ
ଇମୁନୁସର ସାଗେ
ସରକାରର ତାଲେ ତାଲେ
ନାଚବାର ଲ୍‌ଗି ତିଆର ଅଛନ
ବହୁତ ବଲ ଅଛେ ପୁଲିସର ଦିହେ
ଦେଖାବାର ଲ୍‌ଗି ବରଦିର କମାଲ

ଜେନ ଖେତ- ଭୁଇଁ କମାକୁଟା କରି
ଅରଜୁ ଥିନୁ ବରସେକର ପେଟପୁରୁ
ଧାନ ମକା କାଁଦୁଲ ମାଡ଼ିଁଆ
ସଁଚ କାଏ ଉସତେ ପାରୁଥିନୁ ଖାଇ
ପେଟଭୋକକେ ସୁସି ମହାଜନ ହେଇ
ଜେନ ଗଛପତରୁ ଖୁଲ୍‌ମେଲ୍
ହାବାଧୁକା ଖାଇ ନେଉଥିନୁ ନସାସ
ଜେନେ ଗହକ ହସିହସି
ବୁଲୁଥିନୁ କାଏଦିନ କାଏରାତ
ନୁଆଁ ନୁଆଁ ଲ୍‌ଗୁଥିଲ୍
ସାଗୁଆ ସାଗୁଆ ଦିସୁଥିଲ୍
ଫଲ ମୂଲ ହାତେ ମିଲୁଥିଲ୍
ଜେନ ଝରନା ନଇ
ପାଏନ ପିଇ
ଭରି ଜାଉଥିଲ୍ ଭୁକାପେଟ
ତାହାର ଲ୍‌ଗି ଏତେବଡ଼ ନାଁଗିରିନାଟ

ଗୁଲ୍‌ଗୁଲ୍ ଗିଲବାକେ କମପାନ
ଆଁ ଫାରୁଛେ ଧାଇ ଆସୁଛେ ଭୁଣିମୂଣୀ
ଗଣର ସାସନ ନାଁ ଥି
ଦେଖ ଗଣକେ ହାନୁଛେ
ବିକାସ ବଲି କରି
ଖାଲି ବିନାସ କରି ଗ୍ଲିଛେ
ଧରମଟା ମରନ
ବିସାସନେ ବିସ
ଦୁରନତି ଅନେଏ
ଠକ ଭଁଡ଼ ନେତା

ଗାଁ ଗହଲିନୁ ଦିଲି
ହରିବୋଲ ହୁଲ୍‌ହୁଲି
ବୁଢା ଲୋ୍କ ଟେ କେ ମାରି
ପୁଲିସ ନେଉଛେ ବାହାଦୁରି
ଏରିଆ କଂମା ଡ଼ର ମଲ୍
ମିଡ଼ିଆ ପରଗ୍ବର କଲ୍
ସୁତର ସାନତି ଲୋ୍କଟେ
ଦିସୁଛେ  କଗାଲ
ମାଛି ମ କହି ନାଇ ଜାନ
ମାଓ ବଲି  ଜେଅଲ

ସୁରୁ ହେଇଛେ ପୁଁଜିପତି ର୍‌ସଟନତି
ସଭୁ ମିସିକରି ସାଗୁଆ ସିକାରେ ମାତି
ପାଏନ ମାଗଲେ ମଦଭ୍‌ଟି ଖୁଲୁଛେ
ହାଡ଼ିଁ ଭ୍‌ତ ନୁରଲେ ଛାତି ଲ୍‌ତ ବାଜୁଛେ

ସାଏବ ଆଗିଆ
ମାଏଟ ନାଇ ରହେଲେ
କାଏ ଖେତ ଭୁଇ ରହେବା
ଖେତ ଭୁଇ ନାଇ ରହେଲେ
କାଏ ଗଛ ପତର ରହେବା
ଗଛ- ଖୁଟ ନାଇ ରହେଲେ
ପବନକେଁ ବହେବା
ପବନ ନାଇ ବହଲେ

ମରଁବେ କ୍କ ବଜଁବେ
କହୁନ ଟିକେ ଭ୍‌ବୁନ
ଝାର ଜଗଲ ପାହାଡ଼
ନାଇ ରହେଲେ
କାଏ ପାଏନ ବରସା ହେବା
ବରସା  ନାଇହେଲେ
କାଏ ନଦଁ ନଲିଆଥି ପାଏନ ହେବା
ପାଏନ ନାଇ ରହେଲେ
ସଭୁ ନା ଟ ତମର ସରିଜିବା
ତମର ବୁଆ କଅଁଲେଇ କରି
କାଣା ଖାଏବାକେ ଦେବା
ସିଲପ ଗୁଟେ କାଣା
ଘାସ  ନା  ଗ୍ବସ
ଚରି ଚରି ଖାଏବେ ତ
ଗଛ କ୍କ  ଲୁହା
ଗ୍ବବି ଗ୍ବବି ଖାଇ ପାରବେ ତ
କ୍କ ଭୁଲ କହୁଛେ ମାହାପୁରୁ

ମାଏଟ କାଦୁ ଡ଼ାଲ ପତର ସିଜାଇ ଖାଏମୁ
ଇମାଏଟେ ଜନମ ଇମାଏଟେ ମରମୁ
ଆମେ ମାଏଟର ମୁନୁସ

ରେମଣ୍ଡା,  ସଇଁନ୍ତଲ୍,  ବଲ୍‌ଗିଂର

# ଶିଶୁ ବିଭାଗ



# ଟିକ ପିଲା



ପ୍ରକାଶ ସାହୁ

ଟିକ ପିଲା ସେ ଟିକ ପିଲା
ବାପା ମା ଙ୍କ ର ସେ ଗେଲ୍ହା
ଟିକ ବେଳ ରେ କରେ ମଜା
ଜେଜେଙ୍କ ସଙ୍ଗେ ଦିନେ ଯାଉଥିଲା
ବାଟ ରେ ସେ ଚଢେଇ କୁ ଦେଖି
ପଚ୍ଚରିଲା ଜେଜେ ରୁହ ଏଇଥି
ଟିକ ଚଢେଇ ଟି ପଡିଛି ଏଠି
ଉଠାଇ ତାକୁ କୋଳେଇ ନେଲା
ମୁଣ୍ଡ କୁ ତାହାର ଆଉଁଶି ଦେଲା
ଆଖି ରୁ ତାହାର ଲୁହ ବହୁଥିଲା
ଟିକ ଗୋଡ ତାର ନିରୀକ୍ଷିଲା
ରକତ ରେ ଗୋଡ ଭରିଥିଲା
ଟିକ ପିଲା ସେ ଟିକ ଚଢେଇ କୁ
ସାଙ୍ଗ ରେ ଧରି ବାହାରିଲା ଘରକୁ

ମା ଦେଖି ପଚ୍ଚରିଲେ ଏତେ ସରି
ତାକୁ କଏ କରିଲା ଟିକ ଗୋଡର
କେମିତି ବହିଲା ରକତ ର ଧାର
ଟିକ ପିଲା ମା ଙ୍କୁ ସବୁ କହିଲା
ସବୁ କହି ସେ ଟିକ ଗୋଡ ରେ
ମଲମ ଲଗାଇ ପଟି ବାନ୍ଧିଲା
ଟିକ ଚଢେଇ ର ସେବା କରିଲା
କିଛି ଦିନ ପରେ ଟିକ ଚଢେଇଟି
ଟିକ ଗୋଡ ରେ ଚ୍ଚାଲିଲା
ପୁଣି ଡେଣା ଫର ଫର କରି
ଦୂର ଦେଶେ ମା ପାଖେ ଚ୍ଚାଲିଗଲା
ଟିକ ଥିଲା ହେଲେ କାମ କଲା
ମହାନ ବଞ୍ଚାଇଲା ଟିକ ଚଢେଇ ର
ଜୀବନ କରି ନୂଆ ଉଦାହରଣ।

ନାବିକ, ଭାରତୀୟ ନୌସେନା

# ଭୂତ.....

ଅରବିନ୍ଦ ମିଶ୍ର

ସୋମନାଥପୁର ଗାଁ ରେ ଭୂଲେଣୀ ପଡିଯାଇଛି । ପ୍ରତିଦିନ ରାତିରେ କାହାର ନା କାହାର ଘର ଛାତରେ ପଥର ମାଡ ହେଉଛି । ଆଉ ଗନ୍ଧିଆ ଘର ଉପରେ ଅଧିକା ହେଉଛି । ଲୋକମାନେ ଡରିମରି ରାତିରେ ଶୋଇ ପାରିଲେନ । ନିଦ ଆସିବ ବା କେମିତି । ଭୂତ ପ୍ରେତକୁ କାହାର ବା ଡର ନାହିଁ । ତା ସାଙ୍ଗକୁ ପୁଣି ଏଇ କଛିଦିନ ତଳେ ନକଡିଆ ବୁଢାର ମୃତ୍ୟୁ ହୋଇଛି । ଆତ୍ମା ଏବେ ମଧ୍ୟ ଗାଁ ଗୁରିପାଖରେ ବୁଲୁଛି ବୋଲି ଛକଡିଆ କକା କହୁଥିଲେ । ଲୋକେ ଡରି ମରି ଗାଁ ମୁଖିଆଙ୍କ ପାଖରେ ପହଞ୍ଚିଲେ । ଆଉ କେତେଦିନ ନଶୋଇ ରାତିସାରା ଜଗି ରହିବେ । ଶେଷରେ କଥାହେଲା, ପ୍ରତିଦିନ ରାତିରେ ଦୁଇଜଣ ଲେଖାଁ ରାତିରେ ଗାଁ ଦାଣ୍ଡରେ ପହରା ଦେବେ । ପ୍ରଥମ ଦିନ ପାଳି ପଡିଲା କଲ ଆଉ ପବିନର । ମନା କରିବାର ସାହାସ ନାହିଁ । ମନା କଲେ ଜାତିଭାଇମାନେ ବାସନ୍ଦ କରିଦେବେ । ଶେଷରେ ରାତିରେ ଢେଙ୍ଗା ଧରି ଗାଁ ଦାଣ୍ଡରେ ପହରା ଦେବାକୁ ବାହାରିଲେ ସେମାନେ ।



କିଛି ସମୟ ପହରା ଦେବା ପରେ ଧକଯାଇ ଗାଁ ମୁଣ୍ଡରେ ଥିବା ନଡାଗଦା ପାଖରେ ଢୁଳଉ ଢୁଳଉ କେତେବେଳେ ନିଦ ହୋଇଯାଇଛି, ସେମାନଙ୍କୁ ଜଣାନାହିଁ । ହଠାତ୍ କଲ ର ନିଦ ଭାଙ୍ଗିଗଲା । ଘରେ ବି ଶୋଇଥିଲେ ପ୍ରତିଦିନ ଠିକ୍ ଏଇ ସମୟରେ ଉଠେ ସେ ପାଣି ପିଇବାକୁ । କଲ ଉଠି ବସିଲା ଆଉ ଠିକ୍ ସେହି ସମୟରେ ତାକୁ ଶୁଣାଗଲା ପାଖରୁ ଆସୁଥିବା କିଛିଲୋକଙ୍କର ଗପସପର ଶବ୍ଦ । ନଡା ଗଦା ପାଖରେ ବସି ଥିବାରୁ ସେମାନଙ୍କୁ କେହି ଦେଖିପାରୁ ନଥିଲେ, ଆଉ ସେମାନେ ସମସ୍ତଙ୍କୁ ଦେଖିପାରୁଥିଲେ । କଲ ଚୁପ୍ ଚାପ୍ ପବିନକୁ ଡାକିଲା । ପବିନ ଡରିମରି ଉଠି ବସିଲା । କଲ କଥା ଶୁଣିବା ପରେ ଦୁହେଁ ମିଶି କଥାବାର୍ତ୍ତା ଆସୁଥିବା ଯାଗା ପାଖକୁ ଲୁଚିଲୁଚି ଗଲେ । ଅନ୍ଧାରରେ ଆଖି ମଳମଳ ଦେଖିଲା ବେଳକୁ ଜଗା ମାମୁଁ ଦୁଇଜଣ ବାହାରଲୋକଙ୍କ ସଙ୍ଗରେ କଥା ହେଉଛି ଆଉ କହୁଛି, ଏଇ ଗାଁ ବାଲାଙ୍କୁ ଯେତେ ଡରେଇବ, ସେତେ ଆମମାନଙ୍କର ଭଲ ହେବ । ଲୋକେ ମୋ ପାଖକୁ ଆସିବେ ଆଉ ମୁଁ ସେମାନଙ୍କୁ ଧୋକା ଦେଇ କିଛି ପଇସା ଆତ୍ମସାତ କରିଦେବି । ଜଗା ମାମୁଁ ପାଖରେ ବସିଥିବା ଦୁଇଜଣ ଲୋକ ତା କଥାରେ ହଁ ମାରି ଚାଲିଗଲେ । କିଛି ସମୟ ପରେ ଜଗା ମାମୁଁ ବି ଯିବାକୁ ବସିଲା ।

କଲ ଆଉ ପବିନଙ୍କୁ ହୋସ୍ ଆସିଗଲା । ସେମାନେ ଘଟଣା କଣ ଜାଣିଗଲେ । ଜଗା ମାମୁଁ ଏକ ଛୋଟମୋଟ ତାନ୍ତ୍ରିକ । ଆଉ ଲୋଭରେ ଗାଁ ଲୋକଙ୍କୁ ଡରାଇ ପଇସା ଉପାର୍ଜନ କରିବାପାଇଁ ଏକ ଚାଲ୍ ଚଳାଇଛି । କଲ ଆଉ ପବିନ ନଡରି ଚୁପ୍ ଚାପ୍ ପଛରେ ଯାଇ ଜଗାମାମୁଁ ମୁହଁରେ ଅଖା ପକେଇ ମାଡି ବସିଲେ ଆଉ ଗାଁ ଲୋକମାନଙ୍କୁ ଡାକ ପକେଇଲେ । ସେମାନଙ୍କ ଚିତ୍କାର ଶୁଣି ଗାଁ ଲୋକେ ଧାଇଁ ଆସିଲେ ଆଉ ଜଗା ମାମୁଁକୁ ବହେ କୁଟିସାରିଲା ପରେ ପଚାରିବାରୁ ସେ କହିଲା ଯେ ଲୋକଙ୍କୁ ଭକୁଆ ବନେଇ ଆଉ ଭୂତ ଭୟ ଦେଖାଇ ପଇସା ଲୁଟିବାର ଏକ ଉପାୟ ସେ ପାଞ୍ଚିଥିଲା । ମାତ୍ର କଲ ଆଉ ପବିନ ତାଙ୍କର ଏହି ଉପାୟକୁ ଭଣ୍ଡୁର କରିଦେଲେ ।

ସେହିଦିନଠାରୁ କଲ ଆଉ ପବିନଙ୍କର ଗାଁରେ ଗାଁ ଆଉ ଆଖପାଖ ଅଞ୍ଚଳରେ ନାଁ ହୋଇଗଲା ଆଉ ସେହି ଅଞ୍ଚଳରୁ ଭୂତ ଭୟ ବି କିଛିମାତ୍ରାରେ କମ୍ ହୋଇଗଲା ।

ଲଘୁ ବିକାଶ ବ୍ୟାଙ୍କ, ଲକ୍ଷ୍ନୌ

# କବି ପରିଚୟ

## ( ଶ୍ରୀ ସନାତନ ମହାକୁଡ)



ସନାତନ ମହାକୁଡ

କବି ଶ୍ରୀ ସନାତନ ମହାକୁଡଙ୍କ ଜନ୍ମ ୧୯୭୪ ମସିହା ଓଡିଷାର ନୟାଗଡ ଜିଲ୍ଲା ଅନ୍ତର୍ଗତ ବେରୁଆଁବାରୀ ଗ୍ରାମରେ । ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡିଆ ଭ଼ଷା ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ( ୧୯୯୬) , ସ୍ୱାମୀ ବିବେକାନନ୍ଦ ଯୋଗ ଅନୁସନ୍ଧାନ ସଂସ୍ଥାନ, ବେଙ୍ଗାଲୁରୁ ରୁ ଯୋଗ ଓ ପ୍ରାକୃତିକ ଚକିତ୍ସାରେ ଡିପ୍ଲୋମା( ୨୦୦୧) ଏବଂ ବିନାୟକ ମିଶନ ବିଶ୍ୱବିଦ୍ୟାଳୟରୁ ଯୋଗ ଓ ପ୍ରାକୃତିକ ଚକିତ୍ସା ବିଜ୍ଞାନରେ ସ୍ନାତକୋତ୍ତର ( ୨୦୧୦) ଲ଼ଭ କରିଛନ୍ତି ।

ଅଧୁନା ଦି ହେରିଟେଜ୍ ସଂସ୍ଥା ସମୂହ କୋଲକୋତାରେ ବର୍ତ୍ତବ୍ୟରତ ଅଛନ୍ତି । ଜଣେ ଯୁବ ସଂଗଠକ ଓ ସାହିତ୍ୟକ ହିସାବରେ ଶତାଧିକ କବିତା, ପ୍ରବନ୍ଧ, ଗଳ୍ପ ଓ ଆଲୋଚନାର ସ୍ରଷ୍ଟା ହୋଇପାରିଛନ୍ତି ସେ । ତାଙ୍କର ଲିଖିତ କବିତା, ଆଲୋଚନା ଓ ଯୋଗ ଭିତ୍ତିକ ଲେଖାଗୁଡିକ ଓଡିଶା ତଥା ଦେଶର ବିଭିନ୍ନ ସ୍ଥାନରୁ ପ୍ରକାଶିତ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ବହୁ ପାଠକୀୟ ସ୍ୱୀକୃତି ଲ଼ଭ କରି ପାରିଛି । ଶ୍ରୀ ମହାକୁଡଙ୍କ ପ୍ରକାଶିତ ପୁସ୍ତକମାନଙ୍କ ମଧ୍ୟରେ :

( ୧) ଆହ୍ୱାନ ( କବିତା)

( ୨) ବୋଉ ( କବିତା)

( ୩) ଯୋଗ କଥା ( ଯୋଗ)

( ୪) ସୂର୍ଯ୍ୟ ନମସ୍କାର ( ଯୋଗ)

( ୫) ବେଦାନ୍ତର ବାଣୀ ( ଅନୁବାଦ) ଇତ୍ୟାଦି ଅନ୍ୟତମ ।


# ପୁସ୍ତକ ସମୀକ୍ଷା
# "ଯୋଗାନୁଶାସନ"

ପ୍ରଶାନ୍ତ କୁମାର ନାଥ

"ଯୋଗାନୁଶାସନ" ଏକ ପୁସ୍ତକ ନୁହେଁ.... ମୋ ମତରେ ଏହା ଏକ ସଂଜୀବନୀ ଔଷଧ । ଆଜିର ଭୌତିକ ଉପଲବ୍ଧିରେ ମଗ୍ନ ମଣିଷ ପାଇଁ ଏହା ଏକ ସଂଜୀବନୀ ସାଦୃଶ । "ଯୋଗାନୁଶାସନ" କୁ ସନ୍ଧିବିଚ୍ଛେଦ କଲେ ହୁଏ ଯୋଗ ଯୁକ୍ତ ଅନୁଶାସନ । ଯୋଗର ଅନେକ ଅର୍ଥ ରହିଛି । ଯଥା – ସଂଯୋଗ, ମିଳନ, ମିଶାଣ, ସମୟ ଇତ୍ୟାଦି । ଯାହାକୁ ଧ୍ୟାନ ଓ ତପସ୍ୟା ବୋଲି ମଧ୍ୟ କୁହାଯାଏ । ସଂପୂର୍ଣ୍ଣ ମଣିଷ ଶରୀରକୁ ଆଠଟି ଅଙ୍ଗ ଓ ପାଂଚ ଇନ୍ଦ୍ରିୟରେ ବିଭକ୍ତ କରାଯାଏ । ଗୋଟିଏ ଅର୍ଥରେ କହିଲେ ଏହି ଆଠଟି ଅଙ୍ଗ ଓ ପାଂଚ ଇନ୍ଦ୍ରିୟର ସଂଯମତା ପାଇଁ ଯେଉଁ କାର୍ଯ୍ୟ କରାଯାଇଥାଏ ତାହାକୁ ଯୋଗ ଏବଂ ପ୍ରାଣାୟାମ କୁହାଯାଇଥାଏ । ଯୋଗ ଓ ପ୍ରାଣାୟାମ ଉଭୟ ଗୋଟିଏ ଟଙ୍କାର ଦୁଇ ପାର୍ଶ୍ୱ କହିଲେ ଭୁଲ ହେବନାହିଁ । ମୋଟାମୋଟି ଭାବରେ କହିଲେ, ଏହି ଦୁଇଟି ମଣିଷର ସୁସ୍ଥ ଜୀବନର ପାଇଁ ଏକମାତ୍ର ସାଧନାର ପନ୍ଥା ବୋଲି କୁହାଯାଇପାରେ । ଏହି ପନ୍ଥାକୁ ଅବଲମ୍ବନ କରି ଅତୀତରେ ବହୁ ସାଧାରଣ ବ୍ୟକ୍ତି, ସାଧୁ- ସନ୍ୟାସୀ ଓ ବିଜ୍ଞାନୀମାନେ ନିଜ ଜନ୍ମର ସାର୍ଥକତାକୁ ପ୍ରମାଣିତ କରିଛନ୍ତି । ସେମାନଙ୍କ ମଧ୍ୟରେ ଜଣେ ହେଲେ ସ୍ୱାମୀ ବିବେକାନନ୍ଦ । ଯାହାଙ୍କୁ ଲେଖକ ଏହି ପୁସ୍ତକଟି ଭକ୍ତିପୂତ ଉତ୍ସର୍ଗ କରିଛନ୍ତି ।

ଲେଖକ ଏହି "ଯୋଗାନୁଶାସନ" ପୁସ୍ତକଟିକୁ ଦୁଇଭାଗରେ ବିଭକ୍ତ କରିଛନ୍ତି । ଗୋଟିଏ ଯୋଗ ଅନ୍ୟଟି ପ୍ରାଣାୟାମ । କଥାରେ ଅଛି ଖାଇସାରିବା ପରେ ପାଣି ପିଆଯାଏ । କାରଣ ସଠିକ୍ ଖାଦ୍ୟ ପାଚନରେ ଏହା ସାହାଯ୍ୟ କରେ । ଠିକ୍ ସେହିପରି ଯୋଗ ସହିତ ପ୍ରାଣାୟମର ଆବଶ୍ୟକତା ଖୁବ୍ ବେଶୀ । ଯୋଗ ବିଭାଗରେ ରହିଛି ୨୪ ଗୋଟି ବିଷୟ । ଯୋଗର ଉତ୍ପତି, ମାର୍ଗ, ବିକାଶ, ପରିଭାଷା, ଲକ୍ଷ୍ୟ, ବିଜ୍ଞାନ ଆଦି ତଥ୍ୟାଲୋଚନା ସହିତ ଯୋଗର ପ୍ରକ୍ରିୟାଗୁଡିକ ମଧ୍ୟ ପୁଂଖାନୁପୁଂଖ ଆଲୋଚନା କରାଯାଇଛି । କେଉଁ ଯୋଗ କରିଲେ କେଉଁ ଫଳ ମିଳବ ସେ ସଂପର୍କରେ ମଧ୍ୟ ଲେଖାଅଛି । କେଉଁ କେଉଁ ରୋଗ ପାଇଁ କେଉଁ ଯୋଗ ଆବଶ୍ୟକ, ସେକଥା ବି ଆଲୋଚତ ହୋଇଛି । ଈଶ୍ୱର ଭକ୍ତି ପାଇଁ ଭକ୍ତିଯୋଗ,

ଜ୍ଞାନର ବିକାଶ ପାଇଁ ଜ୍ଞାନଯୋଗ, ସୁଖ ନିଦ୍ରା ପାଇଁ ଯୋଗନିଦ୍ରା, ସୁସ୍ୱାସ୍ଥ୍ୟ ପାଇଁ ସନ୍ତୁଳିତ ଆହାର ଓ ଯୋଗ ସାଧନା, ସୂକ୍ଷ୍ମଯୋଗ, ପଂଚକୋଷ ଇତ୍ୟାଦି । ବିଶେଷ ଭାବରେ ଜଣେ ଯୋଗୀ ଆଉ ଯୋଗ ସଂପର୍କିତ ଲେଖା ପ୍ରକାଶିତ ହୋଇଛି, ଯାହା ହିନ୍ଦୀ ଭାଷାରେ ।




ଯୋଗ ବିଭାଗ ପରି ପ୍ରାଣାୟମ ବିଭାଗରେ ମଧ୍ୟ ଲେଖକ ପ୍ରାଣାୟମ କଅଣ, କପରି ପ୍ରାଣାୟମ କରିପାରିବେ ତାହାର ସୂଚନା ସହିତ କେତେଗୋଟି ପ୍ରାଣାୟାମ ବିଷୟରେ ଉପସ୍ଥାପନା କରିଛନ୍ତି । ଯଥା: କପାଳଭାତି, ନାଡିଶୁଦ୍ଧି, ସୂର୍ଯ୍ୟ ଓ ଚନ୍ଦ୍ର ଅନୁଲୋମ ବିଲୋମ, ଭ୍ରମରୀ । ଏଗୁଡିକୁ କରିବା ଦ୍ୱାରା କ କ ଫଳ ମିଳେ, କପରି ସୁସ୍ଥ ରହିହୁଏ, ସେ ସଂପର୍କିତ ତଥ ଉପସ୍ଥାପନ ପ୍ରତି ଲେଖକ ଖୁବ୍ ଯତ୍ନବାନ ହୋଇଛନ୍ତି ଏହି ବିଭାଗରେ ।

ଯୋଗ ବିଷୟରେ କହୁ କହୁ ଅନେକ କଛି କହିଗଲି ଅନୁଶାସନକୁ ଛାଡି । ଗୋଟିଏ ବାକ୍ୟରେ କହିଲେ ଅନୁଶାସନର ଅର୍ଥ ଉପଦେଶକୁ ବୁଝାଏ । ଏଠାରେ ଯୋଗ ତ ଆଉ

ସଜୀବ ନୁହେଁ, ଉପଦେଶ ଦେଇପାରିବ; ତେଣୁ ଲେଖକ ମାଧ୍ୟମ ବନିଛନ୍ତି । ଯୋଗର ଉପଦେଶକୁ ଲେଖକ ଅନ୍ୟମାନଙ୍କ ପାଇଁ ଉପସ୍ଥାପନା କରିଥିବାରୁ ଏହାର ନାଁ "ଯୋଗାନୁଶାସନ" ।

"ଯୋଗାନୁଶାସନ" ଯୋଗ ପ୍ରଶିକ୍ଷକ ସୁଧାଂଶୁ ଶେଖର ଦ୍ୱିବେଦୀଙ୍କ ଦ୍ୱାର୍ ରଚତ ୧୨୦ ପୃଷ୍ଠା ସମ୍ବଳିତ ଏକ ବହି । ଯାହାର ପ୍ରକାଶକ ଦାୟିତ୍ୱ ତୁଲାଇଛନ୍ତି ବାଲେଶ୍ୱରସ୍ଥ ସୁବର୍ଣ୍ଣଶ୍ରୀ ପ୍ରକାଶନୀ ସଂସ୍ଥା । ଯଦିଓ ଲେଖକ ଜନେ ଭଲ ଗାଳ୍ପିକ, ନାଟ୍ୟକାର, ଶିଶୁଲେଖକ, ସବୁଠାରୁ ତାଙ୍କର ବଡ ପରିଚୟ ହେଉଛି ସେ ଜଣେ ଅମାୟିକ ବ୍ୟକ୍ତିତ୍ୱ । ନିଜର କର୍ମମୟ ବ୍ୟସ୍ତଜୀବନ ଭିତରେ ବି ଓଡିଆ ସାହିତ୍ୟ ପ୍ରତି ତାଙ୍କର ଅବଦାନ ଓ ଭଲପାଇବା ଧନ୍ୟବାଦଯୋଗ୍ୟ । ସେ ତାଙ୍କ ସାହିତ୍ୟିକ ହସ୍ତାକ୍ଷରରେ ସୃଷ୍ଟି କରିଛନ୍ତି ଅନେକ ପୁସ୍ତକ । ଯଥା: ଠାକୁରବାପା, ଅଭିଶପ୍ତ ଗନ୍ଧର୍ବ, ଥାଳଟି ହଜିଗଲା ଓ କେତେକ ନାଟକର ପୁସ୍ତକ । ପ୍ରାୟ ୧୦- ୧୨ଟି ବହିର ସେ ଲେଖକ । ଏହାଛଡା ସେ ମଧ୍ୟ ଜଣେ ଭଲ ନାଟୁଆ । ଅର୍ଥାତ୍ ସେ ଅନେକ ନାଟକରେ ଅଭିନୟ ମଧ୍ୟ କରିଛନ୍ତି । ଏହି ପୁସ୍ତକଟିର ସଫଳ ପ୍ରକାଶନରେ ଲେଖକଙ୍କ ସହଧର୍ମିଣୀଙ୍କର ମଧ୍ୟ ପୂର୍ଣ୍ଣ ସହୋଯୋଗର ଚନ୍ଦ ଧ୍ୟାନକୁ ଆସେ । ସେଇଥିଲାଗି ପ୍ରଚ୍ଛଦ ଏବଂ ଦୁଇ ବିଭାଗର ମନ୍ତ୍ର ପୃଷ୍ଠାରେ ତାଙ୍କ ଛବି ରହିଛି ।

ଶେଷରେ ଏତିକ କହିବି ବହିଟି ଖୁବ୍ ଦରକାରି । ସମସ୍ତଙ୍କ କାମରେ ଆସିଲାଭଳି ବହିଟିଏ । ନିଜେ ପଢିବା ସହିତ ଅନ୍ୟମାନଙ୍କୁ ମଧ୍ୟ ପଢାଇବାରେ ସାହାଯ୍ୟ କରିବେ, ଏହି ଅନୁରୋଧ ।

ବି.ବି. ଗାଙ୍ଗୁଲି ରୋଡ୍, କଲିକତା- ୧୨

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ ।

# ପୁସ୍ତକ ସମୀକ୍ଷା - "ଫିରୋଜର କଥା"

## "ଫିରୋଜର କଥା" ଉପରେ ଦୁଇପଦ୍...




ଅଧ୍ୟାପକ ହେମନ୍ତ କୁମାର ପଟେଲ

"କବିତା" ମଧୁରତାର ଗୁଟେ ଜାଗ୍ରତକାରୀ ଉଷୋ ଆଏ। କବି ଆର୍ ପାଠକ ଦୁହିଙ୍କୁ ହୃଦୟର ବୁଝା ଆର ଅନେକ ଅନେକ ଆଘାତନୁ ସୁନ୍ଦର ଜୀବନ ବଁଚବାର ଇସାର୍ ଗୁଟେ ଆଏ କବିତା। ଦହନର ଦର୍ପନନୁ ସୌନ୍ଦର୍ଯ୍ୟର ପର୍‌କାଷ୍ଠାର ଯାତ୍ରା ତକ, ନରମ ଆଲିଙ୍ଗନ ଭିତରେ ଶକ୍ତିଶାଳୀ ପ୍ରତିକ୍ରିୟାର ଗୁଟେ ଜବରଦସ୍ତ ଉଦଘୋଷଣା ଆଏ କବିତା। ଦହି ବିଲଲ୍ ଲେଖେ- ଜୀବନର ଅତୀତ, ଭବିଷ୍ୟତ, ସପନ ବାସ୍ତବତା ଆଉ ବର୍ତ୍ତମାନକେ ବିଲି କରି ସ୍ୱାଦିଷ୍ଟ ଲସି ବନେଇ କରି ପରସି ଦେବାର ଗୁଟେ ଅଦଭୁତ୍ କାରିଗରୀ ଆଏ କବିତା।

"ଫିରୋଜର କଥା" ଉଦୀୟମାନ ସମ୍ଭାବନା ଭର୍ ଯୁବ କବି ଫିରୋଜ କୁମାର ପଟେଲଙ୍କର ଦୁସର୍ ସମ୍ବଲପୁରୀ କୋଶଲୀ କବିତା ବହି। ପଚ୍‌ଶଟା କବିତାର ସମାହାର, ଏକ୍ ସେ ବଡକର ଏକ କବିତା। କଏ ଫାଷ୍ଟ ଆରୁ କଏ ଲାଷ୍ଟ ବାଛବାରକେ ବହୁତ୍ କଡା ହଇ ଯାଉଛେ, ସଥେ!

"ସମଲେଇ ଗୋ" ନ ସମର୍ପଣ ଠାନୁ ମୂଲ କରି କରି "ଝୁମାକେ ଲାଗସି ଡର" କବିତା ତକ୍ ଯେନ୍ ଯାତ୍ରା- ମେହେନତିଆ ଲୋକମାନକେ ମିଠା ଝୁମର୍ ଦେବାର୍ ସଙ୍ଗେ ସଙ୍ଗେ ଅଲସୁଆ, ସଇତାନ ମାନକର୍ ଅନ୍ଧାରି ଝୁମା ଭଙ୍ଗବାର ଗୁଟେ ଶାଣିତ ସ୍ୱର ହେଉଛେ "ଫିରୋଜର କଥା"। ଦର୍ଶନ, ସମର୍ପଣ, ପ୍ରକୃତି, ଅଧ୍ୟାତ୍ମିକତା, କୃଷି, ଲୋକ ସଂସ୍କୃତି ବିଶ୍ୱଦୃଷ୍ଟି ସଙ୍ଗେ କଳକାଳର୍ ଜଟିଲତାର ସାଙ୍ଗୀତିକତାପୂର୍ଣ୍ଣ ଅଭିବ୍ୟକ୍ତି କବିତା "ସମଲେଇ ଗୋ"।




ହେନ୍ତାଇ "ମା" କେ ନେଇଓ କେତନକେତେ କବିତା ଫିର୍ରେଜ ଲେଖା ହେଉଛେ କେତେ କେତେ ଭ୍ଷାଥିଁ । ଇନ ଫିର୍ରେଜର "ମା" କବିତାକେ ଦେଖୁନ୍ – ସେଇ ମାର ରୂପ୍ ଗୁନ୍ ଆରୁ ଅଭିବ୍ୟକ୍ତି କେନ୍ତା ଅଲଗା ପ୍ରକାର ଝଲକୁଛେ ।

ଜୀବନ କେ, ସାର୍ ପୁରଥୀ ମୁନୁଷକୁ କେତେ ଭଲ ପାଏଲେ ଉତୁରବା ଏନ୍ତା ଶବଦ ଆଉ ଧାଡି – "କାଟିକେ ର୍ତିର/ କୁଚକୁଚ୍ ପିତା ମହର୍/ ସୁରଜ ଫି- ର୍ରେଜ ଟାଲୁ/ ଅମୃତର କଅଁଳ ଖର୍/ ନୂଆଁ ସକାଲର କଥା କହିକେ/ ଫଲୁ ର୍ତିର ସପନ/ ଜଏ ଜୀବନ.....ଜଏ ଜୀବନ ।" କବିତା ଜଏ ଜୀବନ । ( ଜଏ ଜୀବନ)

କୃତଜ୍ଞତା ସ୍ବ ତି ଗୁଟେ ବଢେ ସଂପତ୍ତି ଆଏ । ଇ ଭ୍ବନା ଜୀବନକେ ସବୁ ସବୁ ଅସୁବିଧା ଭିତରେ ବି ଗୋଟେ ଉତ୍ସବମୟ ଢଙ୍ଗେ ବିତାବାର ପ୍ରେରଣା, ଉତ୍ସାହ, ବଫୁ ଦେସି ।

ବିନା ଯନ୍ତ୍ରଣାରେ ଜୀବନର ମଧୁରତା କେ ଜାନ ନ ହଏ; ଆଉ ଇ ଯନ୍ତ୍ରଣା ଯାହାର ଯେତେ ଗଭୀର ତାର ଅଭିବ୍ୟକ୍ତି ସେତେ ପ୍ରାଣବନ୍ତ । ନଜକେ ନଜେ ଯେତେ ବୁଝାଉଥିଲେ ବି ନଥିରି ଆସିଛେ ଆଁଖିଲ, ଶବଦ – "ଆଖି ଭରିଛେ/ ଆଏଁଖ ପୁରତୁନୁ ସପନ/ ଗଦାଗଦା

ସୁରତା ଥି/ ଉଛଳି ପଡୁଛେ ମନ/ ଆସବୁ ଦେଖବୁ ଥରେ/ ତୋର ବିନେ କେନ୍ତା/ ଅବୁଝା ଆଁଖିଲ୍ ନଦୀ/ କାର୍ତ୍ତିକ ଗାଧୁଛେ ଜୀବନ୍ ।" ( ଅବୁଝା ଆଁଖିଲ)

"ଝି- ଟେ ହେତା କାଁଏ ମୋର" ଗୁଟେ କ୍ଲାସିକ କବିତା ଆଏ । ପ୍ରାୟ୍ ସବୁ କବିତା ଭିତରେ ଦହନ ଆଉ ଜଲନର କଥା ଅଛେ ଆର୍ ଇ ଭିତରେ ନଜେ ଆଲୋ୍କତ ହେବାର ସଙ୍ଗେ ସଙ୍ଗେ ପଡୋଶୀ, ଷୋଡଶୀନୁ ଦ୍ୱାରବାସୀ ତକ ସମକର ଲ୍ଗି ମଙ୍ଗଳମୟ୍ ଭ୍ବନା ବି ଛଲକୁଛେ ।

"ଶୁନ ଯା ମନର କଥା" ଆଉ "ମୋର କାଁଏ ଦୋଷ" ଇ ଦୁହି କବିତା ନ ପ୍ରେମର ନଷ୍କପଟ ଅନୁଭବ ଆଉ ଅଭିମାନ ଭର୍ ଅଭିଯୋଗର ଗୁଟେ ସରଳ ଅଥଚ ଭ୍ବପୂର୍ଣ୍ଣ ମହତ୍ୱର ଅବବୋଧର କ୍ଷମାପୂର୍ଣ୍ଣ ଆଶୀର୍ବାଦ ସଙ୍ଗେ ଦୁଃଖ ଭିତରେ ଜୀଇବାର କଳାକେ ଇଙ୍ଗିତ କରୁଛେ ।

କବିତା କବିର ଲ୍ଗି ହଇଯାଇଛେ ଅସରନ୍ତି ଆଶ୍ରୟ୍ ସ୍ଥଳ ଆର ଅଭିବ୍ୟକ୍ତିର ଗୁଟେ ମନୋରମ ମାଧ୍ୟମ ଜୀବନର ଟୁପାଟୁପା ଦୁଃଖରୁ, ପସର୍ ପସର୍ ଆବେଗନୁ, କେତେ କେତେ ଜଟିଳ ପରିସ୍ଥିତିନୁ, ମନ ଭିତରର ଭ୍ବନାର ସଂଘର୍ଷ ସବୁ ଗୁନଗୁନ୍ଇ କରି ଭ୍ଷାଥି ଅକୁନ୍ରିମ ଭ୍ବେ ଦୌଡିଛେ- ପଢି ବସିଲେ ଭିଜବାରଟା ଆର ଉଦା ହେବାରଟା ସ୍ୱାଭ୍ବିକ ଆଏ ।

ଚନ୍ଦ୍ରଧର୍ମୀ ବର୍ଣ୍ଣନା ସଙ୍ଗେ ନଷ୍କପଟ ଅଭିବ୍ୟକ୍ତି, ଫିର୍ରେଜର ଲେଖନୀର ବଡ ଚମତ୍କାରିତା ଆଏ । ବାଲ୍ୟସ୍ମୃ ତି ସଙ୍ଗେ ପ୍ରୋଢ ଅଭିଜ୍ଞତାର ଗୁଟେ ମଧୁର ସମନ୍ୱୟ୍ ହେଉଛେ'ଫିର୍ରେଜର କଥା"। କମ୍ ଶବଦଥି ହୃଦୟ୍ ସମୁଦ୍ରକେ ଛଲକାଇ ପାରବାର ଗୁଟେ ଯାଦୁକାରୀ ଉପସ୍ଥାପନ – "ଫିର୍ରେଜର କଥା"।

ସମଲେଇ ମା ର ଆଶୀର୍ବାଦ, ଜନମଧାରୀ ମା ର ତ୍ୟାଗ, ଜୀବନର ପୀଡାଦାୟୀ ଅନୁଭୂତି, ବାପାଙ୍କର ଅନୁପସ୍ଥିତି, ବିଭିନ୍ନ ପରବମାନକର ଗଉରବ, ଶସ୍ତା ପ୍ରେମର କଥାନୁ ପ୍ରେମର ଲ୍ଗି ଜୀବନ, କଏ ସେ ଅସତୀ? କେନ୍ତା ଚୁମାର ଜଳନ, ଅନ୍ଧାର ଭିତରର ସପନ, ଅବୁଝା ଆଁଖିଲନୁ ଆଁଖିଲ ତଲର ଖୁସି, ଗହଦର ଭ୍ଉ ଜହ ବାଗିର ଭ୍ବଥିବାର

କବିତା ସବୁ ଦେଖବାର ଥି ଫଲସା ଫୁଲ ଲେଖେ ସୁନ୍ଦର ହେଲେ ମହକୁଛେ ମଲୀ ଫୁଲ ଫୁଲ ।

କ୍ରୋଧଭ୍ବନାର ମାଧୁର୍ଯ୍ୟପୂର୍ଣ୍ଣ ପରିପ୍ରକାସ, ଅଭିମାନ ସବୁର ଲ୍ଳତ୍ୟଭର୍ ଅଭିବ୍ୟକ୍ତି ଅବୋଶୋଷ ସବୁକେ ଗୁଟେ ଆଶ୍ବାସନାର ମଧୁର ଚୁମା, ଉଭୟ ଆଙ୍ଗିକ ଆଉ ଆତ୍ମିକ ଭ୍ବର ଗୁଟେ ଉଦ୍ଧାଧରଣର ସଙ୍ଗମ ଅଧିକାଂଶ କବିତା ନ ଝଲକୁଛେ- ଯେନଟା ପାଠକ କେ ଅଭିଭୂତ ହେବାର ଲ୍ଗି ବାଧ କରିବା; ହଜାଇ ଦେବା ଘାଏ ବସିଥରବାର ଜାଗାନୁ, ଭ୍ବନାର ଇଲ୍କାକେ । ଅବବୋଧ କର୍ବା ଜୀବନ କେତେ ସୁନ୍ଦର, ସଂପର୍କ ସବୁ କେତେ କେତେ ଅସୁବିଧା ଭିତରେ ଭି କେତେ ମୂଲ୍ୟବାନ । ସାହିତ୍ୟ ତଥା କବିତା କେନ୍ତା ପାଠକର ହୃଦୟ କେ ଗୁଟେ ସମୃଦ୍ଧ ଭ୍ବନା ଥି ଗଢେଇ ପାରସି ତାର ଢେର ନମୁନା ଇ ବହି ନ ଭରପୂର ।

ହଂସାମୁର୍, କଟାପାଲି, ଝାରସୁଗୁଡା- ୨

~ ~ ~ ~ ~

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା: vedantimagazine@gmail.com


& editor.vedantimagazine@gmail.com.


Whatsapp & Mobile: 9594993733

## ଏଲକରିଜ୍, ମେରିଲାଣ୍ଡ ର ଶୀତଦିନଆ ଦୃଶ୍ୟ

( ଫଟୋ ପଠାଇଛନ୍ତି – ସୁଲୋଚନା ପଟ୍ଟନାୟକ)









# ଡିସେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/ ୧୨/ ୨୦୧୭ | ବ୍ୟଞ୍ଜନ ଦ୍ୱାଦଶୀ, ଅନଙ୍ଗ ତ୍ରୟୋଦଶୀ ଓ ଗୀତା ଜୟନ୍ତୀ |
| ୦୨/ ୧୨/ ୨୦୧୭ | ମହାପୁରୁଷ ମହମ୍ମଦଙ୍କ ଜନ୍ମ ଦିବସ, ପାଷାଣ ଚତୁର୍ଦ୍ଦଶୀ, ଶିବଚତୁର୍ଦ୍ଦଶୀ ଓ ବେଢା |
| ୦୩/ ୧୨/ ୨୦୧୭ | ପଣ୍ଟୁ ପୂର୍ଣ୍ଣିମା, ପଣ୍ଟୁ ଓଷା ଓ ଚନ୍ଦ୍ରପୂଜା |
| ୦୪/ ୧୨/ ୨୦୧୭ | ଦାଣ୍ଡ ପହଁର୍ଦ୍ଦ ଓ ବାଟ ଓଷା |
| ୧୦/ ୧୨/ ୨୦୧୭ | ପଠାଣି ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ |
| ୧୩/ ୧୨/ ୨୦୧୭ | ସଫଳା ଏକାଦଶୀ |
| ୧୫/ ୧୨/ ୨୦୧୭ | ମାସନ୍ତ |
| ୧୬/ ୧୨/ ୨୦୧୭ | ଧନୁ ସଂକ୍ରାନ୍ତି, ପହିଲି ଭୋଗ |
| ୧୭/ ୧୨/ ୨୦୧୭ | ଗୃହିଣୀଂ ବକୁଳ ଲାଗି, ଚନ୍ଦ୍ରକ୍ଷୟ |
| ୧୮/ ୧୨/ ୨୦୧୭ | ଅମାବାସ୍ୟା ଓ ଶ୍ରୀମନ୍ଦିରରେ ବକୁଳ ଲାଗି |
| ୧୯/ ୧୨/ ୨୦୧୭ | ଚନ୍ଦ୍ରଦର୍ଶନ ଓ ପୂଜା |
| ୨୦/ ୧୨/ ୨୦୧୭ | ଶରଣ ଆରମ୍ଭ |
| ୨୫/ ୧୨/ ୨୦୧୭ | ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ( ବଡଦିନ) |
| ୨୮/ ୧୨/ ୨୦୧୭ | ଶାମ୍ବ ଦଶମୀ ଓ ସୁଦଶା ବ୍ରତ |
| ୨୯/ ୧୨/ ୨୦୧୭ | ପୁତ୍ରଦା ଏକାଦଶୀ |
| ୩୧/ ୧୨/ ୨୦୧୭ | ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା |

# ଚନ୍ଦ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com / editor.vedantimagazine@gmail.com



ଯାହା ଙ୍କ ଦର୍ଶନ ରେ,
ଜାଗିଉଠେ ଦିବ୍ୟାଙ୍ଗ
ଯାହା ଙ୍କ କୃପା ରେ,
ଦୁରେଇଯାଏ କୁସଙ୍ଗ
ଧରି ବିଶ୍ୱ ର ମଙ୍ଗ
ପୂଜା ପାଆନ୍ତି ଶିବଲିଙ୍ଗ ।

( ବିଜେତା: ପ୍ରକାଶ ସାହୁ, ବିଶାଖାପାଟନମ୍ ନାଭାଲ ବେସ୍, ଆନ୍ଧ୍ର ପ୍ରଦେଶ)

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢ଼ିବା ପାଇଁ ଇ- ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: **vedantimagazine@gmail.com** । ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢ଼ିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**

ବେଦାନ୍ତୀ